R.N.I. REGN. No. 65000/96 POSTAL REGN. No. OR/BN-32/12-14

ସମୟ SAMAYA

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୨୯
ତିଥି : ସପ୍ତମୀ
୦୧ ନଭେମ୍ବର ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

01 November 2026, Sunday

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

ଭୂସ୍ଖଳନ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟକୁ ପ୍ରାଥମିକତା

ଭୁବନେଶ୍ୱର, ୩୧।୧୦ (ସବ୍ୟୁ) : ରାଜ୍ୟରେ ସମ୍ପ୍ରତି ବାତ୍ୟା 'ଅର୍ଣ୍ଣବ' ପରେ ଘଟିଥିବା ଭୂସ୍ଖଳନ ଜନିତ ସ୍ଥିତି, ବାତ୍ୟା ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଆକଳନ ଏବଂ ଆଗାମୀ ସମ୍ଭାବ୍ୟ ବାତ୍ୟାର ମୁକାବିଲାର ପୂର୍ବ ପ୍ରସ୍ତୁତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ଠାରେ ଏକ ସମୀକ୍ଷା ବୈଠକ କରିଛନ୍ତି ।

ଏହି ବୈଠକରେ ଭୂସ୍ଖଳନ ଦ୍ୱାରା ପ୍ରଭାବିତ ହୋଇଥିବା ଅଞ୍ଚଳରେ ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ସହ ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ ଓ ଜୀବନ ରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।



ସମୀକ୍ଷା ବୈଠକରେ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟସୂଚୀ ସମ୍ପର୍କରେ ନିର୍ଦ୍ଦେଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜନସାଧାରଣଙ୍କ ସୁରକ୍ଷା ଓ ଜୀବନ ରକ୍ଷା ଆମ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା । ଭୂସ୍ଖଳନ ପ୍ରଭାବିତ ପ୍ରତ୍ୟେକଟି ଅଞ୍ଚଳରେ ଉଦ୍ଧାର କାର୍ଯ୍ୟକୁ ଦ୍ରୁତଗତିରେ ଆଗେଇ ନିଆଯାଉ ଏବଂ ମାଟି ତଳେ ଫସି ରହିଥିବା ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ ପାଇଁ ସମସ୍ତ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଓ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରାଯାଉ ବୋଲି ସେ କହିଛନ୍ତି ।

ବାତ୍ୟା କ୍ଷୟକ୍ଷତିର ସଠିକ୍ ଆକଳନ ସହ ଆଗାମୀ ବାତ୍ୟାର ସଫଳ ମୁକାବିଲା ନିମନ୍ତେ ପ୍ରଶାସନର ସମସ୍ତ ବିଭାଗ ସମ୍ପୂର୍ଣ୍ଣ ସଜାଗ ରହି (୯ ପୃଷ୍ଠାରେ)

- ବାତ୍ୟା ସ୍ଥିତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ
- ଉଦ୍ଧାର କାର୍ଯ୍ୟ ଲାଗି ଆସୁଛି ରେଲବାଇର ଚେନ୍ ପୁଲି ସିଷ୍ଟମ୍
- ସମ୍ଭାବ୍ୟ ବାତ୍ୟା ଲାଗି ଆଗୁଆ ପ୍ରସ୍ତୁତି
- ଦୁର୍ଗମ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟରେ ଏସ୍ଓଜି, ନୌସେନା

ରାଷ୍ଟ୍ରୀୟ ଏକତା ଦିବସ | ୪ ସ୍ତମ୍ଭକୁ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ

ନୂଆଦିଲ୍ଲୀ, ୩୧।୧୦ : ଦେଶର ଏକତା ଓ ଅଖଣ୍ଡତାକୁ ମଜବୁତ କରିବା ପାଇଁ ପ୍ରତ୍ୟେକ ନାଗରିକଙ୍କୁ ଏକାଠି ହୋଇ କାମ କରିବାକୁ ପଡ଼ିବ । ଦେଶର ଏକତାକୁ ଦୁର୍ବଳ କରୁଥିବା ପ୍ରତ୍ୟେକ ଚିନ୍ତାଧାରା ଓ କାର୍ଯ୍ୟଠାରୁ

ହୃଦୟର ସଂଯୋଗ ହିଁ ମଜଭୁତ ରାଷ୍ଟ୍ରର ଆଧାର

ଦୂରେଇ ରହିବା ଆବଶ୍ୟକ । ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଓ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଗୁଜରାଟର କେବାଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

ନିଜ ଅଭିଭାଷଣରେ ପ୍ରଧାନମନ୍ତ୍ରୀ କହିଥିଲେ, ସର୍ଦ୍ଦାର ପଟେଲ ସ୍ୱାଧୀନତା ପରେ ୫୫୦ରୁ ଅଧିକ ଦେଶୀୟ ରାଜ୍ୟକୁ



ଏକତ୍ର କରି ଅସମ୍ଭବ ମନେ ହେଉଥିବା କାର୍ଯ୍ୟକୁ ସମ୍ଭବ କରିଥିଲେ । ତାଙ୍କ ପାଇଁ 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଭାବନା ସର୍ବୋପରି ଥିଲା । ତେଣୁ ତାଙ୍କ ଜନ୍ମଜୟନ୍ତୀ ଜାତୀୟ ଏକତାର ଏକ ବଡ଼ ପର୍ବରେ ପରିଣତ ହୋଇଛି । ଦେଶର ୧୪୦ କୋଟି ନାଗରିକଙ୍କୁ ଏକତା ଦିବସର ଶୁଭେଚ୍ଛା ଜଣାଇ ସେ କହିଥିଲେ, ଦେଶର ଏକତାକୁ ମଜବୁତ କରୁଥିବା କାର୍ଯ୍ୟରେ ସମସ୍ତେ ଯୋଗଦାନ ଦେବା ଉଚିତ ।

ଦେଶର ଏକତାର ଚାରିଟି ମୁଖ୍ୟ ସ୍ତମ୍ଭ ସମ୍ପର୍କରେ ମୋଦୀ ଉଲ୍ଲେଖ କରିଥିଲେ । ପ୍ରଥମଟି ହେଉଛି ସାଂସ୍କୃତିକ ଏକତା । ଭାରତର ସଂସ୍କୃତି ହଜାର ହଜାର ବର୍ଷ ଧରି ଦେଶକୁ (୯ ପୃଷ୍ଠାରେ)

ସରକାରଙ୍କ ଇସ୍ତଫା ଦାବିରେ ମଣିପୁରରେ ଲୋକଙ୍କ ଶୋଭାଯାତ୍ରା

ନୂଆଦିଲ୍ଲୀ, ୩୧।୧୦ : ଆଦିବାସୀ ସମ୍ପ୍ରଦାୟଙ୍କ ସୁରକ୍ଷା ଏବଂ କୁକି-ଜୋ ଉଗ୍ରବାଦୀ ଗୋଷ୍ଠୀଙ୍କ ସହ ହୋଇଥିବା 'ସସ୍ପେନସନ୍ ଅଫ୍ ଅପରେସନ୍ସ' ଚୁକ୍ତି ବାତିଲ ଦାବିରେ ଶନିବାର ମଣିପୁରର ବିଭିନ୍ନ ସ୍ଥାନରେ ହଜାର ହଜାର ଲୋକ ରାଲି କରିଛନ୍ତି । ରାଜ୍ୟ ସରକାରଙ୍କ ବିରୋଧରେ ଏହି ଆନ୍ଦୋଳନରେ ମୈତେଇ ଓ ନାଗା ସଂଗଠନଗୁଡ଼ିକ ଏକାଠି ହୋଇଛନ୍ତି ।

ଇମ୍ଫାଲରେ ମୈତେଇ ସଂଗଠନଗୁଡ଼ିକର ମିଳିତ ମଞ୍ଚ 'କୋଅର୍ଡିନେଟିଂ କମିଟି ଅନ୍ ମଣିପୁର ଇଣ୍ଟିଗ୍ରିଟି' ପକ୍ଷରୁ ମୁଖ୍ୟ ରାଲି ଆୟୋଜନ କରାଯାଇଥିଲା । ଏହି ଦାବିଗୁଡ଼ିକୁ ନାଗା ସଂଗଠନମାନେ ମଧ୍ୟ ସମର୍ଥନ ଜଣାଇଥିଲେ । ସେନାପତି ଓ ଚାନ୍ଦେଲ ଭଳି ନାଗା ବହୁଳ ଜିଲ୍ଲାରେ ମଧ୍ୟ ପୃଥକ୍ ରାଲି ଅନୁଷ୍ଠିତ ହୋଇଥିଲା ।

କିଛିଦିନ ପୂର୍ବରୁ ୧୪ ଜଣ ମୈତେଇ ସମ୍ପ୍ରଦାୟର ଲୋକଙ୍କ ଉପରେ ଉଗ୍ରବାଦୀମାନେ ଆକ୍ରମଣ କରିଥିବା ଏବଂ ଏଥିରେ ତିନିଜଣଙ୍କ ମୃତ୍ୟୁ ହୋଇଥିବା ଘଟଣା ପରେ ଏହି ଆନ୍ଦୋଳନ ଜୋରଦାର ହୋଇଛି । ମେ ୨୦୨୩ରୁ ଜାତିଗତ ହିଂସାରେ ଜର୍ଜରିତ ମଣିପୁରରେ ଏହି ଘଟଣା ପରେ ପୁଣି ଉତ୍ତେଜନା ବଢ଼ିଛି ।

ଇମ୍ଫାଲ ପଶ୍ଚିମ ଜିଲ୍ଲାର ତିଡିମ୍ ଗ୍ରାଉଣ୍ଡରୁ ଥାଉ ଗ୍ରାଉଣ୍ଡ ପର୍ଯ୍ୟନ୍ତ ହଜାର ହଜାର ଲୋକ ଶୋଭାଯାତ୍ରା କରିଥିଲେ । ଏଥିରେ ନାଗା ସମ୍ପ୍ରଦାୟର ଲୋକମାନେ ମଧ୍ୟ ସାମିଲ ହୋଇଥିଲେ । ନାଗା ସଂଗଠନର ସର୍ବୋଚ୍ଚ ସଂସ୍ଥା ୟୁନାଇଟେଡ୍ ନାଗା କାଉନସିଲ୍ ଏହି ରାଲିକୁ ସମର୍ଥନ କରିଥିଲା ।

ଲୋକଭବନ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ବିଜେପିର ରାଜ୍ୟ କାର୍ଯ୍ୟାଳୟ ନିକଟସ୍ଥ କେଇସାମପାଟ୍ ଛକରେ ପୁଲିସ ବ୍ୟାରିକେଡ୍ ଲଗାଇ ଆନ୍ଦୋଳନକାରୀଙ୍କୁ ଅଟକାଇଥିଲା । ପ୍ରଦର୍ଶନକାରୀମାନେ 'ମଣିପୁରକୁ ବଞ୍ଚାଅ', 'ଆମେ ଶାନ୍ତି ଓ ନ୍ୟାୟ ଚାହୁଁଛୁ' ଏବଂ 'ଏସ୍ଓଓ ଚୁକ୍ତି ବାତିଲ କର' ଭଳି ସ୍ଲୋଗାନ ଲେଖାଥିବା ପୋଷ୍ଟର ଓ ପ୍ଲାକାର୍ଡ ଧରିଥିଲେ ।

କୋକୋମିର ଆବାହକ ୱାଇ. ଧୀରେନ କହିଥିଲେ, ରାଜ୍ୟର ଆଦିବାସୀ ଲୋକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା କରିବାରେ ବିଫଳ ହୋଇଥିବାରୁ ବର୍ତ୍ତମାନର ସରକାର (୯ ପୃଷ୍ଠାରେ)

ଅବପାତ ସୃଷ୍ଟି : ବାତ୍ୟା ରୂପ ନେବା ନେଇ ଆଶଙ୍କା

ଭୁବନେଶ୍ୱର, ୩୧।୧୦ (ସବ୍ୟୁ) : ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସ୍ପଷ୍ଟ ଚିହ୍ନିତ ଲଘୁଚାପ ଅବପାତରେ ପରିଣତ ହୋଇଛି । ବଙ୍ଗୋପସାଗରରେ ଆଉ ଏକ ବାତ୍ୟାର ଆଶଙ୍କା ସୃଷ୍ଟି ହୋଇଛି । ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଓ ଏହାର ସଲଗ୍ନ କ୍ଷେତ୍ର ଆଣ୍ଡାମାନ ନିକୋବର ଓ ଆଣ୍ଡାମାନ ସମୁଦ୍ରରେ ଏହି ଅବପାତ ପୂର୍ବାହ୍ନ ୧୧.୩୦ରେ ସୃଷ୍ଟି ହୋଇ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଅଗ୍ରସର ହୋଇଛି । ଏହା ପଶ୍ଚିମ ଦକ୍ଷିଣ ପଶ୍ଚିତ ବିଜୟପୁରମ ଠାରୁ ୩୦୦ କିଲୋମିଟର ଦୂରରେ ଥିବା ବେଳେ ପୂର୍ବ-ଦକ୍ଷିଣ ପୂର୍ବ ଚେନ୍ନାଇଠାରେ ୧୧.୪୦ କିଲୋମିଟର ଓ ମଛଳି ପାଟନମର ଦକ୍ଷିଣ ପୂର୍ବଠାରୁ



୧୨ ଶହ କିଲୋମିଟର ଦୂରରେ ରହିଛି । ଏହା ଗଭୀର ଅବପାତ ନେଇ ଆସନ୍ତା ୧୨ ଘଣ୍ଟା ମଧ୍ୟରେ ପଶ୍ଚିମ-ଉତ୍ତର ପଶ୍ଚିମ ଆଗକୁ ଅଗ୍ରସର ହେବ । ଏହା ଘୂର୍ଣ୍ଣିଝଡରେ ପରିଣତ ହେବାରୁ ସମ୍ଭାବନା ରହିଛି । ୧ ତାରିଖରେ ସମୁଦ୍ର ମଧ୍ୟରେ ଅଧିକ ବଳ ଗୋଟାଇ ବାତ୍ୟାର ରୂପ ନେବ ଓ ୨ ତାରିଖ ସୁଦ୍ଧା ଭୀଷଣ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି । ଯଦି ବାତ୍ୟାର ରୂପ ନିଏ ତେବେ ଏହାର ନାମ ମୁରାସୁ ରହିବ । ୩ ତାରିଖ ସକାଳେ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ

୩ ସକାଳ ସୁଦ୍ଧା ଆନ୍ଧ୍ର ଉପକୂଳ ଛୁଇଁବ

୫ ଯାଏଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା

ଅତିକ୍ରମ କରିବ । ଆନ୍ଧ୍ରର ନେଲୋର ଏବଂ ନର୍ସାପୁରର ମଧ୍ୟଭାଗରେ ସ୍ଥଳଭାଗ ଛୁଇଁବା ନେଇ ଆକଳନ କରାଯାଇଛି । ଆନ୍ଧ୍ରପ୍ରଦେଶ ମୁହାଁ ହେବାସହ ଦକ୍ଷିଣ ଓଡ଼ିଶାରେ ଏହାର ପ୍ରଭାବ (୯ ପୃଷ୍ଠାରେ)

ଋଷିକୁଲ୍ୟା ବନ୍ୟାରେ ଲକ୍ଷାଧିକ ପ୍ରଭାବିତ

ଭୁବନେଶ୍ୱର, ୩୧।୧୦ (ସବ୍ୟୁ) : ଅର୍ଣ୍ଣବ ପରେ ହୋଇଥିବା ପ୍ରବଳ ବର୍ଷାରେ ଋଷିକୂଲ୍ୟରେ ଆସିଥିବା ବନ୍ୟାରେ ପ୍ରାୟ ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଛନ୍ତି । ୩୬ ବର୍ଷ ତଳେ ଅର୍ଥାତ୍ ୧୯୯୦ରେ ଏଭଳି ବଡ ବନ୍ୟା ଗଞ୍ଜାମ ଦେଖିଥିଲା । ମାତ୍ର ସାଢ଼େ ୩ ଦଶନ୍ଧୀରେ ଗଞ୍ଜାମରେ ଏଭଳି ସ୍ଥିତି ଦେଖିବାକୁ ମିଳିନଥିଲା । ଦକ୍ଷିଣ ଓଡ଼ିଶାର ୬ ଜିଲ୍ଲା ଭିତରେ ଗଞ୍ଜାମ ରେଡ ଆଲାର୍ଟରେ ଥିଲା । କିନ୍ତୁ ପାହାଡୀ ବନ୍ୟା ପ୍ରଳୟ ଦୃଶ୍ୟ ସବୁ କିଛି ଆକଳନକୁ ଭୁଲ କରିଦେଇଥିଲା ।

ପାହାଡିଆରୁ ବାହାରି ଋଷୀକୂଲ୍ୟା ଗଞ୍ଜାମ ଦେଇ ପ୍ରଭାବିତ ହୋଇଛି । ଏହାର ଅବବାହିକା ୮୯୬୩ ବର୍ଗ କିଲୋ ମିଟର, ଋଷିକୂଲ୍ୟା ନଦୀରେ ବନ୍ୟା ଆସିବା କେବଳ ଉପର ମୁଣ୍ଡ ବର୍ଷା ଉପରେ ନିର୍ଭର କରେ ନାହିଁ । ଏହାର ସମଗ୍ର ଅବବାହିକା ଉପନଦୀ ଗୁଡିକରେ କେତେ ବର୍ଷା ହେଉଛି ସେହିଜଳ କେତେ ଦ୍ରୁତ ଗତିରେ ମୁଖ୍ୟ ନଦୀକୁ ଆସୁଛି ତାହା ମଧ୍ୟ ନିର୍ଭର କରିଥାଏ । ବଡ଼ ନଦୀ, ଘୋଡା ଡିହ ଓ ବାଘୁଆ ଭଳି ଉପନଦୀରେ ବୃଦ୍ଧି ହୋଇ ଅଳ୍ପ ସମୟରେ ମୁଖ୍ୟ ନଦୀକୁ ଆସିଯାଇଥିଲା । ତଳିଆ ଅଞ୍ଚଳରେ ନଦୀ ଜଳ ପ୍ରବେଶ କରିବା ସହ ଜଳ ଧାରଣ କ୍ଷମତା ଅତିକ୍ରମ କରିଥିଲା । ଗଞ୍ଜାମରେ ୩ ଦିନରେ ୧୧୮ ପ୍ରତିଶତ ବର୍ଷା ହୋଇଥିବା ବେଳେ କନ୍ଧମାଳରେ ୧୨୩ ପ୍ରତିଶତ ବର୍ଷା ହୋଇଛି । (୯ ପୃଷ୍ଠାରେ)

ଆକ୍ରମଣ ହେଲେ ଭୌଗୋଳିକ ସୀମା ନମାନି ଜବାବ ଦେବ ଇରାନ

ନୂଆଦିଲ୍ଲୀ, ୩୧।୧୦ : ଇରାନ ଉପରେ ପୁନର୍ବାର ଆକ୍ରମଣ ହେଲେ ଏହାର ଜବାବ ଦେବାରେ କୌଣସି ଭୌଗୋଳିକ ସୀମା ମାନିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି ଇରାନର ସର୍ବୋଚ୍ଚ ନେତା ମୋଜତବା ଖାମନେଇ । ଅନ୍ୟପକ୍ଷରେ ଇରାନ ଓ ଆମେରିକା ମଧ୍ୟରେ ପୁନର୍ବାର ଯୁଦ୍ଧ ଆରମ୍ଭ ନହେବା ପାଇଁ ମଧ୍ୟସ୍ଥମାନଙ୍କ ପକ୍ଷରୁ କୂଟନୈତିକ ଉଦ୍ୟମ ଜାରି ରହିଛି ।

ଶୁକ୍ରବାର କତାରର ବରିଷ୍ଠ କୂଟନୀତିଜ୍ଞମାନେ ତେହେରାନରେ ଇରାନର ଅଧିକାରୀଙ୍କ ସହ ବ୍ୟାପକ ଆଲୋଚନା କରିଥିବା ବେଳେ ଶନିବାର ମଧ୍ୟ ଆଲୋଚନା ଜାରି ରହିବାର ସମ୍ଭାବନା ରହିଛି । ଆମେରିକା ଓ ଇସ୍ରାଏଲ ଇରାନ ଉପରେ ନୂଆ ଆକ୍ରମଣ ପାଇଁ ପ୍ରସ୍ତୁତି କରୁଥିବା ଖବର ମଧ୍ୟରେ ଇରାନ କର୍ତ୍ତୃପକ୍ଷ ଦୃଢ଼ ଜବାବ ଦେବାକୁ ପ୍ରସ୍ତୁତ ଥିବା କହିଛନ୍ତି ।

ମାର୍ଚ୍ଚରେ ନିହତ ହୋଇଥିବା ତାଙ୍କ ପିତା ଆୟାତୋଲ୍ଲା ଅଲୀ ଖାମେନିଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିଥିବା ମୋଜତବା ଖାମେନି ଦୀର୍ଘଦିନ ଧରି ସାର୍ବଜନୀନ ଭାବେ ଦେଖାଯାଇନାହାନ୍ତି । ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର କୁହାଯାଇଛି ଯେ, ସେ ବରିଷ୍ଠ ସାମରିକ ଅଧିକାରୀଙ୍କ ସହ ବୈଠକ କରି ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ନିର୍ଦ୍ଦେଶ ଦେଇଛନ୍ତି । ଦେଶର ସୁରକ୍ଷା ପାଇଁ ସର୍ବାଧିକ ପ୍ରତିରୋଧ କ୍ଷମତା ରଖିବା ସହ ଭବିଷ୍ୟତରେ ଆକ୍ରମଣ ହେଲେ ତୁରନ୍ତ ଏବଂ ପ୍ରଭାବଶାଳୀ ଜବାବ ଦେବାକୁ ସେ ସାମରିକ ବାହିନୀକୁ ନିର୍ଦ୍ଦେଶ ଦେଇଥିବା ବିବୃତିରେ ଉଲ୍ଲେଖ ରହିଛି ।

ଏହାର କିଛିଦିନ ପୂର୍ବରୁ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଇରାନକୁ ଏକ ଚିଠି ଲେଖିଥିବା ଖବର ଆସିଥିଲା । ଏହି ଚିଠି ଇରାନର ସୁପ୍ରିମ ନ୍ୟାସନାଲ ସିକ୍ୟୁରିଟି କାଉନସିଲର ପ୍ରମୁଖ ମୋହସେନ (୯ ପୃଷ୍ଠାରେ)

ଗଞ୍ଜାମରେ ୩ ଯାଏଁ ସ୍କୁଲ, କଲେଜ ବନ୍ଦ

ଭୁବନେଶ୍ୱର, ୩୧।୧୦ (ସବ୍ୟୁ) : ପ୍ରବଳ ବର୍ଷା ସମ୍ଭାବନା ଓ ଛାତ୍ର ଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲାର ସମସ୍ତ ଅଙ୍ଗନୱାଡ଼ି, ସ୍କୁଲ, ଡିଗ୍ରୀ କଲେଜ, ବୈଷୟିକ ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟକୁ ଆସନ୍ତା ୩ ତାରିଖକୁ ବନ୍ଦ କରିଦିଆଯାଇଛି । ଏନେଇ ଗଞ୍ଜାମ ଜିଲ୍ଲାପାଳ ନିର୍ଦ୍ଦେଶ ନାମା ପ୍ରକାଶ କରିଛନ୍ତି । ତେବେ ଶିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ରହିବେ । ସୂଚନାଯୋଗ୍ୟ ବାତ୍ୟା ଅର୍ଣ୍ଣବର ପ୍ରଭାବରେ ଗଞ୍ଜାମ ଅଧିକ କ୍ଷତିଗ୍ରସ୍ତ ହୋଇଛି । ଏହାଛଡା ସୃଷ୍ଟି ହୋଇଥିବା ଅବପାତ ଆନ୍ଧ୍ର ଉପକୂଳରେ ମାଡ ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ପାଇଁ ସରକାର ଆଗୁଆ ସତର୍କତା ଅବଲମ୍ବନ କରିଛି ।

କୋରାପୁଟ ମେଡିକାଲ କଲେଜକୁ ୨୫ ଅତିରିକ୍ତ ଏମ୍‌ବିବିଏସ୍ ସିଟ୍

କୋରାପୁଟ, ୩୧।୧୦ (ସବ୍ୟୁ) : କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ୨୫ଟି ଏମ୍‌ବିବିଏସ୍ ସିଟ୍ ବୃଦ୍ଧି କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ଫଳରେ କଲେଜରେ ବାର୍ଷିକ ଏମ୍‌ବିବିଏସ୍ ନାମଲେଖା ସଂଖ୍ୟା ୧୨୫ରୁ ବୃଦ୍ଧି ପାଇ ୧୫୦ରେ ପହଞ୍ଚିବ ।

୨୦୨୭-୨୮ ଶିକ୍ଷାବର୍ଷରୁ ଏହି ନୂତନ ସିଟ୍ ବ୍ୟବସ୍ଥା ଲାଗୁ ହେବ । ଏନେଇ ୨୯ ଅକ୍ଟୋବର ୨୦୨୬ରେ ଜାରି ହୋଇଥିବା ସରକାରୀ ଆଦେଶରେ ଏନ୍‌ଏମ୍‌ସିକୁ ଆବଶ୍ୟକ ପଦକ୍ଷେପ ନେବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି । ତେବେ ଏହି ସିଟ୍ ବୃଦ୍ଧି ସମସ୍ତ ପ୍ରଚଳିତ ନିୟମ ଓ ନିୟାମକ ସର୍ତ୍ତ ପାଳନ ଉପରେ ନିର୍ଭର କରିବ ।

ମେଡିକାଲ କଲେଜ ପକ୍ଷରୁ ଦାଖଲ କରାଯାଇଥିବା ଆବେଦନ, ଦସ୍ତାବିଜ୍ ଓ ଅନ୍ୟାନ୍ୟ ତଥ୍ୟକୁ ବିଚାର କରିବା ପରେ କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଛନ୍ତି ।


ଏହା ଫଳରେ ଚିକିତ୍ସା ଶିକ୍ଷାର ନୂତନ ସୁଯୋଗ ସୃଷ୍ଟି ହେବ ବୋଲି ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ କହିଛନ୍ତି । ସେ କହିଛନ୍ତି ଯେ "ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ଡାକ୍ତରୀ ଶିକ୍ଷାର ପରିସର ବୃଦ୍ଧି ସହ ଭବିଷ୍ୟତରେ ଅଧିକ ଡାକ୍ତର ସୃଷ୍ଟି କରିବା ଦିଗରେ ଏହା ସହାୟକ ହେବ ଏବଂ ଅଧିକ ମେଧାବୀ ଛାତ୍ରଛାତ୍ରୀ ଡାକ୍ତରୀ ପାଠ ପଢ଼ିବାର ସୁଯୋଗ ପାଇବେ ।"

ବିରୋଧୀଙ୍କ ମକ୍ ପାର୍ଲାମେଣ୍ଟ

ଜ୍ଞାନେଶଙ୍କୁ ରାହୁଲଙ୍କ ଚେତାବନୀ, ଖସିଯିବାକୁ ଦେବୁନି

ନୂଆଦିଲ୍ଲୀ, ୩୧।୧୦ : ନିର୍ବାଚନରେ ଅନିୟମିତତା ଓ ଭୋଟ ହେରଫେର ଅଭିଯୋଗକୁ ନେଇ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ମହାଭିଯୋଗ ଏବଂ ଦେଶଦ୍ରୋହ ମାମଲାରେ ବିଚାର ଦାବି କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ । ଶନିବାର ନୂଆଦିଲ୍ଲୀରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଆୟୋଜିତ ପ୍ରତୀକାତ୍ମକ 'ଜନ ମହାଭିଯୋଗ' କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହି ଦାବି କରିଛନ୍ତି । ଅନ୍ୟପକ୍ଷରେ ବିରୋଧୀଙ୍କ ଏହି କାର୍ଯ୍ୟକ୍ରମକୁ ବିଜେପି ସାଂସଦ ସୁଧାଂଶୁ ତ୍ରିବେଦୀ କଟାକ୍ଷ କରି ଏହାକୁ 'ମକ୍ ପାର୍ଲାମେଣ୍ଟ' ବୋଲି କହିଛନ୍ତି ।

ରାହୁଲ କହିଛନ୍ତି, ଜ୍ଞାନେଶ କୁମାରଙ୍କୁ ତାଙ୍କ ଦାୟିତ୍ୱରୁ ଖସିଯିବାକୁ ଦିଆଯିବ ନାହିଁ । ସମ୍ବିଧାନ ଏବଂ ଦେଶର ଜନସାଧାରଣଙ୍କ ସ୍ୱରର ସୁରକ୍ଷା ପାଇଁ



ବିରୋଧୀ ଲଢ଼େଇ ଜାରି ରଖିବେ । ଏହି ଅଭିଯାନକୁ ସେ ଏକ 'ରାଜନୈତିକ ଅସ୍ତ୍ର' ଭାବେ ବର୍ଣ୍ଣନା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଜ୍ଞାନେଶ କୁମାର ଏବଂ ଅନ୍ୟମାନଙ୍କ ଉପରେ ଭାରତୀୟ ଗଣତନ୍ତ୍ରକୁ କ୍ଷତି ପହଞ୍ଚାଇବାର ଅଭିଯୋଗ ଆଣିଥିଲେ ।

ସେ ଆହୁରି କହିଥିଲେ ଯେ, ନିର୍ବାଚନରେ ହେରଫେର କରିବା ପର୍ଯ୍ୟନ୍ତ ଏହି ଖେଳ ପହଞ୍ଚିଛି । ଏଥିରେ ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହ ଶୀର୍ଷରେ ଥାଇପାରନ୍ତି, କିନ୍ତୁ ଜ୍ଞାନେଶ କୁମାର ସେମାନଙ୍କର ଏକ ଉପକରଣ ଭାବେ କାର୍ଯ୍ୟ କରୁଛନ୍ତି ।

ବିରୋଧୀ ଦଳଗୁଡ଼ିକର ପାଇଁ ଅନ୍ୟ ସାମ୍ବିଧାନିକ ଓ ଅନୁଷ୍ଠାନିକ ମଞ୍ଚଗୁଡ଼ିକ ବନ୍ଦ ହୋଇଯାଇଥିବାରୁ ପ୍ରାୟ ୨୫୦ ଜଣ ସାଂସଦ ବିରୋଧୀ ଦଳ ନେତାଙ୍କ ବାସଭବନର ଉଦ୍ୟାନରେ ଏକାଠି ହୋଇଥିବା ରାହୁଲ କହିଥିଲେ । ଏଠାରେ ସମସ୍ତ ବିରୋଧୀ ଦଳ ଜ୍ଞାନେଶ କୁମାରଙ୍କ ମହାଭିଯୋଗ ସମ୍ପର୍କରେ ଆଲୋଚନା କରୁଥିବା ସେ କହିଥିଲେ ।

ରାହୁଲ ଗାନ୍ଧୀ ଦାବି କରିଥିଲେ ଯେ, ଭୋଟର ତାଲିକାରୁ ପ୍ରାୟ ୧୩.୧ କୋଟି ଭୋଟରଙ୍କ ନାମ ବାଦ୍ ଦିଆଯାଇଛି । ଏହା ମୋଟ ଭୋଟରଙ୍କ ପ୍ରାୟ ୧୫ ପ୍ରତିଶତ । ଏହି ଭୋଟରମାନେ ୨୦୨୪ ଲୋକସଭା ନିର୍ବାଚନରେ ଭୋଟ ଦେବାକୁ ଯୋଗ୍ୟ ଥିବାବେଳେ ଏବେ ସେମାନଙ୍କୁ ଅଯୋଗ୍ୟ କିପରି ଘୋଷଣା କରାଯାଉଛି ବୋଲି ସେ ପ୍ରଶ୍ନ କରିଥିଲେ ।

ତାଙ୍କ କହିବା ଅନୁଯାୟୀ, ନିର୍ବାଚନ କମିଶନଙ୍କୁ ସ୍ପଷ୍ଟ କରିବାକୁ ପଡ଼ିବ ଯେ, ଏହି ଭୋଟରମାନେ ବୈଧ ଥିଲେ ଏବଂ ୨୦୨୪ ନିର୍ବାଚନ ମଧ୍ୟ ବୈଧ ଥିଲା, ନଚେତ୍ ଭୋଟରମାନେ ଅବୈଧ ଥିଲେ ଏବଂ ସେହି ନିର୍ବାଚନର (୯ ପୃଷ୍ଠାରେ)

- ୨୫୦ ସାଂସଦ ଖଡ୍‌ଗେଙ୍କ ଘରେ ଏକାଠି
- ଜ୍ଞାନେଶଙ୍କ ବିରୋଧରେ ମହାଅଭିଯୋଗ ନେଇ ଆଲୋଚନା
- ବିରୋଧୀଙ୍କ କାର୍ଯ୍ୟକ୍ରମକୁ ବିଜେପିର କଟାକ୍ଷ

ସ୍ତ୍ରୀକୁ ପିଟିପିଟି ହତ୍ୟା : ସ୍ୱାମୀ ଅଟକ

ଯୋଡ଼ା, ୩୧।୧୦ (ସବ୍ୟୁ) : ସ୍ତ୍ରୀ ଖାଇବାକୁ ନଦେବାରୁ ପିଟି ପିଟି ମାରିଦେଲା ସ୍ୱାମୀ । ମଙ୍ଗଳବାର ସନ୍ଧ୍ୟାରେ ଘଟିଥିଲା ହତ୍ୟାକାଣ୍ଡ ହତ୍ୟା କରିସାରିବା ପରେ ଗାଁ ନିକଟସ୍ଥ ଜଙ୍ଗଲରେ ମୃତଦେହକୁ ଫିଙ୍ଗି ଦେଇଥିଲା ସ୍ୱାମୀ । ଶନିବାର ଦିନମୃତଦେହକୁ ଉଦ୍ଧାର କରିଛି ନୟାକୋଟ ପୋଲିସ କେନ୍ଦୁଝରଜିଲ୍ଲା ବାଂଶପାଳ ବ୍ଲକ ନୟାକୋଟ ଥାନା କୁଶକଳା କାଳିଆଡ଼ିହି ସାହିରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ।

ମୃତକ ଜଣକ ହେଉଛନ୍ତି ମେଂଜତି ମୁଣ୍ଡା । ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀ ଗଲୁ ମୁଣ୍ଡାଙ୍କୁ ଥାନାରେ ପୁଲିସ ଅଟକ ରଖିଛି ଘଟଣାସ୍ଥଳରେ ନୟାକୋଟ ପୋଲିସ ତଦନ୍ତ ଜାରି ରଖିଛି । କାଳିଆଡ଼ିହି ସାହିର ଗଲୁ ମୁଣ୍ଡା ମଙ୍ଗଳବାର ସନ୍ଧ୍ୟାରେ କାମରୁ ଘରକୁ ଫେରିଥିଲେ । ନିଶାଶକ୍ତ (୯ ପୃଷ୍ଠାରେ)

ଚିନ୍ତାଶକ୍ତି ଦ୍ୱାରା ଚାଲିବ କମ୍ପ୍ୟୁଟର



ଏଲନ୍ ମସ୍କଙ୍କ କମ୍ପାନୀ 'ନ୍ୟୁରାଲିଙ୍କ' ଏପରି ଏକ ଆଧୁନିକ ପ୍ରଯୁକ୍ତିବିଦ୍ୟା ବିକଶିତ କରୁଛି, ଯାହା ମାଧ୍ୟମରେ ବିନା କିବୋର୍ଡ କିମ୍ବା ମାଉସ୍ ବ୍ୟବହାର କରି କେବଳ ଭାବନା ବା ଚିନ୍ତାଶକ୍ତି ଦ୍ୱାରା କମ୍ପ୍ୟୁଟର କର୍ସର ଚଳାଇବା, କ୍ଲିକ୍ କରିବା ଏବଂ ଟାଇପିଂ ମଧ୍ୟ କରାଯାଇପାରିବ । ଏହି ପ୍ରଯୁକ୍ତି ପାଇଁ 'ଟେଲିପାଥ୍' ନାମକ ଏକ ସୂକ୍ଷ୍ମ ଚିପ୍ ଅସ୍ତ୍ରୋପଚାର ମାଧ୍ୟମରେ ମସ୍ତିଷ୍କରେ ରୋପଣ କରାଯାଏ । ଯେଉଁଥିରେ ଥିବା ସୂତା ପରି ପତଳା ଇଲେକ୍ଟ୍ରୋଡଗୁଡ଼ିକ ମସ୍ତିଷ୍କର ସଙ୍କେତକୁ ଗ୍ରହଣ କରି କମ୍ପ୍ୟୁଟରକୁ ପଠାନ୍ତି ଏବଂ ତାହା ବିଭିନ୍ନ କମାଣ୍ଡରେ ରୂପାନ୍ତରିତ ହୋଇଥାଏ । ପାରାଲିସିସ୍ ଆକ୍ରାନ୍ତ ବ୍ୟକ୍ତିମାନଙ୍କୁ ବିନା ହାତ ବ୍ୟବହାରରେ କମ୍ପ୍ୟୁଟର ଚଳାଇବାରେ ସାହାଯ୍ୟ କରିବା ଏହାର ମୁଖ୍ୟ ଲକ୍ଷ୍ୟ ଅଟେ । ଏହା ବ୍ୟତୀତ, କମ୍ପାନୀ 'ବ୍ଲାଇଣ୍ଡସାଇଟ୍' ନାମକ ଅନ୍ୟ ଏକ ବୈଷୟିକ କୌଶଳ ଉପରେ କାର୍ଯ୍ୟ କରୁଛି, ଯାହା କ୍ୟାମେରା ଦ୍ୱାରା ସଂଗୃହିତ ତଥ୍ୟକୁ ସିଧାସଳଖ ମସ୍ତିଷ୍କର ଭିଜୁଆଲ୍ କୋର୍ଟେକ୍ସକୁ ପଠାଇ ସମ୍ପୂର୍ଣ୍ଣ ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ଦୃଷ୍ଟିଶକ୍ତି ଫେରାଇ ଆଣିବାରେ ସାହାଯ୍ୟ କରିବ ବୋଲି ଦାବି କରାଯାଇଛି । ତେବେ ମଣିଷ ଉପରେ ଏହାର ପରୀକ୍ଷଣ ବାକି ଅଛି ।

ଇତିହାସ

୧୭୬୫- ବ୍ରିଟେନ ଉପନିବେଶରେ ଷ୍ଟାମ୍ପ୍ ଆକ୍ଟ ଲାଗୁ କରାଗଲା ।
୧୮୦୦- ହ୍ୱାଇଟ୍ ହାଉସ୍‌ରେ ରହୁଥିବା ଆମେରିକାର ପ୍ରଥମ ରାଷ୍ଟ୍ରପତି ହେଲେ ଜନ୍ ଆଡମ୍ସ ।
୧୮୫୮- ଇଷ୍ଟ୍ ଇଣ୍ଡିଆ କମ୍ପାନୀ ଅଧୀନରୁ ଭାରତର ଶାସନଭାର ବ୍ରିଟେନର ଶାସକ ନିକଟକୁ ସ୍ଥାନାନ୍ତର ହେଲା । ଯାହାଫଳରେ ଗଭର୍ଣ୍ଣର ଜେନେରାଲ୍ ସ୍ଥାନରେ ଭାଇସରାୟଙ୍କ ନିଯୁକ୍ତି କରାଗଲା ।
୧୯୨୨- ଅଟୋମନ୍ ସାମ୍ରାଜ୍ୟର ଅନ୍ତ ଘଟିଲା ଏବଂ ସୁଲତାନ ମହମ୍ମଦ ୬ଙ୍କୁ ବହିସ୍କାର କରାଗଲା ।
୧୯୫୦- ଚିତ୍ତରଞ୍ଜନ ରେଳ କାରଖାନାରେ ଭାରତର ପ୍ରଥମ ବାଷ୍ପ ଇଞ୍ଜିନ ନିର୍ମାଣ କରାଗଲା ।
୧୯୫୨- ରାଜସ୍ଥାନର ମୁଖ୍ୟମନ୍ତ୍ରୀ ରୂପେ ଜୟ ନାରାୟଣ ଦାୟିତ୍ୱ ସମ୍ଭାଳିଲେ ।
୧୯୫୬- କର୍ଣ୍ଣାଟକ, କେରଳ, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟଗୁଡ଼ିକର ସ୍ଥାପନା । ଏହାସହ ରାଜଧାନୀ ଦିଲ୍ଲୀକୁ କେନ୍ଦ୍ରଶାସିତ ଅଞ୍ଚଳ ରୂପେ ମାନ୍ୟତା ମିଳିଲା ଏବଂ ପ୍ରଶାସନିକ ରୂପେ ହାଇଦ୍ରାବାଦ ଉପରୁ ରାଜ୍ୟ ମାନ୍ୟତା ପ୍ରତ୍ୟାହାର କରାଗଲା ।
୧୯୬୬- ହରିଆଣା ଏବଂ ଚଣ୍ଡିଗଡ଼ ରାଜ୍ୟର ସ୍ଥାପନା ।
୧୯୮୦- ଭାରତର ପ୍ରମୁଖ ସ୍ୱତନ୍ତ୍ରତା ସେନାନୀଙ୍କ ମଧ୍ୟରେ ଅନ୍ୟତମ ଥିବା ଦାମୋଦର ମେନନ୍‌ଙ୍କ ଦେହାନ୍ତ ।
୨୦୦୦- ଛତିଶଗଡ଼ ରାଜ୍ୟ ଗଠିତ ।

୪.୧ ବଲିଅନ ପୁରୁଣା ପଥର

୨୦୨୨ ମସିହାରେ ସାହାରା ମରୁଭୂମିରୁ ଆବିଷ୍କୃତ ଏକ ଗୋଲାପୀ ରଙ୍ଗର ପଥର ୪.୧ ବିଲିଅନରୁ ଅଧିକ ପୁରୁଣା ମଙ୍ଗଳ ଗ୍ରହର ଏକ ଖଣ୍ଡ ବୋଲି ଜଣାପଡ଼ିଛି । ଯାହାକୁ ନାସା ଅନୁସାରେ ପୃଥିବୀରେ ମିଳିଥିବା ସବୁଠାରୁ ପୁରୁଣା ମଙ୍ଗଳ ଗ୍ରହର ଉଲ୍କାକା ମଧ୍ୟରୁ ଅନ୍ୟତମ ଭାବେ ଗଣନା କରାଯାଉଛି । ମାଳୀର ତେଘାଜା ଲୁଣିଆ ଅଞ୍ଚଳରୁ ମିଳିଥିବାରୁ ଏହାର ନାମ 'ତେଘାଜା ୦୦୧' ରଖାଯାଇଛି । ଏହା ମଙ୍ଗଳ ଗ୍ରହର ପୃଷ୍ଠଭାଗ କିପରି ଗଠିତ ହୋଇଥିଲା ତଥା ଅତୀତରେ ସେଠାରେ ଜଳ କିପରି ପଥର ସହ କାର୍ଯ୍ୟ କରିଥିଲା, ତାହା ଜାଣିବାରେ ବୈଜ୍ଞାନିକମାନଙ୍କୁ ସାହାଯ୍ୟ କରିବ । ନାସାର ଜେଟ୍ ପ୍ରୋପଲସନ ଲାବୋରେଟୋରୀର ମୁଖ୍ୟ ଲେଖକ ୟାଙ୍ଗ ଲିଉ କହିଛନ୍ତି ଯେ ଏହି ଉଲ୍କାକାର ଅନନ୍ୟ ବୈଶିଷ୍ଟ୍ୟଗୁଡ଼ିକ ନିକଟରୁ ଯାଞ୍ଚ କଲା ପରେ ସ୍ପଷ୍ଟ ହୋଇଛି ଏବଂ ଜଣେ ସମୀକ୍ଷକ ଏହାକୁ ମଙ୍ଗଳ ଗ୍ରହର 'ରୋସେଟା ଷ୍ଟୋନ୍' ବୋଲି ବର୍ଣ୍ଣନା କରିଛନ୍ତି । ଏହାର ବୟସ, ଗଠନ ଏବଂ ଆଗ୍ନେୟଗିରି ଖଣିଜ ପଦାର୍ଥ ଯୋଗୁଁ ଏହା ସ୍ୱତନ୍ତ୍ର ହୋଇଥିବାବେଳେ, ଏଥିରେ ଥିବା ଜଳର ମାତ୍ରା ଏବଂ ପ୍ରାଚୀନ ଜଳ କାର୍ଯ୍ୟକଳାପର ସୂଚନା ପ୍ରାଚୀନ ମଙ୍ଗଳ ଗ୍ରହରେ ଏକ ସକ୍ରିୟ ଜଳଚକ୍ର ରହିଥିବା ସମ୍ଭାବନାକୁ ଦର୍ଶାଉଛି ।



ତିନିବର୍ଷ ପରେ ବ୍ରେକଅପ



ବଲିଉଡ୍ ଅଭିନେତା ଇବ୍ରାହିମ୍ ଅଲୀ ଖାନ୍ ଏବଂ ଅଭିନେତ୍ରୀ ପଲକ ତିୱାରୀଙ୍କ ପ୍ରେମ ସମ୍ପର୍କକୁ ନେଇ ଅନେକ ଚର୍ଚ୍ଚା ହୋଇଥାଏ । ହେଲେ ପ୍ରାୟ ତିନି ବର୍ଷର ପ୍ରେମ ସମ୍ପର୍କ ପରେ ଉଭୟଙ୍କର ବ୍ରେକଅପ ହୋଇଥିବାନେଇ ଆଲୋଚନା ହେଉଛି । ଏକ ରିପୋର୍ଟ ଅନୁଯାୟୀ, ଦୁହେଁ ଆପୋଷ ସହମତିରେ ନିଜ ସମ୍ପର୍କର ଅନ୍ତ ଘଟାଇବାକୁ ନିଷ୍ପତ୍ତି ନେଇଛନ୍ତି । ତେବେ ଇବ୍ରାହିମଙ୍କ ପଟୁ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡିଥିବା କଥାନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି । ତେବେ ଏହି ବ୍ରେକଅପର ପ୍ରଭାବ ସେମାନଙ୍କ ପ୍ରଫେସନାଲ ଲାଇଫ ଉପରେ ମଧ୍ୟ ପଡିଥିବା ଦେଖିବାକୁ ମିଳୁଛି । ଉଲ୍ଲେଖଯୋଗ୍ୟ ଯେ, ସୈଫ୍ ଅଲୀ ଖାନ୍‌ଙ୍କ ପୁଅ ଇବ୍ରାହିମ୍ ଏବଂ ଶ୍ୱେତା ତିୱାରୀଙ୍କ ଝିଅ ପଲକଙ୍କ ମଧ୍ୟରେ ୨୦୨୨ ମସିହାରେ ମୁମ୍ବାଇର ଏକ ରେସ୍ତୋରାଁରୁ ଏକାଠି ବାହାରିବା ପରଠାରୁ ଡେଟିଂ ଖବର ଚର୍ଚ୍ଚାକୁ ଆସିଥିଲା । ତେବେ ଗଣମାଧ୍ୟମରେ ସେମାନଙ୍କ ସମ୍ପର୍କ ଓ ବର୍ତ୍ତମାନର ବିଚ୍ଛେଦକୁ ନେଇ ଜୋରଦାର ଚର୍ଚ୍ଚା ଚାଲିଥିଲେ ହେଁ, ଉଭୟଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ସ୍ୱୀକାରୋକ୍ତି ଦିଆଯାଇନାହିଁ ।

ସୋସିଆଲ କୋଟ୍ସ



ରଙ୍ଗୀଲା ଫିଲ୍ମରେ ଉର୍ମିଲା ମାତୋଣ୍ଡକର ଡ୍ୟାନ୍ସ ନିଜେନିଜେ କୋରିଓଗ୍ରାଫ କରିଥିଲେ । ସେଦିନ କୋରିଓଗ୍ରାଫର ଆସି ନଥିଲେ ତେଣୁ ସେ ଏହାକୁ ନିଜେ କରିଥିଲେ ।

ରାମ ଗୋପାଲ ବର୍ମା, ଫିଲ୍ମମେକର



ବଲିଉଡ ହିରୋଙ୍କୁ ସାଉଥରେ ଭିଲିଆନ ଚରିତ୍ର ମିଳିଥାଏ । ଯାହା ମୋତେ ପସନ୍ଦ ଆସେ ନାହିଁ। ତେଣୁ ମୁଁ ସାଉଥ ଠାରୁ ଦୂରରେ ରହେ ।


ସୁନିଲ ସେଟ୍ଟି, ଅଭିନେତା



ଭାବି ଜୀ ଘର ପର ହେ ସବୁବେଳେ ମୋ ହୃଦୟର ନିକଟତର ରହିବ । ଏହି ସେଟ୍‌ରୁ ମୁଁ ଅନେକ କିଛି ଶିଖିଛି । ଶୋ କୁ ମିସ କରିବି ।

ଶୁଭାଙ୍ଗି, ଅଭିନେତ୍ରୀ

ଦିବ୍ୟାଙ୍ଗଙ୍କର ଏଭରେଷ୍ଟ ଚଢ଼ା




ରିୟାଣାର କର୍ନାଲସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଚିଫ୍ ମ୍ୟାନେଜର ପ୍ରଦୀପ ମୁଣ୍ଡେଜା , ଏଭରେଷ୍ଟ ବେସ୍ କ୍ୟାମ୍ପ (୫,୩୬୪ ମିଟର) ସଫଳତାର ସହ ଆରୋହଣ କରି ସୋସିଆଲ ମିଡିଆରେ ବେଶ ଚର୍ଚ୍ଚାରେ ରହିଛନ୍ତି । ତେବେ ଜଣେ ଶ୍ରୁତି ବାଧିତ ଦିବ୍ୟାଙ୍ଗ ହୋଇଥିବାରୁ ତାଙ୍କୁ ଅନେକ ପ୍ରତିକୂଳ ପରିସ୍ଥିତିକୁ ସାମନା କରିବାକୁ ପଡିଥିଲା । ମାତ୍ର ସାତ ବର୍ଷ ବୟସରୁ ସମ୍ପୂର୍ଣ୍ଣ ଶ୍ରବଣଶକ୍ତି ହରାଇଥିବା ମୁଣ୍ଡେଜା କଠିନ ପ୍ରଶିକ୍ଷଣ ଓ ମାନସିକ ଦୃଢ଼ତା ବଳରେ ଦୁର୍ଗମ ପାହାଡ଼ିଆ ରାସ୍ତା, କମ୍ ଅମ୍ଳଜାନ, ଅତ୍ୟଧିକ ଥଣ୍ଡା ଏବଂ ଅପ୍ରତ୍ୟାଶିତ ପାଣିପାଗ ସତ୍ତ୍ୱେ ଏହି ୧୩୦ କିଲୋମିଟର ପରିଶ୍ରମପୂର୍ଣ୍ଣ ପଦଯାତ୍ରା ସମ୍ପୂର୍ଣ୍ଣ କରିଛନ୍ତି । ନିଜର ଏହି ସଫଳତାକୁ ଏକ ସ୍ୱପ୍ନ ସାକାର ହେବାର ଯାତ୍ରା ବୋଲି ସେ ଅଭିହିତ କରିଛନ୍ତି । ଏହାସହ ଦୃଢ଼ ସଂକଳ୍ପ ଓ ପ୍ରସ୍ତୁତି ଥିଲେ କୌଣସି ସ୍ୱପ୍ନ ପୂରଣ ହେବାରୁ ବଞ୍ଚିତ ହୋଇପାରିବ ନାହିଁ ବୋଲି ସେ ମତ ଦେଇଛନ୍ତି । ସୋସିଆଲ ମିଡିଆରେ ତାଙ୍କର କାହାଣୀ ଖୁବ ଭାଇରାଲ ହେବାରେ ଲାଗିଛି । ସମସ୍ତେ ତାଙ୍କର ମନବଳ ଓ ଇଚ୍ଛାଶକ୍ତିର ଖୁବ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି ।

ଚିଣ୍ଟୁ- ସାଙ୍ଗ ଗୋଟେ ଗଡବଡ ହୋଇଗଲା, ଗୋଲୁ-କଣ ହେଲା ଭାଇ ?
ଚିଣ୍ଟୁ- ମୋର ଗୋଟେ ସାଙ୍ଗ ମୋତେ ସବୁବେଳେ କହୁଛି କିଛି ଅଲଗା କର ।
ଗୋଲୁ- ହଁ ତ ତୁ କ'ଣ କରିଦେଲୁ ?
ଚିଣ୍ଟୁ- ମୁଁ ତା'ର ଗାର୍ଲଫ୍ରେଣ୍ଡ ଠାରୁ ଅଲଗା କରିଦେଲି, ଏବେ ମୋତେ ବନ୍ଧୁକ ନେଇ ଖୋଜୁଛି ସେ ।

ହାଃହାଃ

ମୋଥି ମଟର ପିଛା



ସାମଗ୍ରୀ : ୨୫୦ ପନିର୍, ଏକ କପ୍ ମୋଥି, ଏକ କପ୍ ମଟର, ୪ଟି ପିଆଜ କଟା, ୩ଟି ଟମାଟୋ, ୨ଟି କଞ୍ଚା ଲଙ୍କା, ଏକ ଚାମଚ ଗରମ ମସଲା, ଅଧା ଚାମଚ ଲଙ୍କା ଗୁଣ୍ଡ, ଅଳ୍ପ ପରିମାଣ ଧନିଆ ପତ୍ର`

ପ୍ରଣାଳୀ : ପ୍ରଥମେ ମିଡିଅମ୍ ଆଞ୍ଚରେ ପ୍ୟାନ୍‌ରେ ତେଲ ପକାଇ ଗରମ ପାଇଁ ରଖନ୍ତୁ । ଏଥିରେ ପନିରକୁ ହାଲୁକା ଗୋଲ୍ଡେନ ହେବା ଯାଏଁ ଭାଜି କାଢି ନିଅନ୍ତୁ । ସେହି ବଳକା ତେଲରେ ପିଆଜ ଓ କଞ୍ଚାଲଙ୍କା ଭାଜନ୍ତୁ । କିଛି ସମୟ ପରେ ଏଥିରେ ଗରମ ମସଲା, ମୋଥି ପତ୍ର, ମଟର ପକାଇ ଅଳ୍ପ ସମୟ ଭାଜନ୍ତୁ । ଏହାପରେ ଲଙ୍କାଗୁଣ୍ଡ, ଲୁଣ ପକାନ୍ତୁ । ଏହାକୁ ତେଲ ଛାଡିବା ପର୍ଯ୍ୟନ୍ତ ଭାଜନ୍ତୁ` ଏହାପରେ ଯେତିକି ଦରକାର ସେତିକି ପାଣି ଦେଇ ଅଳ୍ପ ସମୟ ରାନ୍ଧନ୍ତୁ । କିଛି ସମୟ ପରେ ଏଥିରେ ପନିର ପକାନ୍ତୁ । ପାଞ୍ଚମିନିଟ୍ ପରେ ଧନିଆ ପତ୍ର ପକାଇ ଆଞ୍ଚ ବନ୍ଦ କରିନିଅନ୍ତୁ । ପ୍ରସ୍ତୁତ ହୋଇଗଲା ମୋଥି ମଟର ପନିର ତରକାରୀ ।



ମେଷ - ବନ୍ଧୁ ସହଯୋଗ, ଆର୍ଥିକ ଉନ୍ନତି, ଦୂରଯାତ୍ରା, ଆଶାରେ ବିଫଳ, ଶରୀର ସୁସ୍ଥ, ବ୍ୟବସାୟରେ ସ୍ୱଳ୍ପଲାଭ, ମାମଲା ସମାଧାନ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ଧଳା, ସଂଖ୍ୟା - ୯, ଆରାଧନା - ପ୍ରଭୁ ହନୁମାନ ।

ବୃଷ - ଶରୀର ଅସୁସ୍ଥ, ଯାନବାହନରେ ସତର୍କ, କଚେରୀ ମାମଲା, ବ୍ୟବସାୟିକ କଷ୍ଟ, ବନ୍ଧୁ ସହଯୋଗ, ସମ୍ମାନ ହାନି,ଗୃହେ ସମସ୍ୟା, ପିଲାଙ୍କ ଚିନ୍ତା, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ନୀଳ, ସଂଖ୍ୟା - ୬, ଆରାଧନା - ମା ବଗଳାମୁଖୀ ।

ମିଥୁନ- କାର୍ଯ୍ୟେଉନ୍ନତି,ବାଣିଜ୍ୟେ ଲାଭ, ଲୋକସମ୍ପର୍କ ବୃଦ୍ଧି, ଶରୀର ସୁସ୍ଥ, ବନ୍ଧୁ ସହଯୋଗ, ଯାତ୍ରାରେ ସତର୍କ, ଅର୍ଥ ସମସ୍ୟା, ପାରିବାରିକ ସୁଖ, ପୂନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ଗୋଲାପୀ, ସଂଖ୍ୟା - ୬, ଆରାଧନା - ମା ଭଗବତୀ ।

କର୍କଟ - ବନ୍ଧୁ ଲାଭ, ଦୂରଯାତ୍ରା, ସମସ୍ୟା ଭୋଗ, ଆଶାରେ ବିଫଳ, ଶରୀର କଷ୍ଟ, ଗୃହେ ଉତ୍ସବ, ଭୂ ସମ୍ପତ୍ତି ଲାଭ, ଭାତୃ କଳହ, ଅଶ୍ଲେଷା ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - କଫି, ସଂଖ୍ୟା - ୬, ଆରାଧନା - ପ୍ରଭୁ ଲୋକନାଥ ।

ସିଂହ - ମାନସିକ କଷ୍ଟ, ସନ୍ତାନ ଚିନ୍ତା, ବାଣିଜ୍ୟେ ଲାଭ, ଦୂରଯାତ୍ରା, ଶୁଭସମାଚାର,ଗୃହେ ସହଯୋଗ, ଅର୍ଥକଷ୍ଟ, ପୂର୍ବା ଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ଧଳା, ସଂଖ୍ୟା - ୫, ଆରାଧନା - ମା ବୃନ୍ଦାବତୀ ।

କନ୍ୟା - ଶରୀର କଷ୍ଟ, ଲୋକସମ୍ପର୍କ, ବନ୍ଧୁଲାଭ, ସମ୍ପତ୍ତି ବିବାଦ, ଦୂରଯାତ୍ରା, ଅର୍ଥଲାଭ, ବିବାଦ ସମାଧାନ, ଯାନ୍ତ୍ରିକ ତ୍ରୁଟି, ପିଲାଙ୍କ କଷ୍ଟ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ନାରଙ୍ଗୀ, ସଂଖ୍ୟା - ୪, ଆରାଧନା - ମହାଲକ୍ଷ୍ମୀ ।

ତୁଳା - ଶରୀର ସୁସ୍ଥ, ମାନସିକ ଅବସାଦ, ସନ୍ତାନ ଖୁସି, ବାଣିଜ୍ୟେ ଲାଭ, ସମ୍ପର୍କରେ ଉନ୍ନତି, ଗୃହେ ସମସ୍ୟା, ମାମଲା ସମାଧାନ, ଦାମ୍ପତ୍ୟସୁଖ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ଧଳା, ସଂଖ୍ୟା - ୩, ଆରାଧନା - ଶଙ୍କର ଭଗବାନ ।

ବିଛା - କାର୍ଯ୍ୟେ ବିଳମ୍ବ, ଅର୍ଥସମସ୍ୟା, ଶରୀର ସୁସ୍ଥ, ମାନସିକ ଅବସାଦ, ସମ୍ପତ୍ତି ବିବାଦ, ଭାତୃସ୍ନେହ, ସନ୍ତାନଖୁସି, ସମ୍ମାନିତ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ହଳଦୀ, ସଂଖ୍ୟା - ୭, ଆରାଧନା - ପ୍ରଭୁ ଜଗନ୍ନାଥ ।

ଧନୁ - ସମ୍ମାନ ପ୍ରାପ୍ତି, ଅର୍ଥଲାଭ, କର୍ମେ ଉନ୍ନତି, ଲୋକସମ୍ପର୍କ ବୃଦ୍ଧି, ପୁରୁଣା ବିବାଦ, ଦୂରଯାତ୍ରା, ବ୍ୟବସାୟରେ ଲାଭ, ସୁମିଷ୍ଟ ଭୋଜନ ପ୍ରାପ୍ତି, ପୂର୍ବାଷାଢା ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ଧଳା, ସଂଖ୍ୟା - ୧୦, ଆରାଧନା - ମା ଲକ୍ଷ୍ମୀ ।

ମକର - ଯାତ୍ରାରେ ଅସଫଳ, ଶରୀର କଷ୍ଟ, ଅର୍ଥସମସ୍ୟା, ସମ୍ପର୍କରେ ବାଧା, ମାନସିକ ଅବସାଦ, ଦ୍ରବ୍ୟଲାଭ, ଅନୁଷ୍ଠାନର ଉନ୍ନତି, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ନୀଳ, ସଂଖ୍ୟା - ୨, ଆରାଧନା - ମା ମଙ୍ଗଳା ।

କୁମ୍ଭ - ଅର୍ଥଲାଭ, ଦେବକାର୍ଯ୍ୟେ ଆନନ୍ଦ, ସମ୍ପର୍କରେ ଉନ୍ନତି, ଅତିଥି ଲାଭ, ଦ୍ରବ୍ୟପ୍ରାପ୍ତି, ବିଦ୍ୟାରେ ସଫଳ, ଶରୀର ସୁସ୍ଥ, ନୂତନ ବ୍ୟବସାୟ, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - କଳା, ସଂଖ୍ୟା - ୮, ଆରାଧନା - ଗ୍ରାମଦେବୀ ।

ମୀନ - ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା, କାର୍ଯ୍ୟେସଫଳ, ସନ୍ତାନ ଖୁସି, ଅର୍ଥପ୍ରାପ୍ତି, ବ୍ୟବସାୟରେ ଲାଭ,ଗୃହେ ଉତ୍ସବ, ଅତିଥି ଲାଭ, ସମ୍ପତ୍ତି ବିବାଦ, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ହଳଦୀ, ସଂଖ୍ୟା - ୮, ଆରାଧନା - ଲକ୍ଷ୍ମୀ ନାରାୟଣ ।

କାର୍ତ୍ତିକ କୃଷ୍ଣ ପକ୍ଷ ସପ୍ତମୀ
୧.୧୧.୨୦୨୬, ରବିବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୧୭୨୮୪୩୩୮

ରାଷ୍ଟ୍ରୀୟ ଏକତା ଦିବସ-୨୦୨୬ରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ସର୍ଦ୍ଦାର ପଟେଲଙ୍କ ଆଦର୍ଶରେ ଗଢ଼ିବୁ ସମୃଦ୍ଧ ଓ ବିକଶିତ ଓଡ଼ିଶା

ଭୁବନେଶ୍ୱର, (ସବ୍ୟୁ): ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନିଜର ଅସାଧାରଣ ରାଜନୈତିକ ଦୂରଦୃଷ୍ଟି, ଦୃଢ଼ ଇଚ୍ଛାଶକ୍ତି ଏବଂ ବାସ୍ତବବାଦୀ ନେତୃତ୍ୱ ବଳରେ ୫୬୦ରୁ ଅଧିକ କ୍ଷୁଦ୍ର ଓ ବୃହତ୍ ରାଜ୍ୟକୁ ଏକତ୍ରିତ କରି ଏକ ବିଶାଳ, ଶକ୍ତିଶାଳୀ ଭାରତର ମୂଳଦୁଆ ପକାଇଥିଲେ । ତାଙ୍କ ଜନ୍ମ ଦିବସ କେବଳ ଜୟନ୍ତୀ ପାଳନର ଦିନ ନୁହେଁ, ବରଂ ଏହା ଆମର ସାମୂହିକ ସଂକଳ୍ପ, ଦେଶପ୍ରେମ ଏବଂ ଜାତୀୟ ଅଖଣ୍ଡତା ପ୍ରତି ଆମର ଅଙ୍ଗୀକାରବଦ୍ଧତାର ପ୍ରତୀକ ଅଟେ ବୋଲି ଆଜି 'ଲୌହ ମାନବ' ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପବିତ୍ର ଜୟନ୍ତୀ ଅବସରରେ OSAP ୭ମ ବାଟାଲିୟନ ପରେଡ ପଡ଼ିଆଠାରେ ଆୟୋଜିତ 'ରାଷ୍ଟ୍ରୀୟ ଏକତା ଦିବସ' କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

କାର୍ଯ୍ୟକ୍ରମରେ ଓଡ଼ିଶା ପୋଲିସ ବାହିନୀର ନିଷ୍ଠା, କଠିନ ପରିଶ୍ରମ ଓ ଦକ୍ଷତାର ଭୂୟସୀ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ ରାଜ୍ୟ ସରକାରଙ୍କ ଦୃଢ଼ ପଦକ୍ଷେପ ଏବଂ ପୋଲିସର ନିରନ୍ତର ଅଭିଯାନ ଫଳରେ ଓଡ଼ିଶା ଆଜି ନକ୍ସଲ ତଥା ମାଓବାଦୀ ହିଂସା କବଳରୁ ମୁକ୍ତ ହେବା ଦିଗରେ ବଡ଼ ସଫଳତା ହାସଲ କରିଛି । ଦିନେ ଯେଉଁ ଜିଲ୍ଲାଗୁଡ଼ିକରେ ଲୋକେ ଦିନବେଳେ ମଧ୍ୟ ଯାତାୟାତ କରିବାକୁ ଭୟ କରୁଥିଲେ, ଆଜି ସେହି ଭୟ ଓ ଆତଙ୍କର ପରିବେଶ ଆଉ ନାହିଁ । ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଓ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ଆଜି ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହୋଇପାରିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି ।



ରାଜ୍ୟର ଶିଳ୍ପାୟନ ଓ ଆଭ୍ୟନ୍ତରୀଣ ସୁରକ୍ଷା ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ଦୁଇ ବର୍ଷ ଧରି ରାଜ୍ୟରେ ଶିଳ୍ପାୟନର ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି ଏବଂ ଦେଶ-ବିଦେଶର ଶିଳ୍ପପତିମାନେ ଓଡ଼ିଶାରେ ପୁଞ୍ଜିନିବେଶ କରୁଛନ୍ତି । ଶିଳ୍ପ ଓ ବ୍ୟବସାୟର ବିକାଶ ପାଇଁ ଶାନ୍ତି, ସୁରକ୍ଷା ଓ ସୁଦୃଢ଼ ଆଇନଶୃଙ୍ଖଳା ନିତ୍ୟାନ୍ତ ଆବଶ୍ୟକ ଥିବାବେଳେ ଓଡ଼ିଶା ପୋଲିସର ନିଷ୍ଠାପର ଉଦ୍ୟମ ଯୋଗୁଁ ରାଜ୍ୟରେ ଏକ ଶାନ୍ତିପୂର୍ଣ୍ଣ ଓ ଅନୁକୂଳ ପରିବେଶ ବଜାୟ ରହିଛି । ସେହିପରି ସ୍ୱାଧୀନତା ସଂଗ୍ରାମ ତଥା ଗଡ଼ଜାତ ମିଶ୍ରଣରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ସମେତ ଓଡ଼ିଶାର ବରପୁତ୍ରମାନଙ୍କ ଅବଦାନକୁ ସ୍ମରଣ କରି ଜାତି, ଧର୍ମ, ବର୍ଣ୍ଣ କିମ୍ବା ଭାଷାର ସୀମା ବାହାରେ ସମସ୍ତେ ପ୍ରଥମେ ଭାରତୀୟ ଓ ଓଡ଼ିଆ ହୋଇ ଏକ 'ସମୃଦ୍ଧ ଓ ବିକଶିତ ଓଡ଼ିଶା' ଗଠନ ପାଇଁ ସଙ୍କଳ୍ପ ନେବାକୁ ସେ ଆହ୍ୱାନ ଜଣାଇଛନ୍ତି । ଏହି ଅବସରରେ ଗୁଜରାଟର ଏକ୍ତା ନଗର ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିରେ ଆୟୋଜିତ ଜାତୀୟ ରାଷ୍ଟ୍ରୀୟ ଏକତା ଦିବସ ପରେଡ୍ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ । ଏହି ସମାରୋହରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୁଇନ୍ଦା ନିର୍ଦ୍ଦେଶକ ଆର୍.ପି. କୋଚେଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ, କର୍ମଚାରୀ ବୃନ୍ଦ ଏବଂ ଅନ୍ୟାନ୍ୟ ଅତିଥିବୃନ୍ଦ ଅଂଶଗ୍ରହଣ କରିଥିଲେ ।



ଭୁବନେଶ୍ୱର ଭୋଟପଡା ଜୟ ମା' ଦରିଆଣୀ କ୍ଲବ ପକ୍ଷରୁ ଆୟୋଜିତ ଗଜଲକ୍ଷ୍ମୀ ପୂଜା ଉତ୍ସବରେ ଅତିଥି ଭାବେ ଉପସ୍ଥିତ ଅଛନ୍ତି 'ସମୟ'ର ନିର୍ଦ୍ଦେଶିକା ଅନିତା ମହାନ୍ତି ଓ ବରିଷ୍ଠ ବିଜେପି ନେତା ଗୋଲକ ମହାପାତ୍ର । ମଞ୍ଚରେ ଅଛନ୍ତି କ୍ଲବର ସଭାପତି ଦାଶରଥି ନାୟକ ଓ ସଂପାଦକ ଦିଲ୍ଲୀପ କୁମାର ନାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତାଗଣ ।

୨୭ ବର୍ଷ ଧରି ବିଇ ପ୍ରାପ୍ୟ ଦେଲେନି ସରକାର

ଅଦାଲତ ନିର୍ଦ୍ଦେଶ ପରେ ବ୍ୟାରେଜ୍ ଡିଭିଜନ୍ କାର୍ଯ୍ୟାଳୟ କୋରଖ

କଟକ, (ସବ୍ୟୁ): ସରକାରୀ ବିଭାଗର ଅବହେଳା ଓ ଅଦାଲତଙ୍କ ନିର୍ଦ୍ଦେଶକୁ ଦୀର୍ଘଦିନ ଧରି ପାଳନ ନ କରିବାର ପରିଣାମ ଏବେ ସାମ୍ନାକୁ ଆସିଛି । ପ୍ରାୟ ୨୭ ବର୍ଷ ତଳର ଏକ ନିର୍ମାଣ କାର୍ଯ୍ୟର ପ୍ରାପ୍ୟ ଅର୍ଥ ପ୍ରଦାନ ନ କରିବାରୁ କଟକ ଗଣ୍ଡରପୁରସ୍ଥିତ ବ୍ୟାରେଜ୍ ଡିଭିଜନ୍ କାର୍ଯ୍ୟାଳୟକୁ କଟକ କମର୍ସିଆଲ୍ ଅଦାଲତଙ୍କ ନିର୍ଦ୍ଦେଶରେ କୋରଖ କରାଯାଇଛି । ଫଳରେ ଏକ ସରକାରୀ କାର୍ଯ୍ୟାଳୟ ଅଦାଲତଙ୍କ ଅଧୀନକୁ ଚାଲିଯିବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି । ୧୯୯୯ ମସିହାରେ କେନ୍ଦ୍ରାପଡ଼ା କେନାଲର ସମ୍ପ୍ରସାରଣ କାର୍ଯ୍ୟ ବିଇ ଇଞ୍ଜିନିୟରିଂ ସଂସ୍ଥାକୁ ଦିଆଯାଇଥିଲା । ସଂସ୍ଥା କାର୍ଯ୍ୟ ଆରମ୍ଭ କରିବା ପରେ ସରକାରଙ୍କ ପକ୍ଷରୁ ଉକ୍ତ କାମକୁ ବାତିଲ୍ କରି ଦିଆଯାଇଥିଲା । ତେବେ କାର୍ଯ୍ୟ ବାତିଲ୍ ହେବା ପରେ ମଧ୍ୟ ସଂସ୍ଥାକୁ ତା'ର ନ୍ୟାୟସଙ୍ଗତ ପ୍ରାପ୍ୟ ମିଳିନଥିଲା । ପ୍ରାପ୍ୟ ପାଇଁ ସଂସ୍ଥା ପକ୍ଷରୁ ପ୍ରଥମେ ଆଡଜୁଡିକେସନ୍‌ର ଆଶ୍ରୟ ନିଆଯାଇଥିଲା । ସେଠାରେ ସଂସ୍ଥାକୁ ପ୍ରାୟ ୯ କୋଟି ଟଙ୍କା ପ୍ରଦାନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ହୋଇଥିଲା । ଏହି ଆଦେଶକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ଆର୍ବିଟ୍ରେସନ୍‌କୁ ଯାଇଥିଲେ । ସେଠାରେ ମଧ୍ୟ ପୂର୍ବ ଆଦେଶ କାଏମ୍ ରହିଥିଲା । ପରେ ରାଜ୍ୟ ସରକାର କଟକ କମର୍ସିଆଲ୍ ଅଦାଲତର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସେଠାରେ ସରକାରଙ୍କୁ ନିରାଶ ହେବାକୁ ପଡ଼ିଥିଲା । ଅଭିଯୋଗ ହେଉଛି, ବାରମ୍ବାର ଆଇନଗତ ପରାଜୟ ଓ ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସଂସ୍ଥାକୁ ପ୍ରାପ୍ୟ ଅର୍ଥ ପ୍ରଦାନ କରାଯାଇନଥିଲା । ଫଳରେ ମୂଳ ପ୍ରାପ୍ୟ ସହ ସୁଧ ଯୋଡ଼ି ଏହି ଅର୍ଥରାଶି ଏବେ ପ୍ରାୟ ୩୦ କୋଟି ଟଙ୍କାରେ ପହଞ୍ଚିଥିବା କୁହାଯାଉଛି । ସମୟ ମଧ୍ୟରେ ୯ କୋଟି ଟଙ୍କାର ସମାଧାନ କରାଯାଇଥିଲେ ଆଜି ରାଜକୋଷ ଉପରେ ଏତେ ବଡ଼ ଅତିରିକ୍ତ ଆର୍ଥିକ ବୋଝ ପଡ଼ିନଥାନ୍ତା ବୋଲି ମତ ପ୍ରକାଶ ପାଇଛି ।

ଶହେ ବର୍ଷ ପୁରୁଣା ମାମଲାର ସମାଧାନ : ମହାପ୍ରଭୁଙ୍କ ଖାତାକୁ ଫେରିଲା ୨୯ ଏକର ଜମି

କଟକ,(ସବ୍ୟୁ): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଜମିକୁ ନେଇ ଶହେ ବର୍ଷ ଧରି ଲାଗି ରହିଥିବା ବିବାଦର ଅନ୍ତ ଘଟିଛି । ରାଜସ୍ୱ ପର୍ଷଦ ସଦସ୍ୟ ସତ୍ୟବ୍ରତ ସାହୁଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଚକବନ୍ଦୀ କମିସନର ଏହି ଶହେ ବର୍ଷ ପୁରୁଣା ମାମଲାର ସମାଧାନ କରି ମହାପ୍ରଭୁ ଜଗନ୍ନାଥଙ୍କ ଖାତାକୁ ୪୫୦ କୋଟି ଟଙ୍କା ମୂଲ୍ୟର ୨୮ ଏକର ୮୪୦ ଡ଼ିସିମିଲ ଜମି ଫେରାଇ ଆଣିଛନ୍ତି । ତୁରନ୍ତ ଏହି ଜମିକୁ ମହାପ୍ରଭୁଙ୍କ ନାମରେ କରିବା ଲାଗି ପୁରୀ ତହସିଲ୍ଦାରଙ୍କୁ ଚକବନ୍ଦୀ କମିସନର ପ୍ରବୀର କୁମାର ନାୟକ ନିର୍ଦ୍ଦେଶ ଦେଇଛନ୍ତି । ମିଳିଥିବା ସୂଚନା ଅନୁସାରେ, ପୁରୀର ଏକ ମଠର ମହନ୍ତ ୧୯୨୨-୨୩ ମସିହାରେ ମହାପ୍ରଭୁ ଜଗନ୍ନାଥଙ୍କୁ ଏହି ୨୯ ଏକର ଜମି ଦାନ କରି ଦେଇଥିଲେ । ୧୯୨୭ ମସିହାରେ ଏହି ଜମି ସେଟେଲେମେଣ୍ଟ ରେକର୍ଡରେ ମହାପ୍ରଭୁ ଜଗନ୍ନାଥ ବିଜେ,ଉତ୍ତରପାର୍ଶ୍ୱ ମଠ ଦେବୋତ୍ତର ବୋର୍ଡ ଜରିଆରେ କରାଗଲା । କିନ୍ତୁ ୨୦୧୦ ମସିହା ଫେବୃଆରୀ ୧୮ ତାରିଖରେ ପୁରୀ ଅତିରିକ୍ତ ଉପ ଜିଲ୍ଲାପାଳ ଏହି ଜମିରୁ ମହାପ୍ରଭୁଙ୍କ ନାମକୁ କାଟିଦେଇ ମଠ ମହନ୍ତଙ୍କ ନାମରେ ଜମିଟି କରିଦେଇଥିଲେ । ମାତ୍ର ୨୬ ଦିନ ମଧ୍ୟରେ ଏହି ସମସ୍ତ ପ୍ରକ୍ରିୟା ଶେଷ କରାଯାଇଥିଲା । ୨୦୧୩ ମସିହାରେ ମହନ୍ତଙ୍କ ନାମରେ ଏହି ଜମିର ରେକର୍ଡ ଅଫ୍ ରାଇଟ୍ସ ପ୍ରସ୍ତୁତ କରାଗଲା । ଏହି ରେକର୍ଡ ଅଫ୍ ରାଇଟ୍ସକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚକବନ୍ଦୀ କମିସନରଙ୍କ ନିକଟରେ ଚ୍ୟାଲେଞ୍ଜ କରାଯାଇଥିଲା । ଏହି ମାମଲା ସଂକ୍ରାନ୍ତରେ ଐତିହାସୀକ ତଥ୍ୟ ଏବଂ ବିଭିନ୍ନ ଡକ୍ୟୁମେଣ୍ଟ ଦାଖଲ କରାଯାଇଥିଲା । ୨୦୧୦ ମସିହାରେ ତତ୍କାଳୀନ ଅତିରିକ୍ତ ଉପ ଜିଲ୍ଲାପାଳଙ୍କ ପକ୍ଷରୁ ଏହି ଜମିର ରେକର୍ଡକୁ ନେଇ ଯେଉଁ ପ୍ରକ୍ରିୟା କରାଯାଇଥିଲା ସେଥିରେ ବ୍ୟାପକ ତ୍ରୁଟି ରହିଥିବା ପରିଲକ୍ଷିତ ହୋଇଥିଲା । ଫଳରେ ଚକବନ୍ଦୀ କମିସନର ବିଭିନ୍ନ ପକ୍ଷ ଏବଂ ବିଭିନ୍ନ ରେକର୍ଡକୁ ତର୍ଜମା କରି ଉକ୍ତ ବିବାଦୀୟ ୨୯ ଏକର ଜମିର ଚୂଡ଼ାନ୍ତ ଚକବନ୍ଦୀ ରେକର୍ଡ କରାଯାଇଥିଲା ତାହାକୁ ବାତିଲ୍ କରି ଦେଇଛନ୍ତି । ରାଜସ୍ୱ ପର୍ଷଦ ସଦସ୍ୟ ଶ୍ରୀ ସାହୁଙ୍କ ମହାପ୍ରଭୁ ଜଗନ୍ନାଥ ତଥା ଦେବୋତ୍ତର ସମ୍ପତ୍ତି ଉଦ୍ଧାର ପାଇଁ କ୍ରମାଗତ ପ୍ରଚେଷ୍ଟା ଫଳରେ ଏବେ ଏହି ୨୯ ଏକର ଜମି ଫେରି ଆସିପାରିଛି । ଏହି ପଦକ୍ଷେପକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରଯାଇଛି ।

ରାଷ୍ଟ୍ରୀୟ ଏକତା ଦିବସରେ ସଦର ଥାନା ପୁଲିସର ଏକତା ଦୌଡ

ଖୋର୍ଦ୍ଧା, (ସବ୍ୟୁ): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଖୋର୍ଦ୍ଧା ସଦର ଥାନା ପୁଲିସ ପକ୍ଷରୁ ଏକତା ଦୌଡ଼ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏସ୍‌ପି ପରମାର ସ୍ମିଥ ପର୍ଶୋତମ ଦାସ ଙ୍କ ନିର୍ଦ୍ଦେଶ କ୍ରମେସଦର ଥାନା ଅଧିକାରୀ ବାସୁଦେବ ଜୟସିଂଙ୍କ ନେତୃତ୍ୱରେ କୁରାଡ଼ମଲ ଛକଠାରୁ ସଦର ଥାନା ପର୍ଯ୍ୟନ୍ତ ଏହି ଦୌଡ଼ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ନିଶାମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟରେ ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟ ସେବନର କୁପରିଣାମ ସମ୍ପର୍କରେ ସଚେତନ କରାଯାଇଥିଲା । ଏଥିସହ ଜାତୀୟ ଏକତା, ଭାଇଚାରା ଓ ସାମାଜିକ ସଂହତିର ବାର୍ତ୍ତା ପ୍ରସାର କରିବା ସହ ଏକ ସୁସ୍ଥ ଏବଂ ନିଶାମୁକ୍ତ ସମାଜ ଗଠନରେ ଯୁବପିଢ଼ିଙ୍କ ସକ୍ରିୟ ଭୂମିକା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥିରେ ଏସ୍‌ଆଇ ଚନ୍ଦନ ଦାସ, ଦୀପକ ପାକଳ, ସୁଜାତା ପଲେଇ, ଏଏସ୍‌ଆଇପ୍ରଦୀପ ପ୍ରଧାନ, ସୁବାଷ ନାୟକ, ମନଜିତ ଏକ୍କା, କନେଷ୍ଟବଳ ଶୁଭାଂଶୁ ଦଳେଇ, ସୁଧାକର ପାଟଶାଣୀ ପ୍ରମୁଖଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ର ଶତାଧିକ ଯୁବକ ସାମିଲ ହୋଇଥିଲେ ।

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha
PM SHRI

27001/207/2627

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

ପ୍ରଗତିପଥେ ସମଗ୍ରଶିକ୍ଷା

ଛାତ୍ରଛାତ୍ରୀମାନଙ୍କର ଗୁଣାତ୍ମକ ଶିକ୍ଷାକୁ ନିଶ୍ଚିତ କରିବାର ଏକ ପ୍ରୟାସ...

- ଶିଶୁବାଟିକା ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କୁ ସମଗ୍ର ଶିକ୍ଷା ଯୋଜନାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ।
- "ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ" ଦକ୍ଷତା ଅଭିବୃଦ୍ଧି ନିମନ୍ତେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଦ୍ୱାରା ପରିଚାଳିତ "ନିପୁଣ ଭାରତ ମିଶନ" ଅଧିନରେ "ନିପୁଣ ଓଡ଼ିଶା-ନିପୁଣ ଭାରତ" କାର୍ଯ୍ୟକ୍ରମ ପ୍ରଚଳନ ।
- ଏହି କାର୍ଯ୍ୟକ୍ରମରେ ଶିଶୁବାଟିକାରୁ ତୃତୀୟ ଶ୍ରେଣୀ ପିଲାମାନଙ୍କ ପାଇଁ ଭାଷା ଓ ଗଣିତ ବିଷୟରେ କାର୍ଯ୍ୟପୁସ୍ତିକା ତଥା ବିଭିନ୍ନ ପ୍ରକାରର ଅତିରିକ୍ତ ଶିକ୍ଷଣ ସାମଗ୍ରୀ ବିଦ୍ୟାଳୟ ସ୍ତରରେ ଉପଲବ୍ଧ ।
- ଶିଶୁବାଟିକାରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ "ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆଧାରିତ ଶ୍ରେଣୀ ଗୃହ"ପର୍ଯ୍ୟାୟକ୍ରମେ ସମସ୍ତ ପ୍ରାଥମିକ ବିଦ୍ୟାଳୟକୁ ସଂପ୍ରସାରିତ କରାଯିବାର ବ୍ୟବସ୍ଥା କରାଯାଉଅଛି ।
- ଏହି କାର୍ଯ୍ୟକ୍ରମର ସୁପରିଚାଳନା ଓ ତଦାରଖ ନିମନ୍ତେ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ।
- ଚତୁର୍ଥ ରୁ ନବମ ଶ୍ରେଣୀରେ ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ କାର୍ଯ୍ୟପୁସ୍ତିକା ଯୋଗାଇ ଦିଆଯାଇଅଛି ।
- ନିପୁଣ ଓଡ଼ିଶା ଏକବର୍ଷ ପୂର୍ତ୍ତି ଉପଲକ୍ଷେ ସେପ୍ଟେମ୍ବର ୫, ୨୦୨୫ରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟବ୍ୟାପୀ ପଠନ ଅଭିଯାନ "ପଢ଼ିବା, ଗଢ଼ିବା ଓଡ଼ିଶା"ର ଶୁଭାରମ୍ଭ । ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ବିଦ୍ୟାଳୟରେ ଚାଲୁରହିଛି ।
- "ପଢ଼ିବା, ଗଢ଼ିବା ଓଡ଼ିଶା" ଅଭିଯାନ ମାଧ୍ୟମରେ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାର୍ଥୀମାନଙ୍କ ମୌଳିକ ପଠନ ଦକ୍ଷତାକୁ ସୁଦୃଢ଼ କରି ସେମାନଙ୍କୁ ସ୍ୱାଧୀନ ପାଠକ କରିବା ଏବଂ ନିୟମିତ ପଠନ ଓ ଲିଖନର ଅଭ୍ୟାସ ବିକଶିତ କରିବାର ଲକ୍ଷ୍ୟ ରଖାଯାଇଛି ।
- ପିଏମ୍‌ଶ୍ରୀ ଅଧିନରେ ରାଜ୍ୟରେ ୭୬୨ ଗୋଟି ସରକାରୀ ବିଦ୍ୟାଳୟରେ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ବିଭିନ୍ନ କାର୍ଯ୍ୟକ୍ରମ ।
- ରାଜ୍ୟରେ ୩୨୨ଗୋଟି "ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ" ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ।
- ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ପ୍ରଥମ ରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟପୁସ୍ତକ ଯୋଗାଣ ।
- ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ପଢୁଥିବା ଶିଶୁବାଟିକା ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ "ଶିଶୁବାଟିକା","ସମଗ୍ର ଶିକ୍ଷା", "ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନା", "ପିଏମ୍‌ଶ୍ରୀ" ଏବଂ "ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ ଯୋଜନା" ଅଧିନରେ ପୋଷାକ ବିତରଣ ।
- ବାଳିକା ଶିକ୍ଷାର ଉନ୍ନତି ନିମନ୍ତେ ରାଜ୍ୟର ୩୩୫ଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ ।
- କୈଶୋର ଛାତ୍ରୀମାନଙ୍କ ପାଇଁ ବିଭିନ୍ନ ବିଦ୍ୟାଳୟରେ ଓ କସ୍ତୁରବା ଗାନ୍ଧୀ ଛାତ୍ରୀ ନିବାସରେ ଇନ୍‌ସିନେରେଟର ଓ ଭେଣ୍ଡିଂ ମେସିନ୍ ର ବ୍ୟବସ୍ଥା ।
- କୈଶୋର ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ପ୍ରଦାନ ।
- "ବର୍ଣ୍ଣାଳୀ" କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟର ଷଷ୍ଠ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାର୍ଥୀମାନଙ୍କ ପାଇଁ ସାମାଜିକ, ଲିଙ୍ଗଭିତ୍ତିକ ସମାନତା ଉପରେ ପାଠ୍ୟକ୍ରମର ପ୍ରଚଳନ ।
- ସହରାଞ୍ଚଳରେ ଶିକ୍ଷାରୁ ବଞ୍ଚିତ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୨୧ଟି ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆବାସିକ ଛାତ୍ରାବାସ / ବିଦ୍ୟାଳୟ ସ୍ଥାପନ ।
- ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟସ୍ତରରେ ଦୁର୍ଗମ / ଦୂରାନ୍ତ ଅଞ୍ଚଳର ପିଲାମାନଙ୍କ ନିମନ୍ତେ ବିଦ୍ୟାଳୟକୁ ଆସିବା ନିମନ୍ତେ ଜଣେ ଛାତ୍ରଛାତ୍ରୀ ପିଛା ବାର୍ଷିକ ୬୦୦୦ଟଙ୍କାର ରକ୍ଷଣ ଓ ଅନୁଗାମୀ ପ୍ରୋତ୍ସାହନ ରାଶି ଯୋଗାଣ ।
- ବିଦ୍ୟାଳୟ ବାହାରେ ଥିବା ବା ଅଧାରୁ ପାଠ ଛାଡ଼ିଥିବା ୦୬-୧୪ବର୍ଷର ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ବୟସ ଅନୁଯାୟୀ ଉପଯୁକ୍ତ ଶ୍ରେଣୀରେ ନାମଲେଖାଇ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ନିମନ୍ତେ ସ୍ୱତନ୍ତ୍ର ତାଲିମ ପ୍ରଦାନର ବ୍ୟବସ୍ଥା ।
- ୧୪ବର୍ଷରୁ ଉର୍ଦ୍ଧ୍ୱ ବୟସର ଯେଉଁ ଛାତ୍ରଛାତ୍ରୀମାନେ ମାଟ୍ରିକ୍ ଏବଂ +୨ ପର୍ଯ୍ୟନ୍ତ ଔପଚାରିକ ଶିକ୍ଷା ଲାଭ କରିପାରିନାହାନ୍ତି, ସେମାନଙ୍କ ପାଇଁ ରାଜ୍ୟ ମୁକ୍ତ ବିଦ୍ୟାଳୟ ଏବଂ ଜାତୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ପ୍ରତିଷ୍ଠାନ ମାଧ୍ୟମରେ ନାମଲେଖାଇବାର ସୁଯୋଗ ଓ ପ୍ରମାଣପତ୍ର ପ୍ରଦାନ ।
- ଭିନ୍ନକ୍ଷମ ଶିକ୍ଷାର୍ଥୀ ମାନଙ୍କ ଚିହ୍ନଟ ଓ ଡାକ୍ତରୀ ପରୀକ୍ଷା ଶିବିରର ଆୟୋଜନ, ସହାୟକ ଉପକରଣ, ବ୍ରେଲ୍ ବହି, ବଡ ଛପା ବହି, ସହାୟକ ଓ ଯାତାୟତ ଭତ୍ତା, ବାଳିକା ଛାତ୍ରବୃତ୍ତି, ଶିକ୍ଷକ ପ୍ରଶିକ୍ଷଣ, ଅଭିଭାବକ ତାଲିମ, ଥେରାପି ଇତ୍ୟାଦିର ବ୍ୟବସ୍ଥା ।
- ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ନିମନ୍ତେ ଜିଲ୍ଲା ଓ ବ୍ଲକ୍ ସ୍ତରରେ ୩୧୬ଟି ସମ୍ବଳ କେନ୍ଦ୍ର ଖୋଲାଯାଇ ଭିନ୍ନକ୍ଷମତା ଆକଳନ, ତାଲିମ, ଥେରାପି ଓ ପରାମର୍ଶ ଦିଆଯାଉଛି ।
- ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟର ପାଠାଗାର ପାଇଁ ଶ୍ରେଣୀ /ବୟସ ଭିତ୍ତିକ ପାଠାଗାର ପୁସ୍ତକ ଉପଲବ୍ଧ ।
- ରାଜ୍ୟରେ ୧୬୬୪ଗୋଟି ଉଚ୍ଚ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୫ଗୋଟି ଟ୍ରେଡ୍ କରିଆରେ ଧନ୍ଦାମୂଳକ ଶିକ୍ଷାର ପ୍ରଚଳନ ।
- ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବ୍ୟାବହାରିକ ଏବଂ କ୍ଷେତ୍ର ଭିତ୍ତିକ ଧନ୍ଦାମୂଳକ ଶିକ୍ଷା ପ୍ରଦାନ ନିମନ୍ତେ ରାଜ୍ୟର ୨୦ଗୋଟି ଜିଲ୍ଲାର ୨୬ଟି ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଡୁଆଲ ମୋଡ୍‌ରେ ଧନ୍ଦାମୂଳକ ଶିକ୍ଷା କାର୍ଯ୍ୟକ୍ରମ ପ୍ରଚଳନ ନିମନ୍ତେ ଓସେପା ଓ ଓୟୁଏଟି ମଧ୍ୟରେ ବୁଝାମଣପତ୍ର ସ୍ୱାକ୍ଷରିତ ।
- ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପଢୁଥିବା ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ବୃତ୍ତି ଚୟନର ଦିଗ୍‌ଦର୍ଶନ ନିମନ୍ତେ "ଓଡ଼ିଶା କ୍ୟାରିଅର ୱେବ୍ ସାଇଟ୍ - ଆମ ବୃତ୍ତି" ପ୍ରଚଳନ ।
- "ମା'ଙ୍କ ପାଇଁ ଗଛଟିଏ-୩.୦" କାର୍ଯ୍ୟକ୍ରମ ଅଧିନରେ ବିଦ୍ୟାଳୟସ୍ତରରେ ବ୍ୟାପକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ।
- ବିଦ୍ୟାଳୟସ୍ତରରେ ନୂତନ ଭାବରେ ବିଦ୍ୟାଳୟ ପରିଚାଳନା କମିଟି ଗଠନ ଓ ରାଜ୍ୟ ବ୍ୟାପୀ ଅଭିଭାବକ, ଶିକ୍ଷକ/ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ।
- ନିଶାମୁକ୍ତ ବିଦ୍ୟାଳୟ ଗଠନ ନିମନ୍ତେ ବିଦ୍ୟାଳୟରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମର ଆୟୋଜନ ।
- ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅନୁସୂଚିତ ଜନଜାତିର ପିଲାମାନଙ୍କୁ ନିଜ ମାତୃଭାଷାରେ ଶିକ୍ଷାଦାନ ପାଇଁ ପ୍ରାଥମିକ ବିଦ୍ୟାଳୟରେ 'ମାତୃଭାଷାଭିତ୍ତିକ ବହୁଭାଷୀ ଶିକ୍ଷାକାର୍ଯ୍ୟକ୍ରମର' ପ୍ରଚଳନ ।
- ରାଜ୍ୟସ୍ତରୀୟ "ସେବା ସଂକଳ୍ପ ଅଭିଯାନ-୨୦୨୬"ରେ ୩୦ଗୋଟି ଜିଲ୍ଲାର କୃତୀ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଅଛି ।
- ପିଲାମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ନିମନ୍ତେ "ସୁରଭି" କାର୍ଯ୍ୟକ୍ରମ ।
- ବିଦ୍ୟାଳୟ ସମ୍ପର୍କିତ ଅଭିଯୋଗ ଗ୍ରହଣ, ଅନୁଧ୍ୟାନ ଓ ସମାଧାନ ତଥା ଶିକ୍ଷଣ ଅଭିବୃଦ୍ଧି ତଦାରଖ ନିମନ୍ତେ ସ୍କୁଲ ଷ୍ଟୁଡେଣ୍ଟ ହେଲ୍ପଲାଇନ୍ ଟୋଲ୍ ଫ୍ରି ନମ୍ବର -୧୮୦୦-୩୪୫୬୭୨୨/୧୪୪୧୭ ସ୍ଥାପିତ ହୋଇଅଛି ।

OIPR: 27001/27068/2/26-27/0020

ସାହିତ୍ୟ ପତ୍ରିକା 'ଯୁଗ ପ୍ରବର୍ତ୍ତକ ର' ନୂତନ ସଂଖ୍ୟା ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ): ତ୍ରୈମାସିକ ସାହିତ୍ୟ ପତ୍ରିକା ଯୁଗ ପ୍ରବର୍ତ୍ତକର ନୂତନ ସଂଖ୍ୟା ଆଜି ଧଉଳି ପାଦ ଦେଶରେ ଅବସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟଠାରେ ଉନ୍ମୋଚିତ ହୋଇଯାଇଛି । ଏହି ସଂଖ୍ୟାରେ ଉପସ୍ଥାପନା ରହିଛି । ଏହି ପତ୍ରିକା ୨୦୧୭ ମସିହାରୁ ପ୍ରକାଶନ ଆରମ୍ଭ କରି ୧୦ ବର୍ଷ ଧରି ତାର ପ୍ରକାଶନ ଜାରି ରଖିଛି । ଗଣ ସାଂସ୍କୃତିକ ମଞ୍ଚ, ଭୁବନେଶ୍ୱର ପକ୍ଷରୁ ପ୍ରକାଶିତ ଏହି ପତ୍ରିକା କଳା ଓ ସାହିତ୍ୟ ଉଭୟ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଓଡ଼ିଶା ଲଳିତ କଳା ଏକାଡେମୀର ପୂର୍ବତନ ସମ୍ପାଦକଙ୍କ ଦ୍ୱାରା ଏହି ସଂଖ୍ୟା ଉନ୍ମୋଚିତ ହୋଇଛି । ଆଜିର ଏହି ଅନୁଷ୍ଠାନ ରେ ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ



ଧଉଳି ଚାରୁକଳା ମହାବିଦ୍ୟାଳୟର ପ୍ରତିଷ୍ଠାରୁ ଏପର୍ଯ୍ୟନ୍ତ କିପରି ଏକ ଉନ୍ନତ କଳାସାଧନାର ଅନୁଷ୍ଠାନ ଭାବେ ଗଢି ତୋଳାଯାଇଛି ତାର ଇତିହାସ ସମ୍ପର୍କରେ ଏକ ସ୍ୱତନ୍ତ୍ର ବିଷୟବସ୍ତୁ ନେଇ ତାର ଚର୍ଚ୍ଚା ଜାରୀ ରଖିଛି । ଆସନ୍ତା ୨୦ ଡିସେମ୍ବର ଦିନ ଏହି ପତ୍ରିକାରେ ବାର୍ଷିକ ଉତ୍ସବ ଜୟଦେବ ଭବନ ଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଆଜି ଭାସ୍କର୍ଯ୍ୟ ଶିଳ୍ପୀ ଅଧ୍ୟାପକ ଚନ୍ଦନ ସାମଲ, ପତ୍ରିକାର ସମ୍ପାଦକ ରାଜେନ୍ଦ୍ର ବର୍ମା, ଚିତ୍ରଶିଳ୍ପୀ ତଥା ପତ୍ରିକାର ଲେଖିକା ସୁଲୋଚନା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।


ହାତୀ ଆକ୍ରମଣରେ ମହିଳା ମୃତ

ନିରାକାରପୁର ,(ସବ୍ୟୁ) ।ଖୋର୍ଦ୍ଧା ବନଖଣ୍ଡ ଅଧୀନ ରଣପୁର ବନାଞ୍ଚଳରେ କିଛିଦିନ ହେଲା ହାତୀ ମଣିଷ ଲଢେଇ ଚାଲିଛି । କେତେବେଳେ ହାତୀ ମରୁଛି ତ କେତେବେଳେ ମଣିଷ । ଗୋଟିଏ ପଟେ ୧୬ ଟିକିଆ ହାତୀ ଆଉ ଗୋଟିଏ ପଟେ ଗୋଠଛଡା ହାତୀ ତା ସାଙ୍ଗକୁ ଦୁଇ ଟିକିଆ ଜଙ୍ଗଲୀ ହାତୀ ଉତ୍ପାତ କରି ଚାଲିଛନ୍ତି ଗତ ଶୁକ୍ରବାର ସନ୍ଧ୍ୟାରେ ଟାଙ୍ଗୀ -ରଣପୁର ବନାଞ୍ଚଳ ଗୋପାଳପୁର ଫରେଷ୍ଟର ଅଧୀନ ମୟୂରଝାଲିଆ ହରିହରପୁର ହନୁମାନ ମନ୍ଦିର ନିକଟରେ ଜଣେ ମହିଳା ଠିଆ ହୋଇଥିବା ବେଳେ ଜଙ୍ଗଲୀ ହାତୀ ମହିଳାଙ୍କୁ ଶୁଣ୍ଢରେ କିଛି ବାଟ ଟେକିନେଇ କଚାଡି ଦେଇଥିଲା । ଦେଖଣାହାରୀ ଲୋକମାନେ ପାଟିତୁଣ୍ଡ କରିବାରୁ ମହିଳାଙ୍କୁ ଛାଡି ହାତୀ ଜଙ୍ଗଲକୁ ପଳାଇ ଯାଇଥିଲା ।ମହିଳା ଜଣଙ୍କ ହେଉଛନ୍ତି ହରିହରପୁର ଗ୍ରାମର ଈଶ୍ୱର ବେହେରାଙ୍କ ସ୍ତ୍ରୀ ମମତା ବେହେରା (୪୧) । ଗୁରୁତର ଅବସ୍ଥାରେ ମହିଳାଙ୍କୁ ତୁରନ୍ତ ପରିବାର ଓ ଗ୍ରାମବାସୀ ଚାନ୍ଦପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ମହିଳାଙ୍କୁ ଭୁବନେଶ୍ୱର ଏମ୍ସକୁ ରେଫର କରିଥିଲେ । ତେବେ ବିଳମ୍ବିତ ରାତିରେ ରାତି ୧୨ଟାରେ ମହିଳାଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡିଛି ।

ପରୀକ୍ଷଣରୁ ଜ୍ଞାନ, ଅନୁସନ୍ଧାନରୁ ଆବିଷ୍କାର ଏବଂ କଳ୍ପନାରୁ ନବସୃଜନ

ୟୁନିଟ୍-୮ ଡିଏଭିରେ ବିଜ୍ଞାନ ସମ୍ମିଳନୀ – ଟେକ୍ ଟୋପିଆ ୨.୦

ଭୁବନେଶ୍ୱର, (ସବ୍ୟୁ): ବିଜ୍ଞାନ ପ୍ରତି ରୁଚି ଅଭିବୃଦ୍ଧି, ନବସୃଜନକୁ ପ୍ରୋତ୍ସାହନ, ଅଭିଜ୍ଞ ବୈଜ୍ଞାନିକମାନଙ୍କଠାରୁ ନୂତନ ଜ୍ଞାନକୌଶଳ ଗ୍ରହଣ ଆଦି ଉଦ୍ଦେଶ୍ୟ ନେଇ ଡିଏଭି ପବ୍ଲିକ୍ ସ୍କୁଲ୍, ୟୁନିଟ୍-୮ ପରିସରରେ ଏକ ବିଜ୍ଞାନ ସମ୍ମିଳନୀ – ଟେକ୍ ଟୋପିଆ ୨.୦ ଆୟୋଜିତ ହୋଇଯାଇଛି । ଏଥିରେ ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବର୍ତ୍ତମାନ ବିଶ୍ୱ ଏକ ସଙ୍କଟ ଓ ସଂଘର୍ଷମୟ ପରିସ୍ଥିତି ଦେଇ ଗତି କରୁଥିବାରୁ ଏକତା, ସହଯୋଗ ଓ ସହନଶୀଳତାର ହାତ ବଢ଼ାଇ ଏକ ସୁଖୀ, ସମୃଦ୍ଧ ଓ ସୌହାର୍ଦ୍ଦପୂର୍ଣ୍ଣ ସମାଜ ଗଠନରେ ଛାତ୍ରଛାତ୍ରୀମାନଙ୍କୁ ସକ୍ରିୟ ଭୂମିକା ନିର୍ବାହ କରିବାକୁ ଉଦ୍‌ବୋଧନ ଦେଇଥିଲେ । ପ୍ରଫେସର ମୃଣାଳ ଟାର୍ଜୀ ବିଜ୍ଞାନ ସଂ'ର କଳା ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ଡ. ଅଶୋକ ରଥ ମହାକଶ ବିଜ୍ଞାନ



ଓ ବୈଷୟିକ ଜ୍ଞାନକୌଶଳରେ ଭାରତର ସଫଳତା ଉପରେ ଆଲୋକପାତ କରିଥିଲେ । ଡ. ହର୍ଷିତ ଶୁକ୍ଳା ମହାକାଶର ରହସ୍ୟ ଅନୁସନ୍ଧାନ କରିବାର ମନୋଭାବ ଗଢ଼ି ତୋଳିବା ଉପରେ ଗୁରୁତ୍ୱ ଦେଇଥିଲେ । ଶ୍ରୀମତୀ ପଦ୍ମା ମହାନ୍ତି ଓ ତନ୍ମୟ ସାହୁ ଜିମ କୋର୍ବେଟ ବିଷୟରେ ଚଳଚ୍ଚିତ୍ର ପ୍ରଦର୍ଶନ କରି ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ପୂର୍ବତନ ଅଧିକାରୀ ହିମାଂଶୁ ଶେଖର ଶତପଥି ତଥା ବର୍ତ୍ତମାନର ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ସାହୁ ନୂତନ ଚିନ୍ତାଧାରାର ପ୍ରୟୋଗ, ପରୀକ୍ଷଣ ଓ ସୃଜନଶୀଳ ଅନୁସନ୍ଧାନ ମାଧ୍ୟମରେ ଆଲୋକପାତ କରିଥିଲେ । ଏତଦ୍ ବ୍ୟତୀତ ବିଜ୍ଞାନର ବିଭିନ୍ନ ବିଭାଗୀୟ ଏକ୍ସପେରିମେଣ୍ଟ ଏକ୍ସପୋରୁ ଛାତ୍ରଛାତ୍ରୀମାନେ ଜ୍ଞାନ ଆହରଣ କରିବାକୁ ସୁଯୋଗ ପାଇଥିଲେ । ବିଦ୍ୟାଳୟର ବିଜ୍ଞାନ ବିଭାଗ ପକ୍ଷରୁ ଏହି ସଚେତନତା ଧର୍ମୀ ସମ୍ମିଳନୀ ଯୁବପିଢ଼ିଙ୍କ ମନରେ ବୈଜ୍ଞାନିକ ମନୋଭାବ, ଅନୁସନ୍ଧିତ୍ସୁ ଓ ନୂତନ ଆବିଷ୍କାର ପ୍ରତି ଆଗ୍ରହୀ କରିବାକୁ ପ୍ରେରଣା ଯୋଗାଇବ ବୋଲି ବିଦ୍ୟାଳୟର ଅଧ୍ୟକ୍ଷା ଇପ୍‌ସିତା ଦାସ ମତବ୍ୟକ୍ତ କରିଥିଲେ ।

ଶିଶୁମାନଙ୍କ ପାଇଁ ମୌଳିକ ଭେଣ୍ଟିଲେସନ୍ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ଇଣ୍ଡିଆନ୍ ଏକାଡେମୀ ଅଫ ପେଡିଆଟ୍ରିକ୍ସ (ଆଇଏପି) ଓଡ଼ିଶା- ଆଇଏପି ଓଡ଼ିପେଡିକନ୍ ୨୦୨୬ର ୪୬ତମ ବାର୍ଷିକ ସମ୍ମିଳନୀର ପ୍ରାକ୍- ସମ୍ମିଳନୀ କର୍ମଶାଳା ଅଂଶ ଭାବରେ ଶିଶୁମାନଙ୍କ ପାଇଁ ଏକ ମୌଳିକ ଭେଣ୍ଟିଲେସନ୍ କର୍ମଶାଳା ଭୁବନେଶ୍ୱରସ୍ଥିତ ଅଙ୍କୁରା ହସ୍ପିଟାଲ ଫର୍ ଓମେନ୍ ଆଣ୍ଡ ଚିଲ୍ଡ୍ରେନ ଠାରେ ୨୦୨୬ ଅକ୍ଟୋବର ୩୦ ତାରିଖରେ ଆୟୋଜିତ ହୋଇଥିଲା । ଆଇଏପି ଭୁବନେଶ୍ୱର ସିଟି ଶାଖା ପକ୍ଷରୁ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ, ଖୋର୍ଦ୍ଧା ଜିଲ୍ଲା ଶାଖା ଏବଂ ଅଙ୍କୁରା ହସ୍ପିଟାଲ ଫର୍ ଓମେନ୍ ଆଣ୍ଡ ଚିଲ୍ଡ୍ରେନ, ଭୁବନେଶ୍ୱର ସହଯୋଗୀତାରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା । ପେଡିଆଟ୍ରିକ୍ ରେସ୍ପିରେଟୋରୀ ସପୋର୍ଟ (ଶିଶୁମାନଙ୍କର ଶ୍ୱାସ ପ୍ରଶ୍ୱାସ ଭିତ୍ତିକ ସମର୍ଥନ) ଏବଂ ମେକାନିକାଲ ଭେଣ୍ଟିଲେସନ (ଯାନ୍ତ୍ରିକ ଶ୍ୱାସକ୍ରିୟା)ରେ ଶିଶୁରୋଗ ବିଶେଷଜ୍ଞମାନଙ୍କର ଜ୍ଞାନ ଓ ପ୍ରାକ୍ଟିକାଲ ଦକ୍ଷତାକୁ ସୁଦୃଢ଼ କରିବା ଏହି କର୍ମଶାଳାର ଲକ୍ଷ୍ୟ ଥିଲା । ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମରେ ରେସ୍ପିରେଟୋରୀ ଫିଜିଓଲୋଜି, ମେକାନିକାଲ ଭେଣ୍ଟିଲେସନ୍ ପଦ୍ଧତି, ଭେଣ୍ଟିଲେଟର ଗ୍ରାଫିକ୍ସ, ନନ୍-ଇନଭାସିଭ ଭେଣ୍ଟିଲେସନ (ଏନ୍ଆଇଭି), ହାଇ-ଫ୍ଲୋ ନାଜାଲ କାନୁଲା (ଏଚଏଫଏନ୍‌ସି), ଭେଣ୍ଟିଲେଟର ସେଟିଂସ୍, ସମସ୍ୟା ସମାଧାନ, ଏଆରଡିଏସ୍ ପରିଚାଳନା ଏବଂ ଇନ୍‌ହେଲ୍ଡ ନାଇଟ୍ରିକ ଅକ୍ସାଇଡ (ଆଇଏନ୍ଓ) ଭଳି ମୁଖ୍ୟ ବିଷୟଗୁଡ଼ିକ ଉପରେ ପାରସ୍ପରିକ ଆଲୋଚନାଭିତ୍ତିକ ଅଧିବେଶନ ଏବଂ ବ୍ୟାବହାରିକ ପ୍ରଶିକ୍ଷଣ ସ୍ଥାନ ପାଇଥିଲା ।

ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ସିପେଟ ପକ୍ଷରୁ ପାରାଦ୍ୱୀପ ସମୁଦ୍ର କୂଳ ସଫେଇ

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ୦୨ ଅକ୍ଟୋବରରୁ ୩୧ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ସ୍ୱଚ୍ଛତା ଅଭିଯାନ ଏବଂ ବକେୟା କାର୍ଯ୍ୟ ହ୍ରାସ ଉପରେ ଆଧାରିତ ସ୍ପେଶାଲ କ୍ୟାମ୍ପେନ ୬.୦ (ସ୍ୱତନ୍ତ୍ର ଅଭିଯାନ



୬.୦) ପାଳନ କରାଯାଉଛି । ରସାୟନ ଓ ସାର ମନ୍ତ୍ରଣାଳୟ ଅଧୀନସ୍ଥ ଭାରତ ସରକାରଙ୍କ ଏକ ପ୍ରମୁଖ ଅନୁଷ୍ଠାନ ସିପେଟ୍ ର ମହାନିର୍ଦ୍ଦେଶକ ପ୍ରଫେସର ଡଃ ଶିଶିର ସିହ୍ନାଙ୍କ ନେତୃତ୍ୱରେ ଏହି ସ୍ୱତନ୍ତ୍ର ଅଭିଯାନ ୬.୦ କେବଳ ଓଡ଼ିଶା ନୁହେଁ, ସାରା ଦେଶରେ ଥିବା ସିପେଟର ସମସ୍ତ ଶାଖାରେ ବ୍ୟାପକ ସ୍ତରରେ ପାଳନ କରାଯାଇଛି । ସିପେଟ୍ ବର୍ତ୍ତମାନ ଦକ୍ଷତା ବିକାଶ, ପ୍ରଯୁକ୍ତିବିଦ୍ୟା ସହାୟତା, ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଦେଶ ସେବାରେ ନିୟୋଜିତ ।

ଏହି କ୍ରମରେ ସିପେଟ୍ : ସିଏସଟିଏସ୍, ଭୁବନେଶ୍ୱର ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ଏହି ସ୍ୱଚ୍ଛତା ଓ ସଚେତନତା କାର୍ଯ୍ୟକ୍ରମ କେବଳ ଅନୁଷ୍ଠାନ ପରିସର ମଧ୍ୟରେ ସୀମିତ ନ ରହି ବିଦ୍ୟାଳୟ, ସର୍ବସାଧାରଣ ସ୍ଥାନ, ଧାର୍ମିକ ସ୍ଥଳ, ବଜାର ଅଞ୍ଚଳ ଏବଂ ଅନ୍ୟାନ୍ୟ ସାମୁଦାୟିକ ସ୍ଥାନଗୁଡ଼ିକୁ ସମ୍ପ୍ରସାରିତ କରାଯାଇଥିଲା । ଏହି ସ୍ପେଶାଲ କ୍ୟାମ୍ପେନ ୬.୦ ର ଉଦଯାପନୀ ସମାରୋହ ତଥା ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ସିପେଟ ପକ୍ଷରୁ ପାରାଦ୍ୱୀପ ସ୍ଥିତ ସମୁଦ୍ର କୂଳକୁ ସଫା କରାଯାଇଥିଲା ।

ସିପେଟ୍ : ସିଏସଟିଏସ୍, ଭୁବନେଶ୍ୱରର ଉପ-କେନ୍ଦ୍ର ସିପେଟ୍ : ପିପିଇସି, ପାରାଦ୍ୱୀପ ମଧ୍ୟ ଏହି ସଫେଇ କାର୍ଯ୍ୟରେ ହାତ ମିଳାଇଥିଲା । ଉପ-ନିର୍ଦ୍ଦେଶକ ତଥା ସିପେଟର ମୁଖ୍ୟ ଜୟନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ସିପେଟର ସମସ୍ତ ଅଧିକାରୀ ପିପିଇସି, ପାରାଦ୍ୱୀପ ପରିଦର୍ଶନ କରିଥିଲେ । ଏହି ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଉପଲକ୍ଷେ ଉଭୟ କେନ୍ଦ୍ରର କର୍ମଚାରୀମାନେ ଏକତା ପାଇଁ "ଏକତାର ଦୌଡ଼" ରେ ଭାଗ ନେଇଥିଲେ । ଦୌଡ଼ କାର୍ଯ୍ୟକ୍ରମ ପରେ ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ପାରାଦ୍ୱୀପ ସମୁଦ୍ର ତଟକୁ ଯାଇ ବ୍ୟାପକ ସଫେଇ ଅଭିଯାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାରାଦ୍ୱୀପର ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଯୋଗ ଦେଇଥିଲେ । ଏଡିଏମ ଶ୍ରୀ ବେହେରା ରାଷ୍ଟ୍ରୀୟ ଏକତା ଦିବସରେ ସିପେଟ ଦ୍ୱାରା କରାଯାଇଥିବା ଏହି ସଫେଇ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ପରିଶେଷରେ ସିପେଟର ମୁଖ୍ୟ ଜୟନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ରାଜ୍ୟ ସ୍ତରୀୟ ଇନ୍ଦିର ଗାନ୍ଧୀ ସ୍ମୃତି ସମିତି ତରଫରୁ

ରାଷ୍ଟ୍ରୀୟ ସଂକଳ୍ପ ଦିବସ ରାଜ୍ୟସ୍ତରୀୟ ସମାରୋହ



ଭୁବନେଶ୍ୱର, (ସବ୍ୟୁ): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଇନ୍ଦିରା ଗାନ୍ଧୀଙ୍କ ୪୨ତମ ତିରୋଧାନ ଦିବସ ଅବସରରେ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟତାରେ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି ତରଫରୁ ଭୁବନେଶ୍ୱର ସ୍ଥିତ ଇନ୍ଦିରା ଗାନ୍ଧୀ ପାର୍କ ଠାରେ ରାଷ୍ଟ୍ରୀୟ ସଂକଳ୍ପ ଦିବସ ରାଜ୍ୟସ୍ତରୀୟ ସମାରୋହ ସ୍ମୃତି ସମିତିର ସାଧାରଣ ସମ୍ପାଦକ ଅମିୟ କୁମାର ପଟ୍ଟନାୟକଙ୍କ ସଂଯୋଜନାରେ ସମିତିର ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟଙ୍କ ସଭାପତିତ୍ୱରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟୁଷରୁ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ, ସର୍ବଧର୍ମ ପ୍ରାର୍ଥନା ସଭା, ରାମଧୁନ ଭଜନ, ସଂକୀର୍ତ୍ତନ ଓ ଇନ୍ଦିରାଜୀଙ୍କ ଜୀବନୀ ଉପରେ ଆଧାରିତ ପାଲା ପରିବେଶଣ କରାଯାଇଥିଲା । ଉକ୍ତ ସମାରୋହରେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗୋ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ସମ୍ପାଦକ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ପ୍ରମୁଖ ବହୁ ନେତୃବୃନ୍ଦ ଶୁଭେଚ୍ଛୁ ଓ ସଂସ୍କୃତିବିତ ପ୍ରେମୀ ବହୁ ସଂଖ୍ୟାରେ ଯୋଗ ଦେଇ ସ୍ୱର୍ଗୀୟା ଗାନ୍ଧୀଙ୍କ ସ୍ମୃତିଚାରଣ କରିଥିଲେ ।

ଯୋଜନା ଓ ସଂଯୋଜନ ବିଭାଗରେ ରାଷ୍ଟ୍ରୀୟ ଏକତା ଦିବସ ଶପଥ

ଭୁବନେଶ୍ୱର, (ସବ୍ୟୁ): "ଲୌହ ମାନବ" ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଆଜି ଲୋକସେବା ଭବନସ୍ଥିତ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ କାର୍ଯ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉନ୍ନୟନ କମିଶନର ତଥା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ କାର୍ଯ୍ୟକ୍ରମରେ ଯୋଗଦେଇ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ରାଷ୍ଟ୍ରର



ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ପାଇଁ ଶପଥ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭାଗର ବିଭିନ୍ନ ଶାଖାର ପଦାଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ରାଷ୍ଟ୍ରୀୟ ଏକତାର ଶପଥ ଗ୍ରହଣ କରିଥିଲେ ।

ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟରେ କର୍କଟ ଓ ଏଚ୍‌ପିଭି ସ୍କ୍ରିନିଂ ଶିବିର

ଭୁବନେଶ୍ୱର, (ସବ୍ୟୁ) : ସ୍ତନ କର୍କଟ ସଚେତନତା ମାସ 'ପିଙ୍କ୍ ଅକ୍ଟୋବର' ଅବସରରେ ଭୁବନେଶ୍ୱରସ୍ଥିତ ବିଏସ୍‌ଏନ୍‌ଏଲ୍ ଓଡ଼ିଶା ସର୍କଲ ମୁଖ୍ୟ କାର୍ଯ୍ୟାଳୟରେ ଏକ କର୍କଟ ସଚେତନତା ଓ ସ୍କ୍ରିନିଂ ଶିବିର ଆୟୋଜିତ ହୋଇଛି । କ୍ରିୟା ଫାଉଣ୍ଡେସନ୍, ବିଏସ୍‌ଏନ୍‌ଏଲ୍ ଏବଂ ଓଡ଼ିଶା ସରକାରଙ୍କ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଶିବିରରେ ପ୍ରାୟ ୧୦୦ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସହ ବିଶେଷଜ୍ଞଙ୍କଠାରୁ ଚିକିତ୍ସା ପରାମର୍ଶ ଓ ଏଚ୍‌ପିଭି ସ୍କ୍ରିନିଂ ସୁବିଧା ଉପଲବ୍ଧ କରାଯାଇଥିଲା । ବିଏସ୍‌ଏନ୍‌ଏଲ୍ ଓଡ଼ିଶା ସର୍କଲର ମୁଖ୍ୟ ମହାପ୍ରବନ୍ଧକ ଡି. କେ. ବେହେରା, ଉତ୍କଳ ହସ୍ପିଟାଲର ନିର୍ଦ୍ଦେଶକ ଡାକ୍ତର ସଞ୍ଜୟ ମିଶ୍ର ଏବଂ କ୍ରିୟା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ଲିଲି ଜେନାମଣି ମିଳିତ ଭାବେ ଶିବିରର ଉଦ୍‌ଘାଟନ କରିଥିଲେ । ଅପରାହ୍ଣରେ ଆୟୋଜିତ ସଚେତନତା ଅଧିବେଶନରେ ବିଶେଷଜ୍ଞ ଡାକ୍ତରମାନେ ବିଭିନ୍ନ ବିଷୟରେ ତଥ୍ୟ ରଖିଥିଲେ । ସ୍ୱର୍ଣ୍ଣ ହସ୍ପିଟାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଘନଶ୍ୟାମ ବିଶ୍ୱାସ ସ୍ତନ କର୍କଟର ପ୍ରାରମ୍ଭିକ ଲକ୍ଷଣ, ସମ୍ଭାବ୍ୟ କାରଣ ଓ ଆଧୁନିକ ଚିକିତ୍ସା ପଦ୍ଧତି ସମ୍ପର୍କରେ ଆଲୋଚନା କରିଥିଲେ । ସେହିପରି କଟକସ୍ଥିତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନର ସ୍ତ୍ରୀରୋଗ ବିଭାଗର ସହକାରୀ ପ୍ରଫେସର ଡାକ୍ତର ସୋନି ନନ୍ଦ ଜରାୟୁ କର୍କଟ ପ୍ରତିରୋଧ, ପ୍ରଜନନ ସ୍ୱାସ୍ଥ୍ୟ ଓ ଏଚ୍‌ପିଭି ପରୀକ୍ଷାର ଆବଶ୍ୟକତା ଉପରେ ତଥ୍ୟ ଉପସ୍ଥାପନ କରିଥିଲେ । ସଚେତନତା ଅଧିବେଶନ ପରେ ଡାକ୍ତର ସଞ୍ଜୟ ମିଶ୍ର ଓ ଡାକ୍ତର ଶ୍ୱେତାଲିନା ମିଶ୍ରଙ୍କ ତତ୍ତ୍ୱାବଧାନରେ ବିଶେଷଜ୍ଞଙ୍କ ପରାମର୍ଶ, କ୍ଲିନିକାଲ୍ କର୍କଟ ଯାଞ୍ଚ ଏବଂ ଏଚ୍‌ପିଭି ସ୍କ୍ରିନିଂ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଟେଲିକମ୍ ମହିଳା କଲ୍ୟାଣ ସଂଗଠନର ସଭାପତି ମମତା ବେହେରା, ସମ୍ପାଦିକା ଗାୟତ୍ରୀ ମଲ୍ଲିକ ଓ ଆୟୋଜକ ଦଳ ଧନ୍ୟବାଦ ଅର୍ପଣ କରିଥିଲେ ।

ତ୍ରିନାଥ ସାଂସ୍କୃତିକ ପରିଷଦ ଦ୍ୱାରା ଡକ୍ଟର ତିରୁପତି ପାଣିଗ୍ରାହୀ ସମ୍ବର୍ଦ୍ଧିତ

ଭୁବନେଶ୍ୱର, (ସବ୍ୟୁ): ସୁନ୍ଦରପଦା ତଳସାହିରେ ଆୟୋଜିତ ମାଆ ଗଜଲକ୍ଷ୍ମୀ ପୂଜା ମଣ୍ଡପ ବୁଲେ ଦେଖିଲେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟରର ତିରୁପତି ପାଣିଗ୍ରାହୀ । ତ୍ରିନାଥ ସାଂସ୍କୃତିକ ପରିଷଦ ଦ୍ୱାରା ପ୍ରତିବର୍ଷ ଆୟୋଜିତ ଏହି ପୂଜାମହୋତ୍ସବ ଚଳିତ ବର୍ଷ ୧୧ଦିନ । ମାଆଙ୍କ ପୂଜାର୍ଚ୍ଚନା କରିବା ସହ ସ୍ଥାନୀୟ ବାସିନ୍ଦା ଓ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ସେବନ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଛନ୍ତି । ପୂଜାମଣ୍ଡପରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡକ୍ଟର ପାଣିଗ୍ରାହୀ ଯୁବଗୋଷ୍ଠୀଙ୍କ ଏହି ପ୍ରୟାସକୁ ଭୂୟଶୀ ପ୍ରଶଂସା କରିଥିଲେ, ଯୁବକମାନେ ଆଧ୍ୟାତ୍ମିକମାର୍ଗରେ ପରିଚାଳିତ ହେବା ସହ ସମାଜସେବା କଲେ ଅଞ୍ଚଳର ବିକାଶ ହୋଇପାରିବ ଯାହାକି ଆସନ୍ତାଦିନରେ ପ୍ରଗତିର ମାର୍ଗ ପ୍ରଶସ୍ତରେ ସହାୟକ ହେବ




ବୋଲି ସେ କହିଥିଲେ । ସେହିପରି ଏ ଅଞ୍ଚଳର ଗରିବ ରୋଗୀମାନଙ୍କୁ ହାଇଟେକ୍ ମେଡିକାଲ୍ ସର୍ବାଧିକ ପ୍ରାଧାନ୍ୟଦେଇ ଚିକିତ୍ସା କରିବା ସହ ଅସହାୟ ରୋଗୀଙ୍କ ଚିକିତ୍ସା କଥା ସେ ନିଜେ ବୁଝିବେ ବୋଲି କହିଥିଲେ । ଅଞ୍ଚଳର ୨ଜଣ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ସଂପୂର୍ଣ୍ଣ ନିଶୁଳ୍କ ଇଞ୍ଜିନିୟରିଂ ଶିକ୍ଷା ପ୍ରଦାନ କରିବା ଦାୟିତ୍ୱ ସେ ନେବେ ବୋଲି ପ୍ରତିଶୃତି ଦେଇଥିଲେ । ତ୍ରିନାଥ ସାଂସ୍କୃତିକ ପରିଷଦର ସଭାପତି ପ୍ରିୟବ୍ରତ ସ୍ୱାଇଁ, ଉପସଭାପତି ପ୍ରତାପ ଜେନା, ସଂପାଦକ ଭଜେନ୍ଦ୍ର ଜେନା,କୋଷାଧ୍ୟକ୍ଷ ଜଗନ ସାହୁ, ଡି ପାଣିଗ୍ରାହୀଙ୍କୁ ଉପଢୌକନ ଓ ମାଆଙ୍କ ଫଟୋଚିତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

ବେଆଇନ ବାଣ ଗୋଦାମ ଉପରେ ଚଢ଼ାଉ

ଲକ୍ଷାଧିକ ଟଙ୍କାର ବାଣ ଜବତ, ଜଣେ ଅଟକ

ଜଟଣୀ, (ସବ୍ୟୁ): ମାନ୍ୟବର ସୁପ୍ରିମ କୋର୍ଟଙ୍କ ବାରଣ ସତ୍ୱେ ବାଣ ବ୍ୟବସାୟ ଉପରେ ଅଙ୍କୁଶ



ଲାଗିପାରୁନଥିବା ବେଳେ ଜଟଣୀ ସହରରେ ଏହା ଏକ କୁଟୀର ଶିଳ୍ପରେ ପରିଣତ ହୋଇଥିବା ଦେଖିବାକୁ ମିଳିଛି । ଅନେକ ଯୁବ ବ୍ୟବସାୟୀ ଏବେଠୁ ପ୍ରସ୍ତୁତ ଆରମ୍ଭ କରିଦେଇଥିବା ଦେଖିବାକୁ ମିଳିଛି । ତେବେ ଦିନ ପାଖେଇ ଆସୁଥିବା ବେଳେ ବିଭିନ୍ନ ଜନବସତି, ଜଗନାଥଙ୍କ ଜମିରେ ନିର୍ମିତ ବେଆଇନ ଘର ମାନଙ୍କରେ ଏବେଠୁ ବିପୁଳ ପରିମାଣର ହାତତିଆରି ବାଣ ଓ ପ୍ରବଳ ଧୂଆଁ ବାହାରୁଥିବା ବାଣ ଆଦି ଗଛିତ ରଖାଯାଇଥିବା ଶୁଣିବାକୁ ମିଳୁଥିବା ବେଳେ ଥାନାଧିକାରୀଙ୍କ ନିର୍ଦ୍ଧେଷକ୍ରମେ ବିଭିନ୍ନ ସ୍ଥାନରେ ତୀକ୍ଷ୍ଣ ନଜର ରଖାଯାଇ ଚଢ଼ାଉ ଆରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ଶନିବାର ରାତିରେ ରଥିପୁର ଗାଁରେ ବେଆଇନ ଭାବେ ବାଣ ଗଛିତ ଥିବା ଖବର ପାଇ ଜଟଣୀ ପୋଲିସ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ ବିଭିନ୍ନ ଦେଶୀ ବିସ୍ଫଟକ ବାଣକୁ ଜବତ କରିଥିଲା ପୋଲିସ ।ତିନି ଗୋଟି ଟାଟା ଏସି ଗାଡି ସହାୟ୍ୟରେ ଲକ୍ଷାଧିକ ଟଙ୍କାର ବାଣକୁ ଜବତ କରି ପୋଲିସ ଜଟଣୀ ଥାନାକୁ ଆଣିଛି । ବେଆଇନ ବାଣ ରଖିଥିବା ନେଇ ଜଣେ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖିଛି ପୋଲିସ । ସେହିପରି କୁଦିଆରୀ ଗ୍ରାମର ବିଭିନ୍ନ ଅଞ୍ଚଳରେ ଅଚାନକ ଚଢ଼ାଉ କରାଯିବା ନେଇ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି । ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ତଥ୍ୟ ମିଳିପାରିନାହିଁ ।

୨ ରେ କଟକ ଆସିବେ ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ସୁଧାଂଶୁ ତ୍ରିବେଦୀ

କଟକ, (ସବ୍ୟୁ):ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ପ୍ରବକ୍ତା ସୁଧାଂଶୁ ତ୍ରିବେଦୀ କଟକ ଗସ୍ତରେ ଆସୁଛନ୍ତି । ତାଙ୍କ ଗସ୍ତ ଏବଂ ଆଗାମୀ କାର୍ଯ୍ୟକ୍ରମକୁ ସଫଳ କରିବା ନେଇ ସର୍କଟ ହାଉସଠାରେ କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି ।"ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ" ନାମରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଛାତ୍ର ଆନ୍ଦୋଳନର ଆଳ ନେଇ ଦେଶବ୍ୟାପୀ ଭାବେ ହେଉଥିବା ଅରାଷ୍ଟ୍ରକର ତତ୍ତ୍ୱଗୁଡ଼ିକର ଉପଦ୍ରବ ବିରୁଦ୍ଧରେ ଜନସାଧାରଣଙ୍କୁ ସଚେତନ ଓ ଜାଗ୍ରତ କରିବା ନେଇ ଆଲୋଚନା ହୋଇଥିଲା । ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା, ଶାନ୍ତି ଓ ସାମାଜିକ ସ୍ଥିରତା ବିରୋଧୀ କାର୍ଯ୍ୟକଳାପକୁ ଜନସାଧାରଣ ଉଚିତ ଜବାବ ଦେବେ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ବୈଠକରେ ଆଗାମୀ କାର୍ଯ୍ୟକ୍ରମର ରୂପରେଖା, ଦଳୀୟ ପ୍ରସ୍ତୁତି ଓ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆବଶ୍ୟକ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ।ସୂଚନା ଥାଉ କି ସମଗ୍ର କଟକ ଜିଲ୍ଲା ରୁ ପାଖା ପାଖି ୧୫୦୦୦ ସଂଖ୍ୟା ରେ ଜନସମାଗମ ହେବାର ଲକ୍ଷ୍ୟ ରଖା ଯାଇଛି । ଏଥିରେ ରାଜ୍ୟ ବିଜେପି ସମ୍ପାଦକ ଶ୍ରୀ କାଳନ୍ଦୀ ସାମଲଙ୍କ ସମେତ ଦଳର ବହୁ ବରିଷ୍ଠ ନେତା, ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

ସୁପ୍ରିମକୋର୍ଟ ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ୟୁ. ୟୁ. ଲଳିତଙ୍କ କିଟ୍ ଓ କିସ୍ ପରିଦର୍ଶନ

ଭୁବନେଶ୍ୱର, (ସବ୍ୟୁ): ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ଉଦୟ ଉମେଶ ଲଳିତ ଆଜି କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ କିଟ୍‌ର ବିଭିନ୍ନ କ୍ୟାମ୍ପସ୍ ଓ କିସ୍‌ର ବିଭିନ୍ନ ୟୁନିଟ୍ ବୁଲି ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କିଟ୍ ଓ କିସ୍‌ର ବିଭିନ୍ନ କାର୍ଯ୍ୟକ୍ରମ ଓ ଅବଦାନ ସଂପର୍କରେ ଅବଗତ ହୋଇଥିଲେ । ଏହି ଗସ୍ତ ଅବସରରେ ଜଷ୍ଟିସ୍ ଲଳିତ କିଟ୍ ଲ ସ୍କୁଲର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କୁ ଏକ ସ୍ୱତନ୍ତ୍ର ବକ୍ତୃତା ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀଙ୍କ ଭାଷଣ ଦେଇ ଜଷ୍ଟିସ୍ ଲଳିତ ସମ୍ବିଧାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଆଇନ ଓ ନ୍ୟାୟିକ ବ୍ୟବସ୍ଥା କ୍ଷେତ୍ରରେ ତାଙ୍କର ବିପୁଳ ଅଭିଜ୍ଞତା, ଜ୍ଞାନ



ଓ ଅନ୍ତର୍ଦୃଷ୍ଟିକୁ ସେ ଉପସ୍ଥିତ ସମସ୍ତଙ୍କ ସହ ବାଣ୍ଟିଥିଲେ । ତାଙ୍କର ଏହି ମାର୍ଗଦର୍ଶନ ଓ ଆଲୋଚନା ଆଇନ ଛାତ୍ରଛାତ୍ରୀ ତଥା ଅଧ୍ୟାପକମାନଙ୍କ ପାଇଁ ବେଶ୍ ଉପାଦେୟ ହେବା ସହ ସେମାନଙ୍କୁ ନୂତନ ଦୃଷ୍ଟିକୋଣ ଓ ପ୍ରେରଣା ଯୋଗାଇଥିଲା । ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଜଷ୍ଟିସ୍‌ଙ୍କୁ ସ୍ୱାଗତ କରିବା ସହ କିଟ୍ ଲ ସ୍କୁଲର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକାଙ୍କ ପାଇଁ ସମୟ ଦେଇଥିବାରୁ ମୁଁ ତାଙ୍କ ନିକଟରେ ଆନ୍ତରିକ କୃତଜ୍ଞତା ଜଣାଉଛି । ତାଙ୍କର ମୂଲ୍ୟବାନ ଜ୍ଞାନ, ଅଭିଜ୍ଞତା, ମାର୍ଗଦର୍ଶନ ଓ ଅନୁଭୂତି ଆଇନ୍ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କ ପାଇଁ ବେଶ ଉପାଦେୟ ବୋଲି ସେ କହିଥିଲେ ।

ବନ୍ୟା ପୀଡ଼ିତଙ୍କୁ ରନ୍ଧା ଖାଦ୍ୟ ବଣ୍ଟନର ତଦାରଖ

ଲୋକଙ୍କୁ ଖାଦ୍ୟ ପରସିଲେ, ଖାଇଲେ ଜିଲ୍ଲାପାଳ

ଛତ୍ରପୁର, (ସବ୍ୟୁ): ବାତ୍ୟା "ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ପରିସ୍ଥିତିରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବନ୍ୟାପ୍ରଭାବିତ ଅଞ୍ଚଳରେ ରିଲିଫ୍ ଓ ରନ୍ଧା ଖାଦ୍ୟ ବଣ୍ଟନ କାର୍ଯ୍ୟ ଜାରି ରହିଛି । ଏହି କାର୍ଯ୍ୟର ତଦାରଖ ପାଇଁ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଶନିବାର ଛତ୍ରପୁର ବ୍ଲକର ବିଭିନ୍ନ ବନ୍ୟାପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି ।



ଜିଲ୍ଲାପାଳ ଛତ୍ରପୁର ବ୍ଲକର ବଉଳଗାଁ ପଞ୍ଚାୟତ ଅନ୍ତର୍ଗତ ନିମପଲ୍ଲୀ ଓ ବଉଳଗାଁ ଗ୍ରାମରେ ପହଞ୍ଚି ବନ୍ୟାପୀଡ଼ିତଙ୍କୁ ଯୋଗାଇ ଦିଆଯାଉଥିବା ରନ୍ଧା ଖାଦ୍ୟ ବଣ୍ଟନ ବ୍ୟବସ୍ଥା ନିଜେ ତଦାରଖ କରିଥିଲେ । ସେ ଲୋକଙ୍କ ସହ ମିଶି ସେମାନଙ୍କ ସୁବିଧା-ଅସୁବିଧା ପଚାରି ବୁଝିବା ସହ ରିଲିଫ୍ ସାମଗ୍ରୀ ଓ ଖାଦ୍ୟ ଠିକ୍ ଭାବେ ମିଳୁଛି କି ନାହିଁ, ତାହା ଜାଣିଥିଲେ । ରନ୍ଧା ଖାଦ୍ୟର ମାନ ଓ ପରିଚ୍ଛନ୍ନତା ପରଖିବା ପାଇଁ ଜିଲ୍ଲାପାଳ ନିଜେ ଲୋକଙ୍କୁ ଖାଦ୍ୟ ପରସିବା ସହ ସେମାନଙ୍କ ସହ ବସି ଖାଦ୍ୟ ଖାଇଥିଲେ । ଏହାଦ୍ୱାରା ରିଲିଫ୍ ଶିବିର ଓ ବନ୍ୟାପ୍ରଭାବିତ ଅଞ୍ଚଳରେ ଯୋଗାଇ ଦିଆଯାଉଥିବା ଖାଦ୍ୟର ଗୁଣବତ୍ତା ଓ ପରିଚ୍ଛନ୍ନତା ସମ୍ପର୍କରେ ସେ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରିଥିଲେ । ବନ୍ୟାପୀଡ଼ିତଙ୍କୁ ଗୁଣାତ୍ମକ ଓ ପରିଚ୍ଛନ୍ନ ରନ୍ଧା ଖାଦ୍ୟ ଯୋଗାଇଦେବା ସହ ଆବଶ୍ୟକ ସମସ୍ତ ସୁବିଧା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜୀତ ସାହୁ, କନିଷ୍ଠ ଯନ୍ତ୍ରୀ ଆକାଶ ପାତ୍ର, ବଉଳଗାଁ ସରପଞ୍ଚ, ସମିତି ସଭ୍ୟ ଓ ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ପରିଡ଼ାଙ୍କ ସମେତ ସ୍ଥାନୀୟ ଅଧିକାରୀ ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ଦୁର୍ନୀତି ନିବାରଣ ସପ୍ତାହ ପାଳନ, ଆତ୍ମସଚେତନତା ଦୁର୍ନୀତି ଦୂରେଇବ



ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ ପାଳନ କରାଯାଇଛି । ମହାନଗର ନିଗମ ସମ୍ମିଳନୀ କକ୍ଷରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଦକ୍ଷିଣାଞ୍ଚଳ ଆରକ୍ଷୀ ମହାନିର୍ଦ୍ଦେଶକ, ବ୍ରହ୍ମପୁର ଜୟ ନାରାୟଣ ପଙ୍କଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାରିବାରିକ ସଂସ୍କାର ପାଇଥିବା କେହି ଦୁର୍ନୀତି ପରାୟଣ ହେବେ ନାହିଁ ବୋଲି ଉଲ୍ଲେଖ କରିଥିଲେ । ଘରୋଇ କ୍ଷେତ୍ରର ସ୍ୱଳ୍ପ ଦରମା ପାଉଥିବା କର୍ମଚାରୀ ସହ ସରକାରୀ କର୍ମଚାରୀଙ୍କ ଦରମାର ତୁଳନାତ୍ମକ ବୃଦ୍ଧି ବିଷୟରେ ଉଲ୍ଲେଖ କରି ସମସ୍ତ ସରକାରୀ ସୁବିଧାସୁଯୋଗ ପାଉଥିବା ସରକାରୀ କର୍ମଚାରୀ ଦୁର୍ନୀତି କରିବା ଅକ୍ଷମଣୀୟ ବୋଲି ସେ କହିଥିଲେ । ଏହି କ୍ଷେତ୍ରରେ ଭିଜିଲାନ୍ସର ଭୂମିକା ଗୁରୁତ୍ୱ ପୂର୍ଣ୍ଣ । ଆତ୍ମସଚେତନତା, ଜନସଚେତନତା ତଥା ଜନସହଯୋଗ ଦୁର୍ନୀତି ଦୂର କରିବ ବୋଲି ସେ କହିଥିଲେ । ମୁଖ୍ୟ ବକ୍ତା ଭାବେ ଖଲ୍ଲିକୋଟ୍ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକ ପରିଷଦ ଅଧ୍ୟକ୍ଷା ଉଷା ରାଣୀ ରଥ ଆଭ୍ୟନ୍ତରୀଣ ଚେତନା ସହ ମାନସିକତାରେ ସାଧୁତା ବଜାୟ ରହିଲେ ଦୁର୍ନୀତି ମାନସିକତାର ଅଙ୍କୁରୋଦମ ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ । ସତ୍ୟନିଷ୍ଠ, ସଚ୍ଚୋଟ, ସମୟାନୁବର୍ତ୍ତୀ ହେବା ସହ କ୍ଷମତାର ଦୁରୁପଯୋଗ, ପକ୍ଷପାତରୁ ଦୂରେଇ ରହି କର୍ତ୍ତବ୍ୟ ସଂପାଦନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ବ୍ରହ୍ମପୁର ମହାନଗର ନିଗମ କମିଶନର ଏ ସସ୍ୟା ରେଡ୍ଡୀ ଆବଶ୍ୟକତାକୁ ଯେତେ କମ୍ କରିବ ସେତେ ଶାନ୍ତି ମିଳିବ ବୋଲି ଉଲ୍ଲେଖ କରିଥିଲେ । ଗୋଟେ ମିଛକୁ ଲୁଚାଇବାକୁ ଯାଇ ବହୁ ମିଛର ପାପ ବୋଝ ମୁଣ୍ଡାଇବାକୁ ପଡିଥାଏ, ମାନସିକ ଶାନ୍ତି ବ୍ୟାହତ ହୋଇଥାଏ ବୋଲି ସେ ଉଲ୍ଲେଖ କରିଥିଲେ । ଉକ୍ତ ଆଲୋଚନାଚକ୍ରରେ ବ୍ରହ୍ମପୁର ଏସପି ଅଭିନବ ସୋନକର, ବ୍ରହ୍ମପୁର ଭିଜିଲାନ୍ସ ଏସପି ପ୍ରଦୀପ କୁମାର ପ୍ରଧାନଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ । ଭିଜିଲାନ୍ସ ଅତିରିକ୍ତ ଏସ୍. ପି. ସନ୍ଧ୍ୟାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଲୋକଙ୍କୁ ଖାଦ୍ୟ ବାଣ୍ଟିଲେ ବିଧାୟକ ଓ ପ୍ରଶାସନିକ ଅଧିକାରୀ

ଛତ୍ରପୁର, (ସବ୍ୟୁ): ବାତ୍ୟା "ଅର୍ଣ୍ଣବ'ର ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଗଞ୍ଜାମ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଅନେକ ଅଞ୍ଚଳ ଜଳବନ୍ଦୀ ହୋଇପଡ଼ିଛି । ଗଞ୍ଜାମ ବ୍ଲକର ପୋଇରାଶି,ଯୁଡ଼ିଏସପୁର, କରପଡ଼ା, ରାଜପୁର ଓ ମଲାଡ଼ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ପାଣି ଜମି ରହିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଫଳରେ ଗ୍ରାମବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଭଳି ସ୍ଥିତିରେ ବନ୍ୟା ବିପନ୍ନଙ୍କ ନିକଟରେ ରିଲିଫ୍ ସାମଗ୍ରୀ ପହଞ୍ଚାଇବା ପାଇଁ ଆଜି ଗଞ୍ଜାମ ବ୍ଲକର ବିଭିନ୍ନ ପ୍ରଭାବିତ ପଞ୍ଚାୟତରେ ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ର ଓ ଗଞ୍ଜାମ ବିଡିଓ ଅଚ୍ୟୁତାନନ୍ଦ ଜାନି ପ୍ରମୁଖ ବୋଟ ଯୋଗେ ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯାଇ ବିପନ୍ନ ଲୋକଙ୍କୁ ରିଲିଫ୍ ସାମଗ୍ରୀ ପ୍ରଦାନ କରିଥିଲେ । ଜଳବନ୍ଦୀ ଅଞ୍ଚଳରେ ରହୁଥିବା ଲୋକଙ୍କ ନିକଟରେ ଆବଶ୍ୟକୀୟ ଖାଦ୍ୟସାମଗ୍ରୀ ପହଞ୍ଚାଇବା ସହ ବନ୍ୟା ପରିସ୍ଥିତି ଉପରେ ପ୍ରଶାସନ ପକ୍ଷରୁ ନଜର ରଖାଯାଇଥିବା ଜଣାପଡ଼ିଛି ।

ଜିଲ୍ଲାସ୍ତରୀୟ ସଫ୍ଟବଲ ପ୍ରତିଯୋଗିତା

ବାରିପଦା, (ସବ୍ୟୁ) : କୁଳିଅଣା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁରୁଙ୍ଗାଶୋଳଠାରେ ଜିଲ୍ଲାସ୍ତରୀୟ ୧୭ବର୍ଷରୁ କମ ବାଳକ ବିଭାଗର ସଫ୍ଟବଲ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନ ରେ ଅନୁଷ୍ଠିତ ଏହି ପ୍ରତିଯୋଗିତା ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଶିଷ ରଞ୍ଜନ ବାସୁରୀ ପୌରହିତରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବିଚାରକ ଭାବେ କୈଳାଶ ଚନ୍ଦ୍ର ମୋହାଳିକ, ପ୍ରଦୀପ କୁମାର ଚୌଧୁରୀ, ଅଞ୍ଜନ କୁମାର ରାଉତ, ବାବୁଲାଲ ହେମ୍ବ୍ରମ, ସନ୍ତୋଷ କୁମାର ବେହୁରିଆ ସେଣ୍ଟ୍ରାଲ ଅଫିସିୟାଲ ଭାବେ ଦୀପକ ରାମ ଯୋଗ ଦେଇଥିଲେ। ନଭେମ୍ବର ତୃତୀୟ ସପ୍ତାହରେ ବାଲେଶ୍ୱର ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ଓଡିଶା ରାଜ୍ୟସ୍ତରୀୟ ସଫ୍ଟବଲ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ କ୍ରୀଡ଼ାବିତମାନେ ଯୋଗ ଦେବେ। କ୍ରୀଡା କାର୍ଯ୍ୟକ୍ରମ ପରିଚାଳନାରେ ଆୟୋଜକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶଶାଙ୍କ ଶେଖର ମହାପାତ୍ର, ଶିକ୍ଷା କର୍ମଚାରୀ ସୁଜିତ ରଞ୍ଜନ ମହାନ୍ତ, ଯଦୁମଣି ଧଳ ପ୍ରମୁଖ ସହଯୋଗ କରିଥିଲ।

ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଏକତା ଦିବସ : ସାମୂହିକ ରାଷ୍ଟ୍ରୀୟ ଶପଥ ପାଠ

ବାରିପଦା, (ସବ୍ୟୁ) : ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ନିମନ୍ତେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସାମୂହିକ ରାଷ୍ଟ୍ରୀୟ ଏକତା ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ଉପସ୍ଥିତ ଥିଲେ ।

ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଦେଶର ଜଣେ ମହାନ ରାଷ୍ଟ୍ରନାୟକ ତଥା ଜାତୀୟ ଏକତାର ପ୍ରତୀକ ଭାବେ ସ୍ମରଣ କରିଥିଲେ । ଦେଶର ଏକତା ଓ ଅଖଣ୍ଡତା ରକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ ଓ ଆଦର୍ଶ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ବୋଲି ଉଲ୍ଲେଖ କରିବା ସହ ଏକ ସୁଦୃଢ଼ ଓ ଏକତାବଦ୍ଧ ରାଷ୍ଟ୍ର ଗଠନ ପାଇଁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଜଣାଇଥିଲେ । ଏହାପରେ ସେ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ରାଷ୍ଟ୍ରୀୟ ଏକତାର ଶପଥ ପାଠ କରାଇଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁଦୁଳି ସଂଚାଳନ କରିଥିଲେ । ଏଥିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର, ସେକ୍ସନ ଅଫିସର, ରାଜସ୍ୱ ସହାୟକ ତଥା ଅନ୍ୟାନ୍ୟ କର୍ମଚାରୀଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗଦେଇ ସାମୂହିକ ଶପଥ ପାଠ କରିଥିଲେ ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ : ଜିଲ୍ଲାସ୍ତରୀୟ ସାଧାରଣ ସଭା ଓ ଆଲୋଚନା ଚକ୍ର

ବାରିପଦା, (ସବ୍ୟୁ) : ଦୁର୍ନୀତିମୁକ୍ତ ସମାଜ ଗଠନ, ସାଧୁତା ଓ ସ୍ୱଚ୍ଛତାର ମୂଲ୍ୟବୋଧର ପ୍ରସାର ତଥା ଜନସାଧାରଣଙ୍କ ମଧ୍ୟରେ ଦୁର୍ନୀତି ବିରୋଧୀ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଜିଲ୍ଲାସ୍ତରୀୟ ସାଧାରଣ ସଭା ଓ ଆଲୋଚନା ଚକ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ବାଲେଶ୍ୱର ଭିଜିଲାନ୍ସ ଡିଭିଜନର ଆରକ୍ଷୀ ଅଧୀକ୍ଷକ ଅରୁଣ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ



ଦୀପକ କୁମାର ଗୋଛାୟତ, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡ଼ା ଏବଂ ଏସିଏଫ୍ ଏସ୍.କେ. ମେହେରବାନ୍ ଅଲ୍ଲୀ ପ୍ରମୁଖ ମଞ୍ଚାସୀନ ଥିଲେ । ଆଲୋଚନା ଚକ୍ରରେ ବାଲେଶ୍ୱର ଭିଜିଲାନ୍ସ ଡିଭିଜନର ଆରକ୍ଷୀ ଅଧୀକ୍ଷକ ଶ୍ରୀ ନାୟକ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଦୁର୍ନୀତି ନିବାରଣ ବିଭାଗର ବ୍ୟାପକ କାର୍ଯ୍ୟପରିସର, ଦୁର୍ନୀତି ସମ୍ପର୍କିତ ଅଭିଯୋଗର ତଦନ୍ତ ଏବଂ ଅଭିଯୁକ୍ତଙ୍କ ବିରୋଧରେ ଆଇନଅନୁଯାୟୀ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ସେ ବିସ୍ତୃତ ଭାବେ ଅବଗତ କରାଇଥିଲେ ।

ନିଜ ଅଭିଭାଷଣରେ ଅତିରିକ୍ତ ଜିଲ୍ଲାପାଳ ନାୟକ କହିଥିଲେ ଯେ, ଦୁର୍ନୀତି ନିରାକରଣରେ ବିଶେଷକରି ଯୁବପିଢ଼ିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ଯୁବପିଢ଼ି ଆରମ୍ଭରୁ ହିଁ ସଚେତନ ଓ ଯତ୍ନବାନ ହେବା ଆବଶ୍ୟକ । ଜୀବନରେ ଶୃଙ୍ଖଳା ଓ ନିୟମାନୁପାଳନର ଗୁରୁତ୍ୱ ଉପରେ ସେ ଆଲୋକପାତ କରିବା ସହ ସାଧୁତାର ସହ କାର୍ଯ୍ୟ କରିବା ଦ୍ୱାରା ମିଳୁଥିବା ଆତ୍ମସନ୍ତୋଷ ଓ ମାନସିକ ଶାନ୍ତି ଅନ୍ୟ କୌଣସି ଜିନିଷରୁ ମିଳିପାରେ ନାହିଁ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅନ୍ତର୍ଗତ ଉଚ୍ଚ ବିଦ୍ୟାଳୟସ୍ତରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ମଞ୍ଚାସୀନ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ବାରିପଦା ଭିଜିଲାନ୍ସ ୟୁନିଟ୍‌ର ଇନ୍ସପେକ୍ଟର ବିକାଶ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ ।

ଭଞ୍ଜନଗର ଥାନା ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ

ଭଞ୍ଜନଗର, (ସବ୍ୟୁ) : ସ୍ଥାନୀୟ ଥାନା ଅଧିକାରୀ ଜୀବନାନନ୍ଦ ଜେନା ଓ ଅନ୍ୟ ଥାନା ଷ୍ଟାଫ୍ ଶୁକ୍ରବାର ସନ୍ଧ୍ୟାରେ ଭଞ୍ଜନଗର ସହରର ବନ୍ୟା ବିପନ୍ନ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେଇଛନ୍ତି । ସହରର ବନ୍ୟା ପ୍ରଭାବିତ ବିଭିନ୍ନ ସାହି ଗଳିକୁ ଅଟୋ ଯୋଗେ ଏସବୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି । ନିଜେ ଥାନା କର୍ମଚାରୀମାନେ ଉପସ୍ଥିତ ରହି ସୁଷମ ବଣ୍ଟନ କରୁଥିବା ଦେଖିବାକୁ ମିଳିଛି । ସେହିପରି ସହରରେ ଦୀର୍ଘ ସମୟ ଧରି ରାସ୍ତା କଡ଼ରେ ବନ୍ୟା ଯୋଗୁଁ ଅଟକି ରହିଥିବା ବିଭିନ୍ନ ଟ୍ରକ୍ ଓ ଭାରୀଯାନ ଡ୍ରାଇଭର ଓ ହେଲପରଙ୍କୁ ମଧ୍ୟ ଥାନା ଅଧିକାରୀ ରନ୍ଧା ଖାଦ୍ୟ ଯୋଗାଇଥିବା ଜଣାପଡିଛି । ପୁଲିସ ର ଏଭଳି ମହନୀୟ କାର୍ଯ୍ୟକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି । ଏଭଳି ମହନୀୟ କାର୍ଯ୍ୟକୁ ଭଞ୍ଜନଗର ଏସଡିପିଓ ଡ. ଦୀପକ କୁମାର ମିଶ୍ର ଓ ଅତିରିକ୍ତ ଏସପି ରଞ୍ଜନ କୁମାର ଦେ ଉଚ୍ଚ ପ୍ରଶଂସା କରିଛନ୍ତି ।

ବନ୍ୟା ବିପନ୍ନଙ୍କୁ ରିଲିଫ୍ ଓ ଖାଦ୍ୟ ବାଣ୍ଟିଲେ କଂଗ୍ରେସ ନେତା ଭାଗିରଥି

ଛତ୍ରପୁର, (ସବ୍ୟୁ): ବାତ୍ୟା "ଅର୍ଣ୍ଣବ'ର ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଗଞ୍ଜାମ ଜିଲ୍ଲାର ବିଭିନ୍ନ ପଞ୍ଚାୟତର ଅନେକ ଅଞ୍ଚଳ ଜଳବନ୍ଦୀ ହୋଇପଡ଼ିଛି । ଛତ୍ରପୁର ଉପକଣ୍ଠ ଅଧୀନ ପୋଡାପଦର,ବିରିପୁର, ଆଲିଆବାଦ, ନୀଳାଦ୍ରିପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ପାଣି ଜମି ରହିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଫଳରେ ଗ୍ରାମବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଭଳି ସ୍ଥିତିରେ ବନ୍ୟା ବିପନ୍ନଙ୍କ ନିକଟରେ ରିଲିଫ୍ ସାମଗ୍ରୀ ପହଞ୍ଚାଇବା ପାଇଁ ଆଜି କଂଗ୍ରେସ ବିଧାୟକ ପ୍ରାର୍ଥୀ ଭାଗିରଥି ବେହେରା ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି । ତାଙ୍କ ସହିତ କଂଗ୍ରେସର ପ୍ରତିନିଧି ଦଳ ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯାଇ ବିପନ୍ନ ଲୋକଙ୍କୁ ରିଲିଫ୍ ସାମଗ୍ରୀ ପ୍ରଦାନ କରିଥିଲେ । ଜଳବନ୍ଦୀ ଅଞ୍ଚଳରେ ରହୁଥିବା ଲୋକଙ୍କ ନିକଟରେ ଆବଶ୍ୟକୀୟ ଖାଦ୍ୟସାମଗ୍ରୀ ପହଞ୍ଚାଇବା ସହ ବନ୍ୟା ପରିସ୍ଥିତି ଉପରେ ନଜର ରଖିବା ଲାଗି ସରକାରଙ୍କ ନିକଟରେ ଶ୍ରୀ ବେହେରା ଦାବି ରଖିଛନ୍ତି ।

ଓଡିଶା ଶିଳ୍ପୀ ମହାସଂଘର ବାର୍ଷିକ ମହୋତ୍ସବ

ଫୁଲବାଣୀ, (ସବ୍ୟୁ) : ଶୁକ୍ରବାର ଫୁଲବାଣୀ ସ୍ଥିତ ପାରିଜାତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଓଡିଶା ଶିଳ୍ପୀ ମହାସଂଘର ଚତୁର୍ଦ୍ଦଶ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହାକୁ ଉଦଘାଟନ ଓଡିଶାର ଶିଳ୍ପୀ ଓ ବୁଣାକାର ଓଡିଆ ଅସ୍ମିତାର ପରିଚୟ ବୋଲି ଯାଜପୁର ସାଂସଦ ଡ. ରବିନ୍ଦ୍ର ନାରାୟଣ ବେହେରା କହିଛନ୍ତି । ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ଦକ୍ଷତା ବୃଦ୍ଧି ଦିଗରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସାଂସଦ ଶ୍ରୀ ବେହେରା କହିଛନ୍ତି । ଓଡିଶା ଶିଳ୍ପୀ ମହାସଂଘର ସଭାପତି ଉଦୟ ମହାନ୍ତି ନିଜ ବକ୍ତବ୍ୟରେ ରାଜ୍ୟ ବୁଣାକାର ଓ କାରିଗରଙ୍କ ପାଇଁ ଗଠିତ ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ



ହସ୍ତାନ୍ତର ଉଦ୍ୟମର ଦୃଢ ପ୍ରତିବାଦ କରିଥିଲେ ।

ଏଥିରେ ଓଡିଶା ଶିଳ୍ପୀ ମହାସଂଘର ସଂପାଦକ ପ୍ରିୟରଂଜନ କର, ଅନ୍ୟତମ ଅତିଥି ଭାବେ ରାଷ୍ଟ୍ରୀୟ ପତ୍ରକାର ସଂଘର ରାଜ୍ୟ ସଭାପତି ଡ. ପବିତ୍ରମୋହନ ସାମନ୍ତରାୟ, ଶ୍ରୀକାନ୍ତ ଶ୍ରୀଚନ୍ଦନ, ଆଦିବାସୀ ଗବେଷକ ସୂର୍ଯ୍ୟକାନ୍ତ ପାଢୀ, ଆକାଶବାଣୀ ଓ ଦୂରଦର୍ଶନ ବାର୍ତ୍ତା ବିଭାଗର ପୂର୍ବତନ ଉପନିର୍ଦ୍ଦେଶକ ସୁଧାଂଶୁ ଶେଖର ଧଡା, ମହାସଂଘର କନ୍ଧମାଳ ଜିଲ୍ଲା ସଭାପତି ସଂଯୁକ୍ତା ବିଶୋୟୀ, ସଂପାଦକ ଆଲୋକ ବେହେରା ସରୋଜିନୀ ଦାସ ପ୍ରମୁଖ ବକ୍ତବ୍ୟରେ କଳାକାର ଓ ଶିଳ୍ପୀ ମାନଙ୍କ ପ୍ରଗତି ନିମିତ୍ତ ରହିଥିବା ବିଭିନ୍ନ କ୍ଷେତ୍ର ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମର ପରିଚାଳନାରେ କଳ୍ପନା ରଣା, ପ୍ରଶାନ୍ତ ବେହେରା, କଳ୍ପତରୁ ପଣ୍ଡା, ଭାସ୍କର ମହାରଣା,ସାଗର ନାୟକ,ଜଟିଆ ନାୟକ,ମାଳତୀ କହଁର ଓ ସୁଷମା ମହାରଥୀ ପ୍ରମୁଖ ସହଯୋଗ କରିଥିଲେ । ଚଳିତବର୍ଷ ଲାଗି ଶିଳ୍ପୀ ମହାସଂଘର ଶ୍ରେଷ୍ଠ ସମ୍ମାନ ଶିଳ୍ପୀଶ୍ରୀ ପୁରସ୍କାର କନ୍ଧମାଳ ଜିଲ୍ଲା ବାରଖମାର ବିଶିଷ୍ଟ ଢୋକ୍ରା ଶିଳ୍ପୀ ବାନୁ ନାୟକ ଓ ବୟନଶ୍ରୀ ପୁରସ୍କାର ରାୟଗଡା ଜିଲ୍ଲା ଖଜୁରୀର ଡଂଗରିଆ କନ୍ଧ ବୁଣାକାର ସିନ୍ଦେ ଓାଡକାଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ସେହିପରି ଶିଳ୍ପୀ ସଖା ପୁରସ୍କାର ଭୁବନେଶ୍ୱରର କଳା ଗବେଷିକା ତଥା ଲେଖିକା ସୁମିତ୍ରା ପାଢୀଙ୍କୁ ଓ ଶିଳ୍ପୀ ସହଯୋଗୀ ସମ୍ମାନରେ କାରିଗରଙ୍କ ବିକାଶ କ୍ଷେତ୍ରରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରି ଆସୁଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଫୁଲବାଣୀର ପାହାଡ ଓ କଟକର ମୁଭମେଣ୍ଟ ଫର ଅର୍ବାନାଇଜେସନ ଅନୁଷ୍ଠାନକୁ ସମ୍ମାନିତ କରାଯାଇଛି ।

ପଥୁରିଆ ସାହି ଚାରିଛକିଆରେ ଘଟୁଛି ଦୁର୍ଘଟଣା, ହମ୍ପସ୍ ନିର୍ମାଣ ଦାବି

ବୁଗୁଡ଼ା, (ସବ୍ୟୁ): ବୁଗୁଡା ସହର ମଧ୍ୟସ୍ଥ ପଥୁରିଆ ସାହି ଚାରିଛକିଆରେ ଯାନବାହାନ ଚଳାଚଳ ବେଳେ ଅମାନିଆ ଚାଳକଙ୍କ ଯୋଗୁଁ ଅଧିକାଂଶ ସମୟରେ ଛୋଟବଡ ଦୁର୍ଘଟଣାମାନ ଘଟୁଥିବାରୁ ତାହାର ପ୍ରତିକାର ରୂପେ ସେହି ଛକର ତିନିପଟରେ ହମ୍ପସ୍ ନିର୍ମାଣ କରାଯିବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ବୁଗୁଡା ବଡଦାଣ୍ଡ ପଟକୁ ଲମ୍ବିଥିବା ରାସ୍ତାରେ ବିରଞ୍ଚି ନାରାୟଣ ଏବଂ ବଳଦେବସ୍ୱାମୀଙ୍କ ମନ୍ଦିର ସାଙ୍ଗକୁ ଏନ୍ଏସି କାର୍ଯ୍ୟାଳୟ, ଖଦାଳ ସାହି ରାସ୍ତା ପଟରେ ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ, ବନ ବିଭାଗ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ପୋଲିସ ଥାନା ଓ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ, ନୂଆଁସାହି ରାସ୍ତାରେ ଗୋପୀନାଥ ମନ୍ଦିର ରହିଥିବାରୁ ସେହି ଚାରିଛକ ଦେଇ ଦୈନିକ ଅସଂଖ୍ୟ ଶ୍ରଦ୍ଧାଳୁଙ୍କ ସମେତ ଶହଶହ ଛାତ୍ରଛାତ୍ରୀ ଏବଂ ଜନତା ଯାତାୟତ କରୁଛନ୍ତି । ଅମାନିଆ ଚାଳକଙ୍କ ଦ୍ରୁତଗତି ଯୋଗୁଁ ନାନା ସମସ୍ୟା ସାଙ୍ଗକୁ ଦୁର୍ଘଟଣାମାନ ଘଟୁଛି । ସେହି ଛକରେ ଦୁର୍ଘଟଣାକୁ ଏଡାଇବା ଏବଂ ଅମାନିଆ ବାଇକ୍ ଚାଳକଙ୍କ ଦ୍ରୁତଗତିରେ ବ୍ରେକ୍ ଲଗାଇବା ପାଇଁ ଗୋପୀନାଥ ମନ୍ଦିର ନିକଟରେ, ଖଦାଳ ସାହି ମଧ୍ୟରେ ଏବଂ ଏନ୍ଏସି କାର୍ଯ୍ୟାଳୟ ପୂର୍ବରୁ ଏପରି ତିନି ପଟ ରାସ୍ତାରେ ହମ୍ପସ୍ ନିର୍ମାଣ କରିବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

ଦକ୍ଷିଣଓଡ଼ିଶାର୧୭.୨୩ଲକ୍ଷରୁଅଧିକଉପଭୋକ୍ତାଙ୍କ ବିଦ୍ୟୁତ ସେବା ସ୍ୱାଭାବିକ କଲା ଟିପିଏସ୍ଓଡିଏଲ୍

ବ୍ରହ୍ମପୁର, (ସବ୍ୟୁ): ଅତି ଭୀଷଣ ବାତ୍ୟା "ଅର୍ଣ୍ଣବ' ଏବଂ ଏହା ପରବର୍ତ୍ତୀ ପ୍ରବଳ ବର୍ଷା ଓ ବନ୍ୟାର ମୁକାବିଲା କରି ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ ପୁନରୁଦ୍ଧାର କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍) । ଟାଟା ପାଓ୍ୱାର ଓ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟୋଗ ଟିପିଏସ୍ଓଡିଏଲ୍ ଏହାର ୮ଟି କାର୍ଯ୍ୟକ୍ଷେତ୍ର ଜିଲ୍ଲାରେ ପ୍ରଭାବିତ ୧୭ ଲକ୍ଷ ୮୮



ହଜାର ୯୪୨ ଗ୍ରାହକଙ୍କ ମଧ୍ୟରୁ ୧୭ ଲକ୍ଷ ୨୩ ହଜାର ୧୮୫ ଗ୍ରାହକଙ୍କ ପ୍ରଭାବିତ ବିଦ୍ୟୁତ ସେବା ପୁନର୍ବାହାଲ । ଏଥିସହ ମୋଟ୍ ୯୬.୩୨ ପ୍ରତିଶତ ବିଦ୍ୟୁତ ପୁନରୁଦ୍ଧାର ହୋଇଛି । ବାତ୍ୟା ଯୋଗୁଁ ପ୍ରବଳ ପବନରେ ଅନେକ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିବା ସହ ବିଦ୍ୟୁତ ତାର ଛିଡ଼ି ଯାଇଥିଲା । ଏହାପରେ ଭୀଷଣ ବର୍ଷା, ନଦୀରେ ବନ୍ୟା ଓ ବିଭିନ୍ନ ସ୍ଥାନରେ ଜଳବନ୍ଦୀ ପରିସ୍ଥିତି ବିଦ୍ୟୁତ ପୁନରୁଦ୍ଧାର କାର୍ଯ୍ୟକୁ ଅଧିକ ଜଟିଳ କରିଥିଲା । ଏଭଳି ପରିସ୍ଥିତିରେ ଟିପିଏସ୍ଓଡିଏଲ୍‌ର ସମନ୍ୱିତ ପଦକ୍ଷେପ ଯୋଗୁଁ ବିଦ୍ୟୁତ ଯୋଗାଣ ସ୍ୱାଭାବିକ କରିବାରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି । ଟିପିଏସ୍ଓଡିଏଲ୍ ସମସ୍ତ ୧୩୦ଟି ପ୍ରଭାବିତ ୩୩/୧୧ କେଭି ପ୍ରାଥମିକ ସବ୍‌ଷ୍ଟେସନକୁ ପୁନଃ କାର୍ଯ୍ୟକ୍ଷମ କରିଛି । ସେହିପରି ପ୍ରଭାବିତ ୪୬ଟି ୩୩ କେଭି ଫିଡର୍ ମଧ୍ୟରୁ ୪୫ଟି ଏବଂ ୬୫୮ଟି ପ୍ରଭାବିତ ୧୧ କେଭି ଫିଡର୍ ମଧ୍ୟରୁ ୬୫୧ଟି ପୁନରୁଦ୍ଧାର ହୋଇଛି । ଏହାବ୍ୟତୀତ ୨୭୮ଟି ପ୍ରଭାବିତ ପାଓ୍ୱାର ଟ୍ରାନ୍ସଫର୍ମର୍ (ପିଟିଆର୍) ମଧ୍ୟରୁ ୨୭୭ଟି ଏବଂ ୫୬ ହଜାର ୭୦୬ଟି ପ୍ରଭାବିତ ଡିଷ୍ଟ୍ରିବ୍ୟୁସନ୍ ଟ୍ରାନ୍ସଫର୍ମର୍ (ଡିଟିଆର୍) ମଧ୍ୟରୁ ୫୫ ହଜାର ୨୬୫ଟିକୁ ପୁନଃ କାର୍ଯ୍ୟକ୍ଷମ କରାଯାଇଛି । ୧୭ ଲକ୍ଷରୁ ଅଧିକ ଗ୍ରାହକଙ୍କୁ ବିଦ୍ୟୁତ ସେବା ଫେରାଇ ଦିଆଯାଇଥିବା ବେଳେ ଅବଶିଷ୍ଟ ୬୫ ହଜାର ୭୫୭ ଗ୍ରାହକଙ୍କୁ ବିଦ୍ୟୁତ ସଂଯୋଗ ଯୋଗାଇବା ପାଇଁ ଟିପିଏସ୍ଓଡିଏଲର ଟିମଗୁଡ଼ିକ ଦିନରାତି କାର୍ଯ୍ୟ ଜାରି ରଖିଛନ୍ତି । ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ଟିପିଏସ୍ଓଡିଏଲର ସିଇଓ ଅମିତ ଗର୍ଗ କହିଛନ୍ତି, ଦକ୍ଷିଣ ଓଡ଼ିଶାର ୮ଟି ଜିଲ୍ଲାରେ ୧୭ ଲକ୍ଷରୁ ଅଧିକ ଗ୍ରାହକଙ୍କୁ ବିଦ୍ୟୁତ ସେବା ଫେରାଇବା ସହ ୯୬ ପ୍ରତିଶତରୁ ଅଧିକ ପୁନରୁଦ୍ଧାର ହାସଲ କରିବା ଆମର ବାତ୍ୟା ପରବର୍ତ୍ତୀ ପଦକ୍ଷେପର ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା । ବିଦ୍ୟୁତ ସମ୍ବନ୍ଧୀୟ ଯେକୌଣସି ବିପଦ କିମ୍ବା ବିଦ୍ୟୁତ ଯୋଗାଣ ସମସ୍ୟା ସମ୍ପର୍କରେ କମ୍ପାନୀର ୨୪ ଘଣ୍ଟିଆ ହେଲ୍‌-ଲାଇନ୍ ନମ୍ବର ୧୮୦୦୨୦୨୬ ଏବଂ ୧୯୧୨ ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

୫୪ ବର୍ଷରେ ନାନପୁର ମିଳିତ ଜନମଙ୍ଗଳ ପାଠାଗାରର ନାଟକ ଉତ୍ସବ

ବିଶିଷ୍ଟ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ ନାନପୁର ଗୌରବ ସମ୍ମାନ

ବାଲିଚନ୍ଦ୍ରପୁର, (ସବ୍ୟୁ): ଆମ ସମସ୍ତଙ୍କ ଭିତରେ ଜଣେ ଅଭିନେତାର ଏକ ସୁନ୍ଦର ଜୀବନ ରହିଛି । ସମାଜର ଏହି ବିଶ୍ୱ ରଙ୍ଗମଂଚରେ ଆମେ ମାନବୀୟ ଚେତନାର ନିପୁଣ ଅଭିନୟ କରିପାରିଲେ- ଜୀବନ ସାର୍ଥକ ହେବ ବୋଲି କହିଛନ୍ତି ଜିଲ୍ଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ତଥା କୋରେଇ ବିଧାୟକ ଆକାଶ ଦାସ ନାୟକ । ବଡ଼ଚଣା ବ୍ଲକର ନାନପୁର ମେଲଣ ପଡ଼ିଆଠାରେ ସ୍ଥାନୀୟ ଜନମଙ୍ଗଳ ପାଠାଗାରର ୫୪ତମ ବାର୍ଷିକ ନାଟ୍ୟ ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆକାଶ ଦାସ ନାୟକ ନାନପୁର ପଟଣା ଗାଁର ତରୁଣ କଳାକାରମାନଙ୍କ ଏହି ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ । ଉଦଘାଟକ ଭାବେ



ଯୋଗଦେଇ ବଡ଼ଚଣା ବିଧାୟକ ଅମର କୁମାର ନାୟକ କହିଥିଲେ ଦୀର୍ଘ ୫୪ବର୍ଷ ଧରି ଜନମଙ୍ଗଳ ପାଠାଗାର ନିରବଚ୍ଛିନ୍ନ ଭାବେ ଗ୍ରାମାଂଚଳର କଳା ଓ ସଂସ୍କୃତିକୁ ବଂଚାଇବା ପାଇଁ ଯେଉଁ ପ୍ରୟାସ କରୁଛନ୍ତି ତାହା ଅଭିନନ୍ଦନୀୟ । ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ ନାନପୁର ଗାଁର ବରେଣ୍ୟ ପ୍ରତିଭା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଣ୍ଡା, ଧର୍ମପଦ ପୁରସ୍କାର ବିଜେତା ବିଖ୍ୟାତ ସ୍ଥପତି ବିପ୍ରଚରଣ ମହାନ୍ତି ଏବଂ ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ଲେଖକ ତଥା ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତିଙ୍କ ପାଇଁ ନାନପୁର ମାଟି ଗର୍ବିତ ବୋଲି କହିଥିଲେ । ପାଠାଗାରର ସଭାପତି ତଥା ପୂର୍ବତନ ସରପଂଚ ଫନୀନ୍ଦ୍ର ନାଥ ପଣ୍ଡା ଉତ୍ସବରେ ସଭାପତିତ୍ୱ କରିଥିଲେ । ଉତ୍ସବରେ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ପ୍ରଦ୍ୟୁମ୍ନ କୁମାର ଲେଙ୍କାଙ୍କୁ ନାନପୁର ଗୌରବ ସମ୍ମାନ ଏବଂ କେନ୍ଦ୍ରାପଡ଼ା କୋ-ଅପରେଟିଭ ସୋସାଇଟିର ସଭାପତି ପ୍ରମୋଦ କୁମାର ସାହୁଙ୍କୁ ସେବାଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ସଂପାଦକ ଅକ୍ଷୟ କୁମାର ଷେ,, ସଂପାଦକୀୟ ବିବରଣୀ ଓ ପ୍ରଦୀପ୍ତ ଷେ,, ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା କଟି କଟି ଡବଲ କଟି ଏବଂ ଗୋଟେ ଶୁଆ ଗୋଟେ ଶାରୀ ମଂଚ ନାଟକ ପରିବେଷିତ ହୋଇଥିଲା । ନାଟ୍ୟ ନିର୍ଦ୍ଦେଶକ ରଂଜନ କୁମାର କରଙ୍କୁ ଏ ଅବସରରେ ସମ୍ମାନିତ କରାଯାଇଥିଲା । ପାଠାଗାରର ଉପସଭାପତି ମାନସ ରଂଜନ ଦେଓ ସଭା ସଂଚାଳନ କରିଥିଲାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ମନୋରଂଜନ ସ୍ୱାଇଁ ।

୨୮ ବର୍ଷ ପରେ ଘରକୁ ଫେରିଲେ ଦୋଳ, ପରିବାରରେ ଖୁସିର ଲହରୀ

ଠାକୁରଗଡ଼/ବଇଣ୍ଡା, (ସବ୍ୟୁ) : ସାମାନ୍ୟ କଳି ଝଗଡାକୁ କେନ୍ଦ୍ରକରି ରୁଷି କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ବଡ଼ହୁଲା ଗ୍ରାମର ଦୋଳ ଦେହୁରୀ ଘରୁ ପଳାଇଥିବା ବେଳେ ୨୮ ବର୍ଷ ପରେ ଭିଟା ମାଟିକୁ ଫେରିଛନ୍ତି । ତାଙ୍କୁ ପରିବାର ଲୋକେ ପାଇ ବହୁ ଖୁସିଥିବା ବେଳେ ପରିବାର ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି ।

ଘଟଣାରୁ ଜଣା ପଡିଛି ଯେ, ବଡ଼ହୁଲା ଗ୍ରାମର ପ୍ରହ୍ଲାଦ ଦେହୁରୀ, ପଦ୍ମାବତୀ ଦେହୁରୀଙ୍କର ପୁଅ ଦୋଳ ଦେହୁରୀ ୧୯୯୮ ମସିହାରେ ତାଙ୍କ ପରିବାର ଲୋକଙ୍କ ସହ ସାମାନ୍ୟ ମନ ମାଳିନ୍ୟ ଯୋଗୁଁ ରାଗିଯାଇ ଘରୁ ପଳାଇ ଯାଇଥିଲେ । ସେହି ସମୟରେ ଦୋଳଙ୍କୁ ୧୫ ବର୍ଷ ହୋଇଥିବା ବେଳେ ରାଜ୍ୟ ବାହାରକୁ ଟ୍ରକ ଯୋଗେ ପଳାଇ ଯାଇଥିଲେ। ତାଙ୍କ ମନରେ ପରିବାର ପ୍ରତି କୌଣସି ମୋହ ନଥିଲା ଫଳରେ ଆଉ ସେ ଘରକୁ ଆସି ନଥିଲେ । ରାଜ୍ୟ ବାହାରେ କାମ କରି



ନିଜ ପେଟ ପୋଷୁଥିବା ବେଳେ କିଛି ବର୍ଷ ତଳେ ସେ ଓଡିଶାକୁ ଆସି କଟକ ଜଗତପୁର ଅଞ୍ଚଳରେ ରହି କାମ କରୁଥିଲେ । ଇତି ମଧ୍ୟରେ ଦୀର୍ଘ ୨୮ ବର୍ଷ ବିତି ଯାଇଥିଲେ ମଧ ଦୋଳ ଘରମୁହାଁ ହୋଇ ନଥିଲେ ।

କିଛିଦିନ ତଳେ ବଡ଼ହୁଲା ଅଞ୍ଚଳରୁ କିଛି ବ୍ୟକ୍ତି ଜଗତପୁର ଅଞ୍ଚଳକୁ ଯାଇଥିବା ବେଳେ ଦୋଳ ସେମାନଙ୍କ ସହ ପରିଚିତ ହୋଇଥିଲେ। ବଡ଼ହୁଲା ଅଞ୍ଚଳର କିଛି ବ୍ୟକ୍ତିଙ୍କର ନାମ କହିବା ସହ ତାଙ୍କ ବାପା, ମା'ଙ୍କ ନାମ ପ୍ରକାଶ କରିଥିଲେ । ପରେ ସେ ଦୋଳ ବୋଲି ପରିଚୟ ଦେବା ପରେ ତାଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରାଯାଇଥିଲା । ଦୋଳଙ୍କର ଭାଇ ଲମ୍ବୋଦର ଦେହୁରୀ, ଭାଉଜ ଯଶୋବନ୍ତି ଦେହୁରୀ ଓ ନାନି ଚଞ୍ଚଳା ବେହେରା ଜଗତପୁର ଅଞ୍ଚଳକୁ ଯାଇ ଦୋଳକୁ ଘରକୁ ଆଣିଥିଲେ । ଦୀର୍ଘ ୨୮ ବର୍ଷ ପରେ ଦୋଳକୁ ପାଇବା ପରିବାର ଲୋକ ଭାବ ବିହୋଳ ହୋଇପଡ଼ିଥିଲେ ।

ଇତି ମଧ୍ୟରେ ଦୋଳଙ୍କ ବାପା ପ୍ରହ୍ଲାଦ ୨୦୧୫ ମସିହାରେ ପରଲୋକ ହୋଇଯାଇଥିବା ବେଳେ ମା ପଦ୍ମାବତୀ ୨୦୧୭ ମସିହାରେ ପରଲୋକ ହୋଇଯାଇଛନ୍ତି। ଦୋଳ ଗ୍ରାମକୁ ଫେରିଲା ପରେ ଗ୍ରାମ୍ୟ ଦେବୀଙ୍କ ଠାରେ ପୂଜା କରିବା ପରେ ଘରକୁ ଯାଇଥିଲେ। ହେଲେ ବାପା, ମା'ଙ୍କର ପରଲୋକ ଖବର ପାଇ ସେ ଦୁଃଖିତ ହୋଇଥିବା ବେଳେ ଗ୍ରାମର ପରିବର୍ତ୍ତନକୁ ନେଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ।

ଲକ୍ଷ୍ମୀ ପୂଜା ମଣ୍ଡପ ଏବେ ଯୁବକ ଯୁବତୀଙ୍କ ସେଲଫି ପଏଣ୍ଟ

ବଅଁରପାଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ମା ଲକ୍ଷ୍ମୀ ଠାକୁରାଣୀଙ୍କ ପୂଜା ଜାକଜମକରେ ପାଳିତ ହେଉଛି। ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକ ମାଳାରେ ଝଲସି ଉଠୁଛି ଗାଁ ରାସ୍ତା । ସନ୍ଧ୍ୟା ହେଲେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି ମଣ୍ଡପରେ । ପ୍ରତିଦିନ ପ୍ରସାଦ ସେବନ ସାଙ୍ଗକୁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଦୋକି ଓ ଖାଦ୍ୟ ଷ୍ଟଲ ଗୁଡିକରେ ଯୁବକ ଯୁବତୀ ଭିଡ଼ ଜମାଉଛନ୍ତି ।

ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ବିଭିନ୍ନ ରାଜନୈତିକ ଦଳର ନେତା ଓ ସମାଜସେବୀ, ଆଶାୟୀ ପ୍ରାର୍ଥୀ ମାନେ ପୂଜା ମଣ୍ଡପ ବୁଲିବା ସହିତ ଲୋକଙ୍କ ସହ ଯୋଡ଼ି ହେବା ପାଇଁ ପ୍ରୟାସ କରୁଛନ୍ତି । ପୂଜା ମଣ୍ଡପ ନିକଟରେ ମା ଲକ୍ଷ୍ମୀଙ୍କୁ ପଛକରି ଯୁବକ ଯୁବତୀ ଓ ଦଳୀୟ କର୍ମୀଙ୍କୁ ନେଇ ନେତା ମାନେ ମୋବାଇଲରେ ସେଲଫି ନେଇ ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି । ଏହା କି ପ୍ରକାର ଭକ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏଭଳି ଦୃଶ୍ୟ ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି । ଏଭଳି ଦୃଶ୍ୟକୁ ବୁଦ୍ଧିଜୀବୀ ମାନେ ନିନ୍ଦା କରିଛନ୍ତି । ବଅଁରପାଳ ବ୍ଲକ ବିଭିନ୍ନ ପଞ୍ଚାୟତରେ ୧୦୦ ରୁ ଉର୍ଦ୍ଧ ମଣ୍ଡପରେ ପୂଜା ପାଉଛନ୍ତି ମା ଲକ୍ଷ୍ମୀ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ନାଲକୋ ନଗର ଓ ବଅଁରପାଳ ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି । ଆସନ୍ତା ଦୁଇ ତାରିଖ ସୋମବାର ଦିନ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି ।

ଅନନ୍ତ ଖଣିରେ ଘରୋଇ କମ୍ପାନୀର ଠିକା କର୍ମଚାରୀଙ୍କ ମୃତ୍ୟୁ

ତାଳଚେର, (ସବ୍ୟୁ) : ତାଳଚେର କୋଲିୟରୀ ଥାନା ଅନ୍ତର୍ଗତ ଅନନ୍ତ କୋଇଲା ଖଣିରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟକରୁଥିବା ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ପର୍ଜଙ୍ଗବ୍ଲକ ଗେଙ୍ଗୁଟିଆ ଗ୍ରାମର ପଦ୍ମଲୋଚନ ସାହୁ ଶୌଚ ହେବାକୁ ରେଲୱେ ସାଇଡ଼ିଙ୍ଗ ଆଡ଼କୁ ଯାଉଥିଲେ । ଠିକ୍ ଏତିକି ବେଳେ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସେଠାରେ ତାଙ୍କର ଆକସ୍ମିକ ଭାବେ ମୃତ୍ୟୁ ହୋଇଥିବା ଖଣି ଅଂଚଳରେ ଏକ ଦୁଃଖର ଛାୟା ଖେଳାଇ ଦେଇଛି । ଖବର ପ୍ରଚାରିତ ହେବାପରେ ରେଲୱେ ସାଇଡ଼ିଙ୍ଗ ଲୋକେ ରୁଣ୍ଡ ହୋଇଯାଇଥିଲେ । ପୋଲିସ୍ ଘଟଣା ସ୍ଥଳରେ ପହଚି ଶବକୁ ଜବତ କରିବା ସହ କିପରି ଓ କାହିଁକି ମୃତ୍ୟୁ ଘଟିଛି ତାର ତଦନ୍ତ ଜାରି ରଖିଛି ।

ବଇଣ୍ଡାରେ ବାଣ ଜବତ, ଦୁଇ ଗିରଫ

ଠାକୁରଗଡ଼, (ସବ୍ୟୁ) : କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ଅଂଚଳରେ ଶୁକ୍ରବାର ଦିନ ହଣ୍ଡପା ପୋଲିସ ଚଢ଼ାଉ କରି ବ୍ୟାପକ ବେଆଇନ ବାଣ ଜବତ କରିଛି । ଏଥିସହ ଦୁଇ ଜଣଙ୍କୁ ଗିରଫ କରିଛି । ଆଗାମୀ ଦୀପାବଳି ପାଇଁ ବିନା ଲାଇସେନ୍ସରେ ବଇଣ୍ଡା ଅଞ୍ଚଳରେ ବାଣ ଗଚ୍ଛିତ ଥିବା ଖବର ପାଇଁ ହଣ୍ଡପା ଆଇଆଇସି ରାଜେସ ଶତପଥିଙ୍କ ସହ ଏକ ଟିମ ବଇଣ୍ଡାର ଦୀପକ ରାଉତଙ୍କ ଘରେ ଚଢ଼ାଉ କରିଥିଲେ । ତାଙ୍କ ଘରୁ ଦୁଇ ଲକ୍ଷ ଟଙ୍କାର ବାଣ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଥିଲା । ସେହିପରି ବିକାଶ ସାହୁଙ୍କର ଗୁପ୍ତ କୋଠରୀ ଚଢ଼ାଉ କରି ଏକ ଲକ୍ଷ ଟଙ୍କାର ବେଆଇନ ବାଣ ଜବତ କରା ଯାଇଛି । ଏଥିସହ ବିକାଶଙ୍କୁ ଗିରଫ କରାଯାଇଛି । ଏନେଇ ହଣ୍ଡପା ପୋଲିସ ନମ୍ବର ୪୧୪/୨୬ ଓ ୪୧୫ /୨୬ରେ ଦୁଇଟି ମାମଲା ରୁଜୁ କରା ଯାଇଛି ।

ବିଦେଶୀ ମଦ ଜବତ, ବ୍ୟବସାୟୀ ଗିରଫ

ଠାକୁରଗଡ଼, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ରାଣୀଦାନ୍ତ କାଠିଆ ଗ୍ରାମରେ ଦୋକାନ ଦେଇଥିବା ସେହି ଗ୍ରାମର ରଞ୍ଜିତ ବେହେରାଙ୍କ ଦୋକାନରୁ ଶନିବାର ଦିନ ଅନୁଗୋଳ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ଟିମ ଚଢ଼ାଉ କରି ୪୦ ଲିଟର ବିଦେଶୀ ମଦ ଜବତ କରାଯାଇଛି । ଏଥିସହ ତାଙ୍କୁ ଗିରଫ କରାଯାଇଛି । ଘଟଣାରୁ ଜଣା ପଡିଛି ଯେ, ରଞ୍ଜିତ କିଛି ବର୍ଷ ହେବ ବେଆଇନ ଭାବରେ ମଦ ବ୍ୟବସାୟ କରୁଛନ୍ତି । ଯାହାକି ଏହି ଅଞ୍ଚଳର ଯୁବ ପିଢ଼ି ମାନେ ମଦ ପିଇ ଅନେକ ସମୟରେ ଗଣ୍ଡଗୋଳ ସୃଷ୍ଟି କରୁଛନ୍ତି । କିଛି ମାସ ତଳେ ପୋଲିସ ରଞ୍ଜିତକୁ ମଦ ବ୍ୟବସାୟ ମାମଲାରେ ଗିରଫ ହୋଇଥିଲେ । ଜାମିନରେ ଆସିବା ପରେ ପୁଣି ମଦ ବ୍ୟବସାୟ ଆରମ୍ଭ କରିଥିଲେ । ସ୍ଥାନୀୟ ପୋଲିସକୁ ମାସିକିଆ ହାତ ଗୁଂଜା ଦେଇ ଏହି ବ୍ୟବସାୟ କରୁଥିବା ସ୍ଥାନୀୟ ଅଞ୍ଚଳବାସି ଅଭିଯୋଗ କରିବା ପରେ ସ୍ୱତନ୍ତ୍ର ଟିମ ଚଢ଼ାଉ କରିଥିଲା । ପରେ ଠାକୁରଗଡ଼ ପୋଲିସକୁ ହସ୍ତାନ୍ତର କରିଥିଲା । ଏନେଇ ନମ୍ବର ୩୧୮/୨୬ ରେ ଏକ ମାମଲା ରୁଜୁ କରିଛି ।

ବାଲିମି ଥାନାରେ ନିଶାମୁକ୍ତ ଭାରତ ଅଭିଯାନ ଓ ଜାତୀୟ ଏକତା ଦିବସ

ହିନ୍ଦୋଳ, (ସବ୍ୟୁ) : ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ଅଭ୍ୟର୍ଥନା ଗୃହରେ ବାଲିମି ଥାନାଧିକାରୀ ଚାରୁଲତା ବେହେରାଙ୍କ ଅଧ୍ୟକ୍ଷତାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି । ତତ୍ ସହିତ ନିଶାମୁକ୍ତ ଭାରତ ଅଭିଯାନ ପାଳିତ ହୋଇଯାଇଅଛି । ସମାଜକୁ ନିଶାମୁକ୍ତ କରିବାପାଇଁ ବାଲିମି ପୋଲିସ



ସମିତିର ସଦସ୍ୟ ଓ ସଦସ୍ୟା ଶପଥ ପାଠ ଗ୍ରହଣ କରିଥିଲେ । ବାଲିମି ଥାନାର ସମସ୍ତ କର୍ମଚାରୀ ଓ ସମିତିର ସଦସ୍ୟ ସଦସ୍ୟା ଥାନା ପରିସରକୁ ସଫା ସୁତୁରା କରିଥିଲେ । ସମସ୍ତ ସଦସ୍ୟ ସଦସ୍ୟା ଓ ସାଧାରଣ ଜନତାଙ୍କ ସହଯୋଗ ରହିଲେ ଅନେକାଂଶରେ ସମାଜରେ ଶାନ୍ତି ଶୃଙ୍ଖଳା ରକ୍ଷା ହୋଇ ପାରିବ ବୋଲି ଥାନାଧିକାରୀ ଶ୍ରୀମତୀ ବେହେରା ନିଜ ବକ୍ତବ୍ୟ ରଖିଥିଲେ । ଶେଷରେ ବାଲିମି ଥାନା ଏଏସଆଇ ମାମିନା ମିଶ୍ର ଧନ୍ୟବାଦ ଦେଇଥିଲେ ।

ପଲ୍ଲିଶ୍ରୀ ମେଳା : ୫ ଦିନରେ ୯୬.୮୩ ଲକ୍ଷ ଟଙ୍କାର ବିକ୍ରି

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ସହରନିଟକସ୍ଥ ମହିଷାପାଟସ୍ଥିତ ପଲ୍ଲିଶ୍ରୀ ମେଳା ପଡ଼ିଆଠାରେ ଚାଲିଥିବା ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳରେ ୫ ଦିନରେ ମୋଟ ୯୬ଲକ୍ଷ ୮୩ ହଜାର ୩ ଶହ ଟଙ୍କାର କାରବାର ହୋଇଥିବା ଜଣାପଡିଛି । ପ୍ରଥମ ଦିନରେ ୧୪ଲକ୍ଷ ୮୨ ହଜାର ୬ଶହ ଟଙ୍କାର ସାମଗ୍ରୀ ବିକ୍ରୀ ହୋଇଥିବାବେଳେ ଦ୍ୱିତୀୟ ଦିନରେ ୯ଲକ୍ଷ ୨୨ ହଜାର ଏବଂ ତୃତୀୟ ଦିନରେ ୪ଲକ୍ଷ ୧୨ ହଜାର ୨ଶହ ଟଙ୍କା, ଚତୁର୍ଥ ଦିନ ୨୧ଲକ୍ଷ ୭୮ ହଜାର ୬ଶହ ଏବଂ ୫ମ ଦିନରେ ୪୬ଲକ୍ଷ ୮୭ ହଜାର ୯ଶହ ଟଙ୍କାର ସାମଗ୍ରୀ ବିକ୍ରୀ ହୋଇଥିବାର ଜଣାପଡିଛି ।

ଏହି ମେଳା ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଓଡ଼ିଶା ଗ୍ରାମୀଣ ଉନ୍ନୟନ ଓ ବିପଣନ ସମିତି ଓରମାସ୍ ଭୁବନେଶ୍ୱର ଏବଂ ଢେଙ୍କାନାଳ ଜିଲ୍ଲା ପ୍ରଶାସନର ମିଳିତ ଆୟୋଜନରେ ଏହି ମେଳାରେ ପଞ୍ଚାୟତିରାଜ ବିଭାଗ, ହସ୍ତଶିଳ୍ପ ଓ କୁଟୀର ଶିଳ୍ପ ବିଭାଗ, ମିଶନ ଶକ୍ତି ଏବଂ ବୟନ ଶିଳ୍ପ ବିଭାଗ ସହଯୋଗୀ ଭାବେ



ସାମିଲ ହୋଇଛନ୍ତି । ଚଳିତବର୍ଷ ମେଳାରେ ୧୫ଟି ରାଜ୍ୟ, ଓଡ଼ିଶାର ୩୦ଟି ଜିଲ୍ଲା, ୩୫୨ଟି ଗୋଷ୍ଠୀ ଓ ଅନୁଷ୍ଠାନରୁ ମୋଟ ୬୫୮ ଜଣ ଅଂଶଗ୍ରହଣ କରୁଛନ୍ତି । ମେଳାରେ ୨୭୫ଟି ବିକ୍ରୟ ଓ ପ୍ରଦର୍ଶନୀ ଷ୍ଟଲ୍, ୨୮ଟି ଖାଦ୍ୟ ଷ୍ଟଲ୍ ଏବଂ ୫ଟି ସୁଭଦ୍ରା ଶକ୍ତି ଫୁଡ୍ ଷ୍ଟଲ ସ୍ଥାନ ପାଇଛି । ଷ୍ଟଲଗୁଡ଼ିକରେ ବିଭିନ୍ନ ରାଜ୍ୟର ପାରମ୍ପରିକ ହସ୍ତତନ୍ତ, ହସ୍ତଶିଳ୍ପ, ଘରୋଇ ଉତ୍ପାଦ, ଖାଦ୍ୟ ସାମଗ୍ରୀ ଓ ଗ୍ରାମୀଣ ଉଦ୍ୟୋଗର ଉତ୍ପାଦ ପ୍ରଦର୍ଶନ ସହ ବିକ୍ରୟ କରାଯାଉଛି । ମେଳାରେ ତେଲେଙ୍ଗାନାର ଫଂଚମପାଲି ହସ୍ତତନ୍ତ, ପଶ୍ଚିମବଙ୍ଗର ବାଉଁଶ ତନ୍ତୁରେ ପ୍ରସ୍ତୁତ ହସ୍ତତନ୍ତ ଓ ଶୁଖିଲା ଫୁଲ, ତାମିଲନାଡୁର ଶାଢ଼ି ଓ ହସ୍ତତନ୍ତ, ମଣିପୁରର ଉଲନ୍ ଉତ୍ପାଦ, ଆସାମର ବାଉଁଶ ହସ୍ତଶିଳ୍ପ, କର୍ଣ୍ଣାଟକର ମହୀଶୂର ଚନ୍ଦନ ଧୂପ ଏବଂ ଜମ୍ମୁ-କାଶ୍ମୀରର ହସ୍ତତନ୍ତ ସାମଗ୍ରୀ ରହିଛି ।

ଝରକା ତାଡି, ଗ୍ରିଲ ଭାଙ୍ଗି ଟଙ୍କା ଓ ସୁନା ଗହଣା ଲୁଟ୍

କାମାକ୍ଷାନଗର, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସହରର ଅନନ୍ତପୁର ସାହିରେ ଲୁଟ ହୋଇଛି। ଝରକା ତାଡିବା ସହ ଗ୍ରିଲକୁ ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟିନେଲେ ଦୁର୍ବୃତ୍ତ। ଅନନ୍ତପୁର ସାହିର ପ୍ରଦୀପ କୁମାର ମିଶ୍ରଙ୍କ ଘରୁ ଲୁଟ ହୋଇଥିବା ବେଳେ ଲୁଟକୁ ନେଇ ଆତଙ୍କିତ ହୋଇଛନ୍ତି ସ୍ଥାନୀୟ ବାସିନ୍ଦା। ଶୁକ୍ରବାର ବିଳମ୍ବିରତ ରାତିରେ ପ୍ରଦୀପ କୁମାର ମିଶ୍ର ନିଜ ଘରେ ଶୋଇଥିବା ବେଳେ ସକାଳୁ ଉଠି ଘର ପଛ ପାଶ୍ୱର୍ରେ ଥିବା ଝରକାକୁ କେହି ତାଡିବ ସହିତ ଗ୍ରିଲକୁ ଭାଙ୍ଗିଥିବା ଦେଖିଥିଲେ। ଦୁର୍ବୃତ୍ତମାନେ ଘରେ ପଶି ବିଭିନ୍ନ ସାମଗ୍ରୀ ଲୁଟି ନେବା ସହିତ ଗଡରେଜ୍ ବାଙ୍ଗି ସେଥିରେ ଥିବା ପ୍ରାୟ ୧୫ ହଜାର ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟି ନେଇଛନ୍ତି। ଲୁଟ୍ ହୋଇଥିବା ଦେଖି ଘର ମାଲିକ ପୋଲିସକୁ ସୂଚନା ଦେଇଥିବା ବେଳେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ କାମାକ୍ଷାନଗର ସହର ଓ ଆଖପାଖରେ ବାରମ୍ବାର ଲୁଟ ହେଉଥିବା ବେଳେ ସ୍ଥାନୀୟ ବାସିନ୍ଦା ଆତଙ୍କିତ ଥିବା ବେଳେ ପୋଲିସ ତରଫରୁ କଡା ପେଟ୍ରୋଲିଂ ପାଇଁ ଦାବୀ କରିଛନ୍ତି ସ୍ଥାନୀୟ ବାସିନ୍ଦା।

ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ



ଅନୁଗୋଳ, (ସବ୍ୟୁ) : ଜିଲ୍ଲା ଶ୍ରମ ବିଭାଗ ତରଫରୁ ଶିଶୁ ଶ୍ରମିକ ନିରାକରଣ ରଥର ଶୁଭାରମ୍ଭ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଅତିରିକ୍ତ ଜିଲ୍ଲାପାଳ ଉଦୟ ମହାପାତ୍ର ଏବଂ ଅତିରିକ୍ତ ଜିଲ୍ଲାପାଳ ମାୟାଧର ବେହେରା ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ ।

ଶିଶୁ ଶ୍ରମିକ ମୁକ୍ତ ଗ୍ରାମପଞ୍ଚାୟତ ଗଠନ ନିମନ୍ତେ ରାଜ୍ୟବ୍ୟାପୀ ଚାଲିଥିବା ୪୪ ଦିନିଆ ଅଭିଯାନର ଏକ ଅଂଶ ଭାବେ ଏହି ସଚେତନତା ରଥର ଆରମ୍ଭ କରାଯାଇଛି । ଏହି ରଥ ଅନୁଗୋଳ ଶ୍ରମ ବିଭାଗ ଅନ୍ତର୍ଗତ ପ୍ରତ୍ୟେକଟି ଗ୍ରାମପଞ୍ଚାୟତ ପରିକ୍ରମା କରିବ । ଏହା ଶିଶୁ ଶ୍ରମିକ ପ୍ରଥାର ନିବାରଣ ଓ ଉଚ୍ଛେଦ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ସହ 'ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ, ୧୯୮୬'ର ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇବ । ଏହି କାର୍ଯ୍ୟକ୍ରମରେ ଯୁଗ୍ମ ଶ୍ରମ ଆୟୁକ୍ତ କୁବେର ବେହେରା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଇତିଶ୍ରୀ ଗାଗରାଇ, ଜିଲ୍ଲା ଶ୍ରମ ଅଧିକାରୀ ପ୍ରିୟମ୍ବଦା ସ୍ୱାଇଁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ସନମ ସ୍ମିତା ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

ନୂଆହତା ଗ୍ରାମରୁ ବିପୁଳ ପରିମାଣର ବାଣ ଜବତ

ବଅଁରପାଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ବଅଁରପାଳ ଥାନା ଅନ୍ତର୍ଗତ ନୂଆହତା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ବିପୁଳ ପରିମାଣର ବାଣ ଜବତ ହୋଇଛି । ବିଶେଷ ସୂତ୍ରରୁ ସୂଚନା ପାଇଁ ବଅଁରପାଳ ଥାନା ପୋଲିସ ନୂଆହତା ଗାଁ ପାଟଣା ସାହିର ବିପିନ ବିହାରୀ ଭୁତିଆଙ୍କ ଘରେ ଚଢ଼ାଉ କରିଥିଲେ । ଉକ୍ତ ଘରୁ ବିପୁଳ ପରିମାଣର ବାଣ ମିଳିଥିଲା । ବେଆଇନ୍ ଭାବେ ବାଣ ଗଛିତ ରଖିବା ଅଭିଯୋଗରେ ବିପିନକୁ ଥାନାରେ ଅଟକ ରଖି ତଦନ୍ତ କରୁଛନ୍ତି ବୋଲି ଥାନା ଅଧିକାରୀ ଅୟସକାନ୍ତ ଜେନା ସୂଚନା ଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ କି ଦୁଇ ଦିନ ତଳେ ତିଗିରିଆ ଅଞ୍ଚଳରୁ ଏକ କାରରେ ଲକ୍ଷାଧିକ ଟଙ୍କାର ବାଣ ଅନୁଗୋଳ ଆସୁଥିବା ବେଳେ ବଅଁରପାଳ ଥାନା ପୋଲିସ ଗାଡିକୁ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଥିଲେ ।

ରେଙ୍ଗାଳି ପୋଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ

ରେଙ୍ଗାଳି, (ସବ୍ୟୁ) : ରେଙ୍ଗାଳି ପୋଲିସ ପକ୍ଷରୁ ଜଗମୋହନ କଲେଜ କୁଲୁମା ଠାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି । ଏହି ଦିବସରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଷୟରେ ଅତିଥିମାନେ ସ୍ମୃତିଚାରଣ କରିଥିଲେ ।

ଲୌହ ମାନବଙ୍କ ବିଷୟରେ ରଚନା ଓ ଭାଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଓଏଚପିସିର ବରିଷ୍ଠ ସାଧାରଣ ପରିଚାଳକ ସମରେନ୍ଦ୍ର ମହାନ୍ତି ଯୋଗଦେଇ ନିଶା ମୁକ୍ତ ଓଡିଶା ପାଇଁ ଯୁବ ବର୍ଗଙ୍କୁ ଆହ୍ୱାନ ଦେବା ଶହ ଶପଥ ପାଠ କରାଇଥିଲେ। ରେଙ୍ଗାଳି ଥାନା ଅଧିକାରୀ ଚଞ୍ଚଳା ନାୟକ, ଏସଆଇ ଧିରେନ ଭୋଏ, ଏଏସଆଇ ରେବତୀ ସାହୁ କଲେଜ ଅଧକ୍ଷ ଦିଗାମ୍ବର ବିଶ୍ୱାଳ, ଭଗବାନ ସାହୁ, ନିରଞ୍ଜନ ପ୍ରଧାନ, ବଜ୍ରକୋଟ ସରପଞ୍ଚ ପ୍ରଦୀପ ସାହୁ, ଶୁଶୁବା ସରପଞ୍ଚଙ୍କ ପ୍ରତିନିଧି ଶିଶିର ସାମଲ, ଗାନ୍ଧୀସେନା ରାଜ୍ୟ ସାଧାରଣ ସମ୍ପାଦକ ନବଘନ ବିଶି, ଗିରିଧାରୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

ଶ୍ରୁତିରେ ବିଭୋର କଲା ନାଟକ 'ନିଆଁ'

ଢେଙ୍କାନାଳ, (ସବ୍ୟୁ) : ଜାତୀୟ ସ୍ତରରେ ଜିଲ୍ଲା ଓ ରାଜ୍ୟ ପାଇଁ ବହୁବାର ସୁନାମ ଆଣିଥିବା ନାଟ୍ୟାନୁଷ୍ଠାନ ଅଲଟ୍ରନେଟିଭ୍ ରିଦମ୍ ଥିଏଟର୍ ପକ୍ଷରୁ ନାଟକକୁ ନେଇ ଢେଙ୍କାନାଳ ସହର କୁଞ୍ଜକାନ୍ତସ୍ଥିତ ଅନୁଷ୍ଠାନର ନାଟ୍ୟ ଶିକ୍ଷା କେନ୍ଦ୍ରରେ ଆରମ୍ଭ ହୋଇଥିବା ଭିନ୍ନ ପ୍ରୟାସ, ନାଟକ ପଠନ ସନ୍ଧ୍ୟା କାର୍ଯ୍ୟକ୍ରମର ଦ୍ୱାବିଂଶତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧକ୍ଷା ଡ. ପୁଷ୍ପଲତା ରଥ ଏବଂ ବରିଷ୍ଠ ଅଭିନେତା ଜୟଦେବ ଶତପଥୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ନାଟକ ଏକ ଦୃଶ୍ୟକାବ୍ୟ ହୋଇଥିବା ବେଳେ ତାହାର ଦୃଶ୍ୟ ସଂରଚନା ଯେତିକି ଆକର୍ଷଣୀୟ, ତାହାର କାବ୍ୟ ବିଭବ ମଧ ସେତିକି ମର୍ମସ୍ପର୍ଶୀ ।

ତେଣୁ ନାଟକର ମଂଚନ ଅନେକ ସମୟରେ ହେଉଥିବା ବେଳେ ଢେଙ୍କାନାଳରେ ପ୍ରାୟ ୨୨ମାସ ଧରି ନିରବଚ୍ଛିନ୍ନ ଭାବେରେ ନାଟକ ପଠନ ସନ୍ଧ୍ୟାର ଆୟୋଜନ କରାଯାଉଛି । ଶ୍ରୁତିରେ ନାଟକକୁ ସ୍ମୃତି କରି ରଖିବା ପାଇଁ ଅଲଟ୍ରନେଟିଭ୍ ରିଦମ୍ ଥିଏଟର୍‌ର ଏହା ଏକ ନିଆରା ପ୍ରୟାସ । ଦ୍ୱାବିଂଶ ନାଟକ ଭାବରେ ସାଂପ୍ରତିକ ସମୟରେ ନିଶା ସେବନର ଭୟାବହତା ଏବଂ ପରିଣାମ ସମ୍ପର୍କିତ ନାଟ୍ୟକାର ଗୋପୀନାଥ ବାରିକଙ୍କ ଦ୍ୱାରା ରଚିତ ନାଟକ 'ନିଆଁ'କୁ ଅନୁଷ୍ଠାନର କଳାକାରମାନେ ବାଚିକ ଅଭିନୟ ମାଧ୍ୟମରେ ପରିବେଷଣ କରିଥିଲେ ।

ବିଭିନ୍ନ ଭୂମିକାରେ ମନୋହର ଶତପଥୀ, ନିରଂଜନ ମହାନ୍ତି, କାମାକ୍ଷା ପ୍ରସାଦ ରଣା, ମାନସ କୁମାର ସାହୁ, ଦେବଯାନୀ ଦାସ ଏବଂ ଦିନେଶ ଦାସ ପ୍ରମୁଖ ବାଚିକ ଅଭିନୟ ପରିବେଷଣ କରିଥିଲେ । ଅନୁଷ୍ଠାନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ସମଲ ଥାନାରେ ରାଷ୍ଟ୍ରୀୟ ଏକତା ଦିବସ ଶପଥ



ଗୋଡ଼ିବନ୍ଧ, (ସବ୍ୟୁ) : ଅନୁଗୁଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନଙ୍କ ନିର୍ଦ୍ଦେଶ କ୍ରମେ ସମଲ ଥାନାରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି । ସମଲ ଥାନାର ଭାରପ୍ରାପ୍ତ ଅଧିକାରୀ ଇନ୍ସପେକଟର ମୃଣାଳ କାଲୋ ଏହି ଶପଥ ପାଠରେ ଦେଶର ସାର୍ବଭୌମତ୍ୱ, ଏକତା, ଅଖଣ୍ଡତା, ନିରପେକ୍ଷତା, ଗୋପନୀୟତା ଓ ସଚୋଟତା ବଜାୟ ରଖିବାକୁ ଶପଥ କରାଇଥିଲେ ।

ଏ ଅବସରରେ ଅତିରିକ୍ତ ଥାନାଧିକାରୀ ବିଚିତ୍ରାନନ୍ଦ ସାହୁ, ଏସଆଇ ନିରୋଜ ବେହେରା, ମାନସ ସାହୁ, କନେଷ୍ଟବଳ ଅନିଲ କୁମାର ସାହୁ, ନିଗମ କର, ଅଭିରାମ ନାୟକ, ଥାନା ଲେଖିକା ମାଗୃତି କୁଜୁର, ଓପିଏଫ ଜବାନ ସୁଶାନ୍ତ କିଶାନ, ଗୃହରକ୍ଷୀ ଅଭିମନ୍ୟୁ ବେହେରା, ବିକ୍ରମ ସାମଲ ପ୍ରମୁଖ ସମସ୍ତ ଥାନା କର୍ମଚାରୀ ଉପସ୍ଥିତ ଥଲେ ।

ନିଶାମୁକ୍ତ ସଶକ୍ତ ଭାରତ କାର୍ଯ୍ୟକ୍ରମ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଥାନା ଆନୁକୁଲ୍ୟରେ ଆଜି ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସୃତି ଦିବସ ପାଳନ ଅବସରରେ ସାରା ଭାରତରେ ରାଷ୍ଟ୍ରିୟଏକତା ଦିବସ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଇ.ଆଇ.ସି ସୁବ୍ରତ କୁମାର ସାହୁ ,ଏସ୍ .ଆଇ. ତେରେସା କିଣ୍ଡୋ , ଏ.ଏସ୍.ଆଇ ଆଦର୍ଶ ବାହାଲଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ । ପୂର୍ବାହ୍ନ ରେ ଯୁବ ପିଢ଼ିଙ୍କୁ ନେଇ ଏକ ଗଣ ଦୌଡ ପରଜଙ୍ଗ ମିନି ଷ୍ଟାଡିୟମ ଠାରୁ ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ନିଶାମୁକ୍ତ ଅଭିଯାନ ସମ୍ପର୍କରେ ଆଇ.ଆଇ.ସି ସୂଚନା ଦେଇଥିଲେ । ଜଣେ ବ୍ୟକ୍ତି ବସ୍ତି ମଝିରେ ଖୋଲା ଖୋଲି ମଦ ବ୍ୟବସାୟ କଲେ କିମ୍ବା ଅନ୍ୟାନ୍ୟ ମାଦକ ଦ୍ରବ୍ୟ ବିକିଲେ କିଭଳି ଭାବେ ରୋକାଯାଇ ପାରିବ ସେ ସମନ୍ଧେ ସୂଚନା ଦେଇଥିଲେ ।

କିଭଳି ଭାବେ ସାଧାରଣ ବ୍ୟକ୍ତିମାନେ ମଦ ବ୍ୟବସାୟ ଓ ଅନ୍ୟାନ୍ୟ ବ୍ୟବସାୟ ସମନ୍ଧେ ଏକତ୍ରିତ ହୋଇ ତାଗିଦ କଲେ ମଦ ବ୍ୟବସାୟରେ ବ୍ୟାଘାତ ଘଟିବା ସହ ସେ ଲୋକ ପୁନଃ ମଦ ବିକ୍ରି କରିବାର ସାହାସ କରିବ ନାହିଁ । ଠିକ୍ ସମୟରେ ଠିକଣା ପାଖରେ ପୋଲିସ ପହଞ୍ଚି ପାରିବାକୁ ହେଲେ ପୋଲିସ କୁ ସୂଚନା ଦରକାର ଏବଂ କଠିନରୁ କଠିନ ସଜା ଦେବାକୁ ହେଲେ ସାକ୍ଷୀ ଦରକାର । ପୋଲିସକୁ ଜନ ସାଧାରଣ ସାହାଯ୍ୟ କଲେ ନିଶ୍ଚିତ ଭାବରେ ଏ ଅଞ୍ଚଳ ନିଶାମୁକ୍ତ ହେବା ସହ ନିଶାମୁକ୍ତ ଭାରତ ସୁସ୍ଥ ଜୀବନ ସମୃଦ୍ଧ ଭାରତ ଗଠନ ହୋଇପାରିବ ବୋଲି କହିଥିଲେ । ଏହି ଅବସରରେ ସୁସ୍ଥ ଜୀବନ ସମୃଦ୍ଧ ଭାରତ ଗଠନ ଦିଗରେ ସମସଙ୍କୁ ଆଇ.ଆଇ.ସି ଶପଥ ପାଠ କରାଇଥିଲେ ।

ଆଓଲା ଅଧକ୍ଷ ଜ୍ଞାନ ମହାନ୍ତିଙ୍କ ବିୟୋଗରେ ସ୍ମୃତିସଭା

ଆଠମଲ୍ଲିକ, (ସବ୍ୟୁ) : ନିଖିଳ ଓଡିଶା ଆଇନଜୀବୀ ସଂଘ ଅଧକ୍ଷ ବରିଷ୍ଠ ଆଇନଜୀବୀ ତଥା ଓଡିଶା ରାଜ୍ୟ ଆଇନଜୀବୀ ପରିଷଦ ସଭ୍ୟ ଜ୍ଞାନରଞ୍ଜନ ମହାନ୍ତି (୬୨)ଙ୍କ ଗତ ୨୬ ତାରିଖ ସୋମବାର ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ଜ୍ଞାନରଞ୍ଜନ ମହାନ୍ତିଙ୍କ ଉଦେଶ୍ୟରେ ଗୁରୁବାର ଆଠମଲ୍ଲିକ ଓକିଲସଂଘ ପକ୍ଷରୁ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଆଇନଜୀବୀ ମାନେ ସ୍ୱର୍ଗତ ମହାନ୍ତିଙ୍କ ଅମରଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ ।

ପରେ ତାଙ୍କ ଫଟୋ ଚିତ୍ରରେ ଧୂପ ଓ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସ୍ମୃତି ଚାରଣ କରିଥିଲେ।



ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପସଭାପତି ଉଗ୍ରସେନ ସେଠି, ସମ୍ପାଦକ ଜିତେନ୍ଦ୍ର କୁମାର ମୁଖି, କୋଷାଧକ୍ଷ ସୁନୀଲ କୁମାର ଶାସନି, ବରିଷ୍ଠ ଆଇନଜୀବୀ ଜିତେନ୍ କୁମାର ମିଶ୍ର, ବାମନ କୁମାର ମିଶ୍ର, ଗଣେଶ ଚନ୍ଦ୍ର କର୍ମୀ, ସନ୍ତୋଷ କୁମାର ତ୍ରିପାଠୀ, ଅର୍ଜୁନ ରାଉଳ, ଦିନେଶ କୁମାର ସିଂହ, ରାମଚନ୍ଦ୍ର କର୍ଣ୍ଣ, ଅବନୀ କୁମାର ଆଚାର୍ଯ୍ୟ, ନାରାୟଣ ଦାଶ,ମାଧବ ଚନ୍ଦ୍ର ସାହୁ, ପ୍ରଭାକର କଅଁର ଓ ବାରବୟ ରାମଚନ୍ଦ୍ର ପଧାନ ଉପସ୍ଥିତ ଥିଲେ । ସ୍ୱର୍ଗତ ମହାନ୍ତି ଆଇନଜୀବୀ ସମାଜର କଲ୍ୟାଣ ପାଇଁ ତାଙ୍କର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଲଢେଇ ଜାରି ରଖିଥିଲେ । ସେ ନିଖିଳ ଓଡିଶା ଆଇନଜୀବୀ ସଂଘର ସମ୍ପାଦକ, ସଭାପତି ଓ ଶେଷରେ ଅଧକ୍ଷ ପଦବୀରେ ରହି ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ପର୍ଯ୍ୟାୟକ୍ରମେ ୧୦ କୋଟିକୁ ବୃଦ୍ଧି କରାଇ ପାରିଥିଲେ। ଆଇନଜୀବୀ ସୁରକ୍ଷା ଆଇନ, ଆଇନଜୀବୀ ମାନଙ୍କ ପାଇଁ ଆଡ଼ଭୋକେଟ ଏକାଡେମୀ ପ୍ରତିଷ୍ଠା ଇତ୍ୟାଦି ବହୁ କାର୍ଯ୍ୟ କରିବାକୁ ନିରନ୍ତର ପ୍ରୟାସ ଜାରି ରଖିଥିଲେ ।

ଚିକିତ୍ସାଧୀନ ମହିଳାଙ୍କର ମୃତ୍ୟୁକୁ ନେଇ ଡାକ୍ତରଖାନାରେ ଉତ୍ତେଜନା

ଅସୁରାଳି,(ସବ୍ୟୁ): ଚିକିତ୍ସାଧୀନ ମହିଳାଙ୍କର ମୃତ୍ୟୁକୁ ନେଇ ଧୁଷୁରୀ ଏରିଆ ହସ୍ପିଟାଲରେ ଉତ୍ତେଜନା ଦେଖା ଦେଇଛି। ଏହି ଘଟଣାକୁ ନେଇ ମୃତକଙ୍କ ପରିବାର ଚିକିତ୍ସା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି। ଅପରପକ୍ଷରେ ଔଷଧ ଏବଂ ଇଞ୍ଜେକ୍ସନ ଯୋଗାଣକୁ ନେଇ ପରିବାର ଓ ଡାକ୍ତରଙ୍କ ମଧ୍ୟରେ ଭିନ୍ନ ମତ ପ୍ରକାଶ ପାଇଛି। ମୃତ ମହିଳା ହେଲେ ଧାମନଗର ବ୍ଲକ ରଇପୁର ଗ୍ରାମର ନକୁଳ ବିଶ୍ୱାଳଙ୍କ ପତ୍ନୀ ସ୍ୱର୍ଣ୍ଣଲତା ବିଶ୍ୱାଳ (୬୦)। ପରିବାର ଲୋକଙ୍କ କହିବା ଅନୁଯାୟୀ,ଶୁକ୍ରବାର ରାତି ପ୍ରାୟ ୪ଟା ସମୟରେ ସ୍ୱର୍ଣ୍ଣଲତା ହଠାତ୍ ପେଟ ଓ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଘର ଲୋକେ ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଧୁଷୁରୀ ଏରିଆ ହସ୍ପିଟାଲକୁ ନେଇ ଆସିଥିଲେ। ସେଠାରେ କାର୍ଯ୍ୟରତ ଆୟୁଷ ଡାକ୍ତର ତାଙ୍କର ଚିକିତ୍ସା କରିଥିଲେ ମଧ୍ୟ କିଛି ସମୟ ମଧ୍ୟରେ ସ୍ୱର୍ଣ୍ଣଙ୍କ ମୃତ୍ୟୁ ହୋଇଥିଲା। ଅଭିଯୋଗ ଅନୁସାରେ,ଡ୍ୟୁଟିରେ ଥିବା ଡାକ୍ତର ଶୋଇଥିବାରୁ ତାଙ୍କୁ ବାରମ୍ବାର ଡାକିବାକୁ ପଡ଼ିଥିଲା। ଡାକ୍ତର ଉଠିବା ପରେ ଚିକିତ୍ସା ଆରମ୍ଭ ହେବାରେ ବିଳମ୍ବ ହୋଇଥିଲା ଏବଂ ରୋଗୀର ମୃତ୍ୟୁ ଘଟିଥିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହା ସହିତ ଚିକିତ୍ସା ସମୟରେ ଡାକ୍ତରଖାନାରୁ ଔଷଧ ନମିଳିବାରୁ ନିକଟସ୍ଥ ଏକ ଔଷଧ ଦୋକାନରୁ ଔଷଧ ଓ ଇଞ୍ଜେକ୍ସନ କିଣାଯିବା ସହ ଦୋକାନୀ ଇଞ୍ଜେକ୍ସନ ଦେଇଥିବା ସେମାନେ କହିଛନ୍ତି। ଏଥିସହ ଔଷଧ ଦୋକାନର ବିଲ୍ ମଧ୍ୟ ଦେଖାଇଛନ୍ତି। କିନ୍ତୁ ଡାକ୍ତରଙ୍କ ପକ୍ଷରୁ ଏହି ଅଭିଯୋଗକୁ ଖଣ୍ଡନ କରାଯାଇଛି। ଡାକ୍ତର ସଞ୍ଜୟ ଭୋଇ ଏସମ୍ପର୍କରେ କହିଛନ୍ତି ଯେ,ଔଷଧ ଡାକ୍ତରଖାନାରୁ ହିଁ ଦିଆଯାଇଥିଲା ଏବଂ ଇଞ୍ଜେକ୍ସନ ସେ ନିଜେ ଦେଇଥିଲେ। ଘଟଣାକୁ ନେଇ ଡାକ୍ତରଖାନା ପରିସରରେ ଦୀର୍ଘ ସମୟ ଧରି ଉତ୍ତେଜନା ଲାଗିରହିଥିଲା। ଧୁଷୁରୀ ପୋଲିସ ଖବରପାଇ ହସ୍ପିଟାଲରେ ପହଂଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ମନ୍ମୟ ସାମନ୍ତସିଂହାର ଘଟଣାସ୍ଥଳରେ ପହଂଚି ପରିବାର ଲୋକଙ୍କୁ ବୁଝାସୁଝା କରିଥିଲେ। ତେବେ ସ୍ୱର୍ଣ୍ଣଲତାଙ୍କ ମୃତ୍ୟୁର ପ୍ରକୃତ କାରଣ କ'ଣ ଏବଂ ଚିକିତ୍ସାରେ କୌଣସି ଅବହେଳା ହୋଇଥିଲା କି ନାହିଁ,ତାହା ନିରପେକ୍ଷ ତଦନ୍ତ ପାଇଁ ମତ ପ୍ରକାଶ ପାଇଛି। ଔଷଧ ଦୋକାନର ବିଲ,ଡାକ୍ତରଖାନାର ଔଷଧ ରେକର୍ଡ ଓ ଚିକିତ୍ସା ସମ୍ପର୍କିତ ତଥ୍ୟ ଯାଂଚ କରି ସତ୍ୟାସତ୍ୟ ସାମ୍ନାକୁ ଆଣିବା ପାଇଁ ସାଧାରଣରେ ଦାବି କରାଯାଇଛି।

ବଢ଼ିଲା ରେବ, କପାଳି

ଅସୁରାଳି,(ସବ୍ୟୁ):ସାମୁଦ୍ରିକ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ହୋଇଥିବା ପ୍ରବଳ ବର୍ଷା ରେବ ଓ କପାଳି ନଦୀରେ ଜଳସ୍ତର ବୃଦ୍ଧି କରିଛି। ଦୁଇ ନଦୀର ଉଚ୍ଛୁଳା ପାଣି ଧାମନଗର ବ୍ଲକର ଦୁଇଟି ଗ୍ରାମ କାକୁଡ଼ିଗଡ଼ିଆ ଏବଂ ହାତିଆପଡାରେ ପ୍ରବେଶ କରିଛି। ଲଘୁଚାପ ଜନିତ ଗତ ତିନିଦିନର ପ୍ରବଳ ବର୍ଷା ହେବା ଯୋଗୁଁ କିଛି ଦିନ ଧରି ଅପେକ୍ଷାକୃତ କମ ପାଣି ଥିବା ରେବ ଏବଂ କପାଳି ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଶନିବାରଦିନ ରେବ ନଦୀର ଜଳସ୍ତର ବୃଦ୍ଧି ପାଇ ଗଡିଆଳି ପଂଚାୟତର କାକୁଡ଼ିଗଡ଼ିଆ ଗ୍ରାମକୁ ପ୍ରବେଶ କରିଛି। ବସନ୍ତିଆ ସାହି ରାସ୍ତା ଉପରେ ୩ଫୁଟ ଉଚ୍ଚତାରେ ଜଳ ପ୍ରବାହିତ ହେଉଥିବାରୁ ସାହି ଲୋକେ ପ୍ରଭାବିତ ହୋଇଛନ୍ତି। ଅନ୍ୟପକ୍ଷରେ କପାଳି ନଦୀର ବଢ଼ିଲା ପାଣି ଅସୁରାଳି ପଂଚାୟତର ହାତିଆପଡା ଏବଂ ତୋରବନ୍ତିଆ ଗ୍ରାମକୁ ପଶି ଚିନ୍ତା ସୃଷ୍ଟି କରିଛି। ହାତିଆପଡା-ଖପରପଦା ଆରଡ଼ି ରାସ୍ତା ବୁଡି ରହିଥିବା ଜଣାଯାଇଛି। ଦୁଇ ନଦୀର ଉଦବୃତ୍ତ ଜଳ ଅସୁରାଳି,ଫତେପୁର,ଖପରପଦା,କାସିମପୁର,ଗଡିଆଳି ଆଦି ପଞ୍ଚାୟତର କେତେକ ଅଂଚଳର ଚାଷଜମିକୁ ଜଳମଗ୍ନ କରି ରଖିଛି।

ଋଣ ଖିଲାପ : ବନ୍ଧକ ସମ୍ପତ୍ତିକୁ ଦଖଲ କଲା ଏଲଆଇସି ହାଉସିଂ ଫାଇନାନ୍ସ

ବେତନଟୀ, (ସବ୍ୟୁ) : ଦୀର୍ଘଦିନ ଧରି ବକେୟା ରହିଥିବା ଋଣ ଅର୍ଥକୁ ନ ସୁଝିବା କାରଣରୁ ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଗବପାଳ ଉପକଣ୍ଠ ପାଟପୁର ଅଞ୍ଚଳର ସୁକାନ୍ତ କୁମାର ମହାନ୍ତଙ୍କ ବନ୍ଧକ ସମ୍ପତ୍ତି ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଦଖଲ କଲା ଏଲଆଇସି ହାଉସିଂ ଫାଇନାନ୍ସ ଲିମିଟେଡ । ଦୀର୍ଘଦିନ ଧରି ବକେୟା ରହିଥିବା ଋଣ ଅର୍ଥ ଆଦାୟ ପ୍ରକ୍ରିୟାରେ ନିୟୋଜିତ ଏନଫୋର୍ସମେଣ୍ଟ ଏଜେନ୍ସି ସମ୍ପୃକ୍ତ ବନ୍ଧକ ସମ୍ପତ୍ତିକୁ ଦଖଲ କରିଥିବା ନେଇ ଏଲଆଇସି ପକ୍ଷରୁ ଜାରି ହେଲା ବିଜ୍ଞପ୍ତି । ପ୍ରାପ୍ତ ସୂଚନା ମୁତାବକ ପାଟପୁର ଅଞ୍ଚଳର ଉଦୟ ମହାନ୍ତଙ୍କ ପୁଅ ସୁକାନ୍ତ କୁମାର ମହାନ୍ତ ଜଣେ ରେଳବାଇ କର୍ମଚାରୀ । ତାଙ୍କ ନାମରେ ଏଲଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍ର ବାଲେଶ୍ୱର ଶାଖାରୁ ଋଣ ନିଆଯାଇଥିଲା। ଏହି ଋଣ ବାବଦରେ ୭ ଡିସିମିଲ ଜମି ସହ ଏକ କୋଠାଘରକୁ ବନ୍ଧକ ରଖାଯାଇଥିଲା। ତେବେ ଦୀର୍ଘଦିନ ଧରି ଋଣ ପରିଶୋଧ ହୋଇନଥିବାରୁ ବକେୟା ରାଶି ବୃଦ୍ଧି ପାଇଥିଲା। ଏଲଆଇସି ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁସାରେ, ଉକ୍ତ ଋଣ ଖାତାରେ ମୋଟ



୧୪ ଲକ୍ଷ ୧୧ ହଜାର ୩୩୨ ଟଙ୍କା ୭୫ ପଇସା ବକେୟା ରହିଥିବାବେଳେ ଏହା ଉପରେ ସୁଧ ଓ ଅନ୍ୟାନ୍ୟ ଅତିରିକ୍ତ ଦେୟ ମିଶି ପ୍ରାୟ ୨୪ ଲକ୍ଷରୁ ଉର୍ଦ୍ଧ ଟଙ୍କା ରହିଛି। ବାରମ୍ବାର ନୋଟିସ ସତ୍ତ୍ୱେ ଏହି ଋଣ ଭରା ଯାଇ ନଥିଲା । ଫଳରେ ଶୁକ୍ରବାର ଦିନ ଏହି ମାମଲାରେ ଭୁବନେଶ୍ୱରସ୍ଥିତ ସିଟି ଇନଭେଷ୍ଟିଗେସନ ଆଣ୍ଡ ଡିଟେକ୍ଟିଭ ଏନଫୋର୍ସମେଣ୍ଟ ଏଜେନ୍ସି ତଥା ବ୍ୟାଙ୍କିଂ ପ୍ରପର୍ଟି ସେଲିଂ ଏଜେନ୍ସି ଏବଂ ପୁଲିସ କର୍ମଚାରୀ ସଦଳବଳ ପହଞ୍ଚି ବନ୍ଧକ ଥିବା ସମ୍ପତ୍ତିକୁ ସମ୍ପୂର୍ଣ୍ଣ ଦଖଲ କରିଥିବା ନେଇ ବାଲେଶର ଏଲଆଇସି ହାଉସିଂ ଫାଇନାନ୍ସ ତରଫରୁ ମଧ୍ୟ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଛି ।

ଏଫଏମ କଲେଜର ବିକାଶ ନେଇ ଛାତ୍ର ବିଜେଡିର ଦାବିପତ୍ର



ବାଲେଶ୍ୱର,(ସବ୍ୟୁ):ଫକୀର ମୋହନ (ଏଫଏମ)ସ୍ୱୟଂଶାସିତ ମହାବିଦ୍ୟାଳୟର ବିକାଶ ନେଇ ଅଣ୍ଟା ଭିଡ଼ିଛି ଛାତ୍ର ବିଜେଡି । ୯ ଦଫା ଦାବି ପୂରଣ ନେଇ କଲେଜର ବିସିଜେଡି କର୍ମକର୍ତ୍ତାମାନେ ଅଧକ୍ଷ ପ୍ରଫେସର ରଞ୍ଜନ କୁମାର ରାୟଙ୍କୁ ଭେଟିଛନ୍ତି । ବିଶେଷ କରି କଲେଜର ଭିତ୍ତିଭୂମି ବିକାଶ ଓ ଶୈକ୍ଷିକ ବାତାବରଣ ଫେରାଇ ଆଣିବା ନିମନ୍ତେ ଅନୁରୋଧ କରିଛନ୍ତି । ଛାତ୍ର ବିଜେଡି ପକ୍ଷରୁ ନବ ନିର୍ମିତ ବିଜ୍ଞାନ ଭବନକୁ ସମ୍ପୂର୍ଣ୍ଣ କରିବା ପାଇଁ ଦାବି କରାଯାଇଛି । ବର୍ତ୍ତମାନର ବିଜେପି ସରକାର ଆସିବା ପରେ ଆର୍ଥିକ ଅନୁଦାନ ଅଭାବରୁ ଏହାର କାମ ଶେଷ ହୋଇପାରୁନି, ଫଳରେ ବିଦ୍ୟାର୍ଥୀଙ୍କୁ ଶ୍ରେଣୀ ଗୃହର ସମସ୍ୟା ସହ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ସେହିପରି ବଣ ବୁଦାରେ ପୂର୍ଣ୍ଣ ହୋଇଥିବା କଲେଜର ମିନି ଷ୍ଟାଡିୟମର ସଫେଇ ସହ ଏହାକୁ ଖେଳ ଉପଯୋଗୀ କରିବା, ବିଭିନ୍ନ ହଷ୍ଟେଲରେ ରହିଥିବା ପାନୀୟ ଜଳ ଓ ଶୌଚାଳୟ ସମସ୍ୟାର ସମାଧାନ, କଲେଜର ୩ ଗୋଟି ବ୍ଲକରେ ପାନୀୟ ଜଳର ସୁବନ୍ଦୋବସ୍ତ, ଗାର୍ଲସ କମନ ରୁମରେ ସମସ୍ତ ସୁବ୍ୟବସ୍ଥା, ବନ୍ଦ ପଡ଼ିଥିବା କଲେଜ ମଲ୍ଟି ଜିମର ପୁନଃପରିଚାଳନା, ବନ୍ଦ ରହୁଥିବା ବଏଜ କମନ ରୁମକୁ ଖୋଲିବା ତଥା ଇଣ୍ଡୋର କ୍ରୀଡ଼ାର ଆରମ୍ଭ ନେଇ ଦାବି କରିଛନ୍ତି । ଅନୁରୂପ ବର୍ଷା ହେଲେ ପାଣି ଗଳୁଥିବା ଉର୍ଦ୍ଦୁ, ସାନ୍ତାଳୀ ଏବଂ ଅଧକ୍ଷ ବ୍ଲକର ମରାମତି ଏବଂ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ପଦ ପୂରଣ ସହ କଲେଜରେ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଶୈକ୍ଷିକ ବାତାବରଣ ଫେରାଇ ଆଣିବା ପାଇଁ ଛାତ୍ର ବିଜେଡି ଦାବି କରିଛି । ଜିଲ୍ଲା ଛାତ୍ର ସଭାପତି ହରେକୃଷ୍ଣ ପ୍ରଧାନଙ୍କ ପରାମର୍ଶ କ୍ରମେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ କଲେଜର ଛାତ୍ର ବିଜେଡି କର୍ମକର୍ତ୍ତାଙ୍କ ମଧ୍ୟରେ ଶୁଭମ୍ ଦାସ, ଆୟୁଷ ପ୍ରଧାନ, ସେକ ଅଲ୍ଲୀ, କନିଷ କୁମାର ପ୍ରଧାନ, ହିମାଂଶୁ ଜେନା, ରଶ୍ମିତା ଦାସ, ସ୍ମୃତିପ୍ରଭା ପଣ୍ଡା, ରତିକାନ୍ତ ନାୟକ, ଗଗନ ସ୍ୱାଇଁ, ଆର୍ଯ୍ୟଯାରୂପା ମଣ୍ଡଳ, ପ୍ରିୟଙ୍କା ଘଡ଼େଇ, ଗୋପାଳ ନାୟକ, ଭବାନୀ ଶଙ୍କର ମଣ୍ଡଳ, ଶିବଶଙ୍କର ବେହେରା, ଦିପୁନ ଭଟକା, ଦୀପସା ତ୍ରିପାଠୀ ଏବଂ ଛାତ୍ରନେତା ରାକେଶ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ଅଧକ୍ଷଙ୍କୁ ଦାବି ଜଣାଇବା ସହ ଆଶୁ ସମାଧାନ ନେଇ ଅନୁରୋଧ କରିଛନ୍ତି ।

କୁଳଡ଼ିହା ବନବିଭାଗ କାର୍ଯ୍ୟାଳୟ ମାଲଖାନାରେ ଅଗ୍ନିକାଣ୍ଡ

ନୀଳଗିରି, (ସବ୍ୟୁ) : ନୀଳଗିରିସ୍ଥିତ କୁଳଡ଼ିହା ବନବିଭାଗ କାର୍ଯ୍ୟାଳୟ ପରିସରରେ ଥିବା ମାଲଖାନା(ଗୋଦାମ ଗୃହ)ରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୯ଟାରେ ଏକ ପ୍ରଚଣ୍ଡଶବ୍ଦକରି ବିସ୍ଫୋରଣ ପରେ ନିଆଁ ଲାଗିଯାଇଥିବା ଦେଖିବାକୁ ମିଳିଥିଲା। ସଙ୍ଗେସଙ୍ଗେ ଅଗ୍ନିଶମବିଭାଗକୁ ଖବର ଦେବାପରେ ନୀଳଗିରି ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିଶମବିଭାଗର ପ୍ରାଥମିକ ତଦନ୍ତ ଅନୁଯାୟୀ ଗୋଦାମଗୃହରେ ଏକ ବାଇକ ବ୍ୟାଟେରୀର ସର୍ଟସର୍କିଟ ଯୋଗୁଁ ଏଭଳି ଅଘଟଣ ଘଟିଥିବା ଅନୁମାନ କରାଯାଇଛି। ଏହି ଅଗ୍ନିକାଣ୍ଡରେ ୨ଟି ଜବତ ମଟରସାଇକେଲ, ଗୋଟିଏ ତାର୍ପଲିନ୍ ଏବଂ ଗୋଟିଏ ପୁରୁଣା ଟାୟାର ଜଳିଯାଇଥିବା ବିଭାଗୀୟ ପ୍ରେସବିଜ୍ଞପ୍ତିରେ କୁହାଯାଇଛି। ଏହି ମାଲଖାନାରେ ଶିକାରୀଙ୍କ ଠାରୁ ଜବତ ବିସ୍ଫୋରକ ଠାରୁ ଆରମ୍ଭକରି ବନ୍ଧୁକ, ମଟରସାଇକେଲ, ଅନ୍ୟାନ୍ୟ ବହୁ ଶିକାର ସରଞ୍ଜାମ ରହିଥିବା ବେଳେ ଅଳ୍ପକେ ବଡ଼ଧରଣର ଅଘଟଣରୁ ବର୍ତ୍ତିଯାଇଛି। ତେବେ ବିଭାଗୀୟ ପ୍ରେସବାର୍ତ୍ତା ଠାରୁ ଅଧିକ କ୍ଷୟକ୍ଷତି ଘଟିଥିବା ଆକଳନ କରାଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବାବେଳେ ଅଧିକ ତଦନ୍ତ ଜାରିରହିଥିବା ଏସିଏଫ୍ଓ ମାଣିକେଶ୍ୱରୀ ହାଂସଦା ପ୍ରକାଶ କରିଛନ୍ତି।

ବାଇକ ଧକ୍କାରେ ସ୍ୱାମୀଙ୍କ ମୃତ୍ୟୁ, ସ୍ତ୍ରୀଙ୍କ ଏତଲାକ୍ରମେ ମାମଲା ରୁଜୁ

ବେତନଟୀ ,(ସବ୍ୟୁ):ମୟୂରଭଞ୍ଜ ଜିଲ୍ଲା ଅଧୀନ ୧୮ନଂ ଜାତୀୟରାଜପଥ ପୁରୁଣାପାଣି ଛକରେ ବାଇକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁରେ ୪୨୦/୨୬ ନମ୍ବରରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କଲା ବେତନଟୀ ପୁଲିସ। ମୃତକ ଜଣକ ହେଉଛନ୍ତି ବାରିପଦା ସହର ଉପକଣ୍ଠ ଭୁଗୁଡାକଟା ଓ୍ୱାର୍ଡନଂ ୨୬ଅଞ୍ଚଳର ଅନନ୍ତ କୁମାର ବିଶ୍ୱାଳ(୫୪)। ଅଭିଯୋଗକାରୀ ମୃତକଙ୍କ ସ୍ତ୍ରୀ ଶୈଳବାଳା ଦଲେଇଙ୍କ ଅଭିଯୋଗ ମୁତାବକ ତାଙ୍କ ସ୍ୱାମୀ ଅନନ୍ତ କୁମାର ବିଶ୍ୱାଳ ନିଜର ଓଡ଼ି-୧୧ଏବି-୨୪୪୮ ନମ୍ବର ବିଶିଷ୍ଟ ବାଇକ ଯୋଗେ ଗତ ୧ତାରିଖ ରାତି ପାଖାପାଖି ୧୧ଟା ସମୟରେ ବାରିପଦା ଯାଉଥିଲେ । ପୁରୁଣାପାଣି ଡାଇଭର୍ସନ ଠାରେ ଓଡ଼ି-୧୧ଏଚ-୩୯୮୦ ନମ୍ବର ବିଶିଷ୍ଟ ବାଇକ ଆସି ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଅନନ୍ତଙ୍କୁ ପ୍ରଥମେ ବେତନଟୀ ଓ ପରେ ବାରିପଦା ଡାକ୍ତରଖାନା ନିଆଯାଇଥିବା ବେଳେ ତହିଁ ପରଦିନ ଅନନ୍ତଙ୍କୁ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର ପାଇଁ ଡାକ୍ତର ନିର୍ଦ୍ଦେଶ ଦେଇଥିବା ବେଳେ ତାଙ୍କୁ ଘରଲୋକେ ପ୍ରଥମେ ବାଲେଶ୍ୱର ଉପକଣ୍ଠ ରେମୁଣାସ୍ଥିତ ମେଡିକାଲ କଲେଜ ନେଇଥିବା ବେଳେ ପରେ ବାଲେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ବାଲେଶ୍ୱର ସିଟି ଡାକ୍ତରଖାନା ନିଆଯାଇଥିବା ବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅକ୍ଟୋବର ୬ତାରିଖରେ ମୃତ୍ୟୁ ବରଣ କରିଥିଲେ।

9001/170/2627

ଓଡ଼ିଶା ସରକାର

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

*****

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର **ତା ୦୨.୧୧.୨୦୨୬** ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ପ୍ରମୁଖ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 9001/9001/1/26-27/0072

ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଠାକୁରମୁଣ୍ଡା, (ସବ୍ୟୁ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ କସୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପରିସରରେ ଶନିବାର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କରିଥିଲେ। ଶିକ୍ଷକ ସାର୍ଦ୍ଦିକ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିରେଖା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ କ୍ଲଷ୍ଟର ସ୍ତରରେ ଆୟୋଜିତ ସୁରଭି



ମୁଖ୍ୟ ଅତିଥି କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ଏହାକୁ ଉଦ୍ଘାଟନ କରି ବିକଶିତ ଓଡ଼ିଶା ଲକ୍ଷ୍ୟ ନେଇ ଆଜିଠୁ ଯୋଜନା ପ୍ରସ୍ତୁତ କରି ମାର୍ଗଦର୍ଶନ କରିବାକୁ ଆହ୍ୱାନ ଦେଇଥିଲେ।ମୁଖ୍ୟ ବକ୍ତା ଭାବେ ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ କୁମାର ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ଏବିଇଓ ସଂଯୁକ୍ତା ନାୟକ ଯୋଗଦେଇ ଥିଲାବେଳେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ବନପାଳ ବିଦ୍ୟାଧର ମହାନ୍ତ ଯୋଗ ଦେଇ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚତୁର୍ଭୁଜ ବାରିକ ସଭାପତିତ୍ୱ କରିବା ସହିତ ସୁରଭି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପସ୍ଥାପନା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଅଂଶଗ୍ରହଣ କରି ପ୍ରତିଯୋଗିତାରେ ଭାଗ ନେଇଥିଲେ । ବିଭିନ୍ନ ବର୍ଗରେ ଆୟୋଜିତ କୃତୀ ପ୍ରତିଯୋଗୀଙ୍କୁ ଉଦଯାପନୀ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା ।କୃତୀ ପରିଯୋଗୀ ଜିଲ୍ଲାସ୍ତରରେ ସୁରଭି କାର୍ଯ୍ୟକ୍ରମରେ ଭାଗ ନେଇ ରାଜ୍ୟସ୍ତରକୁ ଯିବାର ବ୍ୟବସ୍ଥା ରହିଛି । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ସପ୍ନେଶର ବେହେରା, ସମ୍ମାନିତ ଅତିଥି ଭାବେ ତହସିଲଦାର ସସ୍ମିତ କର, ମଂଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

କିନ୍ନରଙ୍କ ଦବଙ୍ଗଗିର :ଏସପିଙ୍କୁ ଗୁହାରି କଲେ ପୀଡିତାଙ୍କ ପରିବାର

ବାଲେଶ୍ୱର,(ସବ୍ୟୁ):ଟାଉନ ଥାନା ଅନ୍ତର୍ଗତ ସହର ଉପକଣ୍ଠ ରେ ଥିବା ସୁନହଟ ଫାଣ୍ଡି ଅଧୀନ ଦିଗ ରଣିଆ ଗ୍ରାମ। ଏହି ଗ୍ରାମ ରେ ଏବେ କିଛି ମାସ ହେଲା ଜଣେ କିନ୍ନର ଚଳାଇଛି ଦବଙ୍ଗଗିରି। ସ୍ଥାନୀୟ ଲୋକଙ୍କ ସହ ସାମାନ୍ୟ ସାମାନ୍ୟକଥାରେ ଆଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା, ନିଜର ଅପରାଧୀକ ସହଯୋଗୀମାନଙ୍କ ଏକ ଜୁଟ କରାଇ ଲୋକଙ୍କୁ ମାଡ଼ ମାରିବା, ଲୋକଙ୍କ ଜମିକୁ ବଳ ପୂର୍ବକ ଦଖଲ କରିବା ଭଳି ସଂଗୀନ ଅଭିଯୋଗ ଆସିଛି। ସମ୍ପ୍ରତି ଗତ ୨୬ତାରିଖ ଅପରାହ୍ନରେ ଦିଗି ରହଣିଆ ଗ୍ରାମର ଦେବ ସ୍ମିତା ବୁଗୁଡ଼ାଇ ଓ ତାଙ୍କର ଦଶମ ଶ୍ରେଣୀ ପଢୁଥିବା ନାବାଳିକା କନ୍ୟା ଓ ନାବାଳକ ପୁତ୍ରଙ୍କୁ ତାଙ୍କ ଘର ସମ୍ମୁଖରେ ନହର ପାଟଣାର ଜଣେ ଗୁଣ୍ଡା ଶ୍ରେଣୀୟ ଯୁବକ ଓ ତାର ୫ ଜଣ ସହଯୋଗୀ କୌଣସି କାରଣ ନ ଥାଇ ଆଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିଥିବା ଅଭିଯୋଗ ହୋଇଛି। ଦେବସ୍ମିତାଙ୍କ ନାବାଳିକା କନ୍ୟା ଏହାର ପ୍ରତିବାଦ କରିବାରୁ ସମ୍ପୃକ୍ତ କିନ୍ନର, ତା'ଭଉଣୀ ଗୁଣ୍ଡା ଶ୍ରେଣୀୟ ଯୁବକଙ୍କ ସହ ମିଶି ମା'ଝିଅ ଙ୍କୁ ନିସ୍ଥୁକ ମାଡ଼ ମାରି ଗୁରୁତର ଭାବେ ଆହତ କରିଥିବା ଜଣା ପଡିଛି। ଉଭୟ ମା ଓ ଝିଅ ଟାଉନ ଥାନା ରେ ଲିଖିତ ଅଭିଯୋଗ କରିବା ପରେ ଥାନାରେ ଗତ ୨୭ତାରିଖରେ ମାମଲା ରୁଜୁ କରାଯାଇଛି।ହେଲେ ତଦନ୍ତ କାରୀ ଅଧିକାରୀ ଏ ପର୍ଯ୍ୟନ୍ତ ସମ୍ପୃକ୍ତ ଆସାମୀ ଓ ଆକ୍ରମଣକାରୀ ମାନଙ୍କୁ ଗିରଫ କରିପାରୁ ନାହାନ୍ତି ବୋଲି ଶ୍ରୀମତି ବୁଗୁଡ଼ାଇ ଓ ତାଙ୍କ ଝିଅ ଅଭିଯୋଗ କରିଛନ୍ତି। ସେ ଦର୍ଶାଇ ଛନ୍ତି କି ତାଙ୍କ ପରିବାର ଉପରେ ଆକ୍ରମଣ ହୋଇଥିବା ଖବର ପାଇ ତୁରନ୍ତ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କୁ ଓ ଝିଅ କୁ ଡାକ୍ତରଖାନାରେ ସାକ୍ଷାତ କରିବା ସହ ଟାଉନ ଥାନା ଅଧିକାରୀଙ୍କୁ ଫୋନ କରି ଅପରାଧୀମାନଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହା ସତ୍ତ୍ୱେ ପୋଲିସ ଚୁପ ହୋଇବସିଛି। ତାଙ୍କ ନା ବାଳକ ପୁଅକୁ ହତ୍ୟା କରିବାର ଧମକ ଦେଉଛନ୍ତି।ଟାଉନ ଥାନାରୁ ନିରାଶ ହୋଇ ଶନିବାର ଦିନ ବୁଗୁଡ଼ାଇ ପରିବାର ଜିଲ୍ଲା ଆରକ୍ଷୀ ଅଧିକାରୀ ଙ୍କୁ ଭେଟି ତାଙ୍କର ଅଭିଯୋଗ ଉପରେ ନିରପେକ୍ଷ ତଦନ୍ତ କରାଇ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଅପର ପକ୍ଷରେ ସମ୍ପୃକ୍ତ କିନ୍ନର ଓ ତାର ଭଉଣୀ ମେଡିକାଲ ଟେଷ୍ଟ କରି ଟାଉନ ଥାନାରେ ଏକ କାଉଣ୍ଟର ଏତଲା ଦେଇଛନ୍ତି।

ବଜାରରୁ ଯୁବକ ନିଖୋଜ: ସ୍ତ୍ରୀ ପାଟଣା ଥାନାର ଦ୍ୱାରସ୍ଥ

କେନ୍ଦୁଝର,(ଜିପ୍ର): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସାଧୁପଡ଼ାରେ ଭଡ଼ାଘରେ ରହୁଥିବା ଜଣେ ବିବାହିତ ଯୁବକ ଚିକେନ କିଣିବାକୁ ବଜାରକୁ ଯାଇ ସନ୍ଦେହଜନକ ଭାବେ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକ ଜଣକ ହେଉଛନ୍ତି ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ସାଇଁକୁଳ ପଣ୍ଡୁଆ ଗ୍ରାମର ଦୀପକ କୁମାର ସେଠୀ (୪୭)। ଏନେଇ ତାଙ୍କ ସ୍ତ୍ରୀ ଦୀପାଞ୍ଜଳୀ ନାୟକ ପାଟଣା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।ଦୀପକ ଗତ ୩ ବର୍ଷ ହେବ ସାଧୁପଡ଼ାରେ ସସ୍ତ୍ରୀକ ଭଡ଼ାରେ ରହି ଆସୁଥିଲେ। ସେ ଏକ ଠିକା ସଂସ୍ଥାରେ ରାସ୍ତା କାର୍ଯ୍ୟର ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ ଏବଂ ପ୍ରଥମେ ବେଗେନା ଓ ପରେ ରାଙ୍କିରେ କାମ ଦେଖାଶୁଣା କରୁଥିଲେ। ଗତ ଶୁକ୍ରବାର ସନ୍ଧ୍ୟାରେ ଦୀପକ ଓ ତାଙ୍କ ସ୍ତ୍ରୀ ପୁରୀରୁ ଭଡ଼ାଘରକୁ ଫେରିଥିଲେ। ଏହାପରେ ଦୀପକ ଚିକେନ କିଣିବା ପାଇଁ ପାଟଣା ବଜାରକୁ ଯାଇ ଆଉ ଘରକୁ ଫେରି ନ ଥିଲେ।ଦୀର୍ଘସମୟ ଧରି ଘରକୁ ନଫେରିବାରୁ ସ୍ତ୍ରୀ ଦୀପାଞ୍ଜଳୀ ତାଙ୍କ ମୋବାଇଲ୍କୁ ଫୋନ କରିବାରୁ ସେ ମୁଁ ବ୍ୟସ୍ତ ଅଛି କହି ଫୋନ କାଟି ଦେଇଥିଲେ। ଏହାପରଠାରୁ ତାଙ୍କ ମୋବାଇଲ ଫୋନ ସୁଇଚ ଅଫ ରହିଛି। ସ୍ତ୍ରୀ ଦୀପାଞ୍ଜଳୀ ଏନେଇ ଦୀପକଙ୍କ ବାପା କୃଷ୍ଣ ଚରଣ ସେଠୀଙ୍କୁ ଜଣାଇବା ପରେ ପରିବାର ଲୋକେ ବିଭିନ୍ନ ସମ୍ଭାବ୍ୟ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ।ଶେଷରେ ନିରୁପାୟ ହୋଇ ସ୍ତ୍ରୀ ପାଟଣା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ନିଖୋଜ ମାମଲା ରୁଜୁ କରିଛି। ଏହି ଘଟଣାର ତଦନ୍ତ ଆରମ୍ଭ କରାଯାଇଛି ।

ବିବାହିତ ମହିଳାଙ୍କୁ ଅପହରଣ ସାପକାତିଆ ମଠର ବାବା ଅଟକ

ଦୋବଲ,(ସବ୍ୟୁ):ଧାମନଗର ଥାନା ଅନ୍ତର୍ଗତ ଦୋବଲ ପଞ୍ଚାୟତ ସାପକାତିଆ ମଠର ବାବା ସିପୁନାଙ୍କୁ ଶନିବାର ପୁଲିସ ଥାନାକୁ ନେଇ ପଚରାଉଚରା କରିଛି। ଯାଜପୁର ଜିଲ୍ଲା ରାମବାଗ ଫାଣ୍ଡି ଅଧୀନ ବିପୁର ଗ୍ରାମର ଜଣେ ମହିଳାଙ୍କ ବିବାହିତ ଝିଅ ଦୁଇ ମାସ ହେଲା ନିଖୋଜ ଥିବା ଏବଂ ତାଙ୍କୁ ବାବା ଅପହରଣ କରି ରଖିଥିବା ନେଇ ପରିବାର ପକ୍ଷରୁ ଧାମନଗର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବିପୁର ଗ୍ରାମର ସୁସୁମା ଦାସଙ୍କ ଝିଅ ବିଷ୍ଣୁପ୍ରିୟା ଦାସ (୨୪) ଗତ ଦୁଇ ମାସ ହେଲା ନିଖୋଜ ଅଛନ୍ତି। ସାପକାତିଆ ମଠର ବାବା ସିପୁନାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିବାରୁ ସେ ପୂର୍ବରୁ ବାରମ୍ବାର ମଠକୁ ଆସୁଥିଲେ। ନିଖୋଜ ହେବା ଦିନ ମଧ୍ୟ ସେ ମଠକୁ ଆସିଥିଲେ,ମାତ୍ର ଆଉ ଘରକୁ ଫେରି ନଥିଲେ। ସେହିଦିନ ଠାରୁ ବାବା ମଧ୍ୟ ମଠ ଛାଡ଼ି କେଉଁଆଡ଼େ ଚାଲିଯାଇଥିବା ପରିବାର ଲୋକେ କହିଛନ୍ତି। ଶନିବାର ଦୀର୍ଘ ଦୁଇ ମାସ ପରେ ବାବା ମଠକୁ ଫେରିଥିବା ଖବରପାଇ ବିଷ୍ଣୁପ୍ରିୟାଙ୍କ ପରିବାର ଲୋକେ ସେଠାରେ ପହଂଚିଥିଲେ। ସେମାନଙ୍କୁ ଦେଖି ବାବା ଖସି ପଳାଇବାକୁ ଉଦ୍ୟମ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ପରେ ପରିବାର ଲୋକେ ତାଙ୍କୁ ଅଟକ ରଖି ଧାମନଗର ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଂଚି ବାବାଙ୍କୁ ଥାନାକୁ ନେଇ ପଚରାଉଚରା ଜାରି ରଖିଛି। ପ୍ରକାଶ ଥାଉକି,ବିଷ୍ଣୁପ୍ରିୟା ପୂର୍ବରୁ ବିବାହିତା। ସେ ଯାଜପୁର ଜିଲ୍ଲା ବରୁହାଁ ହରିପୁର ଅଂଚଳର ପ୍ରଶାନ୍ତ ଦାସଙ୍କୁ ବିବାହ କରିଥିବା ବେଳେ ତାଙ୍କର ଏକ ୬ ବର୍ଷର ଝିଅ ରହିଛି। ନିଜର କୁନି ଝିଅକୁ ଛାଡ଼ି ସେ ବାବାଙ୍କ ସହ ଚାଲିଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ନିଖୋଜ ମହିଳାଙ୍କ ସନ୍ଧାନ ଓ ଘଟଣାର ପ୍ରକୃତ ସତ୍ୟତା ପୁଲିସ ତଦନ୍ତ ପରେ ଜଣାପଡ଼ିବ।

ହାଟଡ଼ିହି ତହସିଲରୁ ୧୫୫ ବଣ୍ଡଲ ପଲିଥିନ ଗାଏବ

କେନ୍ଦୁଝର ,(ଜିପ୍ର):କେନ୍ଦୁଝର ଜିଲ୍ଲା ହାଟଡ଼ିହି ତହସିଲ କାର୍ଯ୍ୟାଳୟର ଷ୍ଟୋର ରୁମରୁ ବନ୍ୟା, ବାତ୍ୟା ଜିନ୍ୟ ଅଗ୍ନି ବିପନ୍ନ ପରିବାରକୁ ବଣ୍ଟନ କରିବା ପାଇଁ ରଖାଯାଇଥିବା ୧୫୫ ବଣ୍ଡଲ ପଲିଥିନ ଗାଏବ ହୋଇଯାଇଥିବା ନେଇ ନଦିପଦା ଥାନାରେ ଅଭିଯୋଗ ହୋଇଛି। ଘଟଣାର ପ୍ରାୟ ୪୮ ଘଣ୍ଟା ପରେ ଅଭିଯୋଗ ହୋଇଥିବାରୁ ଏହାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଘଟଣା ସ୍ଥଳରେ ଫରେନ୍ସିକ ଟିମ ପହଞ୍ଚି ଅନୁଧାନ କରିଛି। ଗତ ୨୬ ତାରିଖରେ ତହସିଲ କାର୍ଯ୍ୟାଳୟର ଷ୍ଟୋର ରୁମରୁ ପଲିଥିନ ଚୋରି ହୋଇଥିବା ନେଇ ଜଣାପଡ଼ିଥିଲା। ତେବେ ୨୮ ତାରିଖ ରାତିରେ ନଦିପଦା ଥାନାରେ ଏନେଇ ଅଭିଯୋଗ କରାଯାଇଥିଲା। ପୁଲିସ ମାମଲା ନଂ ୩୩୯/୨୦୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତହସିଲ ପକ୍ଷରୁ ମୋଟ ୧୫୫ ବଣ୍ଡଲ ପଲିଥିନ ଚୋରି ହୋଇଥିବା କୁହାଯାଇଛି। ଏତେ ପରିମାଣର ପଲିଥିନ ନେବା ପାଇଁ ପିକଅପ କାନ କିମ୍ବା ଟ୍ରାକ୍ଟର ଭଳି ଯାନର ଆବଶ୍ୟକତା ପଡ଼ିଥାଏ। ଏଥସହ ତହସିଲ କାର୍ଯ୍ୟାଳୟର ମୁଖ୍ୟ ପାଟକ ସାଧାରଣତଃ ରାତିରେ ବନ୍ଦ ରହୁଥିବାରୁ ଏତେ ପରିମାଣର ସାମଗ୍ରୀ କିପରି ବାହାରକୁ ନିଆଗଲା, ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏପରିକି ପଲିଥିନ ପୂର୍ବରୁ ଅନ୍ୟତ୍ର ବିକ୍ରି କରାଯାଇଥିବା ଏବଂ ପରେ ତାହାକୁ ଚୋରି ଦର୍ଶାଇ ଅଭିଯୋଗ କରାଯାଇଥିବା ନେଇ ମଧ୍ୟ ଆଲୋଚନା ହେଉଛି। ତେବେ ଏହି ଅଭିଯୋଗଗୁଡ଼ିକର ସତ୍ୟତା ପୁଲିସ ତଦନ୍ତ ପରେ ହିଁ ସଷ୍ଟ ହେବ। ଘଟଣାକୁ ନେଇ ନଦିପଦା ଥାନାଧିକାରୀ ଧର୍ମେନ୍ଦ୍ର ଶାଡି କହିଛନ୍ତି ଯେ, ତହସିଲରେ ଏହି ଘଟଣା ଘଟିବାର ପ୍ରାୟ ୪୮ ଘଣ୍ଟା ପରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଷ୍ଟୋର ରୁମର ତାଲା ଭଙ୍ଗା ଯାଇନଥିଲା। ତେବେ ଚାବିର ଢିଲା ଥିବାରୁ ଫୁଦୋଗ ନେଇ ପଲିଥିନ ଚୋରି ହୋଇଥିବା କୁହାଯାଇଛି। ଏହି ଦିଗକୁ ନେଇ ମଧ୍ୟ ତଦନ୍ତ କରାଯାଉଛି। ଅନ୍ୟପକ୍ଷରେ ହାଟଡ଼ିହି ତହସିଲଦାର ସଞ୍ଜୟ ସାମନ୍ତରାୟ ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଏକ ସରକାରୀ କାର୍ଯ୍ୟରେ ସେ ଦୁଇ ଦିନ ଧରି ବାହାରେ ଥିଲେ। ଏହି ସମୟରେ ପଲିଥିନ ଚୋରି ସମ୍ପର୍କରେ କୌଣସି କର୍ମଚାରୀ ତାଙ୍କୁ ଅବଗତ କରାଯାଇନଥିଲା। ବୁଧବାର କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେ ଘଟଣା ବିଷୟରେ ଜାଣିବାକୁ ପାଇଥିଲେ। ଏହାପରେ ତୁରନ୍ତ ନଦିପଦା ଥାନାରେ ଅଭିଯୋଗ କରିଖବର କହିବା ସହ ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡାଙ୍କୁ ମଧ୍ୟ ଅବଗତ କରାଇଥିଲେ। ଏଥସହ ବିଭାଗୀୟ ତଦନ୍ତ ପାଇଁ ଏକ ଟିମ ଗଠନ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଗୁରୁବାର ମଧ୍ୟାହ୍ନରେ ନଦିପଦା ଥାନା ଅଧିକାରୀ ବଳିଆ ବାରିକଙ୍କ ନେତୃତ୍ୱରେ କେନ୍ଦୁଝରରୁ ଫରେନ୍ସିକ ଟିମ୍କୁ ଡକାଯାଇ ଷ୍ଟୋରୁମରେ ତଦନ୍ତ ଆରମ୍ଭ କରାଯାଇଛି। ଷ୍ଟୋର ରୁମର ସୁରକ୍ଷା ବ୍ୟବସ୍ଥା, ଇଞ୍ଜିନର ସ୍ଥିତି ଏବଂ ଅନ୍ୟାନ୍ୟ ଦିଗକୁ ଯାଞ୍ଚ କରାଯାଉଛି। କେଉଁଠି ସି ସି କ୍ୟାମେରା ୨।ଗିଛି ତାହାକୁ ମଧ୍ୟ ଅନୁଧାନ କରାଯାଇଛି। ତେବେ ତହସିଲ କାର୍ଯ୍ୟାଳୟର ତାଲା ଭଙ୍ଗା ନଥାଇ ଏତେ ପରିମାଣର ପଲିଥିନ କିପରି ଗାଏବ ହେଲା, ଅଭିଯୋଗ କରିବାରେ ବିଳମ୍ବ କାହିଁକି ହେଲା ଏବଂ ଏହି ଘଟଣା ପଛରେ କାହାରି ସମ୍ପୃକ୍ତି ରହିଛି କି ନାହିଁ, ତାହା ତଦନ୍ତ ପରେ ସଷ୍ଟ ହେବ। ଏତେ ପୁଲିସ ତଦନ୍ତର ଫଳାଫଳକୁ ଅପେକ୍ଷା କରାଯାଇଛି।

Government of Odisha
"e" procurement Notice
Bid Identification No. S.E. GTN (R&B)-12/2026 27

34001/1079/2627 **No. 8449 /WE Dt. 29.10.2026**
e-mail: eeghatagaon2015@gmail.com

1	No. of the work	: 8 Nos. Civil & Electrical works
2	Estimated cost	: From Rs. 2.73 Lakh to 44.43 Lakh
3	Period of completion	: 1 (One Calender Month) to 4 (Four Calender Months)
4	Date and Time of availability of Bid document in the portal	: From 11.00 Hr 03.11.2026 to 17.00 HR of 12.11.2026
5	Last date / Time for receipt of bids in the portal	: 17.00 Hr of 12.11.2026
6	Date of opening of Bid from Portal	: 11.00 Hr of 13.11.2026.
7	Name and address of the officer inviting Bid	: Superintending Engineer, Ghatagaon (R&B) Division, Ghatagaon

Further details can be seen from the e-procurement portal **"http://tendersodisha.gov.in"**

Sd/- Superintending Engineer
Ghatagaon (R&B) Division

OIPR : 34001/34140/1/26-27/0010

GOVT. OF ODISHA
ST & SC DEVELOPMENT DEPARTMENT
INTEGRATED TRIBAL DEVELOPMENT AGENCY: KARANJIA
DIST- MAYURBHANJ

26001/62/2627

E-PROCUREMENT NOTICE
BID IDENTIFICATION NO. - 05/2026-27

e-mail -itdakja@nic.in / itdakaranjia@gmail.com

No. 2099 **Dtd. 30.10.2026**

Bid Documents consisting of Work , Estimated Costs, Cost of Tender Papers , EMD. Time of completion . Class of Contractors and the set of terms and conditions of contract and other necessary documents can be seen/downloaded from Govt. Website i.e. **www.tendersorissa.gov.in**

1	No. of works	: 01 (One) No.
2	Estimated cost	: 23.35 Lakh
3	Period of completion	: 03 Calendar months
4	Date & Time of availability of the Bid documents	: From 10.00 AM of 02 November 2026 to 17th Day of November 2026 upto 5.30 P.M
5	Last date & time of receipt of Bids in the portal	: Dt. 17th Day of November 2026 upto 5.30 P.M.
6.	Bids received through Portal shall be opened on	: Dt. 18th Day-of November , 2026-11.00AM & onwards
7.	Name and address of the Officer inviting Bids	: Project Administrator, ITDA,Karanjia

Further details can be seen / downloaded from the procurement portal i.e. **www.tendersorissa.gov.in**

Sd/- Project Administrator,
ITDA, Karanjia

OIPR : 26001/26056/1/26-27/0005

GOVERNMENT OF ODISHA
OFFICE OF SUPERINTENDING ENGINEER
MINOR IRRIGATION DIVISION, KANDHAMAL
E-mail ID: - kmidplb@gmail.com

NOTICE INVITING TENDER

32001/1197/2627

E-Procurement Notice
Bid Identification No. SEMIDK - 06/2026-27
Letter No. 2105 Dt. 28.10.2026

The Superintending Engineer, Minor Irrigation Division, Kandhamal, Phulbani on behalf of Governor of Odisha invites Percentage rate bids in Single/Double cover system through Online Mode. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal **https://tendersodisha.gov.in**

1.	Name of the work	: Construction of Check Dams (In-stream storage structures) in Kandhamal district under MATY-3.0
2.	Total Number of work	: 10 (Ten) Nos.
3.	Estimated cost	: Approximately from Rs. 41.50 lakh to Rs. 93.73 lakh.
4.	Period of completion	: 150 (one hundred fifty) days
5.	Class of Contractor	: "B" Class Contractor
6.	Date and time of availability of bid documents in the portal	: From 10.00 A.M of 03.11.2026 to 5.30 PM of 17.11.2026
7.	Last date /time for receipt of bids in the portal	: 5.30 pm on 17.11.2026
8.	Date of opening of bid	: At 11.00 am on 18.11.2026 in website (www.tendersorissa.gov.in)
9.	Submission of Bids	: Online mode
10.	Name of the Officer inviting Bid	: Superintending Engineer, Minor Irrigation Division, Kandhamal, Phulbani

11. Further details can be seen from the Government of Odisha Web-site:www.tendersorissa.gov.in

Sd/- Superintending Engineer
M.I. Division, Kandhamal

OIPR : 32001/32487/1/26-27/0001

ଭୁଲ କାହାର?

ଗଳ୍ପ



ଡ. ସବିତା ମଲ୍ଲିକ

ଆଜି କାହିଁକି ମୋ ଘର ସାମ୍ନାରେ ଏତେ ଲୋକ ରୁଣ୍ଡ ହୋଇଛନ୍ତି ? କାହିଁ ଆଗରୁ ତ କେବେ ମୋ ଅଗଣାରେ ଏତେ ଲୋକଗହଳି ହେବାର ମୁଁ ଦେଖୁନି ? କଷ୍ଟ ମୋତେ ହେଉଥିଲା, ଅତ୍ୟାଚାର ମୋ ଉପରେ ହେଉଥିଲା । ମୋ ସହିତ ମୋ ପିଲାମାନେ ବି ଛଟପଟ ହେଉଥିଲେ । ସାଇପଡ଼ିଶା ସବୁ ଦେଖି ନ ଦେଖିଲା ପରି ଚୁପ୍ ରହୁଥିଲେ । ମୁହଁ ଆଡ଼େଇ ଚାଲି ଯାଉଥିଲେ । ଯେମିତି ସେମାନଙ୍କ ଘରେ କେବେ କିଛି ଘଟଣା ଘଟେ ନାହିଁ । ମୁଁ ହିଁ ଦୋଷୀ, ମୁଁ ଭଲ ସ୍ତ୍ରୀ ନୁହେଁ, କଳିହୁଡ଼ିଟେ, ସ୍ୱାମୀ ସହିତ ନିଇତି ପାଟିତୁଣ୍ଡ କରୁଛି । ଏମିତି ଅନେକ କଥା କୋହଭରା କଣ୍ଠରେ, ଅନ୍ତରର ଯନ୍ତ୍ରଣାକୁ ବୁକୁ ଫଟାଇ ଚିତ୍କାର କରୁଥିଲା ପଦ୍ମା ।

ଏ ଚିତ୍କାର ଗୋଟିଏ ଦୁଇଦିନର ନୁହେଁ । ଦୀର୍ଘ ପନ୍ଦର ବର୍ଷରେ ଗୁମୁରି ଗୁମୁରି କାନ୍ଦୁଥିବା ଯନ୍ତ୍ରଣା ଆଜି ପଦ୍ମାର ସୀମା ଅତିକ୍ରମ କରିଛି । କାହାକୁ ତା'ର ଡର ନାହିଁ । ସେ ଆଜି ତା'ର ଶେଷ ନିଷ୍ପତ୍ତି ନେଇଛି । ଏତିକିବେଳେ ପୋଲିସ ଗାଡ଼ି ପହଞ୍ଚିଯାଇଛି ପଦ୍ମାର ଘର ସାମ୍ନାରେ । ପୋଲିସ ଗାଡ଼ି ଦେଖିଲା ପରେ ଗାଁଲୋକଙ୍କ ଗହଳି ବଢ଼ି ଚାଲିଥିଲା । କ'ଣ ହବ ପଦ୍ମାର ? ପଦ୍ମାକୁ ଫାଶୀ ହୋଇଯିବ, ନା ନିର୍ଦ୍ଦୋଷରେ ଖଲାସ ହେବ ? ଏମିତି ଟୁପୁରୁ ଟୁପୁରୁ ହେଉଥିଲେ ଗାଁ ଲୋକେ । ପଦ୍ମା ପୋଲିସ ବାବୁଙ୍କୁ ଦେଖି ନିର୍ଭୀକ ଭାବରେ ଠିଆ ହୋଇଥିଲା । ସେ ଯାହା କରିଛି ଠିକ୍ କରିଛି । ତା'ର ଅନ୍ତରାତ୍ମା ତାକୁ ବାରମ୍ବାର କହୁଥିଲା– ପଦ୍ମା ତୁ ଡରନା, ତୁ ଠିକ୍ କରିଛୁ ।

ଏମିତି ଭାବନା ଭିତରେ ପୋଲିସ ବାବୁ ପଚାରିଲେ ତମେ କ'ଣ ପୋଲିସ ଷ୍ଟେସନକୁ କଲ୍ କରିଥିଲ ? ତମେ ପଦ୍ମା? ପଦ୍ମା ପୋଲିସ୍ ବାବୁଙ୍କୁ ଅନାଇ କହିଲା– ହଁ ସାବ୍ ମୁଁ କଲ୍ କରିଥିଲି । ମୋ ସ୍ୱାମୀକୁ ମୁଁ ମାରିଛି । 'ତମେ ସତ କହୁଛ?' ପଦ୍ମା ଅଳ୍ପ ହସି କହିଲା– 'ସାବ୍ ଆଜିଯାଏ ମୁଁ ସମସ୍ତଙ୍କୁ ମିଛ କହୁଥିଲି । ସାଇପଡ଼ିଶା, ବନ୍ଧୁବାନ୍ଧବ ସମସ୍ତଙ୍କୁ । ଆଜି ମୁଁ ହିଁ ସତ କହୁଛି । ଯଦି ଆଗରୁ ସତ କହିଥାନ୍ତି ଆଜି ମୋତେ ଏ ଦିନ ଦେଖିବାକୁ ପଡ଼ି ନଥାନ୍ତା ।' ପୋଲିସ ବାବୁ ପଚାରିଲେ–କେମିତି ମାରିଲ ? ପଦ୍ମା କହିଲା–ସାବ୍ ! ମାରିବାବେଳେ ସେ ମୋ ସ୍ୱାମୀ ନଥିଲେ । ସେ ଥିଲେ ପନ୍ଦର ବର୍ଷ ମୋତେ ପ୍ରତିଦିନ ନର୍କକୁଣ୍ଡକୁ ପକାଉଥିବା ଜଣେ ବିକ୍ଷିପ୍ତ ମଣିଷ । ଯିଏ ସ୍ୱାମୀ ନାମରେ ନରରାକ୍ଷସ । ପୋଲିସ ବାବୁ କହିଲେ–ଯାହା କହୁଛ ଠିକ୍‌ରେ କୁହ । ପଦ୍ମା ବଖାଣିଥିଲା ପନ୍ଦର ବର୍ଷର ସଂସାର ନାମରେ ନର୍କଯନ୍ତ୍ରଣା ଭୋଗୁଥିବା ନିଜ



ଜୀବନ କାହାଣୀ ।

ଶୁଣନ୍ତୁ ବାବୁ ! ଆଜକୁ ପନ୍ଦର ବର୍ଷ ତଳେ ବିବାହ କରିଥିଲି । କେତେ ଆଶା–ସ୍ୱପ୍ନ ନେଇ ସ୍ୱାମୀ ସହିତ ସୁଖର ସଂସାର କରିବି ବୋଲି ଶାଶୁଘରକୁ ଆସିଥିଲି । ବାହାଘରର ପନ୍ଦର ଦିନ ପରେ ବାପାମା, ଭାଇଭଉଣୀ ଏ ମଦୁଆର ହାତ ଛାଡ଼ିଦେଲେ । ମୁଁ କେମିତି ଛାଡ଼ିବି? ହାତଧରି ବାହା ହୋଇଛି । ଅଲଗା କରିଦେଲେ । ସମୟ ଗଡ଼ିଚାଲିଲା । ପ୍ରତିଦିନ ମଦ୍ୟପାନ କରି ଘରକୁ ଫେରେ । ପ୍ରଥମେ ଭାବିଲି ସମୟ ଆସିଲେ ସବୁ ଠିକ୍ ହୋଇଯିବ । ବିବାହର ଦୁଇମାସ ନ ପୂରୁଣୁ ପର ଘରେ ବାସନ ମାଜିଲି । ତା'ପରେ ପିଲା ଦୁଇଟି ହେଲେ । ଝିଅ ବଡ଼ । ତାକୁ କିଛି ବି ଫରକ ପଡ଼ିଲାନି । ବରଂ ଦିନକୁ ଦିନ ମଦ୍ୟପାନ ବଢ଼ି ଚାଲିଲା । ଝିଅ ଯେତେବେଳେ ଦଶ ବାର ବର୍ଷର ହେଲା, ଏ ରାକ୍ଷସ ତାକୁ ଖରାପ ଦୃଷ୍ଟିରେ ଦେଖିଲା । ଝିଅ ଏକା ରହିବାକୁ ଡରିଲା । ତାକୁ ବାପଘରେ ଛାଡ଼ିଦେଲି । ଦୁଇଚାରି ଥର ନିଶାରେ ମାତାଲ ହୋଇ ମୋ ଝିଅକୁ ଟଣାଟଣି କଲା । ମୁଁ ମାଆ ହୋଇ କେମିତି ସହିଥାନ୍ତି । ପ୍ରତିଦିନ ନିଶାରେ ଚୁର୍ ହୋଇ ମୋତେ ଅସହ୍ୟ ଯନ୍ତ୍ରଣା ଦେଇଚାଲିଲା । ଏମିତି ଗୋଟିଏ ଦିନ ନାହିଁ, ମୋ ଦେହରେ ସେ ଆଘାତ ଦେଇନାହିଁ । ପରଘରେ ବାସନ ମାଜି ନିଜ ପରିବାର ଚଳେଇଲି । ଆପଣମାନେ କହିବେ ସହିଲୁନି ! କେମିତି ସହିବି ? ମୋ ସହିବାର ସୀମା ଅତିକ୍ରାନ୍ତ କରିଯାଇଥିଲା । ପ୍ରତ୍ୟେକ ଦିନ ମାଡ଼ ଖାଇବା ମୋ ପାଇଁ, ମୋ ପିଲା ପାଇଁ ଅଭ୍ୟାସ ହୋଇଯାଇଥିଲା । ହାତଗୋଡ଼ ବଧିରା ପଡ଼ିଗଲା ।

ସେଦିନ ପରଘରର ପାଇଟି ସାରି ଘରକୁ ଫେରିଲି । ଦି'ଟା କ'ଣ ରୋଷେଇ କରିବି ବୋଲି ଚୁଲିପାଖରେ ବସିଛି । ଏତିକିବେଳେ ସେ ନରରାକ୍ଷସଟା ନିଶାରେ ମାତାଲ ହୋଇ ଘରକୁ ଫେରିଲା । କାହିଁ ରୋଷେଇ କରିନୁ ବୋଲି ମୋତେ ପଚାରିବା ପରେ ମୋ ଉତ୍ତର ଶୁଣିବାକୁ ସେ ପ୍ରସ୍ତୁତ ନଥିଲା । ମୋତେ ଖୁବ୍ ପିଟିଲା । ଏତେ ପିଟିଲା ଯେ ସେ ନିଜେ ବେହୋସ ହୋଇ ତଳେ ପଡ଼ିଗଲା । କିଛି ସମୟ ପରେ ଶୋଇ ପଡ଼ିଲା । ଭୁଲିଗଲି ସେ ମୋ ସ୍ୱାମୀ ବୋଲି । ନିଶାଗ୍ରସ୍ତ ଅବସ୍ଥାରେ ଶୋଇଥିବାବେଳେ ତା' ତଣ୍ଟି ଉପରେ ଚଢ଼ିଗଲି । ପନ୍ଦର ବର୍ଷର ଲୁହକୁ ଚାପିଦେଲି । ମୋ ପିଲାମାନଙ୍କର ଯନ୍ତ୍ରଣାକୁ ଚାପିଦେଲି । ସବୁ ଦୁଃଖ କଷ୍ଟକୁ ଚାପିଦେଇ ଯେତେଦିନ ବଞ୍ଚିବି ଟିକେ ଶାନ୍ତିରେ ବଞ୍ଚିବି । ଆପଣମାନେ କୁହନ୍ତୁ ମୁଁ କ'ଣ ଭୁଲ୍ କରିଛି ? ଗାଁ ଲୋକମାନଙ୍କ ସହିତ ପୋଲିସ ବାବୁ ବି ସ୍ତବ୍ଧ । ସତରେ ଭୁଲ୍ କାହାର ? ପୋଲିସ ମହିଳାଜଣକୁ କହିଲେ– ତମେ କୋର୍ଟକୁ ଚାଲ । କୋର୍ଟରେ ବିଚାର ହେବ । ଆମେ କିଛି କରିପାରିବୁନି । ପଦ୍ମା ନିଜର ନିତ୍ୟ ସାମଗ୍ରୀ ଧରି ପୋଲିସ ଗାଡ଼ିରେ ବସିଗଲା । ସେ ଜାଣିନି ହାକିମ ବାବୁ ତାକୁ କେଉଁ ପ୍ରକାର ଦଣ୍ଡ ଦେବେ । କାହିଁକି ଦଣ୍ଡ ଦେବେ ? ସେ କ'ଣ ଭୁଲ କରିଛି ?


ପଦ୍ମା ଆଖିରୁ ଧାର ଧାର ଲୁହ ବହି ଚାଲିଥିଲା । କାହିଁକି ନା ତା' ହାତରେ ଶଙ୍ଖା ଆଉ ମଥାରେ ସିନ୍ଦୂରକୁ ଦେଖି ସେ କୋହ ସମ୍ଭାଳି ପାରୁନଥିଲା । କାହିଁକି କାନ୍ଦୁଛ ବୋଲି ମହିଳା ପୋଲିସ୍ ଜଣକ ପଦ୍ମାକୁ ପଚାରିଲେ । ପଦ୍ମା କିଛି ଉତ୍ତର ନ ଦେଇ ଚୁପ୍‌ଚାପ ଲୁହ ଗଡ଼େଇ ଚାଲିଥିଲା । ମହିଳା ପୋଲିସ ଜଣକ କହିଲେ– ତୁମେ ଚାହିଁଥିଲେ ତୁମ ଦୁଇ ଛୁଆଙ୍କୁ ନେଇ ଅଲଗା ରହିପାରିଥାନ୍ତ । ତାକୁ ଛାଡ଼ି ପାରିଥାନ୍ତ । ତା' ଜୀବନ ନେବା ପାଇଁ ତମେ କିଏ?

ଏସବୁ ମୁଁ ପୋଲିସ ବୋଲି କହୁନାହିଁ । ଏ ପୋଷାକ ତଳେ ଗୋଟିଏ ସ୍ତ୍ରୀ ଆଉ ଗୋଟିଏ ମାଆ ଅଛି । ଜାଣିନି ତୁମକୁ କେଉଁ ଦଣ୍ଡ ମିଳିବ । ଥରେ ତୁମ ପିଲାମାନଙ୍କ କଥା ଭାବିକି ଦେଖ । ପଦ୍ମା କାନ୍ଦି କାନ୍ଦି ଭାବୁଥିଲା । ତାକୁ ଛାଡ଼ିକି ସେ ବଞ୍ଚି ପାରିଥାନ୍ତା । ମୁଁ ମଣିଷ ମାରିଛି । ମୋର କ'ଣ ହେବ ? ମୋର ଯାହା ବି ହେଉ, ମୋ ପିଲାମାନେ ଅନାଥ ହୋଇଯିବେ । ସତରେ କ'ଣ ମୁଁ ଭୁଲ କରିଛି? ଭିତରୁ ଶବ୍ଦ ଆସୁଥିଲା, 'ହଁ ତୁ ଭୁଲ୍ କରିଛୁ' । ଜଣେ ମଣିଷ ଯେତେ ବଡ଼ ଦୋଷୀ ହେଉନା କାହିଁକି, ତା'ର ଜୀବନ ନେବାର ଅଧିକାର କାହାର ବି ନାହିଁ । ତୁମର ବି ନୁହେଁ । ଚାହିଁଲେ ଜଣକୁ ଜୀବନ ଦେଇ ପାରିବାନି । ଜୀବନ ନେବାର ଅଧିକାର କିଏ ଦେଲା ? ସବୁ ସମସ୍ୟାର ସମାଧାନ ମୃତ୍ୟୁରେ ମିଳି ନଥାଏ ।

ନୟାପଲ୍ଲୀ, ଭୁବନେଶ୍ୱର

ଏ ସପ୍ତାହର ବିଶେଷ କବିତା

ରାଜପଥ ଓ ଶମଶାନ ପଥ



ସୁଶାନ୍ତ କିଶୋର ବଳ

ଶମଶାନ

ଜୀବନର ଡୋରି ଗଲାପରେ ଛିଡି
ଶବାଧାର ଯାଏ ଶମଶାନ ପଥେ
କାନ୍ଧେ ବୋହିଥାନ୍ତି ତାକୁ ଶବବାହକେ,
ଡାକି 'ରାମନାମ ସତ୍ୟହେ,

ହରିନାମ ସତ୍ୟହେ' ଉଚ୍ଚାବାଚେ
ବିଞ୍ଚି ପଇସା, ଖଇକଉଡି ରାସ୍ତେ
ଲଙ୍ଗଳା ପିଲାଙ୍କ ପକେଟ
ଭରେ ପଇସାରେ ।

ଚକ୍ଷୁ ମୁଦ୍ରିତ ଥାଏ ଊର୍ଦ୍ଧ୍ୱମୁଖେ,
କାଲିର ଚଳଚଞ୍ଚଳ ମାନବ
ପଡିରହିଥାଏ ସ୍ଥାଣୁ ନିର୍ବାକେ ।

ସଭିଙ୍କ ନୟନ ଥାଏ ନୀରଭରା
ବ୍ୟତିରକେ ଜରଦଗବ ବୃକ୍ଷାଗ୍ରେ
ଏହି ମୁହୂର୍ତ୍ତ ପାଇଁ ଥାଏ ଅପେକ୍ଷିତ
ରିକ୍ତ ଉଦରକୁ କିଛି ବଚାକୁଚା
ମିଳିଯାଏ ଶୂନ୍ୟ ମଶାଣି ବକ୍ଷୁ ।।

ରାଜପଥ

ଦୀରିଘ ଲମ୍ବିତ କାଳୋହଳମୟ
ଲମ୍ବିଥାଏ ରାଜପଥ ଅନାଦିକାଳୁ
ବ୍ୟଗ୍ର ମାନବ ବ୍ୟସ୍ତ ଜନସମୂହ
ଭାଗି ରହିଥାନ୍ତି ତା ବକ୍ଷପରେ ।

ନକରି ଦୃଷ୍ଟିନିକ୍ଷେପ କେହିକାହାକୁ,
ସଭିଏଂ ହୁଅନ୍ତି ଅଗ୍ରସର ଦ୍ରୁତେ
ନିଜନିଜ ସୁଚିନ୍ତିତ କର୍ତ୍ତବ୍ୟ ପଥେ ।
କେହି ଯାଉଥାଏ ରଗ୍‌ଣାଳୟେ
ରଗ୍‌ଣ ପିତାକୁ ବୋହି କାନ୍ଧେ ।

କେହି ଯାଉଥାଏ ଲୁଟିବା ଅର୍ଥେ
କେହି ଯାଉଥାଏ କାଟିବାକୁ ତଣ୍ଟି
କେହିପୁଣି ଯାଉଥାଏ ଦେବାଳୟେ
ମନ୍ଦିରେ ବଜାଇବାକୁ ଘଣ୍ଟ ଓ ମୃଦଙ୍ଗ
ବାଣ୍ଟିବାକୁ ବୁଭୁକ୍ଷୁଙ୍କୁ ଅର୍ଥ
ବଡ଼ ହିଁ ବିଚିତ୍ର ।।

(ଲେଖକ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ପୌତ୍ର ଓ ଜଣେ କବି ଓ ଅନୁବାଦକ ଭାବେ ପରିଚିତ)

ଡଗରପଡ଼ା, କଟକ
ମୋ: ୯୩୩୭୯୧୦୪୨୧

ବୋଉ



ମାନସ ଦାସ

ରାତି ଅଧ ରେ
ଏକା ଏକା ଅନ୍ଧାରରେ
ଚାଲି ଆସିଲେ ଅଗଣାକୁ ଅବା
ନିରୋଳା ଛାତ ଉପରକୁ...
ଏକାଗ୍ର ଚିତ୍ତରେ
ଚାହିଁଲେ ଆକାଶକୁ
ନୀଳ ଆକାଶର ନିର୍ମଳତାକୁ
ଭାସିଯାଉଥିବା ବାଦଲକୁ...

ମନକୁ ନୀରବ ନିଶ୍ଚୁପ କରି
ସେଇ ନୀଳ ସବୁଜ
ଆଲୋକ ଭିତରୁ
ଦେଖାଦିଏ ବୋଉ...

ଭାସି ଯାଉଥିବା ଛବିଟିଏ ପରି
ଅଜାଡ଼ି ଦିଏ ବାତ୍ସଲ୍ୟ...
ନିଃଶବ୍ଦ ସ୍ୱରରେ ଗାଉଥାଏ
ଅନନ୍ୟ ଲୋରି ଟିଏ ବୋଉ...

ହୃଦୟ ଭିତରେ ସଂଚରି ଯାଏ
ବହୁଦିନରୁ ଅପେକ୍ଷିତ ଅପୂର୍ବ ତଡିତ୍
ଶିହରି ଯାଏ ସଂପୂର୍ଣ ଅବୟବ
ଠିଆ ହୋଇଥାଏ ମହମ
ଷ୍ଟାଚ୍ୟୁଟିଏ ପରି ବୋଉ...

କାରୁଣ୍ୟରେ ଭରି ଯାଏ ଆକାଶ
ବର୍ଷା ପରି ବର୍ଷିଯାଏ ସ୍ମୃତି
ସବୁ ଆକାଶ ପରଦାରେ
କେହି ନଥିଲେ ବି ଶୁଭୁଥାଏ
ଗଭୀର ସାନ୍ନିଧ୍ୟର ସ୍ୱର
ନିବିଡ ନିଃଶ୍ୱାସ ପରି ବ୍ୟାପି ଯାଏ
ମନର ଏ କ୍ଷଣରୁ ସେ କ୍ଷଣ ପର୍ଯ୍ୟନ୍ତ....

ନିଃଶେଷ ହୋଇଯାଏ
ସବୁ ଅଭାବନା, ଦୁର୍ଭାବନା
ଅନାବନା ସବୁ ଅନୁଶୋଚନା...

ପରମ ତୃପ୍ତିରେ ଭରି ଯାଏ
ହୃଦୟ : ଶେଷ ହୁଏ
ଅପ୍ରତିଭ ମନର ଯାତନା ।।

(ଲେଖକ ଜଣେ କବି ଓ କଥାଶିଳ୍ପୀ ଭାବେ ପରିଚିତ)

କୁନ୍ଦ କୁଟୀର,
ଚୈଧୁରୀ ବଜାର,କଟକ
ମୋ: ୭୦୦୮୭୭୦୦୧୪

ବିଜ୍ଞାନ ଓ ପୁରାଣ ଜ୍ଞାନ



ଦେବଯାନୀ ସ୍ୱାଇଁ

ଆମେ ସମସ୍ତେ ଏବେ ବିଜ୍ଞାନ ଯୁଗରେ ବସବାସ କରୁଛୁ, ଯେଉଁଠାରେ ପ୍ରତ୍ୟେକ କଥା ପ୍ରମାଣ, ପରୀକ୍ଷା ଓ ନିରୀକ୍ଷଣ ଉପରେ ଆଧାରିତ । ବିଜ୍ଞାନ ଆମକୁ ଯୁକ୍ତିସଙ୍ଗତ ଭାବେ ଭାବିବାକୁ ଓ ସତ୍ୟକୁ ଖୋଜିବାକୁ ଶିଖାଏ । କିନ୍ତୁ, ଏହା ସହିତ ପୁରାଣ ଜ୍ଞାନ ମଧ୍ୟ ଆମ ସଂସ୍କୃତି ଓ ପାରମ୍ପରିକତାର ଏକ ଅମୂଲ୍ୟ ଅଂଶ । ଏହି ପୁରାଣ ଜ୍ଞାନ ଆମ ପୂର୍ବଜମାନଙ୍କର ଆସ୍ଥା, ଅନୁଭବ, ଧାରଣା ଓ ଚିନ୍ତାଧାରାକୁ ପ୍ରକାଶ କରେ ।

ବିଜ୍ଞାନର ଆବିଷ୍କାରରୁ ଆଜି ଯେଉଁ ବିମାନ ଓ ମହାକାଶଯାନ ଆମକୁ, ଆକାଶ ଓ ମହାକାଶରେ ଯାତ୍ରା କରିବାର ସୁଯୋଗ ଦେଇଛି, ବହୁ ପୂର୍ବରୁ ବାଲ୍ମୀକି ରାମାୟଣରେ ପୁଷ୍ପକ ବିମାନର ବର୍ଣ୍ଣନା ରହିଛି । ବିଜ୍ଞାନର ସଫଳତା ଯୋଗୁ ଆଜି ଟେଲିଭିଜନ୍ ଓ ଭିଡିଓ କଲ୍ ମାଧ୍ୟମରେ ଆମେ ଦୂରରେ ଘଟୁଥିବା ଘଟଣାକୁ ଦେଖିପାରୁଛୁ, ଯାହାକି ମହାଭାରତର ସଞ୍ଜୟ ନିଜର ଦିବ୍ୟଦୃଷ୍ଟି ମାଧ୍ୟମରେ ଧୃତରାଷ୍ଟ୍ରଙ୍କୁ କୁରୁକ୍ଷେତ୍ର ଯୁଦ୍ଧର ବିବରଣୀ ଦେଉଥିବା କଥା ବର୍ଣ୍ଣିତ ହୋଇଛି ।

ଏକ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଆଜିର ବିଜ୍ଞାନ ଯେଉଁଠାରେ ନଅଟି ଗ୍ରହର ଉପସ୍ଥିତିକୁ ସ୍ୱୀକାର କରିଛି, ସେହି ଧାରଣା ବହୁ ପୁରାତନ କାଳରୁ ଆମ ପୁରାଣରେ ନବଗ୍ରହ ଭାବେ ଉଲ୍ଲେଖ ହୋଇଆସିଛି । ଏହା ଦେଖାଏ ଯେ, ପୁରାଣ ଜ୍ଞାନ ଓ ବିଜ୍ଞାନ ମଧ୍ୟରେ କିଛି ସାମ୍ୟ ଓ ସମ୍ପର୍କ ରହିଛି, ଯାହା ଆମକୁ ଅନୁପ୍ରାଣୀତ କରିଥାଏ ।

ବିଜ୍ଞାନରେ ଗ୍ରହ ହେଉଛି ସୂର୍ଯ୍ୟଙ୍କୁ ପରିକ୍ରମା କରୁଥିବା ଆକାଶୀୟ ପିଣ୍ଡ, ଯେଉଁମାନେ ଗୁରୁତ୍ୱାକର୍ଷଣ, ପରିବେଶ ଓ ଖଗୋଳୀୟ ଘଟଣା ଉପରେ ପ୍ରଭାବ ପକାଇଥାନ୍ତି । ଆଉ ପୁରାଣରେ ଗ୍ରହ କହିଲେ, ଆମ ମନ୍ଦିରଗୁଡ଼ିକରେ ପୂଜା ପାଉଥିବା ନବଗ୍ରହ ଦେବତା । ସଂସ୍କୃତରେ ଗ୍ରହ ଶବ୍ଦର ଅର୍ଥ ଧରିକି ରଖିବା । ତେଣୁ ଏହି ଗ୍ରହମାନେ ମାନବ ଭାଗ୍ୟ, ଜୀବନ ଘଟଣା ଓ କର୍ମକୁ ଧରିକି ରଖୁଥିବା ଅର୍ଥାତ ପ୍ରଭାବିତ କରୁଥିବାର ଧାରଣା ସହିତ ଜ୍ୟୋତିଷ ଶାସ୍ତ୍ରରେ ଏହାର ବିଶେଷ ମହତ୍ତ୍ୱ ରହିଛି ।

> **ତେଣୁ ବିଜ୍ଞାନରେ ଗ୍ରହଣ ଆଉ ପରାଗ ଛାଇ– ଆଲୁଅର ଖେଳ ହେଇଥିବା ବେଳେ ପୁରାଣରେ ଏହା ସୂର୍ଯ୍ୟ, ଚନ୍ଦ୍ର ଏବଂ ସ୍ୱରଭାନୁ ରାକ୍ଷସର ଲଢେଇ ବୋଲି କହି ଏହାକୁ ଦେଖିବାକୁ ବାରଣ କରାଯାଏ । ବିଜ୍ଞାନ କୁହେ, ଏହି ଖଗୋଳୀୟ ଘଟଣାଗୁଡ଼ିକୁ ଭୟ ନ କରି ଏହାକୁ ଅବଲୋକନ କରି ଉପଭୋଗ କରିବା ଉଚିତ ।**

ପ୍ରଥମେ ଖାଲି ଆଖିକୁ ଦେଖାଯାଉଥିବା ୫ଟି ଗ୍ରହ, ଯାହାକି– ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର ଓ ଶନି ଗ୍ରହ, ଆମ ଜୀବନକୁ ପ୍ରଭାବିତ କରୁଥିବାର ବିଶ୍ୱାସ କରାଯାଉଥିଲା । ପରେ ଆଉ ଦୁଇଟି ଉଜ୍ଜ୍ୱଳ ଗ୍ରହ ପିଣ୍ଡ ସୂର୍ଯ୍ୟ ଓ ଚନ୍ଦ୍ରଙ୍କୁ ପରିସର ଭୁକ୍ତ କରାଗଲା । ଏହି ସାତଟି ଗ୍ରହର ନାମ ଅନୁସାରେ ସାତଟି ବାରର ନାମ ହେଲା । ସାତଟି ଗ୍ରହ ପରେ ଆଉ ଦୁଇଟି ଛାୟାଗ୍ରହ ରାହୁ ଏବଂ କେତୁଙ୍କୁ ମଧ୍ୟ ବିଚାରକୁ ନିଆଗଲା । ଏହି ଗ୍ରହ ଦୁଇଟି ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣର ମୁଖ୍ୟ କାରଣ ।

ବୈଜ୍ଞାନିକ ବ୍ୟାଖ୍ୟା ଅନୁସାରେ ଚନ୍ଦ୍ର ଓ ସୂର୍ଯ୍ୟ ମଝିରେ ଏକ ସରଳରେଖାରେ ପୃଥିବୀ ରହିଲେ, ସୂର୍ଯ୍ୟଙ୍କ କିରଣ ଚନ୍ଦ୍ର ଉପରେ ନ ପଡିବାରୁ ଆମେ ଚନ୍ଦ୍ରଙ୍କୁ ଦେଖି ପାରୁନାହିଁ ଯାହାକୁ ଚନ୍ଦ୍ରଗ୍ରହଣ କୁହାଯାଏ । ଠିକ୍ ସେମିତି ପୃଥିବୀ ଆଉ ସୂର୍ଯ୍ୟ ମଝିରେ ଚନ୍ଦ୍ର ରହିଲେ ସୂର୍ଯ୍ୟଙ୍କ କିରଣ ପୃଥିବୀ ପୃଷ୍ଠରେ ପଡି ପାରେ ନାହିଁ ଆଉ ତାକୁ ସୂର୍ଯ୍ୟପରାଗ କୁହାଯାଏ । ହେଲେ ପୁରାଣରେ ଏହା ଏକ ସୁନ୍ଦର କାହାଣୀ । ସମୁଦ୍ର ମନ୍ଥନ ସମୟରେ ରାକ୍ଷସ ସ୍ୱରଭାନୁ, ଅମର ରହିବା ପାଇଁ ଦେବତା ବେଶରେ ଆସି ଅମୃତ ଚୋରି କରି ଖାଇ ଦେଇଥିଲା । ସ୍ୱରଭାନୁ ଦେବତା ବେଶରେ ଲୁଚେଇକି ଅମୃତ ଖାଇବା ସମୟରେ ସୂର୍ଯ୍ୟ ଓ ଚନ୍ଦ୍ର ଦେଖିଦେଲେ ଆଉ ବିଷ୍ଣୁଙ୍କୁ ଯାଇ ଏକଥା କହିଦେଲେ । ବିଷ୍ଣୁ ସଙ୍ଗେ ସଙ୍ଗେ ସୁଦର୍ଶନ ଚକ୍ରରେ ସ୍ୱରଭାନୁଙ୍କ ଗଣ୍ଡିରୁ ମୁଣ୍ଡକୁ ଅଲଗା କରିଦେଲେ । କିନ୍ତୁ ଅମୃତ ଖାଇଥିବାରୁ ଗଣ୍ଡି ଏବଂ ମୁଣ୍ଡ ଅଲଗା ହେଲା ପରେ ବି ଜୀବିତ ରହିଲେ । ପୁରାଣରେ ରାକ୍ଷସ ସ୍ୱରଭାନୁଙ୍କ ମୁଣ୍ଡକୁ ରାହୁ ଓ ଗଣ୍ଡିକୁ କେତୁ ବୋଲି କୁହାଯାଏ । ଉଭୟେ ଆକାଶରେ ଘୁରିବୁଲନ୍ତି । ଯେହେତୁ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଉପରେ ତାଙ୍କର ରାଗ ରହିଛି ତେଣୁ ସୁଯୋଗ ଦେଖି ସୂର୍ଯ୍ୟଙ୍କୁ ରାହୁ ଆଉ ଚନ୍ଦ୍ରଙ୍କୁ କେତୁ ଗ୍ରାସ କରେ । କିନ୍ତୁ ରାହୁ ତ କଟାମୁଣ୍ଡ, ତାର ଗଣ୍ଡି ନାହିଁ କି ପେଟ ନାହିଁ । ସୂର୍ଯ୍ୟ ରାହୁର ପାଟି ଭିତରେ ଏପଟେ ପଶି ସେପଟେ କଟା ତଣ୍ଟି ବାଟେ ବାହାରି ଯାଆନ୍ତି, ହେଲେ ଯେତିକି ସମୟ ସେ ରାହୁର ପାଟି ଭିତରେ ଥାଆନ୍ତି, ସେତିକି ସମୟ ସୂର୍ଯ୍ୟ ଲୁଚି ଯାଆନ୍ତି ଆଉ ପରାଗ ହୁଏ ।

ଠିକ୍ ସେମିତି କେତୁ ମଧ୍ୟ ପ୍ରତିଶୋଧ ନେବାକୁ ଯାଇ ଚନ୍ଦ୍ରଙ୍କୁ ଗ୍ରାସ କରେ, ହେଲେ ତା'ର ତ ପାଟି ନାହିଁ ଗିଳିବ କେମିତି ? ନିଜ ଗଣ୍ଡି ଲଗାଇ ଚନ୍ଦ୍ରଙ୍କ ସହିତ ଛକାପଞ୍ଝା କରିଚାଲେ । ସେଥିଲାଗି ଚନ୍ଦ୍ରଗ୍ରହଣ ପ୍ରାୟତଃ ଅଧିକ ସମୟ ପର୍ଯ୍ୟନ୍ତ ହୋଇଥାଏ । ଚନ୍ଦ୍ର ମଧ୍ୟ ଏଇ ଛକାପଞ୍ଝାରେ ଲାଲ୍ ପଡିଯା'ନ୍ତି ଆଉ ମୌକା ଦେଖି କେତୁର କବଳରୁ ଖସି ଆସନ୍ତି ।

ତେଣୁ ବିଜ୍ଞାନରେ ଗ୍ରହଣ ଆଉ ପରାଗ ଛାଇ– ଆଲୁଅର ଖେଳ ହେଇଥିବା ବେଳେ ପୁରାଣରେ ଏହା ସୂର୍ଯ୍ୟ, ଚନ୍ଦ୍ର ଏବଂ ସ୍ୱରଭାନୁ ରାକ୍ଷସର ଲଢେଇ ବୋଲି କହି ଏହାକୁ ଦେଖିବାକୁ ବାରଣ କରାଯାଏ । ବିଜ୍ଞାନ କୁହେ, ଏହି ଖଗୋଳୀୟ ଘଟଣାଗୁଡିକୁ ଭୟ ନ କରି ଏହାକୁ ଅବଲୋକନ କରି ଉପଭୋଗ କରିବା ଉଚିତ ।

ଏକଥା ସତ, ବିଜ୍ଞାନ ଓ ପୁରାଣ ଜ୍ଞାନ ମଧ୍ୟରେ ଅନେକ ପ୍ରଭେଦ ରହିଛି । ଯଦିଓ ବିଜ୍ଞାନର ଗବେଷଣା ଢେର ଆଗୁଆ, କିନ୍ତୁ ବହୁ ପୁରାତନ ପୁରାଣରେ ବର୍ଣ୍ଣିତ ଅନେକ ବିଦ୍ୟାକୁ ବିଜ୍ଞାନ ଠିକ ବୋଲି ସ୍ୱୀକାର କରୁଛି । ବିଜ୍ଞାନର ଯୁକ୍ତିସଙ୍ଗତ ଚେତନାକୁ ଗ୍ରହଣ କରିବା ସହିତ ପୁରାଣର ଜ୍ଞାନକୁ ମଧ୍ୟ ସମ୍ମାନ ଦେବା ଉଚିତ । ତେଣୁ ଆମର ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ବିଷୟବସ୍ତୁକୁ ହେୟ ଜ୍ଞାନ ନ କରି ଏହା ଉପରେ ଅଧିକା ତର୍ଜମା କରି ଗବେଷଣା କଲେ ଆମେ ବହୁତ କିଛି ରହସ୍ୟମୟ କାହାଣୀ ଜାଣିବାକୁ ପାଇବା ଏବଂ ଏହି ଦୁଇଟି ମିଶି ଆମ ଜୀବନକୁ ଆହୁରି ସମୃଦ୍ଧ ଓ ସାରଗର୍ଭିତ କରିପାରିବ ।

ଗୋରେଗାଓଁ, ମୁମ୍ବାଇ
ମୋ: ୯୧–୯୯୩୦୫୯୦୬୬୧

ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଭୂସ୍ଖଳନ...

କାର୍ଯ୍ୟ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ଏଥିସହିତ ଗଣମାଧ୍ୟମର ଭୂମିକା ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଯେ, ବିପର୍ଯ୍ୟୟ ସମୟରେ ଗଣମାଧ୍ୟମକୁ ସମ୍ପୂର୍ଣ୍ଣ ଆଧିକାରିକ ଓ ସଠିକ୍ ତଥ୍ୟ ଯୋଗାଇ ଦିଆଯାଉ। ଅନ୍ୟପକ୍ଷରେ, ଗଣମାଧ୍ୟମ ଓ ବିଭିନ୍ନ ସୂତ୍ରରୁ ଆସୁଥିବା ତଥ୍ୟ ଓ ଖବରର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରି ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଭ୍ରମାତ୍ମକ ଖବରର ନିରାକରଣ ହୋଇପାରିବ ଏବଂ ଜନସାଧାରଣଙ୍କ ନିକଟରେ ସତ୍ୟ ଓ ନିର୍ଭୁଲ ତଥ୍ୟ ପହଞ୍ଚିବା ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଅଧିକ ଫଳପ୍ରଦ ହୋଇପାରିବ।

ଏହି ସମୀକ୍ଷା ବୈଠକ ପରିପ୍ରେକ୍ଷୀରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରି ଉଦ୍ଧାର କାର୍ଯ୍ୟରେ ରେଳ ବିଭାଗର ସକ୍ରିୟ ସହଯୋଗ ଲୋଡ଼ିଛନ୍ତି। କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରକାର ଆବଶ୍ୟକୀୟ ସହାୟତା ପ୍ରଦାନ ସୁନିଶ୍ଚିତ କରାଯାଇଛି।

ଭୂସ୍ଖଳନ ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବା ପାଇଁ ରେଳବାଇ ସହାୟତାରେ ଚେନ୍ ପୁଲି ସିଷ୍ଟମ୍ ବ୍ୟବହାର ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଇଷ୍ଟ କୋଷ୍ଟ ରେଳୱେ ପକ୍ଷରୁ ଏହି ଚେନ୍ ପୁଲି ବ୍ୟବସ୍ଥାକୁ ତୁରନ୍ତ ଘଟଣାସ୍ଥଳକୁ ପଠାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି।

ସୂଚନାଯୋଗ୍ୟ ଯେ ଉଦ୍ଧାର କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଜି.ଉଦୟଗିରି ଭୂସ୍ଖଳନ ସ୍ଥଳରେ ସିଧାସଳଖ କାମ କରିବା ନିମନ୍ତେ ହେଲିକପ୍ଟର ଯୋଗେ ଅତ୍ୟାଧୁନିକ 'ସିସ୍ମିକ୍ ଲାଇଫ୍ ଡିଟେକ୍ସନ୍ ୟୁନିଟ୍' ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯାଇଛି। ଭାରତୀୟ ନୌସେନା ଦ୍ୱାରା ବ୍ୟବହୃତ ଏହି ଅତ୍ୟାଧୁନିକ ପ୍ରଯୁକ୍ତିରେ ଥିବା ସ୍ୱତନ୍ତ୍ର ସେନ୍ସର ଓ ସ୍କାନିଂ ମାଧ୍ୟମରେ ମାଟି, ପଙ୍କ କିମ୍ବା ଭଗ୍ନାବଶେଷ ତଳେ ଥିବା ଜୈବିକ ସଙ୍କେତକୁ ସହଜରେ ଚିହ୍ନଟ କରାଯାଇପାରିବ।

ବୈଠକର ଆଲୋଚନାରୁ ଜଣାପଡିଛି ଯେ ଘଟଣାସ୍ଥଳରେ ଏନ୍‌ଡିଆର୍‌ଏଫ୍, ଓଡିଆଏଏଫ୍, ଫାୟାର ଏବଂ ଏସ୍‌ଓଜି ଭଳି ପ୍ରମୁଖ ଉଦ୍ଧାରକାରୀ ସଂସ୍ଥାଗୁଡ଼ିକ ମିଳିତ ଭାବେ ଉଦ୍ଧାର ଅଭିଯାନ ଜାରି ରଖିଛନ୍ତି।

ଏହି ସମୀକ୍ଷା ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ବାତ୍ୟା 'ଅର୍ଣ୍ଣବ' ଦ୍ୱାରା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ସେବା, ରାସ୍ତାଘାଟ ଏବଂ ଅନ୍ୟାନ୍ୟ ଜରୁରୀ ସେବାଗୁଡ଼ିକୁ ପୁନରୁଦ୍ଧାର କରିବା ପାଇଁ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଶକ୍ତି ବିଭାଗ ଅଧିକାରୀମାନେ ଏହାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କାମ କରୁଛନ୍ତି, ଯାହାଫଳରେ ଲୋକଙ୍କୁ ଯଥାଶୀଘ୍ର ସ୍ୱାଭାବିକ ସେବା ଯୋଗାଇ ଦିଆଯାଇପାରିବ।

ଏହାସହିତ ଆଗାମୀ ସମ୍ଭାବ୍ୟ ବାତ୍ୟା ପାଇଁ ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତି, ବିପଦସଙ୍କୁଳ ଅଞ୍ଚଳରୁ ଆଗୁଆ ସ୍ଥାନାନ୍ତରଣ, ପର୍ଯ୍ୟାପ୍ତ ଶୁଖିଲା ଖାଦ୍ୟ ଓ ଆବଶ୍ୟକ ସ୍ଥଳେ ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଓ ଔଷଧ ମହଜୁଦ ରଖିବା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସୁଦୃଢ଼ ସମନ୍ୱୟ ରକ୍ଷା କରିବା ଉପରେ ସମୀକ୍ଷାରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି।

ଏହି ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ , ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ କୁମାର ଦେବ, ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ, ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି, ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ କମିଶନର ତଥା ଶାସନ ସଚିବ ଗିରିଶ ଏସ. ଏନ, ଗ୍ରାମ୍ୟ ଜଳଯୋଗାଣ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ସଞ୍ଜୟ ବିଶ୍ୱାଳ ଏବଂ ଅନ୍ୟ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

୪ ସ୍ତମ୍ଭକୁ...

ଏକତ୍ର ରଖିଆସିଛି। ଦ୍ୱିତୀୟଟି ହେଉଛି ଭାଷାଗତ ଏକତା। ଦେଶର ବିଭିନ୍ନ ଭାଷା ଓ ଉପଭାଷା ଭାରତର ସମୃଦ୍ଧିର ପ୍ରତୀକ। ପ୍ରତ୍ୟେକ ଭାରତୀୟ ଭାଷାର ନିଜସ୍ୱ ସାହିତ୍ୟିକ ଓ ସାଂସ୍କୃତିକ ମହତ୍ତ୍ୱ ରହିଛି। ପିଲାମାନେ ମାତୃଭାଷାରେ ଶିକ୍ଷା ଗ୍ରହଣ କରିବା ସହ ଅନ୍ୟ ଭାରତୀୟ ଭାଷାକୁ ମଧ୍ୟ ଜାଣିବା ଓ ଶିଖିବା ଉଚିତ ବୋଲି ସେ କହିଥିଲେ।

ତୃତୀୟ ସ୍ତମ୍ଭ ଭାବେ ସେ ଭେଦଭାବମୁକ୍ତ ବିକାଶକୁ ଗୁରୁତ୍ୱ ଦେଇଥିଲେ। ଦାରିଦ୍ର୍ୟ ଓ ସାମାଜିକ ଭେଦଭାବ ସମାଜର ଏକତାକୁ ଦୁର୍ବଳ କରେ। ଗତ ଦଶନ୍ଧିରେ ସରକାରଙ୍କ ଉଦ୍ୟମରେ ୨୫ କୋଟି ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଥିବା ମୋଦୀ ନିଜ ଭାଷଣରେ ଦାବି କରିଥିଲେ। ଗରିବଙ୍କୁ ଘର, ପ୍ରତ୍ୟେକ ଘରକୁ ପାନୀୟ ଜଳ ଓ ମାଗଣା ଚିକିତ୍ସା ସୁବିଧା ଯୋଗାଇବା ଦିଗରେ ସରକାର କାମ କରୁଥିବା ସେ କହିଥିଲେ।

ଚତୁର୍ଥ ସ୍ତମ୍ଭ ହେଉଛି ଯୋଗାଯୋଗ ବ୍ୟବସ୍ଥା ମାଧ୍ୟମରେ ଲୋକଙ୍କ ହୃଦୟକୁ ଯୋଡ଼ିବା। ଦେଶରେ ରାଜପଥ, ଏକ୍ସପ୍ରେସ୍ୱେ, ରେଳପଥ ଓ ବିମାନବନ୍ଦରର ବିକାଶ ଯୋଗୁଁ ରାଜ୍ୟରୁ ରାଜ୍ୟକୁ ଯାତାୟାତ ସହଜ ହୋଇଛି। ଏହାଦ୍ୱାରା ଲୋକଙ୍କ ମଧ୍ୟରେ ସାଂସ୍କୃତିକ ଆଦାନପ୍ରଦାନ ଓ ପାରସ୍ପରିକ ସମ୍ପର୍କ ବଢୁଛି। ଡିଜିଟାଲ୍ ସଂଯୋଗ ମଧ୍ୟ ଏକତାକୁ ମଜବୁତ କରିବାରେ ସହାୟକ ହେଉଛି ବୋଲି ସେ କହିଥିଲେ।

ଜାତୀୟ ସୁରକ୍ଷା ପ୍ରସଙ୍ଗରେ ମୋଦୀ ନକ୍ସଲବାଦ ଓ ମାଓବାଦୀ ହିଂସା ଦମନ ଉପରେ ଗୁରୁତ୍ୱ ଦେଇଥିଲେ। ତାଙ୍କ ମତରେ, ୨୦୧୪ ପୂର୍ବରୁ ଦେଶର ପ୍ରାୟ ୧୨୫ଟି ଜିଲ୍ଲା ମାଓବାଦୀ ହିଂସାର ପ୍ରଭାବରେ ଥିଲା। ଏବେ ଏହି ସଂଖ୍ୟା ୧୧କୁ ହ୍ରାସ ପାଇଛି ଏବଂ ମାତ୍ର ୩ଟି ଜିଲ୍ଲାରେ ଏହା ଗମ୍ଭୀର ଭାବେ ରହିଛି ବୋଲି ସେ ଦାବି କରିଥିଲେ। ଦେଶକୁ ନକ୍ସଲବାଦ ଓ ମାଓବାଦୀ ଆତଙ୍କରୁ ସମ୍ପୂର୍ଣ୍ଣ ମୁକ୍ତ ନକରିବା ପର୍ଯ୍ୟନ୍ତ ସରକାରଙ୍କ ଉଦ୍ୟମ ଜାରି ରହିବ ବୋଲି ସେ କହିଥିଲେ।

ଅନୁପ୍ରବେଶକୁ ଦେଶର ଏକତା ଓ ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ବଡ଼ ବିପଦ ବୋଲି ଅଭିହିତ କରି ପ୍ରଧାନମନ୍ତ୍ରୀ କହିଥିଲେ, ଏହାର ମୁକାବିଲା ପାଇଁ ସରକାର 'ଡେମୋଗ୍ରାଫି ମିଶନ' ଘୋଷଣା କରିଛନ୍ତି। ଦେଶର ସୁରକ୍ଷା ଓ ପରିଚୟକୁ ସୁରକ୍ଷିତ ରଖିବା ପାଇଁ ନାଗରିକମାନେ ଏକତାର ସଂକଳ୍ପ ନେବା ଉଚିତ ବୋଲି ସେ ଆହ୍ୱାନ ଦେଇଥିଲେ।

ସର୍ଦ୍ଦାର ପଟେଲଙ୍କ ସ୍ମୃତି ଓ ଅବଦାନକୁ ସମ୍ମାନ ଜଣାଇବା ସହ ପୁଲିସ ଓ ସୁରକ୍ଷା ବାହିନୀର ସହିଦଙ୍କ ବଳିଦାନକୁ ମଧ୍ୟ ପ୍ରଧାନମନ୍ତ୍ରୀ ସ୍ମରଣ କରିଥିଲେ। ଦେଶର ଆଭ୍ୟନ୍ତରୀଣ ସୁରକ୍ଷାରେ ୩୬ ହଜାର ପୁଲିସ କର୍ମଚାରୀ ପ୍ରାଣବଳି ଦେଇଥିବା କଥା ଉଲ୍ଲେଖ କରି ସେ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ସରକାରଙ୍କ...

ଇସ୍ତଫା ଦେବା ଉଚିତ। ଆଦିବାସୀଙ୍କ ସ୍ୱାର୍ଥ ବିରୋଧୀ ନୀତି ଓ କାର୍ଯ୍ୟକ୍ରମ ବିରୋଧରେ ଲୋକେ ନିଜର ସ୍ୱର ଉଠାଇଛନ୍ତି। ଏହା ଏକ ଐତିହାସିକ ରାଲି ବୋଲି ସେ କହିଥିଲେ। ଜଣେ ଆନ୍ଦୋଳନକାରୀ କହିଥିଲେ ଯେ, ସାଢ଼େ ତିନି ବର୍ଷର ସଙ୍କଟ ପରେ ନାଗା, ମୈତେଇ ଓ ଅନ୍ୟ ସ୍ଥାନୀୟ ସମ୍ପ୍ରଦାୟ ଏକାଠି ହୋଇଛନ୍ତି। ଅବୈଧ ଅନୁପ୍ରବେଶ ଓ ନିଶାଦ୍ରବ୍ୟ ଚାଲାଣ ସହ ଜଡ଼ିତ ଆତଙ୍କବାଦ ବିରୋଧରେ ଲଢ଼ିବା ସହ ନିଜ ଭବିଷ୍ୟତ ସୁରକ୍ଷିତ କରିବା ଆବଶ୍ୟକ ବୋଲି ସେ କହିଥିଲେ।

ସେନାପତି ଜିଲ୍ଲାରେ ନାଗା ପିପୁଲ୍ସ ଅର୍ଗାନାଇଜେସନ୍, ସେନାପତି ଡିଷ୍ଟ୍ରିକ୍ଟ ଷ୍ଟୁଡେଣ୍ଟସ୍ ଆସୋସିଏସନ୍ ଓ ସେନାପତି ଡିଷ୍ଟ୍ରିକ୍ଟ ଓମେନ୍ସ ଆସୋସିଏସନ୍ ପକ୍ଷରୁ ରାଲି ଆୟୋଜନ କରାଯାଇ କୋକୋମିର ଆନ୍ଦୋଳନକୁ ସମର୍ଥନ ଦିଆଯାଇଥିଲା। ଏଥିରେ ଏସ୍‌ଓଓ ଚୁକ୍ତି ତୁରନ୍ତ ବାତିଲ କରିବା ସହ ଉପମୁଖ୍ୟମନ୍ତ୍ରୀ ନେମଚା କିପଗେନଙ୍କ ଇସ୍ତଫା ଦାବି କରାଯାଇଥିଲା। ୟୁନାଇଟେଡ୍ ନାଗା କାଉନସିଲ୍‌ର ସଭାପତି ଏନ୍.ଜି. ଲୋରହୋ କହିଥିଲେ ଯେ, ପାହାଡ଼ିଆ ଜିଲ୍ଲାଗୁଡ଼ିକର ନାଗା ସମ୍ପ୍ରଦାୟ ନିଜ ପୈତୃକ ଭୂମିର ସୁରକ୍ଷା ପାଇଁ ଏକାଠି ହୋଇଛନ୍ତି।

ମଣିପୁରରେ ମେ ୨୦୨୩ରୁ ଉପତ୍ୟକା ଅଞ୍ଚଳର ମୈତେଇ ଓ ପାହାଡ଼ିଆ ଅଞ୍ଚଳର କୁକି ସମ୍ପ୍ରଦାୟ ମଧ୍ୟରେ ଜାତିଗତ ସଂଘର୍ଷ ଜାରି ରହିଛି। ଏହି ହିଂସାରେ ଅତିକମ୍‌ରେ ୩୦୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଲୋକ ଏବେ ମଧ୍ୟ ନିଖୋଜ ଅଛନ୍ତି। ଚଳିତ ବର୍ଷ ଫେବୃଆରିରୁ କୁକି ଓ ନାଗା ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷରେ ପ୍ରାୟ ୫୦ ଜଣଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି। ପିଟିଆଇ ରିପୋର୍ଟ ଅନୁସାରେ, ଜାତିଗତ ହିଂସା ଆରମ୍ଭ ହେବା ପରେ ପ୍ରଥମ ଥର ପାଇଁ ସୁରକ୍ଷା ବାହିନୀ ପ୍ରାୟ ୨୦ ବର୍ଷ ପୁରୁଣା ଶାନ୍ତି ଚୁକ୍ତି ଅଧୀନରେ କୁକି-ଜୋ ଉଗ୍ରବାଦୀଙ୍କ ପାଇଁ ଉଦ୍ଦିଷ୍ଟ ଏକ କ୍ୟାମ୍ପର ନିୟନ୍ତ୍ରଣ ନିଜ ହାତକୁ ନେଇଛି।

୨୦୦୮ ଅଗଷ୍ଟରେ କେନ୍ଦ୍ର ସରକାର, ମଣିପୁର ସରକାର ଏବଂ କୁକି-ଜୋ ଉଗ୍ରବାଦୀ ସଂଗଠନଗୁଡ଼ିକ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ସଂଘର୍ଷ ବନ୍ଦ କରିବା ଏବଂ ରାଜନୈତିକ ସମାଧାନ ପାଇଁ ଆଲୋଚନାର ରାସ୍ତା ଖୋଲିବା। ଏହାର ପ୍ରାରମ୍ଭିକ ବୁଝାମଣା ୨୦୦୫ରେ ଭାରତୀୟ ସେନା ଓ କୁକି ଉଗ୍ରବାଦୀ ଗୋଷ୍ଠୀ ମଧ୍ୟରେ ହୋଇଥିଲା। ଏହି ଚୁକ୍ତିରେ କୁକି ନ୍ୟାସନାଲ ଅର୍ଗାନାଇଜେସନ୍ ଓ ୟୁନାଇଟେଡ୍ ପିପୁଲ୍ସ ଫ୍ରଣ୍ଟ ଅଧୀନରେ ଥିବା ସଂଗଠନଗୁଡ଼ିକ ସାମିଲ ଅଛନ୍ତି। ଚୁକ୍ତି ଅନୁସାରେ, ସଦସ୍ୟମାନେ ହିଂସାରୁ ଦୂରେଇ ରହିବା, ନିର୍ଦ୍ଧାରିତ କ୍ୟାମ୍ପରେ ରହିବା ଏବଂ ନିର୍ଦ୍ଧାରିତ ସୁରକ୍ଷା ବ୍ୟବସ୍ଥା ଅଧୀନରେ ଅସ୍ତ୍ରଶସ୍ତ୍ର ରଖିବା ଆବଶ୍ୟକ।

କୁକି-ଜୋ ଉଗ୍ରବାଦୀ ସମସ୍ୟାର ରାଜନୈତିକ ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ଆଲୋଚନା ପ୍ରକ୍ରିୟାରେ ଏହି ଚୁକ୍ତି ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ତେବେ ମେ ୨୦୨୩ରୁ ଜାତିଗତ ହିଂସା ଆରମ୍ଭ ହେବା ପରେ ଏହାର ଅବଧି ବୃଦ୍ଧିକୁ ନେଇ ବିରୋଧ ବଢ଼ିଛି। ୨୦୨୪ ଫେବୃଆରିରେ ମଣିପୁର ବିଧାନସଭା ଏହି ଚୁକ୍ତି ବାତିଲ ପାଇଁ ଏକ ପ୍ରସ୍ତାବ ଗୃହୀତ କରିଥିଲା। କୁକି-ଜୋ ଉଗ୍ରବାଦୀ ଗୋଷ୍ଠୀ ହିଂସାରେ ସମ୍ପୃକ୍ତ ଥିବା ଅଭିଯୋଗ କରି ନାଗା ସଂଗଠନଗୁଡ଼ିକ ମଧ୍ୟ ଚୁକ୍ତିର ସମାପ୍ତି ଦାବି କରିଆସୁଛନ୍ତି। ଇମ୍ଫାଲ, ସେନାପତି ଓ ଚାନ୍ଦେଲରେ ହୋଇଥିବା ଏହି ରାଲିରେ ମୈତେଇ ଓ ନାଗା ସଂଗଠନଗୁଡ଼ିକ ଆଦିବାସୀଙ୍କ ସୁରକ୍ଷା, ଏସ୍‌ଓଓ ଚୁକ୍ତି ବାତିଲ ଏବଂ ରାଜ୍ୟ ସରକାରଙ୍କ ଜବାବଦେହିତା ଦାବିକୁ ଏକାଠି ଉଠାଇଛନ୍ତି।

ଜ୍ଞାନେଶଙ୍କୁ...

ବୈଧତା ଉପରେ ମଧ୍ୟ ପ୍ରଶ୍ନ ଉଠିବ। ଏହା ସହ ୨୦୨୪ ନିର୍ବାଚନରେ ମାତ୍ର ୩ ପ୍ରତିଶତ ଭୋଟ ବ୍ୟବଧାନ ଥିବା ଉଲ୍ଲେଖ କରି ଭୋଟରଙ୍କ ନାମ ବାଦ୍ ପଡ଼ିବାର ପ୍ରଭାବ ନେଇ ସେ ଆଶଙ୍କା ପ୍ରକାଶ କରିଥିଲେ।

ରବିବାର ଦିଲ୍ଲୀର ରାସ୍ତାକୁ ଓହ୍ଲାଇ ଏହି ଅଭିଯାନକୁ ଆହୁରି ତୀବ୍ର କରାଯିବ ବୋଲି ରାହୁଲ ଘୋଷଣା କରିଥିଲେ। ନିର୍ବାଚନରେ ହେରଫେର ଏବଂ ସିବିଆଇ, ଇଡି ଭଳି ତଦନ୍ତକାରୀ ସଂସ୍ଥାର ଦୁରୁପଯୋଗ ସବୁଦିନ ପାଇଁ ଚାଲିପାରିବ ନାହିଁ ବୋଲି ସେ କହିଥିଲେ। ଆଇନଗତ ସୁରକ୍ଷାକୁ ଭରସା କରି ଜ୍ଞାନେଶ କୁମାର ଖସିଯାଇପାରିବେ ନାହିଁ ଏବଂ ଗଣତନ୍ତ୍ରକୁ କ୍ଷତି ପହଞ୍ଚାଉଥିବା ଲୋକଙ୍କୁ ଦେଶର ଯୁବପିଢ଼ି କ୍ଷମା କରିବେ ନାହିଁ ବୋଲି ରାହୁଲ ଚେତାବନୀ ଦେଇଥିଲେ। ଅନ୍ୟପକ୍ଷରେ ବିଜେପି ସାଂସଦ ସୁଧାଂଶୁ ତ୍ରିବେଦୀ କଂଗ୍ରେସର ଏହି କାର୍ଯ୍ୟକ୍ରମକୁ ତୀବ୍ର ସମାଲୋଚନା କରିଛନ୍ତି। ରାହୁଲ ଗାନ୍ଧୀଙ୍କୁ ଆଶ୍ୱାସନା ଦେବା ପାଇଁ କଂଗ୍ରେସ ଏକ କାଳ୍ପନିକ ସଂସଦ ସୃଷ୍ଟି କରିଛି ବୋଲି ସେ କଟାକ୍ଷ କରିଥିଲେ। ବିଜେପି ସାଂସଦ ବିଶ୍ୱବ୍ୟାଙ୍କର ଦାରିଦ୍ର୍ୟ ସମ୍ପର୍କିତ ଆକଳନକୁ ଉଦ୍ଧୃତ କରି କହିଥିଲେ ଯେ, ମୋଦୀ ସରକାରଙ୍କ ଶାସନରେ ଭାରତର ଅଗ୍ରଗତି ହେଉଛି। ଏକ ରିପୋର୍ଟ ଅନୁସାରେ, ଦେଶରେ ଅତ୍ୟନ୍ତ ଦାରିଦ୍ର୍ୟ ହାର ୨.୬ ପ୍ରତିଶତକୁ ହ୍ରାସ ପାଇଛି। ସେହିପରି ଦୈନିକ ୪.୨୦ ଡଲାରରୁ କମ୍ ଆୟରେ ଜୀବନ ବିତାଉଥିବା ଲୋକଙ୍କ ହାର ୨୦୧୧ରେ ୫୭.୭ ପ୍ରତିଶତ ଥିବାବେଳେ ଏବେ ଏହା ୧୬ ପ୍ରତିଶତକୁ ଖସିଛି। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଦାରିଦ୍ର୍ୟ ଦୂରୀକରଣ ପାଇଁ କାମ କରୁଥିବାବେଳେ କଂଗ୍ରେସ କେବଳ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କ୍ଷମତାରୁ ହଟାଇବା ଉଦ୍ୟମରେ ଲାଗିଛି ବୋଲି ତ୍ରିବେଦୀ ଅଭିଯୋଗ କରିଥିଲେ।

ଆକ୍ରମଣ...

ରେଜାଇଙ୍କ ଉଦ୍ଦେଶ୍ୟରେ ଲେଖାଯାଇଥିବା କୁହାଯାଉଛି। ଚିଠିରେ ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ ଅନ୍ତର୍ଜାତୀୟ ନିରୀକ୍ଷକଙ୍କ ନଜର ରଖିବା ଏବଂ ଅତ୍ୟଧିକ ସମୃଦ୍ଧ ୟୁରାନିୟମର ଭବିଷ୍ୟତ ସମ୍ପର୍କରେ ଆମେରିକା ପକ୍ଷରୁ ଦାବି କରାଯାଇଥିବା ଅନୁମାନ କରାଯାଉଛି। ତେବେ ଏହି ୟୁରାନିୟମକୁ ବିଦେଶକୁ ପଠାଯିବ ନାହିଁ ବୋଲି ତେହେରାନ ପୂର୍ବରୁ ସ୍ପଷ୍ଟ କରିଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁନର୍ବାର ଶାନ୍ତି ଆଲୋଚନା ଆରମ୍ଭ ପାଇଁ ନିର୍ଦ୍ଦେଶ ଦେଇଥିବା ଖବରକୁ ଖଣ୍ଡନ କରିଛନ୍ତି। ଭାନ୍ସଙ୍କ ଚିଠି ଇରାନକୁ ଔଷଧ ସାମଗ୍ରୀ ପ୍ରବେଶ ପାଇଁ ଅନୁମତି ଦେବା ସମ୍ପର୍କିତ ବୋଲି ସେ କହିଛନ୍ତି। ଇରାନୀ ଗଣମାଧ୍ୟମ ଅନୁସାରେ, ହର୍ମୁଜ୍ ପ୍ରଣାଳୀକୁ କିଛିଦିନ ମଧ୍ୟରେ ପୁନଃ ଖୋଲିବା ଏବଂ ଜୁନ୍‌ରେ ହୋଇଥିବା ବୁଝାମଣାକୁ ପୁନର୍ବାର କାର୍ଯ୍ୟକାରୀ କରିବା ଇରାନର ପ୍ରସ୍ତାବ ରହିଛି। ଏହାକୁ ନେଇ ମଧ୍ୟସ୍ଥତା ଆଲୋଚନା ଆଗକୁ ବଢୁଛି।

ଇରାନର ଦାବି ମଧ୍ୟରେ ଏହାର ବନ୍ଦରଗୁଡ଼ିକ ଉପରେ ଆମେରିକାର ସାମୁଦ୍ରିକ ଅବରୋଧ ହଟାଇବା, ତୈଳ କଟକଣାରେ ରିହାତି ଦେବା ଏବଂ ଲେବାନନ ସମେତ ଆଞ୍ଚଳିକ ସଂଘର୍ଷ ଅଞ୍ଚଳରେ ଯୁଦ୍ଧବିରତି ଲାଗୁ କରିବା ଅନ୍ତର୍ଭୁକ୍ତ। ଇସ୍ରାଏଲୀ ସେନା ଏବେ ମଧ୍ୟ ଲେବାନନର ଦକ୍ଷିଣ ଅଞ୍ଚଳରେ ଅବସ୍ଥାନ କରୁଛି। ଇରାନ ଚିଠି ପାଇଥିବା ସ୍ଥାନୀୟ ଗଣମାଧ୍ୟମ ନିଶ୍ଚିତ କରିଥିଲେ ମଧ୍ୟ ମଧ୍ୟସ୍ଥଙ୍କ ଜରିଆରେ ଏହାର କୌଣସି ଔପଚାରିକ ଜବାବ ଦିଆଯାଇଛି କି ନାହିଁ, ତାହା ସ୍ପଷ୍ଟ କରିନାହାନ୍ତି।

ଇରାନର ରାଷ୍ଟ୍ର ସମର୍ଥିତ ଖବରକାଗଜ 'ଜମହୁରୀ-ଏ-ଇସଲାମୀ' ଶନିବାର ଏକ ସମ୍ପାଦକୀୟରେ କହିଛି ଯେ, ଆମେରିକା ସହ ବୁଝାମଣାର ସମ୍ଭାବନା କମ୍ ଥିଲେ ମଧ୍ୟ ଆଲୋଚନାକୁ ସକାରାତ୍ମକ ଭାବେ ଆଗକୁ ବଢ଼ାଇବା ଆବଶ୍ୟକ। ନଭେମ୍ବର ୩ରେ ଆମେରିକାର ମଧ୍ୟବର୍ତ୍ତୀ ନିର୍ବାଚନ ପରେ ଯୁଦ୍ଧ ପୁଣି ଆରମ୍ଭ ହୋଇପାରେ ବୋଲି ଆଶଙ୍କା ପ୍ରକାଶ କରିବା ସହ ଯୁଦ୍ଧକୁ ଇରାନର ଅପରିହାର୍ଯ୍ୟ ଭାଗ୍ୟ ଭାବେ ଗ୍ରହଣ କରିବା ଉଚିତ ନୁହେଁ ବୋଲି ଖବରକାଗଜ କହିଛି।

ଏପଟେ ହର୍ମୁଜ୍ ପ୍ରଣାଳୀରେ ଜାହାଜ ଚଳାଚଳକୁ ନେଇ ଉତ୍ତେଜନା ଜାରି ରହିଛି। ଇରାନର ଇସଲାମିକ୍ ରିଭଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ଜାହାଜଗୁଡ଼ିକୁ ଟାର୍ଗେଟ କରିବା ଜାରି ରଖିଥିବା ବେଳେ ସମୁଦ୍ରରେ ନୌସେନା ମାଇନ୍‌ର ବିପଦ ରହିଥିବା ଚେତାବନୀ ଦେଇଛି। ଅନ୍ୟପକ୍ଷରେ ଆମେରିକା ସେନା ଏହି ଜଳପଥ ଦେଇ ଆରବ ଦେଶଗୁଡ଼ିକରୁ ତୈଳ ପରିବହନ ପାଇଁ ଜାହାଜ ଚଳାଚଳ ବ୍ୟବସ୍ଥାକୁ ସହାୟତା ଯୋଗାଉଛି।

ଶନିବାର ଦକ୍ଷିଣ ଇରାନର କେଶମ୍ ଦ୍ୱୀପ ନିକଟରେ ଆମେରିକାର ଏକ ଡ୍ରୋନ୍ ଦୁଇଟି ମାଛଧରା ଡଙ୍ଗା ଉପରେ ବୋମାମାଡ଼ କରିଥିବା ସ୍ଥାନୀୟ କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି। ଏଥିରେ ଅନେକ ମତ୍ସ୍ୟଜୀବୀ ଆହତ ହୋଇଥିବା ଜଣାପଡ଼ିଛି।

ଶୁକ୍ରବାର ରାତିରେ ଇରାନର ସରକାରୀ ଟେଲିଭିଜନ ଦାବି କରିଛି ଯେ, ଗତ କିଛିଦିନ ମଧ୍ୟରେ ଅନୁମତି ନଥିବା ଜଳପଥ ଦେଇ ଯାତାୟାତ କରିବା ସମୟରେ ସମୁଦ୍ରରେ ମାଇନ୍‌ରେ ଧକ୍କା ହୋଇ ଅତିକମ୍‌ରେ ୬ଟି ତୈଳବାହୀ ଜାହାଜ କ୍ଷତିଗ୍ରସ୍ତ ହୋଇଛି। ଏଥିମଧ୍ୟରେ ୨୦ ଲକ୍ଷ ବ୍ୟାରେଲ୍ ତୈଳ ବହନ କରୁଥିବା ଏକ ବୃହତ୍ ତୈଳବାହୀ ଜାହାଜ ମଧ୍ୟ ରହିଛି।

ଅନ୍ୟପକ୍ଷରେ ବ୍ରିଟେନର ୟୁକେ ମାରିଟାଇମ୍ ଟ୍ରେଡ୍ ଅପରେସନ୍ସ (ୟୁକେଏମଟିଓ) ଏକ ନୂଆ ପ୍ରକାରର ସାମୁଦ୍ରିକ ଆକ୍ରମଣ ସମ୍ପର୍କରେ ସୂଚନା ଦେଇଛି। ଓମାନର ଖାସାବ୍‌ର ଉତ୍ତର-ପୂର୍ବରେ ଏକ ଛୋଟ ଡଙ୍ଗା ଏକ ତୈଳବାହୀ ଜାହାଜ ନିକଟକୁ ଯାଇ ଏହାର ଜଳପୃଷ୍ଠ ଉପର ଅଂଶରେ ଦୁଇଟି ବିସ୍ଫୋରକ ଉପକରଣ ଲଗାଇଥିଲା। ଏହା ପରେ ବିସ୍ଫୋରଣ ଘଟି ଜାହାଜର ଇଞ୍ଜିନ୍ କକ୍ଷରେ ନିଆଁ ଲାଗିଥିଲା ଏବଂ ଜାହାଜଟି କିଛି ସମୟ ପାଇଁ ଅଚଳ ହୋଇପଡ଼ିଥିଲା।

ୟୁକେଏମଟିଓର ତଥ୍ୟ ଅନୁସାରେ, ଅକ୍ଟୋବର ୨୮ରେ ଶେଷ ହୋଇଥିବା ସପ୍ତାହରେ ହର୍ମୁଜ୍ ପ୍ରଣାଳୀ ଦେଇ ୧୫୫ଟି ଜାହାଜ ଭିତରକୁ ଏବଂ ୧୨୨ଟି ଜାହାଜ ବାହାରକୁ ଯାତାୟାତ କରିଥିଲା। ଯୁଦ୍ଧ ପୂର୍ବ ସମୟ ତୁଳନାରେ ଏହି ଯାତାୟାତ ପ୍ରାୟ ୭୦ ପ୍ରତିଶତ ହ୍ରାସ ପାଇଛି।

ସ୍ତ୍ରୀକୁ...

ଅବସ୍ଥାରେ ଘରକୁ ଆସି ସ୍ତ୍ରୀକୁ ଖାଇବାକୁ ମାଗିଥିଲେ। ସ୍ତ୍ରୀ ମେଂଜତି ମୁଣ୍ଡା ମଧ୍ୟ ନିଶାରେ ଥିଲେ । ତେବେ ଉଭୟଙ୍କ ମଧ୍ୟରେ ହଠାତ ବଚସା ହୋଇଥିଲା ଏଥିରେ ଉତ୍ୟକ୍ତ ହୋଇ ସ୍ୱାମୀ ସ୍ତ୍ରୀଙ୍କୁ ପିଟି ପିଟି ମାରିଦେଇଥିଲେ । ତେବେ ହତ୍ୟା କରି ସାରିବା ପରେ ଗାଁ ନିକଟସ୍ଥ ଏକ ଜଙ୍ଗଲରେ ମୃତଦେହକୁ ଫିଙ୍ଗି ଦେଇଥିଲେ। ତେବେ ୪ ଦିନ ପରେ ଶନିବାରଦିନି ତାଙ୍କ ପୁଅ ଘଟଣା ବିଷୟରେ ନୟାକୋଟ ପୋଲିସକୁ ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଉଦ୍ଧାର କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ସ୍ୱାମୀ ଗଲୁ ମୁଣ୍ଡାଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି ।

ରଷିକୁଲ୍ୟା...

୨୮ ଓ ୨୯ ତାରିଖ ଓଡ଼ିଶା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପାଣିପାଗ ବିଭାଗ ଚେତାବନୀ ଦେଇଥିଲା। ହେଲେ ମୁଖ୍ୟମନ୍ତ୍ରୀ ପାଣିପାଗ ପରିବର୍ତ୍ତନକୁ ଦାୟୀ କରିଛନ୍ତି।

ଅବପାତ...

ପଡ଼ିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୫ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସତର୍କ କରାଇଛି। ୨ ତାରିଖ ସକାଳ ଯାଏ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, କେନ୍ଦୁଝର, ମୟୁରଭଞ୍ଜ, ରାୟଗଡ଼ା, କୋରାପୁଟ, ମାଲକାନାଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼କୁ ୟଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟରେ ପବନର ବେଗ ୩୦ରୁ ୪୦ କିଲୋମିଟର ରହିବ ବୋଲି ଆକଳନ ହୋଇଛି। ସେହିଭଳି ୩ ତାରିଖ ସକାଳ ଯାଏ ରାୟଗଡ଼, କୋରାପୁଟ, ମାଲକାନାଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଜିଲ୍ଲା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ୪୦ରୁ ୫୦ କିଲୋମିଟର ପବନ ବୋହିବାର ସମ୍ଭାବନା ରହିଛି। ସେହିଭଳି ବିଜୁଳି ଘଡଘଡି ସହ ୩୦ରୁ ୪୦ କିଲୋମିଟର ବେଗରେ ପବନ ବୋହିବା ଲାଗି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, କେନ୍ଦୁଝର, ଲାଗି ୟଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୪ ତାରିଖ ଲାଗି ପ୍ରବଳରୁ ଅତିପ୍ରବଳ ବର୍ଷା ଲାଗି ରାୟଗଡ଼ା, କୋରାପୁଟ, ମାଲକାନାଗିରି, ଗଜପତି, ଗଞ୍ଜାମ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ୫ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ରାୟଗଡ଼ା, କୋରାପୁଟ, ମାଲକାନାଗିରି, ଗଜପତି, ଗଞ୍ଜାମ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ୟଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆଇଏମଡିର ସୂଚନା ଅନୁଯାୟୀ ଅର୍ଣ୍ଣବ ତୁଳନାରେ ସମ୍ଭାବ୍ୟ ବାତ୍ୟାର ତୀବ୍ରତା କମ ରହିବ। ତେବେ ଏଥିପ୍ରତି ସତର୍କ ରହିବାକୁ ପଡ଼ିବ।

ପୂର୍ବ ତଟ ରେଳପଥ
'ଇ' କ୍ରୟ ପ୍ରଣାଳୀ

ଟେଣ୍ଡର ବିଜ୍ଞପ୍ତି ସଂ.MCS/Stores/E-procure/Tender Notice/Bogie Frame/474, ତା.27.10.2026ରିଖ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପଲୋଡ କରାଯାଇଛି ।

କ୍ରମ ସଂ. 01 : ଟେଣ୍ଡର ସଂ. 92265865, ବିବରଣୀ : LHB କୋଚ୍‌ଗୁଡ଼ିକ ପାଇଁ ବୋଗି ଫ୍ରେମ୍ ଇତ୍ୟାଦି । ପରିମାଣ : 15 ସଂଖ୍ୟକ, EMD : ₹50,49,585.75 ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.11.2026ରିଖ 1500 ଘଟିକାରେ ।

ବରିଷ୍ଠ ସାମଗ୍ରୀ ପ୍ରବନ୍ଧକ (D)/ CRW/ମଞ୍ଚେଶ୍ୱର

PR- 525/R/26-27

AFFIDAVIT

I, Srikanta Kumar Pani, S/O- Somanath Pani, resident of House No.- 3, Aurobindo Villa, Ananta Vihar, Pokhariput, Bhubaneswar, Odisha, Pin-751020 declare by this affidavit No.-411, Dtd.-21.10.2026 that now onwards I shall be known as **Shrikanta Kumar Pani** for all future purposes.

Sd/- Shrikanta Kumar Pani

AFFIDAVIT

By virtue of an affidavit sworn before the Notary Public, Bhubaneswar. I, Jayashree Patnaik, W/o- Sri Tejeswar Patnaik, a/a 60 years, residing at K5-HIG 256, Kalinga vihar, Bhubaneswar, Dist- Khordha, Odisha, hereby declare that, in my husband's passport, my name has been wrongly mentioned as Jayashree instead of Jayashree Patnaik. So Now onwards I shall be known as **Jayashree Patnaik** for all future purposes.

-Jayashree Patnaik

AFFIDAVIT

By Virtue of an Affidavit on dt 26-10-2026. Before the Executive Magistrate Kamakhyanagar no 4741 dt 26-10-2026.I Sarbeswar Naik S/o Sridhar Naik vii-Tandimunda po - Batagaon PS - Kankadahad Dist -Dhenkanal pin 759018 that my daughter's birth certificate bearing Regd no 6069 / 2015 dt 21-09-2015 her name has been mentioned Mahishree Naik is correct and genuine ,but aadhar card no 7532 8435 6893 name has been wrongly mentioned as Mayusri Naik d/o Sarbeswar Naik,that my daughter Mahishree Naik and Mayusri Naik is one and same person for Correction of aadhar for official purpose hence affidavit .

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
13001/2296/2627 ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org.

ପତ୍ର ସଂଖ୍ୟା ୧୬୮ **ବିଜ୍ଞାପନ** ତା : ୧୪.୧୦.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଫ୍ଲାଟ ନଂ ଏଲ.ସି-୧୨୨/୧୫ (LC-122/15) ଚନ୍ଦ୍ରଶେଖରପୁର, ୨ୟ ରୁ ୫ ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ପ୍ରଦୀପ୍ତ କୁମାର ପରିଡା, ପିତା : ସ୍ୱର୍ଗତ ଜାନକୀ ନାଥ ପରିଡା, ସା–କୁଆଳି, ପୋ–ଡାଳିଜୋ, ଥାନା–କିଶୋରନଗର, ଜିଲ୍ଲା–କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଉକ୍ତ ଆବଣ୍ଟନ ଗ୍ରହୀତା ଶ୍ରୀ ପ୍ରଦୀପ୍ତ କୁମାର ପରିଡା ଉକ୍ତ ସମ୍ପତ୍ତିକୁ ତୃତୀୟ ପକ୍ଷ ଅବଗାନ ଆଧାରରେ ଶ୍ରୀ ସଞ୍ଜିବ ଦାସ, ପିତା– ଶ୍ରୀ ପ୍ରକାଶ କୁମାର ଦାସ, ସା–ବିଦ୍ୟାଧରପୁର, ପୋ–ଡାକବଙ୍ଗ, ଥାନା–ବାଙ୍କୀ, ଜିଲ୍ଲା–କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଫ୍ଲାଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଫ୍ଲାଟଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/26-27/0318

Parjang Dhenkanal - 7590120
E-mail: ori-parajang@nic.in

OFFICE OF THE PANCHAYAT SAMITI, PARJANG, DHENKANAL PR & DW DEPARTMENT

19001/318/2627 **Tender Call Notice**

Bid Identification No. BDO, PARJANG -02/2026-27

The Block Development Officer, Parjang on behalf of Government of Odisha inviting percentage rale from eligible contractors for construction of Additional office building work detail in the table below.

1. Nature of work : Additional office building work Infrastructure Related work
2. Nature of work : Building Works
3. Number of Work : 01 (one)
4. Tender Cost & EMD : As mentioned in DTCN
5. Class of contractor : As mentioned in DTCN
6. Available Bid document in the District Website : From 31.10.2026 10.00 AM to 12.11.2026 up to 5.00PM
7. Last date/Time of receipt of the original bid documents : 12.11.2026, 5.00 PM (only Regd. Post/Speed Post)
8. Date of Opening of Bid : 13.11.2026 11.00 AM
9. Name & Address of the Office : Office of the Block Development Officer, Parjang
10. Further details can be seen from the Dhenkanal Portal www.dhenkanal.nic.in

Any addendum/ Corrigendum/ Cancellation of vender can also be seen in the said website.

Sd/- Block Development Officer
Parjang

OIPR : 19001/19416/1/26-27/0002

8001/426/2627

OFFICE OF THE DEPUTY DIRECTOR,
NANDANKANAN ZOOLOGICAL PARK
P.O-BARANG,DIST-KHURDA,PIN 754005
PHONE NO- 9437022023
Email: deputydirector.kanan@gmail.com
Web: www.nandankanan.org

NANDANKANAN
CONSERVE | EDUCATE | INSPIRE

TENDER NOTICE

Notice No. 45 /NKZP/2026-27 Date: 30 .10.2026

The Nandankanan Zoological Park Authority, Bhubaneswar invites Tender in sealed cover from reputed distributor/ stockists/ firms for Supply of Veterinary Medicine, drug, surgical .equipments and other accessories for the financial year, 2026-27 for use in Zoo Veterinary Hospital for treatment of Zoo animals. The detailed terms and conditions alongwith tender documents shall be available at the website: www. nandankanan .org from 31.10.2026 onwards. The last date of submission of bid is 11.11.2026 at 05.00 PM and date of opening of Bid will be on 12.11.2026 at 11.00 AM.

Sd/- Deputy Director
Nandankanan Zoological Park

OIPR : 8001/8070/1/26-27/0013

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER: BARAGADA

Tender Call No. 5962 dt. 30.10.26

10001/674/2627

TENDER CALL NOTICE

Sealed tenders are hereby invited from authorized Agencies / firms/Suppliers for supply of drugs, equipments, instruments and consumables to C.D.M & P.H.O. Baragada. Bid documents should be submitted through Regd.Post/ Speed Post/ courier only. For date, time & terms and conditions regarding Tender Call, please visit the district web site **www.baragada.odisha.gov.in**

Sd/-
Chief District Medical &
Public Health Officer,
Baragada

OIPR : 10001/10124/1/26-27/0009

OFFICE OF THE SUPERINTENDING ENGINEER, RWS & S DIVISION, BARAGADA
Email:- eerwss_bgh@nic.in, Ph (O):-06646 233220. FAX :- 06646234626
No. 3441 / Dt. 27.10.2026

25001/1425/2627 **GOVERNMENT OF ODISHA**

"e" PROCUREMENT NOTICE

Bid Identification No.03 Dt of 2026-27

The Superintending Engineer, RWS&S Division, Baragada on behalf of the Governor of Odisha invites tenders from the Reputed Firms/Agencies/Manufacturer for Supplying, Erection, Testing & Commissioning of R O Based Defluoridation & Water Treatment Drinking Water Station Capacity 2M3/Hour including one year Maintenance cost on Trunkey basis in village Jada of Bhatli Block.in village Lastala of Attabira Block.in village Piplipali of Bijepur Block under Baragada District as per Annexure "A","B"/"C" and "D" to be eventually drawn up in P1 Contract Form for the below work as per terms and condition noted below.

1. Name of the work: Supplying, Erection, Testing & Commissioning of 03 nos. of R.O Based Defluoridation & Water Treatment Drinking Water Station Capacity 2M3/Hour including one year Maintenance cost on Trunkey basis in village Jada of Bhatli Block.in village Lastala of Attabira Block.in village Piplipali of Bijepur Block under Baragada District
2. Approx. Estimated cost:- Rs 17.28 lakhs.Rs 17.28 Lakhs and 17.28 Lakhs respectively.
3. Date and time of availability of document in the portal :-Dt 03.11.2026 to Dt 13.11.2026 up to 5.00 P.M
4. Last date/ time for receipt of bids in the portal:- Dt 13.11.2026 up to 5.00 P.M
5. DateS. time of Opening of Tender:- Dt 16.11.2026 at 11.00 A.M.
6. Name and address of the Officer Inviting Bid :- Superintending Engineer, RWS&S Division, Baragada, District :-Baragada

Further details can be seen from the e-procurement portal "http//tendersorissa.gov in". The authority reserves the right to reject any or all the tenders without assigning any reason thereof.

Sd/- Superintending Engineer
RWS&S Division, Baragada

OIPR : 25001/25018/1/26-27/0010

25001/1408/2627 E.Mail - rw_sundargarh@yahoo.co.in

GOVERNMENT OF ODISHA
OFFICE OF THE SUPERINTENDING ENGINEER RURAL WORKS DIVISION, SUNDARAGADA

E-PROCUREMENT NOTICE

BID IDENTIFICATION NO. ONLINE-SESNG-18 of 2026-27

1. Name of the Work :- Road Works
2. Total No. of works :- 44 no Roads
3. Estimated cost :- From Rs.5.08 Lakhs to Rs.37.12 Lakhs
4. Class of contractor :- 'D'/C&'B'
5. Period of completion :- 01 calendar months
6. Type of Tender :- Single Cover
7. Other details

Procurement Officer	Bid Identificaiton No.	Availability of Tender On-line for Bidding	
		From	To
1	2	3	4
Superintending Engineer, Rural Works Division, Sundargarh	Online-SESNG-18 of 2026-27	03.11.2026 11.00 A.M.	12.11.2026 5.00 P.M.

Further details can be seen from the website www.tendersorissa.gov.in

Sd/- Superinrtending Engineer
Rural Works Division. Sundaragada

OIPR : 25001/25046/1/26-27/0026

BHUBANESWAR DEVELOPMENT AUTHORITY
AKASH SHOVA BUILDING, SACHIVALAYA MARG, BHUBANESWAR - 751001

13001/2317/2627 Visit us at : http://www. bda. gov.in/

Invitation for Bids

Bid Identification No.1126/SE-I/BDA/2026-27 Date : 30.10.2026

Superintending Engineer, Division No.I, BDA on behalf of Bhubaneswar Development Authority, Bhubaneswar invites percentage rate bids in single cover system in ONLINE MODE from eligible contractors for civil works as mentioned below :

1. Nature of works : Civil Work
2. Total No. of work : 01 (One) No.
3. Amount put to tender : Rs.8.84 Lakh
4. Class of Contractor : 'D '& 'C" Class
5. Period of Completion : 30 (Thirty) days
6. Cost of Bid Documents : Rs.4000.00 + 18% GST (Online transfer by the last date & time for receipt of bids)
7. Earnest Money Deposit (EMD) : 1% of estimated cost put to tender. (Online transfer by the last date & time for receipt of bids)
8. Availability of Tender : From 2.11.2026 to 5.00 PM of 11.11.2026. https://tendersodisha.gov.in
9. Date of opening of Tender : Dt. 12.11.2026 at 11.30 AM
10. Place of opening of Tender : O/o-Superintending Engineer,Div-I, BDA, Bhubaneswar.

Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd/- Superintending Engineer
Division No.I,BDA

OIPR : 13001/13033/1/26-27/0172

ଦେବୀଗଡ଼ା ଭସାଣି ମାଡ଼ ଘଟଣା

ବିଡ଼ାନାସୀ ଥାନା ଅଧିକାରୀଙ୍କ ବଦଳି ଓ କାର୍ଯ୍ୟାନୁଷ୍ଠାନ ଦାବିରେ ଓଜେସିର ସ୍ମାରକପତ୍ର

କଟକ, (ସ୍ୱପ୍ର) : ଐତିହାସିକ କଟକ ସହରର ଦଶହରା ଭସାଣି ଉତ୍ସବ ବେଳେ ଦେବୀଗଡ଼ା ନିକଟରେ ବିଡ଼ାନାସୀ ଥାନା ଅଧିକାରୀ ଅସିତ ବଳବନ୍ତରାୟ ଜଣେ ନିରୀହ ଯୁବକଙ୍କୁ ଅକାରଣରେ ଚାପୁଡ଼ା ମାରିବା ସହ ଅପମାନିତ କରି ଠେଲି ଦେବା ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଓଡିଶା ଜନତା କଂଗ୍ରେସ ପାର୍ଟି, କଟକ ସହର ପକ୍ଷରୁ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ପୋଲିସ ଉପ-ଆୟୁକ୍ତଙ୍କ ମାଧ୍ୟମରେ ଭୁବନେଶ୍ୱର-କଟକ ପୋଲିସ



କମିଶନରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଅନୁରୂପ ଅଭିଯୋଗ ଆସିଥିବା ବେଳେ ବାରମ୍ବାର ଏଭଳି ବ୍ୟବହାର ଅତ୍ୟନ୍ତ ଉଦବେଗଜନକ ବୋଲି ଦଳ ଅଭିଯୋଗ କରିଛି । କଟକ ଭଳି ଏକ ଶାନ୍ତିପ୍ରିୟ ତଥା ଭାଇଚାରାର ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ନାଁରେ ଜଣେ ଦାୟିତ୍ୱସମ୍ପନ୍ନ ଅଧିକାରୀଙ୍କ ଏଭଳି ଉଗ୍ର ଓ ଅଶୋଭନୀୟ ଆଚରଣ ପୋଲିସର ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିଛି । ତେଣୁ ସାଧାରଣ ଜନତାଙ୍କ ସୁରକ୍ଷା ଦୃଷ୍ଟିରୁ ଉକ୍ତ ଅଧିକାରୀଙ୍କୁ ତୁରନ୍ତ କଟକରୁ ଅନ୍ୟତ୍ର ବଦଳି କରିବା ସହ ଘଟଣାର ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ କରି ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀମତୀ ବେହେରା ଦାବି କରିଛନ୍ତି । ପ୍ରଶାସନ ତୁରନ୍ତ ଉଚିତ ପଦକ୍ଷେପ ନନେଲେ ଆଗାମୀ ଦିନରେ ଦଳ ରାଜରାସ୍ତାକୁ ଓହ୍ଲାଇ ଗଣତାନ୍ତ୍ରିକ ଢଙ୍ଗରେ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଓଜେସି ରାଜ୍ୟ ଉପ-ସଭାପତି ନିକୁଞ୍ଜ ପସାୟତ, କେଦାର ପୃଷ୍ଟି, ପୂର୍ବତନ କର୍ପୋରେଟର କାଞ୍ଚନ ଦାସ, ଓଜେସି ବ୍ଲକ ସଭାପତି ଅଜିତ କୁମାର ବେହେରା, ପ୍ରତାପ ଚନ୍ଦ୍ର ପରିଡା, ରାକେଶ ମହାରଣା, ଅବଦୁଲ ନସିମ ଓ ସୁରଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଡ୍ରିମ୍ସରେ ରାଷ୍ଟ୍ରୀୟ ଏକତା ଦିବସ

କଟକ, (ସ୍ୱପ୍ର): କଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ମହାନ ସଂଗ୍ରାମୀ, ରାଷ୍ଟ୍ର ନିର୍ମାତା ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ଓ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି । ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଅଖଣ୍ଡ ଭାରତ ଗଠନରେ ସର୍ଦ୍ଦାର ପଟେଲଙ୍କ ଅତୁଳନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ଅଧ୍ୟାପକ ସେକ୍ ନଜରୁଲ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁଙ୍କ ସମେତ ବିଭିନ୍ନ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ରାଷ୍ଟ୍ରୀୟ ଏକତା ଶପଥ ପାଠ କରାଯାଇଥିଲା ।

ପୂର୍ବତଟ ରେଳପଥ ମୁଖ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀକୁ ସ୍ମରଣ କରି ପୂର୍ବ ତଟ ରେଳପଥ ଏହାର ମୁଖ୍ୟାଳୟ ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱରଠାରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରିଛି । ଏହି ଅବସରରେ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ନେତୃତ୍ୱରେ ଜାତୀୟ ଏକତା ଦିବସ ପାଳନ ସହ ଏକ ସ୍ପନ୍ଦନଶୀଳ "ଏକତା ପାଇଁ ରନ୍" ରାଲି ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଶ୍ରୀ ଫୁଙ୍କୱାଲ ପୂର୍ବ ତଟ ରେଳପଥର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ରାଷ୍ଟ୍ରୀୟ ଏକତା ଦିବସ ଶପଥ ପାଠ କରାଇଥିଲେ । ଏହି ଶପଥ ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ସୁରକ୍ଷିତ ରଖିବା ସହ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦ୍ୱାରା ପରିକଳ୍ପିତ ଜାତୀୟ ସଂହତିର ଆଦର୍ଶକୁ ବଜାୟ ରଖିବା ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ଦୃଢ଼ୀଭୂତ କରିଥିଲା ।

ଶପଥ ପାଠ କାର୍ଯ୍ୟକ୍ରମ ପରେ ମହାପ୍ରବନ୍ଧକ ରେଳ ସଦନ ସମ୍ମୁଖରେ "ଏକତା ପାଇଁ ରନ୍" ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରାଲିରେ ରେଳ ଅଧିକାରୀ, କର୍ମଚାରୀ, ରେଳ ସୁରକ୍ଷା ବଳ (ଆରପିଏଫ୍)



କର୍ମଚାରୀ, କ୍ରୀଡ଼ାବିତ୍ ଏବଂ ବରିଷ୍ଠ ଅଧିକାରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ, ଯାହା ଏକତା ଏବଂ ଜାତୀୟ ଗର୍ବର ଦୃଢ଼ ଭାବନାକୁ ପ୍ରତିଫଳିତ କରିଥିଲା । ଏହି ଅବସରରେ ପୂର୍ବ ତଟ ରେଳପଥର ସମସ୍ତ ପ୍ରମୁଖ ବିଭାଗ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ଏବଂ ଏକତା, ଅଖଣ୍ଡତା ଓ ଜାତୀୟ ସଂହତିକୁ ସୁଦୃଢ଼ କରିବା ଦିଗରେ ସାମୂହିକ ପ୍ରତିବଦ୍ଧତାକୁ ଦୋହରାଇଥିଲେ । ଏହି କାର୍ଯ୍ୟକ୍ରମର ସଂଯୋଜନା ପୂର୍ବ ତଟ ରେଳପଥର କାର୍ମିକ ବିଭାଗ ପକ୍ଷରୁ କରାଯାଇଥିଲା । ରାଷ୍ଟ୍ରୀୟ ଏକତା ଦିବସ ପାଳନ ଦେଶକୁ ଏକତ୍ର କରିବାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅମୂଲ୍ୟ ଅବଦାନର ସ୍ମରଣ କରାଇଥାଏ ଏବଂ ଭାରତର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ସୁରକ୍ଷିତ ରଖିବାରେ ପ୍ରତ୍ୟେକ ନାଗରିକଙ୍କ ସହଭାଗୀ ଦାୟିତ୍ୱକୁ ସୁଦୃଢ଼ କରିଥାଏ ।

ମୁକ୍ତା ଫାଉଣ୍ଡେସନ ପକ୍ଷରୁ କୁରୁମପଡ଼ାସ୍ଥିତ ସ୍ୱତନ୍ତ୍ର ବିଦ୍ୟାଳୟରେ ଭାବ ବିନିମୟ ଓ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ମୁକ୍ତା ଫାଉଣ୍ଡେସନର ପ୍ରତିଷ୍ଠାତା ବନ୍ଦନା ପଣ୍ଡାଙ୍କ ସହଯୋଗ ଓ ପ୍ରେରଣାକ୍ରମେ ଖୋର୍ଦ୍ଧା ଜିଲ୍ଲା କୁରୁମପଡ଼ାସ୍ଥିତ ବୌଦ୍ଧିକ ଭିନ୍ନକ୍ଷମ ଶିଶୁମାନଙ୍କ ସ୍ୱତନ୍ତ୍ର ବିଦ୍ୟାଳୟରେ ଏକ ଭାବ ବିନିମୟ ଓ ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ସହ-ପ୍ରତିଷ୍ଠାତା ସଂଘମିତ୍ରା ପାଢ଼ୀଙ୍କ ସମେତ ସଦସ୍ୟା ଗୀତାଞ୍ଜଳି ଶତପଥୀ, ଜ୍ୟୋତି ମିଶ୍ର ଓ ଗାୟତ୍ରୀ ମୁଦୁଲି ଯୋଗଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଖାଦ୍ୟ ସାମଗ୍ରୀ ଏବଂ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା । ଭୈରବୀ କ୍ଲବ୍ର ସଦସ୍ୟମାନଙ୍କ ଦ୍ୱାରା ଆୟୋଜିତ ଏହି ସୁନ୍ଦର କାର୍ଯ୍ୟକ୍ରମରେ



ନିକଟସ୍ଥ ବୃଦ୍ଧାଶ୍ରମର ବରିଷ୍ଠ ନାଗରିକମାନଙ୍କ ସହ ମଧ୍ୟ ଭାବ ବିନିମୟ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ ପାଇଁ ବିଦ୍ୟାଳୟର ଶିକ୍ଷୟିତ୍ରୀ, କର୍ମଚାରୀ ଓ ସ୍ନେହାଞ୍ଜଳି ମ୍ୟାଡାମଙ୍କୁ ଧନ୍ୟବାଦ ଦିଆଯାଇଥିଲା । ପ୍ରତ୍ୟେକ ଶିଶୁଙ୍କୁ ସ୍ନେହ, ଯତ୍ନ, ସମ୍ମାନ ଓ ସମାନ ସୁଯୋଗ ପ୍ରଦାନ କରିବା ମୁକ୍ତା ଫାଉଣ୍ଡେସନର ମୁଖ୍ୟ ଲକ୍ଷ୍ୟ ।

ବିଜେଇଏମ୍ ସ୍କୁଲ୍-୨ରେ 'ସୃଜନ ସଙ୍ଗମ' ବାର୍ଷିକ ପ୍ରଦର୍ଶନୀ

ଭୁବନେଶ୍ୱର, (ସବ୍ୟୁ): ବି.ଜେ.ଇ.ଏମ୍. ସ୍କୁଲ୍-୨, ସତ୍ୟଭାମାପୁରଠାରେ ଆଜି ବିଦ୍ୟାଳୟର ବହୁ ପ୍ରତୀକ୍ଷିତ ବାର୍ଷିକ ପ୍ରଦର୍ଶନୀ 'ସୃଜନ ସଙ୍ଗମ' ଅତ୍ୟନ୍ତ ଆଡ଼ମ୍ବରପୂର୍ଣ୍ଣ ଓ ଆକର୍ଷଣୀୟ ଭାବେ ଆୟୋଜିତ ହୋଇଯାଇଛି । ଚଳିତ ବର୍ଷ ପ୍ରଦର୍ଶନୀର ମୁଖ୍ୟ ବିଷୟବସ୍ତୁ 'ପରମ୍ପରାରୁ ଆଧୁନିକ ପ୍ରଯୁକ୍ତି ବିଦ୍ୟା' ରଖାଯାଇଥିଲା । ଏହି ବିଷୟବସ୍ତୁ ଆଧାରରେ ଛାତ୍ରଛାତ୍ରୀମାନେ ଭାରତୀୟ ଐତିହ୍ୟ, ପାରମ୍ପରିକ ଜ୍ଞାନ, ଆଧୁନିକ ବିଜ୍ଞାନ ଓ ବୈଷୟିକ ବିକାଶର ଅପୂର୍ବ ଯାତ୍ରାକୁ ନିଜର ସୃଜନଶୀଳ ପ୍ରତିଭା ମାଧ୍ୟମରେ ଜୀବନ୍ତ ରୂପ ଦେଇଥିଲେ । ଏହି ପ୍ରଦର୍ଶନୀରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ମୋଟ ୨୮୦ଟି ଅଭିନବ ଓ ଜ୍ଞାନବର୍ଦ୍ଧକ ପ୍ରକଳ୍ପ ସ୍ଥାନ ପାଇଥିଲା । ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ, ଓଡ଼ିଆ, ହିନ୍ଦୀ,ସଂସ୍କୃତ, ଚିତ୍ରକଳା, କ୍ରୀଡ଼ା ଓ ବାଣିଜ୍ୟ ଆଦି ବିଭିନ୍ନ ବିଷୟକୁ ଆଧାର କରି ପିଲାମାନେ ନିଜର କଳ୍ପନାଶକ୍ତି, ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ, ଗବେଷଣା କ୍ଷମତା ଓ ବିଷୟଭିତ୍ତିକ ଜ୍ଞାନର ଉତ୍କୃଷ୍ଟ ପରିଚୟ ଦେଇଥିଲେ । ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ଥିଲା ଅତୀତରୁ ବର୍ତ୍ତମାନ ଏବଂ ବର୍ତ୍ତମାନରୁ ଭବିଷ୍ୟତ ଆଡ଼କୁ ଅଗ୍ରସର ହେଉଥିବା ମାନବ ସଭ୍ୟତାର ବିକାଶ ଯାତ୍ରା । ଶିକ୍ଷା, ଚିକିତ୍ସା ଓ ବୈଷୟିକ ଜ୍ଞାନକୌଶଳ



କ୍ଷେତ୍ରରେ ଘଟିଥିବା ପରିବର୍ତ୍ତନକୁ ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ଆକର୍ଷଣୀୟ ଓ ରୋଚକ ଢଙ୍ଗରେ ଉପସ୍ଥାପନ କରିଥିଲେ । ଜେଜେମା' ଓ ଆଇମା'ଙ୍କ ପାରମ୍ପରିକ କାହାଣୀଠାରୁ ଆରମ୍ଭ କରି କୃତ୍ରିମ ବୁଦ୍ଧିମତ୍ତାର ଆଧୁନିକ ଦୁନିଆ ପର୍ଯ୍ୟନ୍ତର ଯାତ୍ରା ବିଭିନ୍ନ ମଡେଲ୍, ଚାର୍ଟ ଓ ଅଭିନବ ଉପସ୍ଥାପନା ମାଧ୍ୟମରେ ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଥିଲା । ପାରମ୍ପରିକ ଜ୍ଞାନ ଓ ଆଧୁନିକ ବୈଷୟିକ କୌଶଳର ଏହି ଅନନ୍ୟ ସମନ୍ୱୟ ଦର୍ଶକମାନଙ୍କୁ ବିଶେଷ ଭାବେ ଆକର୍ଷିତ କରିଥିଲା ।

ପ୍ରଦର୍ଶନୀର ଅନ୍ୟତମ ପ୍ରମୁଖ ଆକର୍ଷଣ ଥିଲା ବିଦ୍ୟାଳୟର 'ଅଟଳ ଟିଙ୍କରିଂ ଲ୍ୟାବ୍' । ଏଠାରେ ଛାତ୍ରଛାତ୍ରୀମାନେ ବିଭିନ୍ନ ନୂତନ ଉଦ୍ଭାବନ, ବୈଜ୍ଞାନିକ ପରୀକ୍ଷଣ ଓ ଗବେଷଣାମୂଳକ କାର୍ଯ୍ୟ ସମ୍ପର୍କରେ ଅତିଥିମାନଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଇଞ୍ଜିନିୟର ଶାନ୍ତି ସ୍ୱରୂପ ରଥ, (ବିଦ୍ୟୁତ୍ ବିଶେଷଜ୍ଞ ତଥା ଓଡ଼ିଶା ସରକାରଙ୍କ ଗ୍ରାମୀଣ ଜଳଯୋଗାଣ ଓ ପରିମଳ ବିଭାଗର ପରାମର୍ଶଦାତା, ଜଳ ଓ ପରିମଳ ଭବନ, ୟୁନିଟ୍-୫, ଭୁବନେଶ୍ୱର) ଯୋଗଦେଇଥିଲେ । ତାଙ୍କ ସହିତ ବିଦ୍ୟାଳୟର ସଭାପତି ରଘୁନାଥ ମିଶ୍ର ଏବଂ ବିଦ୍ୟାଳୟ ପରିଚାଳନା ସମିତିର ବିଶିଷ୍ଟ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ବରଦା ପ୍ରସାଦ ପାଇକରାୟଙ୍କ ସୁଦକ୍ଷ ନେତୃତ୍ୱ ଓ ମାର୍ଗଦର୍ଶନରେ ଏହି ସମଗ୍ର କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା । କାର୍ଯ୍ୟକ୍ରମର ସଫଳ ରୂପାୟନରେ ଉପାଧ୍ୟକ୍ଷ ଡ. ମନୋରଞ୍ଜନ ବେଜ୍, ପ୍ରଶାସନିକ ପର୍ଯ୍ୟବେକ୍ଷିକା ଶିକ୍ଷକ-ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ କର୍ମଚାରୀଙ୍କ ଅବଦାନ ଅତ୍ୟନ୍ତ ପ୍ରଶଂସନୀୟ ଥିଲା । ନିଜର ସମୃଦ୍ଧ ଐତିହ୍ୟ ଓ ସାଂସ୍କୃତିକ ମୂଲ୍ୟବୋଧକୁ ସୁରକ୍ଷିତ ରଖି ଆଧୁନିକ ବୈଷୟିକ ଜ୍ଞାନକୌଶଳକୁ ଆପଣାଇବା ହିଁ ଉଜ୍ଜ୍ୱଳ ଭବିଷ୍ୟତର ପଥ ବୋଲି ଏହି ପ୍ରଦର୍ଶନୀ ଏକ ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରିଥିଲା ।

ପାଗଳା ମାଙ୍କଡ଼ କାମୁଡ଼ାରେ ୫ କ୍ଷତାକ୍ତ

ଡେଲାଙ୍ଗ,(ସବ୍ୟୁ) : ପାଗଳା ମାଙ୍କଡ଼ କାମୁଡ଼ାରେ ୫ ଜଣ କ୍ଷତାକ୍ତ ହୋଇଛନ୍ତି ଶୁକ୍ରବାର ସକାଳେ କଲ୍ୟାଣପୁର ପଞ୍ଚାୟତ ବାଲିହୁଙ୍କା ଗ୍ରାମର ଗଙ୍ଗାଧର ଚମ୍ପତି (୭୦) ପାଗଳ ମାଙ୍କଡ଼ କାମୁ ଗୁରୁତର କ୍ଷତାକ୍ତ ହୋଇ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ରକ୍ତସ୍ରାବ ବନ୍ଦ ନହେବାରୁ ଅଧିକ ଚିକିତ୍ସା ପାଇଁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଛନ୍ତି । ଚଳିତ ମାସରେ ଏକ ପାଗଳା ମାଙ୍କଡ଼ ବାଲିହୁଙ୍କା ଗ୍ରାମର ପ୍ରଫୁଲ୍ଲ ଚହଟରାୟ (୬୫), ସୁବାସ ବଳିୟାରସିଂହ (୫୦)ଙ୍କ ସମେତ ୫ ଜଣଙ୍କୁ କ୍ଷତାକ୍ତ କରିଥିବା ଦର୍ଶାଇ ତୁରନ୍ତ ଏହି ପାଗଳମାଙ୍କଡକୁ ନିସ୍ତେଜ କରାଇ କାବୁ କରିନେବାକୁ ଗ୍ରାମବାସୀ ଅନୁରୋଧ କରିଥଲେ ବି କର୍ମଚାରୀମାନେ କୌଣସି ପଦକ୍ଷେପ ନେଇନଥିବାରୁ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ।

ଡିଏଭି ଚନ୍ଦ୍ରଶେଖରପୁରରେ ସତର୍କତା ସଚେତନତା ଓ ରାଷ୍ଟ୍ରୀୟ ଏକତା ଦିବସ



ଭୁବନେଶ୍ୱର, (ସବ୍ୟୁ): ଡିଏଭି ପବ୍ଲିକ ସ୍କୁଲ ଚନ୍ଦ୍ରଶେଖରପୁର ପରିସରରେ ଶନିବାର ଦିନ ଛାତ୍ରଛାତ୍ରୀ ଓ ଶିକ୍ଷକ-କର୍ମଚାରୀମାନଙ୍କ ଗହଣରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ରାଷ୍ଟ୍ରୀୟ ଏକତା ଦିବସ ଏବଂ ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଯାଇଛି । କଟକ ଭିଜିଲାନ୍ସ ସେଲର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସସ୍ମିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଦିବସ ପାଳନର ଗୁରୁତ୍ୱ ଓ ପ୍ରାସଙ୍ଗିକତା ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀ ଏବଂ କର୍ମଚାରୀମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁଜାତା ସାହୁ ସମସ୍ତଙ୍କୁ ଶପଥ ପାଠ କରାଇବା ସହ ଏହି ବିଷୟବସ୍ତୁର ଶିକ୍ଷାଗତ ଦିଗ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବିଦ୍ୟାଳୟର ସିଭିଲ୍ ଡିଫେନ୍ସ ବିଭାଗ ଏବଂ ଡ. ସର୍ବଦମନ ସିଂହ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

୫ ଆନ୍ତଃରାଜ୍ୟ ଚାଲାଣକାରୀ ଗିରଫ , ୫୦ ଲକ୍ଷର ଗଞ୍ଜେଇ ଜବତ

ଭୁବନେଶ୍ୱର, (ସବ୍ୟୁ) : କ୍ରାଇମବ୍ରାଞ୍ଚ ଆଣ୍ଟିନାର୍କୋଟିକ୍ସ ଟାସ୍କଫୋର୍ସ ଖୋର୍ଦ୍ଧା ପିଏନ୍ କଲେଜ ପାଖରୁ ୫ ଜଣ ଆନ୍ତଃରାଜ୍ୟ ଚାଲାଣକାରୀଙ୍କୁ ଗିରଫ କରିବା ସହ ସେ ବ୍ୟବହାର କରୁଥିବା ଦୁଇଟି କାରରୁ ୧ କ୍ୱିଣ୍ଟାଲ ଗଞ୍ଜେଇ ଜବତ ହୋଇଛି । ଗଞ୍ଜେଇ ଚାଲାଣରେ ବ୍ୟବହାର ହେଉଥିବା ଦୁଇଟି ଯାକ କାର ଜବତ ହୋଇଛି । କନ୍ଧମାଳରୁ ମହାରାଷ୍ଟ୍ରକୁ ଗିରଫ ର୍ୟାକେଟ୍ ଗଞ୍ଜେଇ ଚାଲାଣ କରନ୍ତି । ଏହି ଚାଲାଣ ସମ୍ପର୍କରେ ଆଣ୍ଟିନାର୍କୋଟିକ୍ସ ଟାସ୍କଫୋର୍ସ ଖବର ପାଇବା ପରେ ଖୋର୍ଦ୍ଧା ପିଏନ୍ କଲେଜ ପାଖରେ ଜଗି ରହିଥିଲା । ଦୁଇଟି କାରକୁ ଅଟକାଇ ଯାଞ୍ଚ କରିବା ବେଳକୁ ସେଥିରୁ ୧ କ୍ୱିଣ୍ଟାଲ ଗଞ୍ଜେଇ ମିଳିଥିଲା । କନ୍ଧମାଳରୁ ମହାରାଷ୍ଟ୍ରର ସାଗର ବାସଭରାଜ କାପେଲେ (୩୫) ଗଞ୍ଜେଇ ଚାଲାଣ କରେ । ଏହି ଚାଲାଣ ର୍ୟାକେଟର ମୁଖ୍ୟ ଅଭିଯୁକ୍ତ ସାଗର ବୋଲି ତଦନ୍ତକାରୀ ଟିମ୍ କହିଛି । ତାକୁ ସହଯୋଗ କରୁଥିବା କନ୍ଧମାଳର ଉଦୟ ଦିଗାଲ(୨୭), ନରେଶ ପ୍ରଧାନ (୩୬), କାର୍ତ୍ତିକ ମଲ୍ଲିକ (୨୮) ଓ ଗୋଭିଲ ରାଜ ବେହେରା (୩୯)ଙ୍କୁ ଗିରଫ କରାଯାଇଥିବା ଏଏନ୍‌ଟିଏଫ୍ କହିଛି । ୫ ଜଣଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ ହାଜତ ପଠାଇଦିଆଯାଇଛି ।

ଅନ୍ଦରପୁର ନିୟୁ କଲୋନୀରେ ୧୭ତମ ଧନଲକ୍ଷ୍ମୀଙ୍କ ପୂଜା

କଟକ, (ସ୍ୱପ୍ର): ସ୍ଥାନୀୟ ୫୩ନଂ ୱାର୍ଡ ସ୍ଥିତ ଅନ୍ଦରପୁର ନିୟୁ କଲୋନୀରେ ୧୭ତମ ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ଏହି ପୂଜା ଉତ୍ସବର ବିଭିନ୍ନ ଦିନରେ ଭଜନ ସମାରୋହ ସାଙ୍ଗକୁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା । ଏହି ପୂଜା ସମାରୋହରେ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ଏକ ଜଗନ୍ନାଥଙ୍କ ଭଜନ ପରିବେଷଣ କରିବା ସହିତ ଅନୁଷ୍ଠାନର ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଏହି ଅବସରରେ ପୂଜା କମିଟି ପକ୍ଷରୁ ପୂର୍ବତନ ବିଧାୟକ ଡଃ ବିଶ୍ୱାଳ ଓ ସ୍ଥାନୀୟ କର୍ପୋରେଟର ଅରବିନ୍ଦ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସୁରେନ୍ଦ୍ର କୁମାର ପଟ୍ଟନାୟକ, ବିନୟ କୁମାର ଦାସ, ଆଡଭୋକେଟ ମାନସ ଦାସ, ସଚ୍ଚିଦାନନ୍ଦ ମିଶ୍ର, ସଞ୍ଜୟ କୁମାର ସାହୁ, ସାହୀ ଅଧିକାରୀ ପ୍ରମୋଦ କୁମାର



ପାଣି, ପ୍ରଭାକର ମଲ୍ଲିକ୍, ନିତ୍ୟାନନ୍ଦ ଫାରକ୍, ବିନୋଦ ବେହେରା, ଧୂଳେଶ୍ୱର ବେହେରା, ସରୋଜ ରାଉତ, ମାଗୁଣି ଭୋଳ, ଅମର ସାମନ୍ତରାୟ, ରଞ୍ଜିତ ରାଉତ ପ୍ରମୁଖ ଉପସ୍ଥିତ ରହି ସହାୟତା କରିଥିଲେ ।

ସରକାରଙ୍କ ଅପାରଗତା ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ଗଞ୍ଜାମବାସୀ: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ବିଜେପି ସରକାରର ପରିଚାଳନାଗତ ତ୍ରୁଟି ଯୋଗୁଁ ଗଞ୍ଜାମରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ପ୍ରଳୟଙ୍କାରୀ ବନ୍ୟାରେ ଗଞ୍ଜାମ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶନାମା ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଗଞ୍ଜାମ ଜିଲ୍ଲା ଗସ୍ତ କରି ବନ୍ୟା ପ୍ରଭାବିତ ଚିକିଟି, ହିଞ୍ଜିଳି, ଶେରଗଡ, ପାତ୍ରପୁର, ଆସ୍କା ଓ ପୁରୁଷୋତ୍ତମପୁର ଅଞ୍ଚଳରେ ସ୍ଥିତି ଅନୁଧ୍ୟାନ କରିବା ସହ ଗଞ୍ଜାମ ଜିଲ୍ଲାପାଳଙ୍କୁ ଭେଟି ବନ୍ୟା ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ । ବନ୍ୟା ପରିଚାଳନାରେ ବିଜେପି ସରକାରଙ୍କ ଅପାରଗତାକୁ କଡ଼ା ନିନ୍ଦା କରିଛି ବିଜେଡି । ପ୍ରବଳ ବର୍ଷା ନେଇ ଭାରତୀୟ ପାଣିପାଗ ବିଭାଗର ଆଗୁଆ ସତର୍କ ସୂଚନା ଜାରି ସତ୍ତ୍ୱେ, ଗଞ୍ଜାମ ଜିଲ୍ଲାରେ ବାତ୍ୟା ଓ ବନ୍ୟା ମୁକାବିଲା ପାଇଁ ଆବଶ୍ୟକ ପ୍ରସ୍ତୁତି କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ସରକାରଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଆଜି ଗଞ୍ଜାମବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି । ସରକାର ଯଦି ଆଗୁଆ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଥାନ୍ତେ, ତେବେ ଏପରି ଅବସ୍ଥା ହୋଇନଥାନ୍ତା । ବିଶେଷକରି ଜଳଭଣ୍ଡାର ପରିଚାଳନା, ଜଳ ନିଷ୍କାସନର ବ୍ୟବସ୍ଥା ଏବଂ ଦୁର୍ବଳ ନଦୀବନ୍ଧ ଗୁଡ଼ିକର ମରାମତି ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ଥିଲା । ରାଜ୍ୟ ସରକାର ଏବଂ ଜଳସମ୍ପଦ ବିଭାଗର ଅବହେଳା ଓ ପରିଚାଳନାଗତ ତ୍ରୁଟି ଯୋଗୁଁ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବନ୍ୟା ଆସି ଅଭାବନୀୟ ସ୍ଥିତି ଉପୁଜିଛି । ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାର ପରିଣାମ ସ୍ୱରୂପ ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡିକ ପ୍ରାୟ ୩୦ ବର୍ଷ ପଛକୁ ଠେଲି ହୋଇଯାଇଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ବିପର୍ଯ୍ୟୟ ପରିଚାଳନାରେ ଓଡିଶା ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହୋଇଥିଲା । ପୂର୍ବରୁ ଓଡିଶାର ବିପର୍ଯ୍ୟୟ ପରିଚାଳନା ମଡେଲକୁ ସାରା ବିଶ୍ୱ ପ୍ରଶଂସା କରି ନିଜ କାର୍ଯ୍ୟରେ ବ୍ୟବହାର କରିଛନ୍ତି । ଦୂରଦୃଷ୍ଟିର ଅଭାବରୁ ସମ୍ଭାବ୍ୟ ବିପଦକୁ ଆକଳନ କରି ଆଗୁଆ ପଦକ୍ଷେପ ନେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ବନ୍ୟା ବିପନ୍ନଙ୍କୁ ସହାୟତା ଯୋଗାଇବା ଦେବା ପରିବର୍ତ୍ତେ ରାଜ୍ୟ ସରକାର ନିଜ ପ୍ରଚାର ଓ ପ୍ରସାରରେ ବ୍ୟସ୍ତ ରହୁଛନ୍ତି । ବନ୍ୟା ଯୋଗୁଁ ହଜାର ହଜାର ହେକ୍ଟର ଚାଷ ଜମି ନଷ୍ଟ ହୋଇଛି । ରାଜ୍ୟ ସରକାର ବନ୍ୟା ପ୍ରଭାବିତ ଲୋକଙ୍କ ପ୍ରତି ଯଦି ଅବହେଳା ପ୍ରଦର୍ଶନ କରିବେ, ତେବେ ବିଜେଡି ପକ୍ଷରୁ ତୀବ୍ର ବିରୋଧ କରାଯିବ ।

ବିଜେଡିର ଏହି ପ୍ରତିନିଧି ମଣ୍ଡଳୀରେ ଶ୍ରୀମତୀ ଉଷା ଦେବୀ, ପ୍ରତାପ ଜେନା, ଶ୍ରୀମତୀ ଟୁକୁନି ସାହୁ, ଚନ୍ଦ୍ରଶେଖର ସାହୁ, ବିକ୍ରମ କୁମାର ପଣ୍ଡା, ଡ଼ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଚିନ୍ମୟ କୁମାର ସାହୁ, ଭୃଗୁ ବକ୍ସିପାତ୍ର, ଶ୍ରୀମତୀ ରଞ୍ଜିତା ସାହୁ, ଶ୍ରୀରୂପ ଦେବ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଶ୍ରୀକାନ୍ତ ସାହୁ, ଶ୍ରୀମତୀ ଲତିକା ପ୍ରଧାନ, ସୁବାସ ବେହେରା, ଶ୍ରୀମତୀ ମଞ୍ଜୁଳା ସ୍ୱାଇଁ, ଶ୍ରୀମତୀ ନନ୍ଦିନୀ ଦେବୀ, ଶ୍ରୀମତୀ ସୂର୍ଯ୍ୟମଣୀ ବୈଦ୍ୟ, ଦେବାନନ୍ଦ ମହାପାତ୍ର, ଦ୍ୟୁମ୍ନନାଥ ପଣ୍ଡା ପ୍ରମୁଖ ସାମିଲ ଥିଲେ ।

ବେଦାନ୍ତ ଗ୍ରୁପ୍ ଦୁଇ ବର୍ଷରେ ୨୦ବିଲିୟନ ଡଲାର ଲାଭ ଲକ୍ଷ୍ୟ ରଖିଛି : ଅନିଲ ଅଗ୍ରୱାଲ

ଭୁବନେଶ୍ୱର, (ସବ୍ୟୁ): ଆସନ୍ତା ଦୁଇ ବର୍ଷ ମଧ୍ୟରେ ୨୦ ବିଲିୟନ ଡଲାର ଲାଭ ହାସଲ କରିବାକୁ ବେଦାନ୍ତ ଗ୍ରୁପ୍ ଲକ୍ଷ୍ୟ ରଖିଛି । ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ଅବସରରେ ଗ୍ରୁପର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଏହି ସୂଚନା ଦେଇଛନ୍ତି । ଗ୍ରୁପର ଆଗାମୀ ଅଭିବୃଦ୍ଧି ଯୋଜନା ସମ୍ପର୍କରେ ସେ କହିଛନ୍ତି ଯେ, ବେଦାନ୍ତକୁ ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନରେ ପରିଣତ କରିବା ତାଙ୍କର ଲକ୍ଷ୍ୟ, ଯାହା ପିଢ଼ି ପରେ ପିଢ଼ି ଦେଶର ସେବା କରିବ । ଆଲୁମିନିୟମ, ଜିଙ୍କ, ତୈଳ ଓ ଗ୍ୟାସ୍, ଶକ୍ତି, ଲୁହା ଓ ଇସ୍ପାତ, ତମ୍ବା ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଧାତୁ କ୍ଷେତ୍ରରେ ବ୍ୟବସାୟିକ ଉପସ୍ଥିତି ରଖିଥିବା ଏହି ଗ୍ରୁପ୍ ଭାରତର ଆର୍ଥିକ ଅଭିବୃଦ୍ଧିରେ ଉଲ୍ଲେଖନୀୟ ଭୂମିକା ନିଭାଇବାକୁ ଲକ୍ଷ୍ୟ ରଖିଛି । ଅଗ୍ରୱାଲ କହିଛନ୍ତି ଯେ, ବ୍ୟବସାୟର ପ୍ରକୃତ ସଫଳତା କେବଳ ଆର୍ଥିକ ପ୍ରଦର୍ଶନରେ ସୀମିତ ନୁହେଁ; ନିଯୁକ୍ତି ସୃଷ୍ଟି, ଶିଳ୍ପର ସମ୍ପ୍ରସାରଣ ଏବଂ ଦେଶର ବିକାଶରେ ଅବଦାନ ମଧ୍ୟ ଏହାର ମୁଖ୍ୟ ମାପଦଣ୍ଡ ।

ସମାବେଶୀ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଇ ଅଗ୍ରୱାଲ କହିଛନ୍ତି ଯେ, କମ୍ପାନୀର ଆନୁଷ୍ଠାନିକ ନିୟମାବଳୀ ଅନୁଯାୟୀ ସମଗ୍ର ସଂଗଠନରେ ୩୫ ପ୍ରତିଶତ ମହିଳା ପ୍ରତିନିଧିତ୍ୱ ହାସଲ କରିବାକୁ ବେଦାନ୍ତ ପ୍ରତିବଦ୍ଧ । ଏହା ସହିତ କୌଣସି ଶିଶୁ ଯେପରି ଭୋକରେ ନ ରହେ ଏବଂ ପ୍ରତ୍ୟେକ ମହିଳା ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବାର ସୁଯୋଗ ପାଆନ୍ତି, ତାହା ତାଙ୍କର ବ୍ୟାପକ ସାମାଜିକ ଦୃଷ୍ଟିକୋଣ ବୋଲି ସେ ଉଲ୍ଲେଖ କରିଛନ୍ତି । ଭାରତର ଅଭିବୃଦ୍ଧି ଲକ୍ଷ୍ୟରେ ନିଯୁକ୍ତି ସୃଷ୍ଟିକୁ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ଅଗ୍ରୱାଲ ମତ ଦେଇଛନ୍ତି । ବୃହତ୍ ଶିଳ୍ପ ପ୍ରକଳ୍ପରେ ପୁଞ୍ଜିନିବେଶ କିପରି ଏହା ସହ ଜଡ଼ିତ ଅନ୍ୟାନ୍ୟ ଶିଳ୍ପ ଓ ବ୍ୟବସାୟିକ କ୍ଷେତ୍ରର ବିକାଶକୁ ଗତି ଦେଇଥାଏ, ତାହା ସେ ଉଦାହରଣ ସହ ବୁଝାଇଛନ୍ତି । ଏହାଦ୍ୱାରା କ୍ଷୁଦ୍ର ବ୍ୟବସାୟ, ଯୋଗାଣକାରୀ ଏବଂ ଉଦ୍ୟୋଗୀଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି ହୁଏ । ନୂତନ ଉଦ୍ୟୋଗୀମାନଙ୍କୁ



ତଥ୍ୟଭିତ୍ତିକ ନିଷ୍ପତ୍ତି ସହ ନିଜର ଅନ୍ତର୍ଦୃଷ୍ଟିକୁ ଗୁରୁତ୍ୱ ଦେବା, ହିସାବକରି ବିପଦ ଗ୍ରହଣ କରିବା ଏବଂ ବିଫଳତା ସତ୍ତ୍ୱେ ଧୈର୍ଯ୍ୟର ସହ ଆଗକୁ ବଢ଼ିବାକୁ ସେ ଆହ୍ୱାନ ଦେଇଛନ୍ତି । ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ଉପଲବ୍ଧତା ସମ୍ପର୍କରେ ଅଗ୍ରୱାଲ ଭାରତକୁ ଏ କ୍ଷେତ୍ରରେ ଅଧିକ ଆତ୍ମନିର୍ଭରଶୀଳ କରିବା ଏବଂ ଆମଦାନି ଉପରେ ନିର୍ଭରଶୀଳତା ହ୍ରାସ କରିବାକୁ ଆହ୍ୱାନ ଦେଇଛନ୍ତି । ଆଲୁମିନିୟମ, ତମ୍ବା ଓ ଜିଙ୍କ୍ କ୍ଷେତ୍ରରେ ଅଧିକ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି ଏବଂ ଉତ୍ପାଦନ ଶିଳ୍ପର ସମ୍ପ୍ରସାରଣ ଦ୍ୱାରା ବିଭିନ୍ନ ଆକାରର ବ୍ୟବସାୟ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ସେ କହିଛନ୍ତି । ଦେଶ ଭିତରେ ଅଧିକ ମୂଲ୍ୟ ସଂଯୋଜନ ଶିଳ୍ପ ଯୋଗାଣ ଶୃଙ୍ଖଳକୁ ମଜବୁତ କରିବା ସହ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବ ଏବଂ ପ୍ରାଥମିକ ଉତ୍ପାଦନ ପରବର୍ତ୍ତୀ ପର୍ଯ୍ୟାୟରେ ମଧ୍ୟ ନିଯୁକ୍ତି ସୃଷ୍ଟି କରିବ । ଶିଳ୍ପ କ୍ଷେତ୍ରରେ ପ୍ରତିଯୋଗିତାମୂଳକ ଦକ୍ଷତା ବୃଦ୍ଧି ପାଇଁ ପ୍ରଯୁକ୍ତିବିଦ୍ୟାର ଭୂମିକା ଉପରେ ଗୁରୁତ୍ୱ ଦେଇ ସେ କୃତ୍ରିମ ବୁଦ୍ଧିମତା, ଗବେଷଣା ଓ ବିକାଶ ତଥା ନବସୃଜନର ଅଧିକ ବ୍ୟବହାର ପାଇଁ ଆହ୍ୱାନ ଦେଇଛନ୍ତି । ଟେଲିଭିଜନ, ମୋବାଇଲ୍ ଫୋନ୍ ଏବଂ ଯାନବାହନର ଡ୍ୟାସ୍‌ବୋର୍ଡରେ ବ୍ୟବହୃତ ସ୍ୱତନ୍ତ୍ର କାଚ ଭାରତରେ ଉତ୍ପାଦନ କରିବାର ସମ୍ଭାବନା ଉପରେ ମଧ୍ୟ ସେ ଆଲୋକପାତ କରିଛନ୍ତି । ଏହାଦ୍ୱାରା ଏଭଳି ଉତ୍ପାଦ ପାଇଁ ଆମଦାନି ନିର୍ଭରଶୀଳତା ହ୍ରାସ ପାଇପାରିବ । ବ୍ୟବସାୟର ସଫଳତା କେବଳ ଆର୍ଥିକ ହିସାବ ଖାତାରେ ସୀମିତ ରହିବା ଉଚିତ୍ ନୁହେଁ ବୋଲି ନିଜର ମତକୁ ଦୋହରାଇ ଅଗ୍ରୱାଲ କହିଛନ୍ତି ଯେ, ଦୀର୍ଘମିଆଦୀ ଭାବେ ଭାରତର ପ୍ରଗତିରେ ଅବଦାନ ରଖୁଥିବା ଏକ ସ୍ଥାୟୀ ଅନୁଷ୍ଠାନ ଗଢ଼ିବା ତାଙ୍କର ଲକ୍ଷ୍ୟ । ନିଯୁକ୍ତି ସୃଷ୍ଟି, ଶିଳ୍ପ ଅଭିବୃଦ୍ଧି ଏବଂ ସାମାଜିକ ପ୍ରଭାବ ହିଁ ଏହି ଅନୁଷ୍ଠାନର ଦୀର୍ଘସ୍ଥାୟୀ ଐତିହ୍ୟର ମୂଳ ଆଧାର ହେବ ।

ଏକତା ନଗରରେ ସିସିଆଇସି ପାଭିଲିୟନ ପରିଦର୍ଶନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟ ଅଧୀନସ୍ଥ ଏକ ଉଦ୍ୟୋଗ, 'ସେଣ୍ଟ୍ରାଲ କଟେଜ୍ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ (ସିସିଆଇସି), ଗୁଜରାଟର କେଭାଡିଆ ସ୍ଥିତ ଏକତା ନଗରରେ ଚାଲିଥିବା 'ଭାରତ ପର୍ବ ୨୦୨୬ଦ ରେ ଅଂଶଗ୍ରହଣ କରିଛି । ୩୦ ଅକ୍ଟୋବର ୨୦୨୬ ରେ, ଯେତେବେଳେ ପ୍ରଧାନମନ୍ତ୍ରୀ ଏକତା ନଗରରେ ସିସିଆଇସି ପାଭିଲିୟନ୍ ପରିଦର୍ଶନ କଲେ, ସେହି ମୁହୂର୍ତ୍ତଟି ସିସିଆଇସି ପାଇଁ ଏକ ଗର୍ବ ଓ ସ୍ମରଣୀୟ ଅନୁଭୂତି ହୋଇ ରହିଲା । ଏହି ପରିଦର୍ଶନ ସିସିଆଇସିକୁ ନିଜର ସମୃଦ୍ଧ ପରମ୍ପରା, କାରିଗର ଓ ବୁଣାକାରମାନଙ୍କ ସହ ଦୀର୍ଘଦିନର ସମ୍ପର୍କ ଏବଂ ଭାରତର ପାରମ୍ପରିକ ହସ୍ତତନ୍ତ ଓ ହସ୍ତଶିଳ୍ପ ଐତିହ୍ୟକୁ ପ୍ରୋତ୍ସାହିତ କରିବା ଦିଗରେ ଏହାର ପ୍ରୟାସକୁ ପ୍ରଦର୍ଶନ କରିବାର ଏକ ସୁଯୋଗ ପ୍ରଦାନ କରିଛି ।



ଭାରତ ସରକାରଙ୍କ ବୟନ ମନ୍ତ୍ରଣାଳୟ ଅଧୀନସ୍ଥ ଉଦ୍ୟୋଗ ସେଣ୍ଟ୍ରାଲ୍ କଟେଜ୍ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ (ସିସିଆଇସି) ଗୁଜରାଟର ଏକତା ନଗର, କେୱାଡ଼ିଆଠାରେ ଆୟୋଜିତ ଭାରତ ପର୍ବ ୨୦୨୬ରେ ଅଂଶଗ୍ରହଣ କରୁଛି। ୨୦୨୬ ଅକ୍ଟୋବର ୩୦ ତାରିଖରେ ଏକତା ନଗର, କେୱାଡ଼ିଆଠାରେ ଥିବା ସିସିଆଇସି ପାଭିଲିୟନ ପରିଦର୍ଶନ କରିବା ଅନୁଷ୍ଠାନ ପାଇଁ ଏକ ଗୌରବମୟ ଓ ସ୍ମରଣୀୟ ମୁହୂର୍ତ୍ତ ଥିଲା। ଏହି ଅବସରରେ ସିସିଆଇସି ନିଜର ସମୃଦ୍ଧ ପରମ୍ପରା, କାରିଗର ଓ ବୁଣାକାରଙ୍କ ସହ ଦୀର୍ଘଦିନର ସମ୍ପର୍କ ତଥା ଭାରତର ପାରମ୍ପରିକ ହସ୍ତତନ୍ତ ଓ ହସ୍ତଶିଳ୍ପ ଐତିହ୍ୟର ପ୍ରଚାରପ୍ରସାର ଦିଗରେ ଜାରି ରଖିଥିବା ପ୍ରୟାସକୁ ପ୍ରଦର୍ଶନ କରିବାର ସୁଯୋଗ ପାଇଥିଲା। ସିସିଆଇସି ପାଭିଲିୟନ୍, କାରିଗର ଓ ବୁଣାକାରମାନଙ୍କୁ ଉନ୍ନତ ବଜାର ସୁଯୋଗ ଏବଂ ସ୍ଥାୟୀ ଜୀବିକା ଯୋଗାଇ ସେମାନଙ୍କୁ ସଶକ୍ତ କରିବା କ୍ଷେତ୍ରରେ କର୍ପୋରେସନ୍ର ଯାତ୍ରାକୁ ଉପସ୍ଥାପନ କରିଛି । ନିଜର ବିଭିନ୍ନ ପଦକ୍ଷେପ ମାଧ୍ୟମରେ ସିସିଆଇସି ଭାରତର ପାରମ୍ପରିକ କାରିଗରୀକୁ ବ୍ୟାପକ ଘରୋଇ ତଥା ଅନ୍ତର୍ଜାତୀୟ ବଜାର ସହ ଯୋଡ଼ି, 'ଭୋକାଲ ଫର୍ ଲୋକାଲଦ ଏବଂ "ଲୋକାଲ ଟୁ ଗ୍ଲୋବାଲଦର ଲକ୍ଷ୍ୟ ହାସଲ ଦିଗରେ ସକ୍ରିୟଭାବେ ଯୋଗଦାନ ଦେଉଛି । ସିସିଆଇସିର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବିମଳ ଗୋପାଳଚାରୀ, ନିଗମର ଅଧିକାରୀବୃନ୍ଦ, କାରିଗର ଏବଂ ବୁଣାକାରମାନେ ଏହି ପାଭିଲିୟନ୍ରେ ଉପସ୍ଥିତ ଥିଲେ । ଏହି ପାଭିଲିୟନରେ ଦେଶର ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା କାରିଗରମାନଙ୍କର ଅସାଧାରଣ ଦକ୍ଷତା ଓ କାରୁକାର୍ଯ୍ୟ ପ୍ରଦର୍ଶିତ ହୋଇଛି । ଏଥିମଧ୍ୟରେ ଗୁଜରାଟର କାରିଗରମାନଙ୍କ ଦ୍ୱାରା 'ଏଗେଟ୍ସ ପଥର ଓ ଅନ୍ୟାନ୍ୟ ମୂଲ୍ୟବାନ ପଥର ବ୍ୟବହାର କରି ପ୍ରସ୍ତୁତ ପାରମ୍ପରିକ କଳାକୃତି ଏବଂ ଜଟିଳ 'ଏପ୍ଲିକଦ କାରୁକାର୍ଯ୍ୟ ଦେଖିବାକୁ ମିଳୁଛି । ସିସିଆଇସି ଭାରତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପର ସମୃଦ୍ଧ ତଥା ବିବିଧ ପରମ୍ପରାକୁ ପାଳନ କରୁଛି । ଏହା ଦେଶର ବିଭିନ୍ନ ସ୍ଥାନରୁ ଉତ୍କୃଷ୍ଟ କଳାତ୍ମକତା, ସୃଜନଶୀଳତା ଏବଂ କାରୁକାର୍ଯ୍ୟକୁ ଏକତ୍ରିତ କରିଛି । ଏଠାରେ ବିଭିନ୍ନ ପ୍ରକାରର ପାରମ୍ପରିକ ଓ ହସ୍ତନିର୍ମିତ ସାମଗ୍ରୀ ପ୍ରଦର୍ଶିତ ହୋଇଛି, ଯାହା ଭାରତର ଜୀବନ ସାଂସ୍କୃତିକ ଐତିହ୍ୟ ଏବଂ ଏହାର ଦେଶୀୟ କଳାଶୈଳୀର ଚିରନ୍ତନ ସୌନ୍ଦର୍ଯ୍ୟକୁ ପ୍ରତିଫଳିତ କରେ ।

ଦିଲ୍ଲୀରେ ବିରୋଧୀ ମେଣ୍ଟର ମହାସମାବେଶ: ଯୋଗଦେବେ ୧୦ ଲକ୍ଷ

ନୂଆଦିଲ୍ଲୀ : ନଭେମ୍ବର ୧ ତାରିଖ ରବିବାର ଦିଲ୍ଲୀର ରାମଲୀଳା ମୈଦାନରେ ବିରୋଧୀ ମେଣ୍ଟ 'ଇଣ୍ଡିଆଦ ପକ୍ଷରୁ ବଡ଼ ଧରଣର ସମାବେଶ ଆୟୋଜନ କରାଯିବ। ଏହି ରାଲିରେ ୧୦ ଲକ୍ଷ ଲୋକ ଯୋଗଦେବେ ବୋଲି ମେଣ୍ଟ ପକ୍ଷରୁ ଦାବି କରାଯାଉଥିବା ବେଳେ ଦିଲ୍ଲୀ ପୁଲିସର ଆକଳନ ଏହାଠାରୁ ବହୁତ କମ୍। ପୁଲିସ ଅନୁସାରେ, ରାମଲୀଳା ମୈଦାନରେ ପ୍ରାୟ ୫୦ ହଜାର ଲୋକଙ୍କ ପାଇଁ ସ୍ଥାନ ରହିଛି। ନିର୍ବାଚନୀ ଭୋଟର ତାଲିକାରେ କଥିତ ଅନିୟମିତତା ଏବଂ 'ଭୋଟ୍ ଚୋରିଦ ଅଭିଯୋଗକୁ ନେଇ ବିରୋଧୀ ମେଣ୍ଟ ଏହି ସମାବେଶ ଆୟୋଜନ କରୁଛି। ମୁଖ୍ୟ ଦାବି ହେଉଛି, ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଇସ୍ତଫା ଦିଅନ୍ତୁ। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ଉଠାଇ ବିରୋଧୀ ଦଳଗୁଡ଼ିକ ସରକାରଙ୍କ ଉପରେ ଚାପ ବଢ଼ାଇବାକୁ ଉଦ୍ୟମ କରୁଛନ୍ତି। କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ମାର୍କ୍ସବାଦୀ) ର ରାଜ୍ୟସଭା ସାଂସଦ ଜନ୍ ବ୍ରିଟାସ୍ ରାମଲୀଳା ମୈଦାନ ପରିଦର୍ଶନ ପରେ ରାଲିରେ ୧୦ ଲକ୍ଷ ଲୋକ ଯୋଗଦେବେ ବୋଲି ଦାବି କରିଛନ୍ତି। ଅନ୍ୟପଟେ ଦିଲ୍ଲୀ ପୁଲିସ ଏହି ସ୍ଥାନର କ୍ଷମତାକୁ ଆଧାର କରି ପ୍ରାୟ ୫୦ ହଜାର ଲୋକଙ୍କ ଉପସ୍ଥିତି ପାଇଁ ପ୍ରସ୍ତୁତି କରୁଛି। ଏହି ଦୁଇ ଭିନ୍ନ ଆକଳନ ଯୋଗୁଁ ରାଲିରେ ପ୍ରକୃତରେ କେତେ ଲୋକ ଯୋଗଦେବେ, ତାହା ଉପରେ ନଜର ରହିଛି। ରାଲି ପୂର୍ବରୁ ଦିଲ୍ଲୀର ବ୍ୟବସାୟୀ ସଂଗଠନଗୁଡ଼ିକ ଏହାକୁ ଘୁଞ୍ଚାଇବା ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କୁ ଅନୁରୋଧ କରିଥିବା ରିପୋର୍ଟରେ କୁହାଯାଇଛି। ଦୀପାବଳି ପୂର୍ବରୁ ରାମଲୀଳା ମୈଦାନ ଆଖପାଖ ଅଞ୍ଚଳରେ ଯାତାୟାତ କଟକଣା ଯୋଗୁଁ ବ୍ୟବସାୟ ପ୍ରଭାବିତ ହୋଇପାରେ ବୋଲି ବ୍ୟବସାୟୀମାନେ ଆଶଙ୍କା କରିଛନ୍ତି। ତେବେ କଂଗ୍ରେସ ପକ୍ଷରୁ ରାଲି ଆୟୋଜନ ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇନାହିଁ। ରାଲିର ସୁରକ୍ଷା ଓ ଶୃଙ୍ଖଳା ପାଇଁ ଦିଲ୍ଲୀ ପୁଲିସ ବ୍ୟାପକ ବ୍ୟବସ୍ଥା କରିଛି। ରାମଲୀଳା ମୈଦାନକୁ ୧୪ଟି ଜୋନ୍ରେ ବିଭକ୍ତ କରାଯାଇଛି। ପ୍ରାୟ ୨୫୦ଟି ଉଚ୍ଚକ୍ଷମତାସମ୍ପନ୍ନ ସିସିଟିଭି କ୍ୟାମେରା, ମୁହଁ ଚିହ୍ନଟ କରୁଥିବା କ୍ୟାମେରା ଓ ନିୟନ୍ତ୍ରଣ କକ୍ଷ ମାଧ୍ୟମରେ ନଜର ରଖାଯିବ। ଏହା ସହ ୩,୫୦୦ରୁ ଅଧିକ ପୁଲିସ କର୍ମଚାରୀ ମୁତୟନ ହେବାର ଯୋଜନା ରହିଛି। ଅନ୍ୟ ଏକ ରିପୋର୍ଟ ଅନୁସାରେ, ୪ ହଜାରରୁ ଅଧିକ ପୁଲିସ କର୍ମଚାରୀ ଓ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀର ଯବାନ ମଧ୍ୟ ମୁତୟନ ହେବେ।



ଡିସେମ୍ବର ୩୧ ପର୍ଯ୍ୟନ୍ତ କପା ଆମଦାନି ଶୁଳ୍କ ଛାଡ଼ ଅବଧି ବୃଦ୍ଧି

ନୂଆଦିଲ୍ଲୀ: ଦେଶର ବୟନ ଓ ପୋଷାକ ଶିଳ୍ପର କଞ୍ଚାମାଲ ଆବଶ୍ୟକତାକୁ ଦୃଷ୍ଟିରେ ରଖି କପା ଆମଦାନି ଉପରେ ଲାଗୁ ହେଉଥିବା କଷ୍ଟମ୍ସ ଶୁଳ୍କ ଛାଡ଼ ଅବଧିକୁ କେନ୍ଦ୍ର ସରକାର ୨୦୨୬ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ପୂର୍ବରୁ ଏହି ଛାଡ଼ ଅକ୍ଟୋବର ୩୧ ପର୍ଯ୍ୟନ୍ତ ଉପଲବ୍ଧ ଥିଲା। ଏହାକୁ ଆଉ ଦୁଇ ମାସ ବଢ଼ାଇ ଦିଆଯାଇଛି। ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ ଅକ୍ଟୋବର ୩୦ ତାରିଖରେ ଜାରି ବିଜ୍ଞପ୍ତି ନମ୍ବର ୩୫/୨୦୨୬-କଷ୍ଟମ୍ସ ମାଧ୍ୟମରେ ଏହି ସଂଶୋଧନ କରିଛି। ଦେଶର ବୟନ ଶିଳ୍ପକୁ ଆବଶ୍ୟକ ପରିମାଣର କପା ଯୋଗାଣ ସୁନିଶ୍ଚିତ କରିବା ସହ ପ୍ରତିଯୋଗିତାମୂଳକ ଦରରେ କଞ୍ଚାମାଲ ଉପଲବ୍ଧ କରାଇବା ଏହି ନିଷ୍ପତ୍ତିର ମୁଖ୍ୟ ଉଦ୍ଦେଶ୍ୟ। ସରକାରଙ୍କ ଅନୁଯାୟୀ, ଏହି ପଦକ୍ଷେପ ଦ୍ୱାରା ଦେଶର ବୟନ ଶିଳ୍ପର ଉତ୍ପାଦନ ଆବଶ୍ୟକତା ପୂରଣ ହେବା ସହ ସ୍ୱତନ୍ତ୍ର ମାନର କପାର ଚାହିଦା ମଧ୍ୟ ପୂରଣ କରାଯାଇପାରିବ। କପା ଓ ବୟନ ଉତ୍ପାଦନ ଶୃଙ୍ଖଳାରେ ଅଧିକ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତିକୁ ଏହା ସହାୟତା କରିବ। ଏଥିସହ ଦେଶୀୟ ଉତ୍ପାଦନକୁ ସମର୍ଥନ ଓ ଆନ୍ତର୍ଜାତିକ ବଜାରରେ ଭାରତୀୟ ବୟନ ସାମଗ୍ରୀର ପ୍ରତିଯୋଗିତା କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। କପା ଆମଦାନି ଶୁଳ୍କ ଛାଡ଼ ଅବଧି ବୃଦ୍ଧି ଯୋଗୁଁ ବୟନ ଓ ପୋଷାକ ନିର୍ମାତାମାନେ କଞ୍ଚାମାଲ ଯୋଗାଡ଼ କରିବାରେ ଅଧିକ ସୁବିଧା ପାଇବେ ବୋଲି ଆଶା କରାଯାଉଛି। ଉତ୍ପାଦନରେ ବ୍ୟବହୃତ କଞ୍ଚାମାଲର ଖର୍ଚ୍ଚଜନିତ ଚାପ କମିବା ସହ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ମଧ୍ୟ ଏହାର ଲାଭ ପାଇପାରିବେ। ଶିଳ୍ପ ସଂସ୍ଥାଗୁଡ଼ିକୁ ଉତ୍ପାଦନ ଓ କାର୍ଯ୍ୟ ପରିଚାଳନାରେ ଅଧିକ ନମନୀୟତା ମିଳିବା ସହ କଞ୍ଚାମାଲ ଯୋଗାଣରେ ବାଧା ହ୍ରାସ ପାଇବା ଆଶା ରହିଛି।

୨୦୩୦ ସୁଦ୍ଧା ଦୁଇ ନିୟୁତ ଲୋକଙ୍କୁ ଏଆଇ ଦକ୍ଷତା ପ୍ରଦାନ କରିବ ଏସଏପି ଇଣ୍ଡିଆ

ନୂଆଦିଲ୍ଲୀ : ଏସଏପି ଇଣ୍ଡିଆ ଦେଶର ଡିଜିଟାଲ୍ ପ୍ରତିଭା ଚାହିଦାକୁ ପୂରଣ କରିବା ପାଇଁ ୨୦୩୦ ସୁଦ୍ଧା ଦେଶର ଦୁଇ ନିୟୁତ ଲୋକଙ୍କୁ ଏଆଇ-ଦକ୍ଷ କରିବାର ନିଜର ଲକ୍ଷ୍ୟ ହାସଲ କରିବା ପାଇଁ ନୂତନ କାର୍ଯ୍ୟକ୍ରମ ଗୁଡ଼ିକର ଘୋଷଣା କରିଛି । ଏହାର ପୂର୍ବରୁ ଥିବା ଶିକ୍ଷାଗତ ପଦକ୍ଷେପଗୁଡ଼ିକ ଉପରେ ଆଧାର କରି, ଏସଏପି ଏଆଇ, କ୍ଲାଉଡ୍, ଡାଟା ଏବଂ ଏଂଟରପ୍ରାଇଜ୍ ସିଷ୍ଟମ କ୍ଷେତ୍ରରେ ବ୍ୟବହାରିକ ପ୍ରଯୁକ୍ତିବିଦ୍ୟାଗୁଡ଼ିକର ପ୍ରସାର ପାଇଁ ଶିକ୍ଷାନୁଷ୍ଠାନ, ସରକାରୀ ସଂସ୍ଥା ଏବଂ ଶିଳ୍ପ ଭାଗିଦାରୀମାନଙ୍କ ସହିତ ମିଳିତ ଭାବରେ କାର୍ଯ୍ୟ କରୁଛି । ବିଶ୍ୱର ଷ୍ଟେମ ଏବଂ ସଫ୍ଟୱେର୍ ଇଞ୍ଜିନିୟରିଂ ପ୍ରତିଭାର ଏକ ବଡ଼ ଅଂଶ ଭାରତ ପାଖରେ ରହିବା ସହିତ ଏବଂ ବିଶ୍ୱବ୍ୟାପୀ ଏସ୍ଏପିର ପ୍ରମାଣପତ୍ରପ୍ରାପ୍ତ ଶିକ୍ଷାର୍ଥୀମାନଙ୍କର ପ୍ରାୟ ୪୮% ଭାରତରୁ ରହିବା - ଦେଶଟି ଏଆଇ




ଅର୍ଥନୀତିରେ ନେତୃତ୍ୱ ନେବା ପାଇଁ ଦୃଢ଼ ସ୍ଥାନରେ ରହିଛି । ଏସ୍ଏପିର ସ୍ଥାନୀୟ ପ୍ରତିଶ୍ରୁତି ୨୦୩୦ ସୁଦ୍ଧା ୧୨ ନିୟୁତ ଲୋକଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଏହାର ବିଶ୍ୱସ୍ତରୀୟ ପ୍ରତିଜ୍ଞାରେ ସିଧାସଳଖ ଅବଦାନ ଦେଉଛି । ଏହି ପଦକ୍ଷେପ ଉପରେ, ଏସଏପି ଇଣ୍ଡିଆନ୍ ସବକଂଟିନେଂଟର ପ୍ରେସିଡ଼େଂଟ ଏବଂ ମ୍ୟାନେଜିଂ ଡାଇରେକ୍ଟର୍, ମନୀଷ ପ୍ରସାଦ କହିଛନ୍ତି, "ଭାରତୀୟ ପ୍ରତିଭାମାନଙ୍କୁ ପରବର୍ତ୍ତୀ ପର୍ଯ୍ୟାୟର ନବସୃଜନ ପାଇଁ ପ୍ରସ୍ତୁତ କରିବା ପାଇଁ ଲୋକମାନେ କିପରି ଶିକ୍ଷାଲାଭ କରନ୍ତି, ସେମାନଙ୍କ ଦକ୍ଷତା ପ୍ରୟୋଗ କରନ୍ତି ଏବଂ ତାହାକୁ ସେମାନଙ୍କ କ୍ୟାରିୟରରେ ଉପଯୋଗ କରନ୍ତି, ସେଥିରେ କ୍ରମାଗତ ବିନିଯୋଗ ଆବଶ୍ୟକ ।

ବଲିଉଡ ଚଳଚ୍ଚିତ୍ର ନିର୍ମାତା ସଞ୍ଜୟ ଗୁପ୍ତାଙ୍କର ପରଲୋକ

ମୁମ୍ବାଇ: ବଲିଉଡର ଲୋକପ୍ରିୟ ଚଳଚ୍ଚିତ୍ର ନିର୍ମାତା ସଞ୍ଜୟ ଗୁପ୍ତାଙ୍କର ୫୭ ବର୍ଷ ବୟସରେ ପରଲୋକ ଘଟିଛି। 'କାଣ୍ଟେ', 'ସୁଟ୍ଆଉଟ୍ ଆଟ୍ ୱାଡାଲା,' 'କାବିଲ୍', 'ଜଜ୍ବା' 'ମୁସାଫର' ପରି ଚଳଚ୍ଚିତ୍ର ନିର୍ମାଣ କରିଥିବା ସଞ୍ଜୟ ଗୁପ୍ତା ଗତକାଲି (ଶୁକ୍ରବାର -ଶନିବାର) ରାତିରେ ରୋଷେଇ ଘରେ ହଠାତ୍ ପଡ଼ି ଯାଇଥିଲେ, ମୁଣ୍ଡରେ ଆଘାତ ଲାଗିବା ଯୋଗୁ ତାଙ୍କର ପରଲୋକ ଘଟିଥିବା କୁହାଯାଇଛି। ପ୍ରଶଂସକ ଓ ଫିଲ୍ମ ଶିଳ୍ପ ସହିତ ଜଡ଼ିତ ଲୋକମାନେ ଏହି ଖବରରେ ଗଭୀର ମର୍ମାହତ। ଗୁପ୍ତାଙ୍କ ପତ୍ନୀ ଅନୁରାଧା ଲେଖୀ ଓ ସେମାନଙ୍କର ସନ୍ତାନ ଶିବନ ଓ ଦଲାଇ ଅଛନ୍ତି। ଗୁପ୍ତା ମୁମ୍ବାଇର ରାମନଗର ଅଞ୍ଚଳରେ ଏକ ବଙ୍ଗଳାରେ ରହୁଥିଲେ। ଯଦିଓ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ, ଗତକାଲି ରାତିରେ ଗୁପ୍ତା ତାଙ୍କ ରୋଷେଇ ଘରେ ପଡ଼ି ଯାଇଥିବା ଜଣାପଡ଼ିଛି। ଆଜି ସକାଳ ପର୍ଯ୍ୟନ୍ତ କେହି ଏହା ଜାଣିପାରି ନଥିଲେ, ଏବଂ ପରେ ଜଣାପଡିଲା ଯେ ତାଙ୍କର ପଡ଼ିଯିବାରୁ ମୃତ୍ୟୁ ହୋଇଛି। ଭର୍ସୋଭା ପୁଲିସ ଏକ ଏଡିଆର୍ (ଦୁର୍ଘଟଣାଜନିତ ମୃତ୍ୟୁ ରିପୋର୍ଟ) ରୁଜୁ କରିଛି ଓ ମାମଲା ତଦନ୍ତାଧୀନ ଅଛି। ପୁଲିସ କହିଛି ଯେ,ଏପର୍ଯ୍ୟନ୍ତ କୌଣସି ଷଡ଼ଯନ୍ତ୍ରର ସଙ୍କେତ ମିଳିନାହିଁ। ପରିବାର ପକ୍ଷରୁ ଘଟଣା ସମ୍ପର୍କରେ କୌଣସି ସନ୍ଦେହ ପ୍ରକାଶ କରାଯାଇ ନାହିଁ କିମ୍ବା କୌଣସି ଅଭିଯୋଗ ଦାଖଲ କରାଯାଇ ନାହିଁ। ବର୍ତ୍ତମାନ ଶବ ବ୍ୟବଚ୍ଛେଦ ପରୀକ୍ଷା ଚାଲିଛି। ସଞ୍ଜୟ ଗୁପ୍ତା ୧୯୯୪ ମସିହାରେ ନିର୍ମିତ ଚଳଚ୍ଚିତ୍ର 'ଆତିଶ: ଫିଲ୍ ଦି ଫାୟାର' ମାଧ୍ୟମରେ ନିର୍ଦ୍ଦେଶନାରେ ପଦାର୍ପଣ କରିଥିଲେ। ସଞ୍ଜୟ ଦତ୍ତ ଓ ଆଦିତ୍ୟ ପାଞ୍ଚୋଲି ଅଭିନୀତ ଏହି ଆକ୍ସନ୍-ଡ୍ରାମା ଦର୍ଶକଙ୍କୁ ତାଙ୍କର ସ୍ୱତନ୍ତ୍ର କାର୍ଯ୍ୟଶୈଳୀ ସହିତ ପରିଚିତ କରାଇଥିଲା। ତାଙ୍କ ଚଳଚ୍ଚିତ୍ରରେ ଭରପୂର ଆକ୍ସନ ଦୃଶ୍ୟ, ତୀକ୍ଷ୍ଣ ସଂଳାପ ଓ ଅନନ୍ୟ କାହାଣୀ କହିବାର ଦକ୍ଷତା ସ୍ପଷ୍ଟ ଭାବରେ ଦେଖାଯାଇଥିଲା।

ସାମ୍ବାଦିକା ନିଧି ରାଜଦାନଙ୍କୁ ବିବାହ କଲେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା

ନୂଆଦିଲ୍ଲୀ: ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଟେଲିଭିଜନ ସାମ୍ବାଦିକ ନିଧି ରାଜଦାନଙ୍କୁ ବିବାହ କରିଛନ୍ତି। ଶୁକ୍ରବାର ଏକ ବ୍ୟକ୍ତିଗତ ସମାରୋହରେ ଏହି ବିବାହ ସମ୍ପନ୍ନ ହୋଇଥିବା ବେଳେ ଶନିବାର ଉଭୟେ ସାମାଜିକ ଗଣମାଧ୍ୟମରେ ଫଟୋ ସେୟାର କରି ଏହି ଖବର ଜଣାଇଛନ୍ତି। ଓମାର ଅବଦୁଲ୍ଲା ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ନିଧିଙ୍କ ସହ କିଛି ଫଟୋ ସେୟାର କରି 'ଗତକାଲି ଏକ ନୂଆ ଯାତ୍ରା ଆରମ୍ଭ ହେଲାଦ ବୋଲି ଲେଖିଛନ୍ତି। ଏହାର ଜବାବରେ ନିଧି ରାଜଦାନ 'ଇଟ୍ସ ଡନ୍ ବ୍ରୋଦ ଲେଖି ରିଙ୍ଗ ଇମୋଜି ସହ ଫଟୋ ସେୟାର କରିଛନ୍ତି। ଏହି ପୋଷ୍ଟ ପରେ ଉଭୟଙ୍କ ବିବାହ ଖବର ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ଉଭୟ ପରିବାରର ନିକଟ ସମ୍ପର୍କୀୟଙ୍କ ଉପସ୍ଥିତିରେ ବିବାହ ସମାରୋହ ଆୟୋଜିତ ହୋଇଥିଲା। ନିଧି ରାଜଦାନ ଦୀର୍ଘ ୨୨ ବର୍ଷ ଧରି ଏନ୍ଡିଟିଭିରେ କାମ କରିଥିଲେ। ସେଠାରେ 'ଲେଫ୍ଟ, ରାଇଟ୍ ଆଣ୍ଡ ସେଣ୍ଟରଦ କାର୍ଯ୍ୟକ୍ରମର ଉପସ୍ଥାପନା ତାଙ୍କୁ ବିଶେଷ ପରିଚିତି ଦେଇଥିଲା। ୨୦୨୩ରେ ସେ ଏନ୍ଡିଟିଭି ଛାଡ଼ିଥିଲେ। ଓମାର ଅବଦୁଲ୍ଲାଙ୍କ ପୂର୍ବ ବିବାହ ଜୀବନର ଆଇନଗତ ଅଧ୍ୟାୟ ଚଳିତ ବର୍ଷ ଜୁଲାଇରେ ଶେଷ ହୋଇଥିଲା। ସୁପ୍ରିମକୋର୍ଟ ତାଙ୍କ ଓ ପାୟଲ ଅବଦୁଲ୍ଲାଙ୍କ ବିବାହକୁ ପାରସ୍ପରିକ ସହମତି ଭିତ୍ତିରେ ବିଚ୍ଛେଦ କରିଥିଲେ। ଉଭୟଙ୍କର ଦୁଇ ପୁଅ ଅଛନ୍ତି। ଓମାର ଅବଦୁଲ୍ଲା ଓ ନିଧି ରାଜଦାନଙ୍କ ବିବାହ ଖବର ପ୍ରକାଶ ପାଇବା ପରେ ରାଜନୈତିକ ଓ ସାମ୍ବାଦିକ ମହଲରେ ଏହା ଚର୍ଚ୍ଚାର ବିଷୟ ହୋଇଛି।




ଦିଲ୍ଲୀ-ଏନସିଆରରେ ୫୦% କର୍ମଚାରୀରେ ଚାଲିବ ସମସ୍ତ କାର୍ଯ୍ୟାଳୟ

ନୂଆଦିଲ୍ଲୀ: ଦିଲ୍ଲୀରେ ବାୟୁ ପ୍ରଦୂଷଣକୁ ଦୃଷ୍ଟିରେ ରଖି ବାୟୁ ଗୁଣବତ୍ତା ପରିଚାଳନା କମିସନ (ସିଏକ୍ୟୁଏମ୍)ଙ୍କ ପକ୍ଷରୁ କଠୋର ନିର୍ଦ୍ଦେଶ ଜାରି କରାଯାଇଛି। ଶୁକ୍ରବାର ସିଏକ୍ୟୁଏମ୍ ପକ୍ଷରୁ ଜାରି ନିର୍ଦ୍ଦେଶରେ ଦିଲ୍ଲୀ ଓ ଏନ୍ସିଆର୍ ଜିଲ୍ଲାରେ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଗୁଡ଼ିକୁ ନଭେମ୍ବର ୫ ରୁ ୨୦ ପର୍ଯ୍ୟନ୍ତ କେବଳ ୫୦ ପ୍ରତିଶତ କର୍ମଚାରୀଙ୍କ ସହିତ କାର୍ଯ୍ୟ କରିବାକୁ ଓ ଅବଶିଷ୍ଟ କର୍ମଚାରୀମାନେ ଘରୁ କାମ କରିବାକୁ କୁହାଯାଇଛି। ଏହି କଟକଣାଗୁଡ଼ିକ ଦିଲ୍ଲୀ, ହରିୟାଣାର ଗୁରୁଗ୍ରାମ, ଫରିଦାବାଦ ଓ ସୋନିପତ ଏବଂ ଉତ୍ତର ପ୍ରଦେଶର ଗାଜିଆବାଦ ଏବଂ ଗୌତମ ବୁଦ୍ଧ ନଗର (ନୋଏଡା) ପାଇଁ ପ୍ରଯୁଜ୍ୟ ହେବ। ଯେଉଁ ଶିଳ୍ପ ପ୍ରତିଷ୍ଠାନ ଓ ଅତ୍ୟାବଶ୍ୟକ ସେବାଗୁଡ଼ିକ ଘରୁ କାମ କରିବା ବ୍ୟବସ୍ଥା ସମ୍ଭବ ନୁହେଁ ସେମାନଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ସିଏକ୍ୟୁଏମ୍ ସଦସ୍ୟ ସଚିବ ତରୁଣ କୁମାର ପିଥୋଡଙ୍କ ଦ୍ୱାରା ସ୍ୱାକ୍ଷରିତ, ଏହି ନିର୍ଦ୍ଦେଶଗୁଡ଼ିକ ଏନ୍ସିଆର୍ ରାଜ୍ୟର ସରକାର ଓ ଦିଲ୍ଲୀ ସରକାରଙ୍କ ବିଭାଗ ଏବଂ ଏଜେନ୍ସିଗୁଡ଼ିକ ପାଇଁ ପ୍ରଯୁଜ୍ୟ। କମିସନ ଏନ୍ସିଆର୍‌ରେ ଧୂଳି ସୃଷ୍ଟିକାରୀ ଭଙ୍ଗାଭଙ୍ଗି କାର୍ଯ୍ୟ ଓ ବାହ୍ୟ ନିର୍ମାଣ କାର୍ଯ୍ୟକଳାପ ଉପରେ ପ୍ରତିବନ୍ଧକ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜରୁରୀ ସାର୍ବଜନୀନ ଭିତ୍ତିଭୂମି, ଜାତୀୟ ସୁରକ୍ଷା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ଏଥିରୁ ବାଦ୍ ଦିଆଯାଇଛି। ତେବେ ରାଜପଥ, ରାସ୍ତା, ଫ୍ଲାଏଓଭର, ଓଭରବ୍ରିଜ୍, ବିଦ୍ୟୁତ୍ ପରିବହନ ଲାଇନ, ପାଇପଲାଇନ୍ ଏବଂ ଦୂରସଂଚାର ନିର୍ମାଣ ପ୍ରକଳ୍ପଗୁଡ଼ିକ ଉପରେ କଟକଣା ରହିବ।

ଦୁଇ ଭାରତୀୟ, ଉଭୟ ଅଟଳ, ଦୃଢ଼ ସଂକଳ୍ପବଦ୍ଧ

ନୂଆଦିଲ୍ଲୀ: ଦେଶର ପ୍ରଥମ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଆଜି ସାରା ଦେଶ ତାଙ୍କୁ ସ୍ମରଣ କରୁଛି। ଏହି ଦିନକୁ ଜାତୀୟ ଏକତା ଦିବସ ଭାବେ ପାଳନ କରାଯାଉଛି। ଦେଶର ବିଭିନ୍ନ ସ୍ଥାନରେ ଏନେଇ ଅନେକ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ପ୍ରଧାନମନ୍ତ୍ରୀ ମୋଦୀ, ଗୃହମନ୍ତ୍ରୀ ଅମିତ ଶାହଙ୍କ ସମେତ ବହୁ ନେତା ସର୍ଦ୍ଦାର ପଟେଲଙ୍କ ଅବଦାନକୁ ସ୍ମରଣ କରିଛନ୍ତି। ଏହି ଅବସରରେ କଂଗ୍ରେସ ମଧ୍ୟ ସର୍ଦ୍ଦାର ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛି। କଂଗ୍ରେସ ନେତା ଜୟରାମ ରମେଶ ସର୍ଦ୍ଦାର ପଟେଲଙ୍କ ସହ ଇନ୍ଦିରା ଗାନ୍ଧୀ ଏବଂ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଏକ ଫଟୋ ସେୟାର କରିଛନ୍ତି। ଫଟୋ ସହ ଲେଖିଥିବା କ୍ୟାପସନରେ ସେ ଉଭୟଙ୍କୁ ଅଟଳ ଓ ଦୃଢ଼ ସଂକଳ୍ପବଦ୍ଧ ବ୍ୟକ୍ତିତ୍ୱ ବୋଲି ବର୍ଣ୍ଣନା କରିଛନ୍ତି। ଜୟରାମ ରମେଶ ଲେଖିଛନ୍ତି, "ଦୁଇ ଭାରତୀୟ, ଉଭୟ ଅଟଳ ଏବଂ ଦୃଢ଼ ସଂକଳ୍ପବଦ୍ଧ। ଉଭୟ ଭାରତୀୟ ଉପମହାଦେଶର ଭୂଗୋଳ ଓ ଇତିହାସକୁ ଆକାର ଦେଇଥିଲେ। ଆଜି ଆମେ ଭାରତର ସ୍ୱାଧୀନତାର ଜଣେ ପ୍ରମୁଖ ବିଦ୍ଧାଣୀଙ୍କ ୧୫୧ତମ ଜୟନ୍ତୀ ପାଳନ କରୁଛୁ। ସେ ଭାରତର ଏକତାକୁ ବାସ୍ତବ ରୂପ ଦେଇଥିଲେ। ଏହାସହ ଅନେକ ଦଶନ୍ଧି ପରେ ଆସିଥିବା ଶ୍ୱେତ ବିପ୍ଳବର ମଧ୍ୟ ସେ ପ୍ରେରଣାର ଉତ୍ସ ହୋଇଥିଲେ। ସେହିପରି ଆଜି ଆମେ ଜଣେ ଅତ୍ୟନ୍ତ ସାହସୀ ଓ ପ୍ରଭାବଶାଳୀ ବ୍ୟକ୍ତିତ୍ୱଙ୍କ ୪୨ତମ ପୁଣ୍ୟତିଥିକୁ ମଧ୍ୟ ସ୍ମରଣ କରୁଛୁ। ସେ ସ୍ୱାଧୀନ ଭାରତକୁ ପରମାଣୁ ଓ ମହାକାଶ ଶକ୍ତି ଭାବେ ସୁଦୃଢ଼ କରିବା ସହ ନିଜ ଜୀବନକାଳରେ ହରିତ ବିପ୍ଳବକୁ ଗତି ଦେଇଥିଲେ।ଦ ଜୟରାମ ରମେଶ ସେୟାର କରିଥିବା ଫଟୋଟି ସମ୍ପର୍କରେ ମଧ୍ୟ ସୂଚନା ଦେଇଛନ୍ତି। ତାଙ୍କ ଅନୁଯାୟୀ, ଏହି ଫଟୋଟି ନଭେମ୍ବର ୧୯୪୭ର ପ୍ରଥମ ସପ୍ତାହରେ ନୂଆଦିଲ୍ଲୀରେ ଆୟୋଜିତ ଏକ ସମାରୋହର। ଅନ୍ତର୍ଜାତୀୟ ଶ୍ରମ ସଂଗଠନର ଏସୀୟ ଆଞ୍ଚଳିକ ସମ୍ମିଳନୀର ପ୍ରତିନିଧିମାନଙ୍କ ସମ୍ମାନରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଏହି ସମାରୋହ ଆୟୋଜନ କରିଥିଲେ।



ଏକତା ଦୌଡ଼ର ଶୁଭାରମ୍ଭ କଲେ ଅମିତ ଶାହ

ନୂଆଦିଲ୍ଲୀ: ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ଅବସରରେ ଶନିବାର ନୂଆଦିଲ୍ଲୀରେ 'ଜାତୀୟ ଏକତା ଦିବସଦ ପାଳିତ ହୋଇଛି। ଏହି ଅବସରରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ 'ଏକତା ଦୌଡ଼ଦର ଶୁଭାରମ୍ଭ କରିବା ସହ ଉପସ୍ଥିତ ନାଗରିକମାନଙ୍କୁ ଜାତୀୟ ଏକତାର ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଦିଲ୍ଲୀର ଉପରାଜ୍ୟପାଳ ତରଣଜିତ ସିଂହ ସନ୍ଧୁ, କେନ୍ଦ୍ରମନ୍ତ୍ରୀ ଡ. ମନସୁଖ ମାଣ୍ଡଭିୟ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଓ ବନ୍ଦୀ ସଞ୍ଜୟ କୁମାରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସମାବେଶକୁ ସମ୍ବୋଧିତ କରି ଅମିତ ଶାହ କହିଥିଲେ, ନରେନ୍ଦ୍ର ମୋଦୀ ଦେଶର ପ୍ରଧାନମନ୍ତ୍ରୀ ହେବା ପରଠାରୁ ସର୍ଦ୍ଦାର ପଟେଲଙ୍କ ଜୟନ୍ତୀକୁ 'ଜାତୀୟ ଏକତା ଦିବସଦ ଭାବେ ପାଳନ କରାଯାଉଛି। ସର୍ଦ୍ଦାର ପଟେଲ କେବଳ ଭାରତର ଇତିହାସକୁ ନୂଆ ଦିଗ ଦେଇନଥିଲେ, ଦେଶର ଭୌଗୋଳିକ ମାନଚିତ୍ରକୁ ମଧ୍ୟ ନୂଆ ରୂପ ଦେଇଥିଲେ। ଦେଶର ଅନେକ ଦେଶୀୟ ରାଜ୍ୟକୁ ଏକତ୍ର କରି ସେ ଆଜିର ଅଖଣ୍ଡ ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ସ୍ୱାଧୀନତା ପରେ ଭାରତ ଖଣ୍ଡବିଖଣ୍ଡ ହୋଇଯିବ ବୋଲି ବିଶ୍ୱର ଅନେକ ଦେଶ ଆଶଙ୍କା କରୁଥିଲେ। କିନ୍ତୁ ସ୍ୱାଧୀନତା ପରବର୍ତ୍ତୀ ମାତ୍ର ୧୨୮ ଦିନ ମଧ୍ୟରେ ସର୍ଦ୍ଦାର ପଟେଲ ଅନେକ ଦେଶୀୟ ରାଜ୍ୟକୁ ମିଶାଇ ଏକୀକୃତ ଭାରତ ଗଠନ କରିଥିଲେ ବୋଲି ଶାହ କହିଥିଲେ। ଭାରତର ଭୌଗୋଳିକ, ରାଜନୈତିକ ଓ ସାଂସ୍କୃତିକ ଏକୀକରଣ ସହ ଦେଶବାସୀଙ୍କୁ ଏକ ସୂତ୍ରରେ ବାନ୍ଧିବାରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ସେ ଉଲ୍ଲେଖ କରିଥିଲେ। ଦେଶକୁ ନିଶାମୁକ୍ତ କରିବା ପ୍ରସଙ୍ଗରେ ଶାହ କହିଥିଲେ, ଚଳିତ ବର୍ଷ ମାର୍ଚ୍ଚ ୩୧ରେ ଦେଶ ନକ୍ସଲବାଦରୁ ମୁକ୍ତ ହୋଇଛି ଏବଂ ଏବେ ନିଶାମୁକ୍ତ ରାଷ୍ଟ୍ର ଗଠନ ଦିଗରେ ଆଗକୁ ବଢୁଛି। ୨୦୨୯ ଡିସେମ୍ବର ୩୧ ସୁଦ୍ଧା ଦେଶକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବାର ଲକ୍ଷ୍ୟ ରଖାଯାଇଛି। ବିକଶିତ ଭାରତ ଗଠନର ପ୍ରଥମ ପାହାଚ ହେଉଛି ନିଶାମୁକ୍ତ ଭାରତ। ଏହା ଦେଶର ଯୁବପିଢ଼ି ଓ ଭବିଷ୍ୟତ ପାଇଁ ଏକ ବଡ଼ ଉପଲବ୍ଧି ହେବ ବୋଲି ସେ କହିଥିଲେ। ଭାରତର ଭାଷା, ସଂସ୍କୃତି ଓ ପରମ୍ପରାଗତ ବିବିଧତା ଦୁର୍ବଳତା ନୁହେଁ, ବରଂ ଦେଶର ଶକ୍ତି ବୋଲି ଶାହ ମତ ଦେଇଥିଲେ। ଭାଷା, ପୋଷାକ, ଧାର୍ମିକ ବିଶ୍ୱାସ ଓ ସାଂସ୍କୃତିକ ପରମ୍ପରାରେ ଭିନ୍ନତା ଥିଲେ ମଧ୍ୟ ଦେଶବାସୀ ଏକ ଜାତୀୟ ପରିଚୟରେ ବାନ୍ଧି ହୋଇ ରହିଛନ୍ତି। ଆଲୋଚନା, ବିଶ୍ୱାସ ଓ ସମାବେଶୀ ଚିନ୍ତାଧାରା ମାଧ୍ୟମରେ ଏହି ଏକତାକୁ ଆହୁରି ମଜବୁତ କରିବା ଆବଶ୍ୟକ ବୋଲି ସେ କହିଥିଲେ।



ରବାଡାଙ୍କ ଘାତକ ବୋଲିଂ, ହାର୍ମରଙ୍କ ୬ ୱିକେଟରେ ଦ.ଆଫ୍ରିକାର ଶୃଙ୍ଖଳା ବିଜୟ



କେପଟାଉନ୍,୩୧।୧୦(ଏଜେନ୍ସି): କାଗିସୋ ରାବାଡାଙ୍କ ଘାତକ ନୂଆ ବଲ୍ ବୋଲିଂ ଏବଂ ସାଇମନ୍ ହାର୍ମରଙ୍କ ଘୂର୍ଣ୍ଣି ବୋଲିଂ ଆଗରେ ତିଷ୍ଠି ପାରିଲାନି ଅଷ୍ଟ୍ରେଲିଆ। କେପଟାଉନର ନ୍ୟୁଲାଣ୍ଡସ୍ ଷ୍ଟାଡିୟମରେ ଖେଳାଯାଇଥିବା ତୃତୀୟ ତଥା ଅନ୍ତିମ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ୧୭୬ ରନରେ ବିଜୟୀ ହୋଇଛି। ଏହି ବିଜୟ ସହ ଘରୋଇ ଦଳ ତିନି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାକୁ ୨-୧ରେ ଜିତି ନେଇଛି। ଅଷ୍ଟ୍ରେଲିଆ ସମ୍ମୁଖରେ ୨୮୮ ରନର ବିଜୟଲକ୍ଷ୍ୟ ଥିବାବେଳେ ଦଳ ଦ୍ୱିତୀୟ ଇନିଂସରେ ମାତ୍ର ୧୧୧ ରନ। ଅଲଆଉଟ୍ ହୋଇଥିଲା। ପଞ୍ଚମ ଦିନର ଖେଳ ଆରମ୍ଭରୁ ରାବାଡା ଅଷ୍ଟ୍ରେଲିଆର ଶୀର୍ଷକ୍ରମକୁ ଧ୍ୱସ୍ତ କରିଦେଇଥିଲେ। ମ୍ୟାଟ୍ ରେନ୍ସାଙ୍କୁ ଖାତା ଖୋଲିବା ପୂର୍ବରୁ ଆଉଟ୍ କରିବା ପରେ ମାର୍ନସ୍ ଲାବୁସେନ୍ସକୁ ୪ ରନରେ ଏଲବିଡବ୍ଲ୍ୟୁ କରିଥିଲେ। ପରେ ଟ୍ରାଭିସ୍ ହେଡକୁ ୧୪ ରନରେ ଗଲିରେ କ୍ୟାଚ୍ ଆଉଟ୍ କରାଇ ଅଷ୍ଟ୍ରେଲିଆକୁ ମାତ୍ର ୨୦ ରନରେ ୩ଟି ୱିକେଟ୍ ହରାଇବାକୁ ବାଧ କରିଥିଲେ। ରାବାଡା ନିଜର ପ୍ରଥମ ପାଞ୍ଚ ଓଭରରେ ୧୪ ରନ୍ ଦେଇ ୩ଟି ୱିକେଟ୍ ନେଇଥିଲେ।

ଏହି ମ୍ୟାଚରେ ରାବାଡା ଟେଷ୍ଟ କ୍ରିକେଟ୍ରେ ୩୫୦ ୱିକେଟ୍ ପୂରଣ କରିଥିଲେ। ମାତ୍ର ୧୩,୮୦୮ଟି ବଲ୍ ପକାଇ ସେ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ବଲ୍ ସଂଖ୍ୟା ହିସାବରେ ୩୫୦ ଟେଷ୍ଟ ୱିକେଟ୍ ହାସଲ କରିବାରେ ସେ ସବୁଠାରୁ ଦ୍ରୁତତମ ବୋଲର ହୋଇଛନ୍ତି। ଏହି କ୍ରମରେ ସେ ଦକ୍ଷିଣ ଆଫ୍ରିକାର ଡେଲ୍ ଷ୍ଟେନ୍ ଓ ପାକିସ୍ତାନର ୱାକର ୟୁନିସଙ୍କୁ ପଛରେ ପକାଇଛନ୍ତି। ଦକ୍ଷିଣ ଆଫ୍ରିକା ପକ୍ଷରୁ ଟେଷ୍ଟରେ ୩୫୦ ୱିକେଟ୍ ନେବାରେ ସେ ଚତୁର୍ଥ ବୋଲର। ରାବାଡାଙ୍କ ପ୍ରାରମ୍ଭିକ ଝଟକା ପରେ ସ୍ପିନର୍ ସାଇମନ୍ ହାର୍ମର ଅଷ୍ଟ୍ରେଲିଆର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଥିଲେ। ସେ ୧୬ ରନ୍ ଦେଇ ୬ଟି ୱିକେଟ୍ ନେଇଥିଲେ, ଯାହା ତାଙ୍କ ଟେଷ୍ଟ କ୍ୟାରିୟରର ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ। ନାଥନ୍ ଲାୟନ୍ ୩୩ ରନ୍ କରି ଅଷ୍ଟ୍ରେଲିଆ ପକ୍ଷରୁ ସର୍ବାଧିକ ସ୍କୋରର ହୋଇଥିବାବେଳେ କାମେରନ୍ ଗ୍ରୀନ୍ ୨୭ ରନ୍ କରିଥିଲେ। ଅଧିନାୟକ ପ୍ୟାଟ୍ କମିନ୍ସ ୯୦ଟି ବଲ୍ ଖେଳି ୧୧ ରନ୍ କରିଥିଲେ। ଏହି ବିଜୟ ଦକ୍ଷିଣ ଆଫ୍ରିକାକୁ ଟେଷ୍ଟ ଦଳ ମାନ୍ୟତାର ଶୀର୍ଷକୁ ଉଠାଇଛି। ୨୦୧୬ ଜାନୁଆରୀ ପରେ ପ୍ରଥମ ଥର ପାଇଁ ଦଳ ଏହି ସ୍ଥାନ ହାସଲ କରିଛି। ରାବାଡା ଓ ହାର୍ମରଙ୍କ ମିଳିତ ବୋଲିଂ ପ୍ରଦର୍ଶନ ଏହି ଶୃଙ୍ଖଳା ବିଜୟରେ ନିର୍ଣ୍ଣାୟକ ହୋଇଛି।

ହକି ଜର୍ସି ବିବାଦକୁ 'ଅନାବଶ୍ୟକ' କହିଲେ ଭୋଳାନାଥ: ତିର୍କୀ ସବୁ ଜାଣିଥିଲେ

ନୂଆଦିଲ୍ଲୀ,୩୧।୧୦(ଏଜେନ୍ସି): ଭାରତୀୟ ହକି ଦଳର ଜର୍ସି ରଙ୍ଗ ପରିବର୍ତ୍ତନକୁ ନେଇ ଚାଲିଥିବା ବିବାଦ ପୁଣି ତୀବ୍ର ହୋଇଛି। ଜାତୀୟ ଦଳର ପାରମ୍ପରିକ ନୀଳ ଜର୍ସି ବଦଳରେ ଗେରୁଆ ରଙ୍ଗର ଜର୍ସି ପିନ୍ଧିବା ନିଷ୍ପତ୍ତିକୁ ନେଇ ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ ଓ ମହାସଚିବ ଭୋଳାନାଥ ସିଂହଙ୍କ ମଧ୍ୟରେ ମତଭେଦ ସାମ୍ନାକୁ ଆସିଛି। ଏହି ବିବାଦକୁ ଅନାବଶ୍ୟକ ବୋଲି କହିବା ସହ ଜର୍ସି ରଙ୍ଗ ପରିବର୍ତ୍ତନ ସମ୍ପର୍କରେ ତିର୍କୀ ସମ୍ପୂର୍ଣ୍ଣ ଅବଗତ ଥିଲେ ବୋଲି ଦାବି କରିଛନ୍ତି ଭୋଳାନାଥ। ପିଟିଆଇକୁ ଦେଇଥିବା ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ଭୋଳାନାଥ କହିଛନ୍ତି, ବିଶ୍ୱକପ୍ ଓ ଏସୀୟ କ୍ରୀଡ଼ା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ପୂର୍ବରୁ ଏଭଳି ବିବାଦ ଉଠିବା ଠିକ୍ ନଥିଲା। ଖେଳାଳିଙ୍କ ଧ୍ୟାନ ଖେଳ ଓ ପ୍ରସ୍ତୁତି ଉପରେ ରହିବା ଆବଶ୍ୟକ। ପ୍ରତିଯୋଗିତା ପରେ ଏହି ପ୍ରସଙ୍ଗର ସମାଧାନ କରାଯାଇପାରିଥାନ୍ତା ବୋଲି ସେ ମତ ଦେଇଛନ୍ତି।

ଭୋଳାନାଥଙ୍କ କହିବା ଅନୁସାରେ, ଜର୍ସି ପରିବର୍ତ୍ତନ ପୂର୍ବରୁ ଖେଳାଳି ଓ ଦଳୀୟ ପରିଚାଳନା ଟିମକୁ ୪ରୁ ୫ଟି ଡିଜାଇନ୍ ଦେଖାଯାଇଥିଲା। ସେମାନେ କମଳା ବା ଗେରୁଆ ରଙ୍ଗର ଡିଜାଇନକୁ ପସନ୍ଦ କରିଥିଲେ। ଏହି ନିଷ୍ପତ୍ତି ସମ୍ପର୍କରେ ଦିଲୀପ ତିର୍କୀ ମଧ୍ୟ ଅବଗତ ଥିଲେ ବୋଲି ଭୋଳାନାଥ କହିଛନ୍ତି। ତାଙ୍କ ମତରେ, ତିର୍କୀ ଯେତିକି ଜାଣିଥିଲେ, ସେ ମଧ୍ୟ ସେତିକି ଜାଣିଥିଲେ। କିନ୍ତୁ ପରଦିନ ତିର୍କୀ ଏ ସମ୍ପର୍କରେ ଜାଣି ନଥିବା କହିଥିଲେ।

ଅନ୍ୟପକ୍ଷରେ, ତିର୍କୀ ପୂର୍ବରୁ ଦାବି କରିଥିଲେ ଯେ ତାଙ୍କ ଅଜାଣତରେ ଏବଂ ହକି ଇଣ୍ଡିଆର କାର୍ଯ୍ୟକାରୀ ବୋର୍ଡର ଅନୁମୋଦନ ବିନା ଜର୍ସିର ରଙ୍ଗ ପରିବର୍ତ୍ତନ କରାଯାଇଛି। ବିଶ୍ୱକପ୍ ପୂର୍ବରୁ ଏହି ପ୍ରସଙ୍ଗକୁ ନେଇ ବିବାଦ ଉଠିବା ପରେ ସେ ଏହାର ନିଷ୍ପତ୍ତି ପ୍ରକ୍ରିୟା ଓ ଅନୁମୋଦନ ସମ୍ପର୍କରେ ସ୍ପଷ୍ଟୀକରଣ ମାଗିଥିଲେ। ଭୋଳାନାଥ କହିଛନ୍ତି, ଜର୍ସି ବିବାଦ ଖେଳାଳିଙ୍କ ମନୋବଳ ଓ ଏକାଗ୍ରତାକୁ ପ୍ରଭାବିତ କରିପାରେ। ସୋସିଆଲ୍ ମିଡିଆରେ ଖେଳାଳିମାନେ ଏହି ବିବାଦ ସମ୍ପର୍କିତ ଖବର ଦେଖୁଥିବାରୁ ସେମାନଙ୍କୁ ଏଥିରୁ ଦୂରେଇ ରହି ଖେଳ ଉପରେ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ବିଶ୍ୱକପ୍ ଓ ଏସୀୟ କ୍ରୀଡ଼ା ପୂର୍ବରୁ ଏଭଳି ଆଲୋଚନା ହେବା ଉଚିତ୍ ନଥିଲା ବୋଲି ସେ କହିଛନ୍ତି।

ଜର୍ସି ରଙ୍ଗ ପରିବର୍ତ୍ତନକୁ ନେଇ ବିବାଦ ସତ୍ତ୍ୱେ ଭାରତୀୟ ପୁରୁଷ ଓ ମହିଳା ହକି ଦଳ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିବା ସହ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିଲେ। ତଥାପି ଏସୀୟ କ୍ରୀଡ଼ା ପରେ ମଧ୍ୟ ଭାରତୀୟ ଦଳ ଗେରୁଆ ଜର୍ସିକୁ ପ୍ରାଥମିକ ପୋଷାକ ଭାବେ ବ୍ୟବହାର କରୁଛି। ଚାଲିଥିବା ଏସୀୟ ଚାମ୍ପିୟନ୍ସ ଟ୍ରଫିରେ ମଧ୍ୟ ଦଳ ଏହି ଜର୍ସି ପିନ୍ଧି ଖେଳୁଛି। ୧୯୨୮ ମସିହାରେ ଭାରତ ଅଲିମ୍ପିକ୍ସରେ ହକି ଖେଳିବା ଆରମ୍ଭ କରିବା ପରଠାରୁ ଜାତୀୟ ଦଳର ପରିଚୟ ସହ ନୀଳ ଜର୍ସି ଦୀର୍ଘଦିନ ଧରି ଜଡ଼ିତ ରହିଆସିଛି। ତେଣୁ ଜର୍ସିର ରଙ୍ଗ ପରିବର୍ତ୍ତନକୁ ନେଇ କ୍ରୀଡ଼ା ମହଲରେ ଆଲୋଚନା ଜାରି ରହିଛି।

କ୍ରିକେଟ ଗୁରୁ କିଶୋର ମାଣିଆଙ୍କୁ ସମ୍ବର୍ଦ୍ଧନା



ଠାକୁରମୁଣ୍ଡା,୩୧।୧୦(ଏଜେନ୍ସି): ଖ୍ୟାତି ସମ୍ପର୍ଣ୍ଣ କ୍ରିକେଟ କୋଚ ତଥା କ୍ରୀଡା ଗୁରୁ କିଶୋର ମାଣିଆଙ୍କୁ ଆଜି ଠାକୁରମୁଣ୍ଡା ପ୍ରେସ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ।

ରାଇରଙ୍ଗପୁର ଯିବା ରାସ୍ତାରେ ଠାକୁରମୁଣ୍ଡା ବଜାରରେ ଥିବା ପ୍ରେସ କ୍ଲବ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରେସ କ୍ଲବ ସଭାପତି ଶରତ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟମାନେ ଫୁଲତୋଡା ଦେଇ ତାଙ୍କୁ ସମ୍ମାନିତ କରିଥିଲେ । କିଶୋର ମାଣିଆ ଦୀର୍ଘ ବର୍ଷ ଧରି ଓଡ଼ିଶାର କ୍ରିକେଟ ପ୍ରତିଭାଙ୍କୁ ତିଆରି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଛନ୍ତି । ତାଙ୍କର ଏହି ନିଃସ୍ୱାର୍ଥପର ସେବାକୁ ସମ୍ମାନ ଜଣାଇ ଆସନ୍ତାକାଲି ରାଇରଙ୍ଗପୁର ଠାରେ ତାଙ୍କୁ ସମ୍ବର୍ଦ୍ଧନା ଦେବାର କାର୍ଯ୍ୟକ୍ରମ ରହିଛି ।ଏହି ଅବସରରେ ଆଜି ପ୍ରେସ କ୍ଲବର ବରିଷ୍ଠ ସଦସ୍ୟ ମାନେ ଉପସ୍ଥିତ ରହି ମାଣିଆଙ୍କୁ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧିତ କରିବା ସହ ଦୀର୍ଘ ଜୀବନ କାମନା କରିଥିଲେ ।

ଦେଶର ଏକତା ଓ ସଂହତିକୁ ବଜାୟ ରଖିବା ପାଇଁ କ୍ରୀଡ଼ା ମନ୍ତ୍ରୀଙ୍କ ଆହ୍ୱାନ



ଭୁବନେଶ୍ୱର,୩୧।୧୦(ସବ୍ୟୁ): ଆଜି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଅନୁଷ୍ଠିତ ହୋଇଥିବା ରାଷ୍ଟ୍ରୀୟ ଏକତା ଦିବସ କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ାମନ୍ତ୍ରୀ ସୂରଜ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତି ନିଜର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ନିଜର ଅଭିଭାଷଣରେ ସେ କହିଥିଲେ ଯେ, ଆଜି ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ଓ ଏକତା ପଦଯାତ୍ରାର ଆୟୋଜନ କରାଯାଉଛି। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଆଦର୍ଶରେ ଆମେ ସମସ୍ତେ ଅନୁପ୍ରାଣିତ ହେବା ସହ ଦେଶର ଏକତା ଓ ସଂହତିକୁ ବଜାୟ ରଖିବା। ଦେଶର ବିକାଶ ନିମନ୍ତେ କାର୍ଯ୍ୟ କରିବା ପାଇଁ ସଂକଳ୍ପବଦ୍ଧ ହେବା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସମୃଦ୍ଧ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ଗଠନର ଲକ୍ଷ୍ୟ ପୂରଣ ସହ 'ଏକ ଭାରତ ଶ୍ରେଷ୍ଠ ଭାରତ' ଗଠନ ଦିଗରେ ନିଜର ଯୋଗଦାନ ଦେବା ପାଇଁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆହ୍ୱାନ ଦେଇଛନ୍ତି।

ଆଜିର କାର୍ଯ୍ୟକ୍ରମରେ କ୍ରୀଡ଼ା ମନ୍ତ୍ରୀ ଶ୍ରୀ ସୂରଜ ସମସ୍ତଙ୍କୁ 'ରାଷ୍ଟ୍ରୀୟ ଏକତା ଦିବସ ଶପଥ ପାଠ' କରାଇଥିଲେ। ଏଥିସହ 'ଏକତା ପଦଯାତ୍ରା' ଆୟୋଜିତ ହୋଇଥିଲା ଯେଉଁଥିରେ କ୍ରୀଡ଼ାବିତ୍, ଛାତ୍ରଛାତ୍ରୀ, ସମାଜସେବୀ, ସ୍ୱେଚ୍ଛାସେବୀ ଓ ସମସ୍ତ ଜନସାଧାରଣ ସାମିଲ ହୋଇଥିଲେ। ଆଜିର କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ପୂର୍ବତନ ବିଧାୟକ ତଥା ସମାଜସେବୀ ପ୍ରିୟଦର୍ଶୀ ମିଶ୍ର, ସମାଜସେବୀ ତଥା ରାଜନେତା ଗୋଲକ ମହାପାତ୍ର, ଜଗନ୍ନାଥ ପ୍ରଧାନ, ସୁଦୀପ୍ତ ରାୟ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ନ୍ୟୁଜିଲାଣ୍ଡ ପହଞ୍ଚିଲେ ରୋକୋ

ନୂଆଦିଲ୍ଲୀ,୩୧।୧୦(ଏଜେନ୍ସି): ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ ବିଶିଷ୍ଟ ଟି-୨୦ ଶୃଙ୍ଖଳାର ୪ଟି ମ୍ୟାଚ ସରିଛି। ଶୃଙ୍ଖଳରେ ଭାରତ ଗୋଟିଏ ହାରି ୩-୧ରେ ଆଗକୁ ରହିଛି। ଟି-୨୦ ଶୃଙ୍ଖଳା ପରେ ଦିନିକିଆ ଶୃଙ୍ଖଳା ଆରମ୍ଭ ହେବ। ଏଥିରେ କ୍ରିକେଟ ଦୁନିଆର ଦୁଇ ଷ୍ଟାର ବ୍ୟାଟର ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ରୋହିତ ଓ ବିରାଟଙ୍କ ସହ ଶୁଭମନ ଗିଲ ନ୍ୟୁଜିଲାଣ୍ଡ ପହଞ୍ଚିଛନ୍ତି। ନଭେମ୍ବର ୪ରୁ ଆରମ୍ଭ ହେଉଥିବା ଦିନିକିଆ ଶୃଙ୍ଖଳା ପାଇଁ ଖେଳାଳି ନିଜର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଶୃଙ୍ଖଳା ପାଇଁ ଭାରତୀୟ ଦଳରେ ପରିବର୍ତ୍ତନ କରିଛି ବିସିସିଆଇ। ପ୍ରସିଦ୍ଧ କ୍ରିଷ୍ଣା ଆହତ ସମସ୍ୟା ଯୋଗୁଁ ଶୃଙ୍ଖଳାରୁ ବାଦ ପଡିଛନ୍ତି। ଏତଦ ବ୍ୟତୀତ ନୀତିଶ କୁମାର ରେଡ୍ଡୀ ପ୍ରଥମ ୩ଟି ମ୍ୟାଚ ପାଇଁ ଉପଲବ୍ଧ ରହିବେ। ଶେଷ ଦୁଇଟି ଦିନିକିଆ ଖେଳିବେ ନାହିଁ। ନୀତିଶ ଟେଷ୍ଟ ଶୃଙ୍ଖଳା ପ୍ରସ୍ତୁତିକୁ ଦୃଷ୍ଟିରେ ରଖି ଇଣ୍ଡିଆ ଏ' ପାଇଁ ତୃତୀୟ ଅନଅଫିସିଆଲ ଟେଷ୍ଟ ଖେଳିବେ। ଏହି ଶୃଙ୍ଖଳାରେ ବିରାଟ କୋହଲି, ରୋହିତ ଶର୍ମା (ରୋକୋ) ସବୁଠୁ ଅଧିକ ଚର୍ଚ୍ଚାରେ ରହିବେ। ଆଗାମୀ ୪ ତାରିଖରୁ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦିନିକିଆ ଶୃଙ୍ଖଳା ଆରମ୍ଭ ହେବ। ପ୍ରଥମ ମ୍ୟାଚ ନଭେମ୍ବର ୪ରେ ଅକଲାଣ୍ଡ, ଦ୍ୱିତୀୟ ମ୍ୟାଚ ୭ ତାରିଖରେ ୱେଲିଂଟନ, ତୃତୀୟ ମ୍ୟାଚ ୧୦ ତାରିଖରେ ହାମିଲଟନ, ଚତୁର୍ଥ ମ୍ୟାଚ ୧୩ ତାରିଖରେ ମାଉଣ୍ଟ ମୌଙ୍ଗାନୁଇ ଏବଂ ପଞ୍ଚମ ଦିନିକିଆ ୧୫ ତାରିଖରେ ମାଉଣ୍ଟ ମୌଙ୍ଗାନୁଇରେ ଖେଳାଯିବ।

ବିରାଟ ଓ ରୋହିତ ସମ୍ପ୍ରତି ଭଲ ଫର୍ମରେ ଅଛନ୍ତି। ଚଳିତ ବର୍ଷ ରୋହିତ ୧୨ଟି ଇନିଂସରେ ୬୦୪ ରନ କରିଛନ୍ତି। ଦୁଇଟି ଶତକ ଓ ଦୁଇଟି ଅର୍ଦ୍ଧଶତକ ରହିଛି। ଅନ୍ୟପଟେ ବିରାଟ କୋହଲି ୯ଟି ମ୍ୟାଚ ଖେଳି ୫୫୨ ରନ କରିଛନ୍ତି। ଏଥିରେ ଦୁଇଟି ଶତକ ଓ ୩ଟି ଅର୍ଦ୍ଧଶତକ ରହିଛି। ଭାରତୀୟ ବ୍ୟାଟର ଭାବେ ବିରାଟଙ୍କ ନାଁରେ ନ୍ୟୁଜିଲାଣ୍ଡ ବିପକ୍ଷ ସର୍ବାଧିକ ରନ କରିବାର ରେକର୍ଡ ରହିଛି। ଏପର୍ଯ୍ୟନ୍ତ ସେ ୩୬ଟି ଇନିଂସରେ ୧୮୯୭ ରନ କରିଛନ୍ତି। ଆଉ ୧୦୩ ରନ କରିପାରିଲେ ସେ ନ୍ୟୁଜିଲାଣ୍ଡ ବିପକ୍ଷରେ ୨୦୦୦ ରନ କରିବାରେ ବିଶ୍ୱର ସପ୍ତମ ବ୍ୟାଟର ହେବେ।

ଫିଟନେସର ବାର୍ତ୍ତା ଦେବ ଟ୍ୱିନ୍ ସିଟି ମାରାଥନ୍: ୧୫୦୦ରୁ ଊର୍ଦ୍ଧ୍ୱ ଧାବକ ସାମିଲ



ଭୁବନେଶ୍ୱର, ୩୧।୧୦(ସବ୍ୟୁ): ଫିଟନେସର ବାର୍ତ୍ତା ପ୍ରସାର ସହ ରାଜଧାନୀବାସୀଙ୍କୁ ଦୌଡ଼ ମାଧ୍ୟମରେ ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ପ୍ରେରିତ କରିବ ଟ୍ୱିନ୍ ସିଟି ମାରାଥନ୍। ନଭେମ୍ବର ୧ ତାରିଖରେ ଆଇରନମ୍ ପକ୍ଷରୁ ଏହି ମାରାଥନ୍ ଆୟୋଜିତ ହେବ। ଏଥିରେ ୧୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେବେ। ଭୁବନେଶ୍ୱରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ମାରାଥନ୍ ଭୁବନେଶ୍ୱରର ହାତିଆସୁଣୀ ଗ୍ରାଉଣ୍ଡରୁ ଆରମ୍ଭ ହୋଇ କଳିଙ୍ଗ ଷ୍ଟୁଡିଓ ନିକଟରେ ଶେଷ ହେବ। ଏଥିରେ ଉଭୟ ପୁରୁଷ ଓ ମହିଳା ଧାବକ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ଫୁଲ୍ ମାରାଥନ୍, ହାଫ୍ ମାରାଥନ୍, ୧୦ କିମି, ୫ କିମି ଓ ୩ କିମି ଭଳି ବିଭିନ୍ନ ବିଭାଗ ରହିଛି। ମୋଟ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି।

ଏହି କାର୍ଯ୍ୟକ୍ରମରେ ପୁଲିସର ଆଣ୍ଟି ନକ୍ସଲ ଅପରେସନ୍ ଓ ସ୍ପେଶାଲ ଇଣ୍ଟେଲିଜେନ୍ସ ୱିଙ୍ଗ୍ର ଡିଜି ସଞ୍ଜୀବ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଶତାଧିକ ବୃହତ୍ ମାରାଥନ୍ ପରିଚାଳନାର ଅଭିଜ୍ଞତା ଥିବା ରେସ୍ ଡାଇରେକ୍ଟର ଉମଙ୍ଗ ପଟେଲ ମଧ୍ୟ ଉପସ୍ଥିତ ରହିବେ। ଆଗାମୀ ଦିନରେ ଅଧିକ ଲୋକଙ୍କୁ ଏହି ଅଭିଯାନ ସହ ଯୋଡ଼ିବାକୁ ଆୟୋଜକମାନେ ଲକ୍ଷ୍ୟ ରଖିଛନ୍ତି। ଭବିଷ୍ୟତରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ରୁ କଟକର ବାରବାଟୀ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଟ୍ୱିନ୍ ସିଟି ମାରାଥନ୍ ଆୟୋଜନ କରିବାର ଯୋଜନା ମଧ୍ୟ ରହିଛି। ସାମ୍ବାଦିକ ସମ୍ମିଳନୀରେ ଆଇରନମ୍ର ପ୍ରତିଷ୍ଠାତା ତଥା ସିଇଓ ଗୋପାଳକୃଷ୍ଣ ସାହୁ, ୧୦୦ରୁ ଊର୍ଦ୍ଧ୍ୱ ମାରାଥନ୍ରେ ଭାଗ ନେଇଥିବା ୭୭ ବର୍ଷୀୟ ଦୁଃଖୀଶ୍ୟାମ ପାଢ଼ୀ, ବବିତା ମହାନ୍ତି, ଡାକ୍ତର ଶୁଭେନ୍ଦୁ ମିଶ୍ର, ବ୍ରଜକିଶୋର ଶର୍ମା, ସନ୍ତୋଷୀ, ଡାକ୍ତର ସ୍ୱଦେଶ, ପର୍ଶୁରାମ ପଣ୍ଡା, ଶିବାଶିଷ, ମନୋଜ, ଅମୂଲ୍ୟ ଓ ଦୀପକ ପ୍ରମୁଖ ଉପସ୍ଥିତ ଥିଲେ।

ସିବିଏସଇ ନ୍ୟାସନାଲ ଜିମ୍ନାଷ୍ଟିକ ଚାମ୍ପିଅନସିପରେ ଜେ ଏମ ସ୍ପୋର୍ଟ୍ସ ଏକାଡେମୀର ସଫଳତା

ଭୁବନେଶ୍ୱର,୩୧।୧୦(ସବ୍ୟୁ): ଗତ ୨୬ ରୁ ୩୧ ତାରିଖ ଯାଏ ପୁନେ ଲୋନାଭାଲା ଠାରେ ଏସ.ଏନ. ବି.ପି ଇଣ୍ଟର ନ୍ୟାସନାଲ ସ୍କୁଲ ଦ୍ୱାରା ଆୟୋଜିତ ସିବିଏସଇ ନ୍ୟାସନାଲ ଜିମ୍ନାଷ୍ଟିକ ଚାମ୍ପିଅନସିପ ୨୦୨୬ ରେ ଭୁବନେଶ୍ୱର ସମେଇଗଡିଆ ସ୍ଥିତ ଜେ. ଏମ ସ୍ପୋର୍ଟ୍ସ ଏକାଡେମୀରୁ ୫ଜଣ ଜିମ୍ନାଷ୍ଟ ଅଂଶ ଗ୍ରହଣ କରିଥିଲେ। ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ବର୍ଗରେ ଅଣ୍ଡର-୧୧ରେ ଦିବ୍ୟାଂଶ ପାଣିଗ୍ରାହୀ ଓ ଅଣ୍ଡର ୧୪ ରେ ଯଶରାଜ ମହାନ୍ତି ଅଂଶ ଗ୍ରହଣ କରିଥିବା ବେଳେ ମହିଳା ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ବର୍ଗରେ ଅଣ୍ଡର ୧୧ରେ ଦିବ୍ୟାଞ୍ଜଳି ମହନ୍ତ, ସନନ୍ଦା ପ୍ରଧାନ ଓ ଅଣ୍ଡର ୧୭ରେ ସରନ୍ୟା ମିଶ୍ର ଅଂଶ ଗ୍ରହଣ କରିଥିଲେ। ଦିବ୍ୟାଂଶ ପାଣିଗ୍ରାହୀ ଭଲ୍ଟିଂ ଟେବଲ ରେ ୯.୯୦ ପଏଣ୍ଟ ରଖି ରୌପ୍ୟ, ପୋମେଲ ହର୍ସରେ ୯.୧୦ ପଏଣ୍ଟ ରଖି କାଂସ୍ୟ ପଦକ ସହିତ ଅଲ ରାଉଣ୍ଡ ୩୭.୫୦ ରଖି କାଂସ୍ୟ ପଦକ ହାସଲ କରିଥିଲେ। ଦିବ୍ୟାଞ୍ଜଳି ମହନ୍ତ ଫ୍ଲୋର ଏକ୍ସରସାଇଜ ରେ ୧୦.୨୦ ରଖି ରୌପ୍ୟ ପଦକ ସହିତ ଅଲରାଉଣ୍ଡ ୩୪.୭୫ ରଖି କାଂସ୍ୟ ପଦକ ହାସଲ କରିଛନ୍ତି। ପ୍ରକାଶ ଯୋଗ୍ୟ କି, ଡିବ୍ୟାଂଶ ପାଣିଗ୍ରାହୀ ୨୦୨୫ ସିବିଏସଇ ନ୍ୟାସନାଲ ଜିମ୍ନାଷ୍ଟିକ ଚମ୍ପିୟାନସିପ ରେ ପୋମେଲ ହର୍ସ ରେ କାଂସ୍ୟ ପଦକ ଜିତିଥିଲେ। ଏକାଡେମୀର ଅଧକ୍ଷା ତଥା ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏସନର ସାଧାରଣ ସଂପାଦିକା ମୀରା ରାଣୀ ଦାସ କୃତୀ ପ୍ରତିଯୋଗୀଙ୍କମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀମାନଙ୍କ ଉଜ୍ୱଳ ଭବଷ୍ୟତ କାମନା କରିବା ସହିତ କୋଚ ଅନିଲ ପରିଡ଼ା ଓ ଏନଆଇଏସ ଜିମ୍ନାଷ୍ଟିକ କୋଚ ଶତ୍ରୁଘନ ସ୍ୱାଇଁଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏକାଡ଼େମୀ ର ସଂପାଦକ ଶ୍ରୀଯୁକ୍ତ ଯଶୋବନ୍ତ ଦାସ, ଆଇନ ପରାମର୍ଶଦାତା ସୁବ୍ରତ କୁମାର ମହାପାତ୍ର, ଅତିସ କୁମାର ରାଉତ ଓ ସମସ୍ତ କର୍ମକର୍ତ୍ତା ସହିତ ସମସ୍ତ ଅଭିଭାବକ ମାନେ କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।



ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଭଲିବଲରେ କିଟ୍ ଚାମ୍ପିଅନ୍

ଭୁବନେଶ୍ୱର,୩୧।୧୦(ଏଜେନ୍ସି): ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ପୁରୁଷ ଭଲିବଲ୍ ପ୍ରତିଯୋଗିତାରେ ନିଜ ଆଧିପତ୍ୟ ବଜାୟ ରଖିଛି କିଟ୍ ବିଶ୍ୱବିଦ୍ୟାଳୟ। ପଶ୍ଚିମବଙ୍ଗର ଆଡାମାସ୍ ବିଶ୍ୱବିଦ୍ୟାଳୟରେ ଅକ୍ଟୋବର ୨୭ରୁ ୩୧ ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରତିଯୋଗିତାରେ କିଟ୍ ଚାମ୍ପିଅନ୍ ହୋଇ ଗତବର୍ଷର ଟାଇଟଲ୍ ବଜାୟ ରଖିଛି। ଅନ୍ୟପକ୍ଷରେ ଉତ୍କଳ ବିଶ୍ୱବିଦ୍ୟାଳୟ ଚତୁର୍ଥ ସ୍ଥାନ ହାସଲ କରିଛି। ପ୍ରତିଯୋଗିତାର ଅନ୍ତିମ ଲିଗ୍ ମ୍ୟାଚରେ କିଟ୍ ବିଶ୍ୱବିଦ୍ୟାଳୟ ୩-୦ ସେଟରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। କିଟ୍ ଦଳ ୨୫-୧୬, ୨୫-୧୩ ଓ ୨୫-୧୮ ପଏଣ୍ଟରେ ତିନୋଟି ଯାକ ସେଟ୍ ଜିତି ନେଇଥିଲା। ଏହି ବିଜୟ ସହ କିଟ୍ ଚାମ୍ପିଅନ୍ ହୋଇଥିବାବେଳେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ପ୍ରତିଯୋଗିତାର ଅନ୍ତିମ ଫଳାଫଳ ଅନୁସାରେ କିଟ୍ ବିଶ୍ୱବିଦ୍ୟାଳୟ ଚାମ୍ପିଅନ୍, ଆୟୋଜକ ଆଡାମାସ୍ ବିଶ୍ୱବିଦ୍ୟାଳୟ ରନର୍ସଅପ୍ ଏବଂ ମିଥିଳା ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ହାସଲ କରିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଚତୁର୍ଥ ସ୍ଥାନରେ ରହିଛି। ଗତବର୍ଷର ଚାମ୍ପିଅନ୍ ଭାବେ କିଟ୍ ଦଳକୁ ପ୍ରତିଯୋଗିତାରେ ସିଡିଂ ମିଳିଥିଲା ଏବଂ ଦଳ ସିଧାସଳଖ ନକ୍ଆଉଟ୍ ପର୍ଯ୍ୟାୟରେ ପ୍ରବେଶ କରିଥିଲା। ଯୋଗ୍ୟତା ମ୍ୟାଚରେ ପୁଲ୍-ଡି ବିଜେତା ମଣିପୁର ବିଶ୍ୱବିଦ୍ୟାଳୟକୁ ୩-୦ ସେଟରେ ହରାଇ କିଟ୍ ଅଖିଳ ଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ସ୍ଥାନ ପକ୍କା କରିଥିଲା। ପରବର୍ତ୍ତୀ ଲିଗ୍ ମ୍ୟାଚରେ ଆୟୋଜକ ଆଡାମାସ୍ ବିଶ୍ୱବିଦ୍ୟାଳୟକୁ ମଧ୍ୟ ୩-୦ ସେଟରେ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଉତ୍କଳ ବିଶ୍ୱବିଦ୍ୟାଳୟ ଏମ୍ଜି କାଶୀ ବିଦ୍ୟାପୀଠକୁ ହରାଇ ଅଖିଳ ଭାରତୀୟ ପ୍ରତିଯୋଗିତାକୁ ଯୋଗ୍ୟତା ହାସଲ କରିଥିଲା। ତେବେ ଲିଗ୍ ପର୍ଯ୍ୟାୟରେ ଏଲ୍ଏନ୍ ମିଥିଳା ବିଶ୍ୱବିଦ୍ୟାଳୟଠାରୁ ୦-୩ ସେଟ୍ରେ ପରାଜିତ ହୋଇଥିଲା। କିଟର ଏହି ସଫଳତାରେ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ଡ. ଅଚ୍ୟୁତ ସାମନ୍ତ ଖେଳାଳି, ପ୍ରଶିକ୍ଷକ ଓ ସହଯୋଗୀ ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଖେଳାଳିଙ୍କ ନିଷ୍ଠା, ଶୃଙ୍ଖଳା ଓ ପରିଶ୍ରମକୁ ସେ ପ୍ରଶଂସା କରିବା ସହ ଆଗାମୀ ଅଖିଳ ଭାରତୀୟ ପ୍ରତିଯୋଗିତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

ଜାତୀୟ ମହିଳା ଆୟୋଗର ଆଲୋଚନାଚକ୍ରକୁ କିସର ୫ କ୍ରୀଡ଼ାବିତ୍ ଆମନ୍ତ୍ରିତ



ଭୁବନେଶ୍ୱର,୩୧।୧୦(ସବ୍ୟୁ): ଜାତୀୟସ୍ତରରେ ଓଡ଼ିଶାର କ୍ରୀଡ଼ା କ୍ଷେତ୍ର ପାଇଁ ଆଉ ଏକ ଗୌରବର ଅଧ୍ୟାୟ ଯୋଡ଼ିଛନ୍ତି କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସେସ୍ (କିସ୍)ର ପାଞ୍ଚଜଣ ମହିଳା କ୍ରୀଡ଼ାବିତ୍। ଭାରତ ସରକାରଙ୍କ ଜାତୀୟ ମହିଳା ଆୟୋଗ ପକ୍ଷରୁ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ନଭେମ୍ବର ୩ ତାରିଖରେ ଆୟୋଜିତ ହେବାକୁ ଥିବା 'କ୍ରୀଡ଼ାରେ ମହିଳା: ପରିଚାଳନା, ସୁରକ୍ଷା ଓ ନୀତିଗତ ସଂସ୍କାରଦ ଶୀର୍ଷକ ଜାତୀୟସ୍ତରୀୟ ଆଲୋଚନାଚକ୍ରରେ ଯୋଗଦେବାକୁ ସେମାନେ ନିମନ୍ତ୍ରଣ ପାଇଛନ୍ତି। ଜାତୀୟ ମହିଳା ଆୟୋଗ ଏବଂ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ମିଳିତ ଆନୁକୂଲ୍ୟରେ ଏହି ଆଲୋଚନାଚକ୍ର ଆୟୋଜିତ ହେଉଛି। ମହିଳା କ୍ରୀଡ଼ାବିତମାନେ କ୍ରୀଡ଼ା କ୍ଷେତ୍ରରେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ଆହ୍ୱାନ, ସେମାନଙ୍କ ସୁରକ୍ଷା, ସମାନ ସୁଯୋଗ ଏବଂ କ୍ରୀଡ଼ା ପରିଚାଳନା ବ୍ୟବସ୍ଥାରେ ଆବଶ୍ୟକ ସଂସ୍କାର ଭଳି ପ୍ରସଙ୍ଗ ଏଥିରେ ସ୍ଥାନ ପାଇବ। ନିମନ୍ତ୍ରଣ ପାଇଥିବା ପାଞ୍ଚଜଣ ମହିଳା କ୍ରୀଡ଼ାବିତ୍ ହେଲେ ଅନ୍ତର୍ଜାତୀୟ ରଗବୀ ଖେଳାଳି ମାମା ନାଏକ ଓ ନିର୍ମାଲ୍ୟା ରାଉତ, ଜାତୀୟସ୍ତରର ସନ୍ତରଣକାରୀ ଅଞ୍ଜଳି ମୁଣ୍ଡା, ଅନ୍ତର୍ଜାତୀୟ ଚେସ୍ ଖେଳାଳି ମୋନାଲିସା ଭୋଇ ଏବଂ ଅନ୍ତର୍ଜାତୀୟ ଫୁଟବଲ୍ ଖେଳାଳି ଆଶିକା ଓରାମ। ବିଭିନ୍ନ କ୍ରୀଡ଼ାରେ ନିଜର ପ୍ରତିଭା ଓ ପ୍ରଦର୍ଶନ ଦ୍ୱାରା ପରିଚୟ ସୃଷ୍ଟି କରିଥିବା ଏହି ଖେଳାଳିମାନଙ୍କୁ ଏଭଳି ଜାତୀୟ ଆଲୋଚନାଚକ୍ରକୁ ନିମନ୍ତ୍ରଣ କରାଯିବା କିସ୍ ପାଇଁ ଏକ ଉଲ୍ଲେଖନୀୟ ସ୍ୱୀକୃତି। ଏହି ସଫଳତାରେ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ପ୍ରଫେସର ଡ. ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିବା ସହ ପାଞ୍ଚଜଣ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ଦିନରେ ସେମାନେ କ୍ରୀଡ଼ା କ୍ଷେତ୍ରରେ ଆହୁରି ସଫଳତା ହାସଲ କରିବା ସହ ଅନ୍ୟ ଝିଅମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୁଅନ୍ତୁ ବୋଲି ସେ ଶୁଭେଚ୍ଛା ଜଣାଇଛନ୍ତି। କିସର ଏହି ପାଞ୍ଚ ମହିଳା କ୍ରୀଡ଼ାବିତଙ୍କ ନିମନ୍ତ୍ରଣ ଓଡ଼ିଶାର ମହିଳା କ୍ରୀଡ଼ା ପ୍ରତିଭାକୁ ଜାତୀୟସ୍ତରରେ ଉପସ୍ଥାପନ କରିବାର ଏକ ସୁଯୋଗ। ଏହି ଆଲୋଚନାଚକ୍ରରେ ସେମାନଙ୍କ ଅଂଶଗ୍ରହଣ ମହିଳା କ୍ରୀଡ଼ାବିତଙ୍କୁ ସମସ୍ୟା, ସୁରକ୍ଷା ଓ ସମାନ ସୁଯୋଗ ସମ୍ପର୍କିତ ଆଲୋଚନାକୁ ଆହୁରି ସମୃଦ୍ଧ କରିବ ବୋଲି ଆଶା କରାଯାଉଛି।



Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି